# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 95 | ଭାଗ ୩୩ | ସଂଖ୍ୟା ୯୫

Bhubaneswar | Thursday 26 June 2025 | Page 8 Rs. 4.00

ଭୁବନେଶ୍ୱର ଗୁରୁବାର ୨୬ ଜୁନ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା








### ସାହସ ଦେଲା ନୂଆ ଜୀବନ

## କୁମ୍ଭୀର କବଳରୁ ବର୍ତ୍ତିଲେ ପ୍ରଭାତ

**ଗୋଟିଏ ଆଖିକୁ ଦିଶେନି, କୁମ୍ଭୀର ଆଖିକୁ ଖେଞ୍ଚି ଖସିଆସିଲେ**



**ମହାକାଳପଡ଼ା, ୨୫।୬(ସଂଚାର ବ୍ୟୁରୋ):** ମହାକାଳପଡ଼ାରେ ଘଟିଛି ଏକ ଅବିଶ୍ୱସନୀୟ ଘଟଣା। ଜନୈକ ୫୪ ବର୍ଷୀୟ ବ୍ୟକ୍ତି ନିଜ ସାହସ ବଳରେ ପାଣିର ରାଜା କୁହାଯାଉଥିବା କୁମ୍ଭୀରକୁ ବି ମାତ୍ ଦେଇପାରିଛନ୍ତି। କୁମ୍ଭୀର ପାଟିରେ ପଡ଼ିଯାଇଥିଲେ ବି ଶେଷ ପର୍ଯ୍ୟନ୍ତ ଧୈର୍ଯ୍ୟ ନ ହରାଇ ଲଢ଼େଇ କରି ଶେଷରେ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଛନ୍ତି କେନ୍ଦ୍ରାପଡ଼ା ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ବଉଳକଣି ପଞ୍ଚାୟତର ଅରୁଣ ନଗର ଗାଁର ପ୍ରଭାତ ମଣ୍ଡଳ। ପାଖାପାଖି ୧୦ ମିନିଟ୍ ଧରି ମଝି ନଈରେ କୁମ୍ଭୀର ସହ ଲଢ଼େଇ କରି ପ୍ରଭାତ ଯେପରି ନିଜ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଛନ୍ତି, ତାହା ଏବେ ସମଗ୍ର ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ମିଳିଥିବା ସୂଚନାନୁସାରେ, ଆଜି ସକାଳେ ପ୍ରଭାତ ଭିତରକନିକା ଜାତୀୟ ଉଦ୍ୟାନ ଅନ୍ତର୍ଗତ ରାମଚଣ୍ଡୀ ଗଳିଆ ନଦୀ ପାର୍ଶ୍ୱରେ ଥିବା ତାଙ୍କ ଜମିରେ ତଳି ପକାଇବା ପାଇଁ ଯାଇଥିଲେ। ତେବେ ସେଠାରେ ଶୌଚ ହେବା ସକାଶେ ନଦୀକୁ ଯାଇଥିଲେ। ତେବେ ଏହି ସମୟରେ ସେଠାରେ ଛକିଥିବା ଏକ କୁମ୍ଭୀର ପ୍ରଭାତଙ୍କ ଡାହାଣ ହାତକୁ ଟାଣିନେଇଥିଲା। ଧୀରେ ଧୀରେ କୁମ୍ଭୀରଟି ପ୍ରଭାତଙ୍କୁ ନଦୀ ଭିତରକୁ ନେଇଯାଇଥିଲା। ଗୋଟିଏ ପଟେ ନଦୀର ପ୍ରଖର ସୁଅ ଅନ୍ୟ ପଟେ ପାଣି ଭିତରେ କୁମ୍ଭୀରର ଶକ୍ତି ଆଗରେ ପ୍ରଭାତ କ'ଣ କରିବେ ବୋଲି କିଛି ଚିନ୍ତା ➪ପୃଷ୍ଠା-୬

### ଇ-ରେଜିଷ୍ଟ୍ରେସନ ଆପ୍‌ର ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

# ଡିଜିଟାଲ ହେଲା ରାଜସ୍ୱ ସେବା

- ଲୋକଙ୍କ ନିକଟତର ହୋଇଛି ରାଜସ୍ୱ ସେବା
- ଡିଜିଟାଲ ସେବା ପ୍ରଦାନରେ ଆପ୍ ସରକାରଙ୍କ ମାଇଲ୍‌ଷ୍ଟୋନ୍
- ୧୬୭୨୭ ବାସହୀନଙ୍କୁ ମିଳିଛି ଘରବାଡ଼ି ପଟ୍ଟା
- ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ



**ଭୁବନେଶ୍ୱର, ୨୫।୬(ସଂଚାର ବ୍ୟୁରୋ):** ବାତ୍ୟା, ବନ୍ୟା ଆଦି ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ଖୁବ ସଫଳ। ଗତ ବର୍ଷ ହୋଇଥିବା ବାତ୍ୟା 'ଦାନା' ସମୟରେ ଆମେ ଜିରୋ କାଜୁଆଲ୍‌ଟି ଲକ୍ଷ୍ୟ ହାସଲ କରିଥିଲୁ। ବିପର୍ଯ୍ୟୟ ପରିଚାଳନାରେ ଆମ ଦକ୍ଷତା ଉପରେ ସାରା ବିଶ୍ୱର ନଜର ରହିଛି। ତେଣୁ ଆମକୁ ପ୍ରତି ମୁହୂର୍ତ୍ତରେ ପ୍ରସ୍ତୁତ ରହିବାକୁ ପଡ଼ିବ। ଆଜି ଲୋକସେବା ଭବନରେ ରାଜସ୍ୱ ବିଭାଗ ପକ୍ଷରୁ ପ୍ରସ୍ତୁତ ଇ-ରେଜିଷ୍ଟ୍ରେସନ ମୋବାଇଲ ଆପର ଲୋକାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜସ୍ୱ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ଏହି ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ରାଜସ୍ୱ ବିଭାଗର ଏକ ବର୍ଷର ସଫଳତା ପୁସ୍ତିକା ମଧ୍ୟ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତିଯେ ଇ-ରେଜିଷ୍ଟ୍ରେସନ ଆପ୍ ଡିଜିଟାଲ ସେବା ପ୍ରଦାନରେ ରାଜ୍ୟ ସରକାରଙ୍କ ଏକ ବଡ଼ ମାଇଲଷ୍ଟୋନ। ଏହି ଆପ୍ ମାଧ୍ୟମରେ ଲୋକମାନେ ଘରେ ବସି ଆଣ୍ଡ୍ରଏଡ୍ ମୋବାଇଲ୍ ମାଧ୍ୟମରେ ରେଜିଷ୍ଟ୍ରେସନ ଡିଡ୍ ପାଇଁ ସ୍ଲଟ ବୁକିଙ୍ଗ, ସାର୍ଟିଫାଏଡ କପି ଓ ଇସି ପାଇଁ ଆବେଦନ କରିପାରିବେ। ଜମିର ବେଞ୍ଚମାର୍କ ଭାଲ୍ୟୁ ମଧ୍ୟ ଏହି ଆପ୍ ମାଧ୍ୟମରେ ଜାଣିହେବ। ଏହି ଆପ୍‌ରେ ସବ୍‌ରେଜିଷ୍ଟ୍ରାର ଅଫିସ ସମ୍ପର୍କରେ ମଧ୍ୟ ସମ୍ପୂର୍ଣ୍ଣ ତଥ୍ୟ ମିଳିବ। ଏହାଦ୍ୱାରା ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ପେପରଲେସ୍ ଓ କ୍ୟାସଲେସ ହୋଇପାରିଛି। ଏହାଦ୍ୱାରା ସବ୍-ରେଜିଷ୍ଟ୍ରାର ଅଫିସରେ ଅଯଥା ଭିଡ଼ ମଧ୍ୟ ହ୍ରାସ ହୋଇପାରିବ।

ରାଜସ୍ୱ ବିଭାଗର ସଫଳତା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ବର୍ଷକ ମଧ୍ୟରେ ବସୁନ୍ଧରା ଯୋଜନା ମାଧ୍ୟମରେ ସରକାର ୧୬,୭୨୭ ଜଣ ବାସଗୃହହୀନ ଲୋକଙ୍କୁ ଘରବାଡ଼ି ପଟ୍ଟା ଯୋଗାଇ ଦେଇଛନ୍ତି। ଗତ ଏକ ବର୍ଷ ମଧ୍ୟରେ ୨୦,୩୮୫ଟି ସରକାରୀ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହାଇସ୍କୁଲ ଏବଂ କଲେଜ ନାମରେ ସ୍ଥାୟୀ ପଟ୍ଟା ଦିଆଯାଇଛି। ସେହିପରି ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ୪ ଲକ୍ଷ ୬୧ ହଜାର ୬୦୨ ଖାତାର ସର୍ବେକ୍ଷଣ କରାଯାଇ ୧ ଲକ୍ଷ ୧୬ ହଜାର ୪୮୬ ➪ପୃଷ୍ଠା-୬



## ଆଜି ଶ୍ରୀଜିଉଙ୍କ ନବଯୌବନ ଦର୍ଶନ

- ସକାଳ ୯ଟାରୁ ୧୦ ଯାଏଁ ସର୍ବସାଧାରଣ ଦର୍ଶନ
- ଆଜ୍ଞାମାଳ ପରେ ସିଂହଦ୍ୱାରରେ ପହଞ୍ଚିବ ତିନି ରଥ
- ସିସିଟିଭି ନଜରରେ ପୂରା ପୁରୀ ସହର

**ପୁରୀ, ୨୫।୬(ସଂଚାର ବ୍ୟୁରୋ):** ଅପେକ୍ଷାର ଅନ୍ତ ହେବାକୁ ଯାଉଛି, ରଥକୁ ଆସିବେ ମହାପ୍ରଭୁ, ଭକ୍ତ ଓ ଭଗବାନଙ୍କ ହେବ ମିଳନ। ୧୫ ଦିନ ପରେ ଭକ୍ତ ଦେଖିବେ କଳା ଶ୍ରୀମୁଖ। କାଲି ନବଯୌବନ ବେଶରେ ଦର୍ଶନ ଦେବେ ଶ୍ରୀଜିଉ। ଗୁରୁବାର ସକାଳ ୮ଟାରୁ ଆରମ୍ଭ ହେବ ଦର୍ଶନ ବ୍ୟବସ୍ଥା। ସକାଳ ୮ଟାରୁ ୯ଟା ଯାଏ ଟିକେଟ୍ ଦର୍ଶନ ବ୍ୟବସ୍ଥା। ୩ ହଜାର ଟିକେଟର ବନ୍ଦୋବସ୍ତ। ସକାଳ ୯ଟାରୁ ସାଢ଼େ ୧୦ଟା ଯାଏ ସର୍ବସାଧାରଣ ଦର୍ଶନ। ଭକ୍ତମାନେ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିବେ। ଦିନ ୧୨ରେ ହେବ ନେତ୍ରୋତ୍ସବ। ତେବେ ଗତବର୍ଷ ରଥଯାତ୍ରା ଦିନ ନବଯୌବନ ଓ ନେତ୍ରୋତ୍ସବ ପଡୁଥିବାରୁ ଦର୍ଶନରୁ ବଞ୍ଚିତ ହୋଇଥିଲେ ଭକ୍ତ। ସେହିପରି ଆଜି ସରିବ ରଥ କାର୍ଯ୍ୟ। କାଲି ଅପରାହ୍ନ ୪ଟାରେ ୧୦ରେ ଆଜ୍ଞାମାଳ ଆସିବ। ➪ପୃଷ୍ଠା-୬

### ଆର୍‌ଏସ୍‌ପିର ସମ୍ପ୍ରସାରଣ ପ୍ରସଙ୍ଗ

## ଧର୍ମେନ୍ଦ୍ରଙ୍କ ପ୍ରସ୍ତାବ ଗୃହୀତ



**ନୂଆଦିଲ୍ଲୀ, ୨୫।୬:** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ପ୍ରସ୍ତାବିତ ସମ୍ପ୍ରସାରଣ ପ୍ରକ୍ରିୟାରେ ଆସୁଥିବା ବାଧାବିଘ୍ନକୁ ଦୂର କରିବା ପାଇଁ କେନ୍ଦ୍ର ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ ପାଇଁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ଭାରୀ ଶିଳ୍ପ ଓ ଇସ୍ପାତ ମନ୍ତ୍ରୀ ଏଚ୍‌ଡି କୁମାରସ୍ୱାମୀ ଏ ସମ୍ପର୍କରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପରାମର୍ଶକୁ ଗ୍ରହଣ କରିଛନ୍ତି। ବୁଧବାର ନୂଆଦିଲ୍ଲୀରେ ଏକ ବୈଠକରେ କୁମାରସ୍ୱାମୀ, ଶ୍ରୀ ପ୍ରଧାନ ଓ ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଆଲ ଓରାମ ଆର୍‌ଏସ୍‌ପିର ସମ୍ପ୍ରସାରଣ ସମ୍ପର୍କିତ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ଏନେଇ ଶ୍ରୀ ପ୍ରଧାନ ସୋସିଆଲ୍ ମିଡିଆ ଆକାଉଣ୍ଟ୍ 'ଏକ୍ସ'ରେ ➪ପୃଷ୍ଠା-୬

## ବିକାଶର ଧର୍ମପଦଙ୍କୁ ଜନ୍ମଦିନର ଶୁଭେଚ୍ଛା



**ଭୁବନେଶ୍ୱର, ୨୫।୬(ସଂଚାର ବ୍ୟୁରୋ):** ଧର୍ମେନ୍ଦ୍ର ପ୍ରଧାନ, ଜାତୀୟ ଓ ରାଜ୍ୟ ରାଜନୀତି ପାଇଁ ଏହି ନାଁ ହିଁ ଯଥେଷ୍ଟ। ଜଣେ ଦୃଢ଼ ସଙ୍ଗଠକ, ନିର୍ଭରଯୋଗ୍ୟ ରାଜନେତା ଓ ବଳିଷ୍ଠ ନେତୃତ୍ୱ ପାଇଁ ସେ ଉଭୟ ରାଜ୍ୟ ଓ ଜାତୀୟ ସ୍ତରରେ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛନ୍ତି। ତାଙ୍କୁ ବିକାଶର ଧର୍ମପଦ ବୋଲି ମଧ୍ୟ କୁହାଯାଏ। ତାଙ୍କର ରାଜନୈତିକ ଓ ସାମାଜିକ କାର୍ଯ୍ୟକଳାପ ଓଡ଼ିଶା ତଥା ଜାତୀୟ ସ୍ତରରେ ଉଲ୍ଲେଖନୀୟ।

ଧର୍ମେନ୍ଦ୍ର ପ୍ରଧାନ ୧୯୮୩ରେ ଏବିଭିପି ମାଧ୍ୟମରେ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ତାଳଚେର ଛାତ୍ର ସଂଘର ସଭାପତି ଓ ପରେ ଏବିଭିପିର ଜାତୀୟ ସଚିବ ଭାବେ କାର୍ଯ୍ୟ କରି ସେ ନେତୃତ୍ୱର ଦକ୍ଷତା ପ୍ରଦର୍ଶନ କରିଥିଲେ। ୨୦୦୦ ମସିହାରେ ସେ ପାଲଲହଡ଼ା ନିର୍ବାଚନମଣ୍ଡଳୀରୁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ ଏବଂ ଶ୍ରେଷ୍ଠ ବିଧାୟକ ଭାବେ 'ଉତ୍କଳମଣି ପ୍ରତିଭା ସମ୍ମାନ' ପାଇଥିଲେ। ୨୦୦୪ରେ ଦେବଗଡ଼ ଲୋକସଭା ଆସନରୁ ସାଂସଦ ହୋଇଥିଲେ ଏବଂ ୨୦୨୪ରେ ସମ୍ବଲପୁର ଲୋକସଭା ଆସନରୁ ବିଜେଡିର ପ୍ରଣବ ପ୍ରକାଶ ଦାସଙ୍କୁ ପରାସ୍ତ କରି ବିଜୟୀ ହୋଇଥିଲେ।

୨୦୧୪ ମସିହାରୁ ନରେନ୍ଦ୍ର ମୋଦିଙ୍କ ସରକାରରେ ସେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ, ଇସ୍ପାତ, ଦକ୍ଷତା ବିକାଶ ଓ ଉଦ୍ୟମିତା ଏବଂ ବର୍ତ୍ତମାନ ଶିକ୍ଷା ମନ୍ତ୍ରଣାଳୟର ଦାୟିତ୍ୱ ନିର୍ବାହ କରୁଛନ୍ତି। ସେ ଦୀର୍ଘ ୫ ବର୍ଷ ପେଟ୍ରୋଲିୟମ ମନ୍ତ୍ରୀ ଭାବେ ରେକର୍ଡ ସୃଷ୍ଟି କରିଥିଲେ। ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ଗରିବ ମହିଳାଙ୍କୁ ମାଗଣା ଗ୍ୟାସ ସଂଯୋଗ ପ୍ରଦାନ କରି ସେ ମହିଳା ସଶକ୍ତିକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଏହା ପେଟ୍ରୋଲିୟମ ମନ୍ତ୍ରଣାଳୟକୁ ଗରିବଙ୍କ ପାଇଁ କାମ କରୁଥିବା ବିଭାଗରେ ରୂପାନ୍ତରିତ କରିଛି। ସେ ସମୟରେ ପାରାଦୀପ ପ୍ଲାଷ୍ଟିକ ପାର୍କରେ ପ୍ଲାଷ୍ଟିକ ବ୍ୟାଗ ଉତ୍ପାଦନ କାରଖାନା ଉଦଘାଟନ କରି ସେ ଓଡ଼ିଶାକୁ ଶିଳ୍ପ ➪ପୃଷ୍ଠା-୬

## କ୍ୟାମ୍ପସରେ ପତିଆରା ଦେଖାଇଲା ବିଜେଡି



**ଭୁବନେଶ୍ୱର, ୨୫।୬(ସଂଚାର ବ୍ୟୁରୋ):** ବିରୋଧୀ ଦଳକୁ ଆସିବା ପରେ ପ୍ରଥମ ଥର ପାଇଁ ବିଜେଡି ରାଜ୍ୟବ୍ୟାପୀ ସରକାର ବିରୋଧରେ ଜୋରଦାର ଆନ୍ଦୋଳନ କରିଛି। ବିଜୁ ଯୁବ ଓ ଛାତ୍ର ସଂଗଠନ ରାଜ୍ୟର ସବୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ରାଜ୍ୟରେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା ଓ ଦୁଷ୍କର୍ମ ଘଟଣାକୁ ନେଇ ବିକ୍ଷୋଭ ଓ ପ୍ରତିବାଦ କରିଛି। ସବୁଠୁ ଯୁକ୍ତ ଦୁଇ ଓ ଯୁକ୍ତ ତିନିର ଛାତ୍ରଛାତ୍ରୀମାନେ ଶ୍ରେଣୀ ବର୍ଜନ କରି ମହିଳାଙ୍କ ପ୍ରତି ହେଉଥିବା ନିର୍ଯାତନା ବନ୍ଦ ହେଉ ନାରା ଦେଇଥିଲେ। କେଉଁଠି ରାସ୍ତାରୋକ ହୋଇଥିଲା ତ କେଉଁଠି କୁଶପୁତ୍ତଳିକା ଜାଳି ରାସ୍ତା ଅବରୋଧ କରାଯାଇଥିଲା। ରାଜ୍ୟରେ ➪ପୃଷ୍ଠା-୬

> ବିଜେଡି ଆନ୍ଦୋଳନରେ ଆଜି ଶକ୍ତି ପ୍ରଦର୍ଶନ କରିଛନ୍ତି ବିଧାୟକ ବ୍ୟୋମକେଶ ରାୟ ଓ ଦେବୀ ରଞ୍ଜନ ତ୍ରିପାଠୀ। ଦଳର ସବୁ ବରିଷ୍ଠ ନେତାଙ୍କ ଅନୁପସ୍ଥିତିରେ ବି ସଫଳତାର ସହ ବିଜେଡି ରାଜ୍ୟ ସରକାରଙ୍କ ବିରୋଧରେ ପ୍ରଦର୍ଶନ କରିଛି। ସବୁ ବରିଷ୍ଠ ନେତା ଆଜି ମୁମ୍ବାଇ ଯାଇଥିବା ବେଳେ ଏହି ଦୁଇ ନେତା ସେମାନଙ୍କ ସାଙ୍ଗଠନିକ ଶକ୍ତି ପ୍ରଦର୍ଶନ କରିଛନ୍ତି।

- ନାରୀ ନିର୍ଯାତନା ପ୍ରସଙ୍ଗରେ ରାଜ୍ୟବ୍ୟାପୀ ଆନ୍ଦୋଳନ
- ସ୍ଥିତି ନସୁଧୁରିଲେ ଆଗକୁ ଦୁର୍ବାର ଆନ୍ଦୋଳନ

### ସିବିଏସ୍‌ଇର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

## ବର୍ଷକୁ ଦୁଇ ଥର ଦଶମ ପରୀକ୍ଷା

- ପ୍ରଥମଟି ବାଧ୍ୟତାମୂଳକ, ଦ୍ୱିତୀୟଟି ଇଚ୍ଛାଧୀନ
- ପିଲାଙ୍କ ଉପରୁ କମିବ ପରୀକ୍ଷା ଚାପ



**ନୂଆଦିଲ୍ଲୀ, ୨୫।୬:** ସିବିଏସଇ ଦ୍ୱାରା ପରିଚାଳିତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଆଜି ବୋର୍ଡ ପକ୍ଷରୁ ଏକ ଭଲ ଖବର ଦିଆଯାଇଛି। ଏଣିକି ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ବର୍ଷକୁ ଦୁଇ ଥର ପରୀକ୍ଷା ଦେଇପାରିବେ। ଗୋଟିଏ ଏକାଡେମିକ୍ ବର୍ଷରେ ପ୍ରଥମ ଦଶମ ପରୀକ୍ଷାଟି ଫେବୃଆରୀରେ ହେବ। ଏହା ପ୍ରତିଟି ଛାତ୍ରଛାତ୍ରୀଙ୍କ ସକାଶେ ବାଧ୍ୟତାମୂଳକ ହୋଇଥିବା ବେଳେ ପରବର୍ତ୍ତୀ ପରୀକ୍ଷାଟି ମେ'ରେ ହେବ। କିନ୍ତୁ ଏହି ପରୀକ୍ଷାରେ ଅବତୀର୍ଣ୍ଣ ହେବା ଛାତ୍ରଛାତ୍ରୀଙ୍କ ସକାଶେ ସମ୍ପୂର୍ଣ୍ଣ ଭାବେ ଇଚ୍ଛାଧୀନ। ଯେଉଁ ଛାତ୍ରଛାତ୍ରୀମାନେ ପ୍ରଥମ ପରୀକ୍ଷାରେ ସେମାନଙ୍କ ପ୍ରଦର୍ଶନରେ ସନ୍ତୁଷ୍ଟ ନଥିବେ, ସେମାନେ ଦ୍ୱିତୀୟ ପରୀକ୍ଷା ମାଧ୍ୟମରେ ଏଥିରେ ସୁଧାର ଆଣିବାର ସୁଯୋଗ ପାଇବେ। ପରେ ଯେଉଁ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରହିବ, ତାହାକୁ ଚୂଡ଼ାନ୍ତ ଭାବେ ଗ୍ରହଣ କରାଯିବ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଲାଗୁ ହୋଇଥିବା ଜାତୀୟ ଶିକ୍ଷା ନୀତି (ଏନ୍‌ଇପି)ରେ ଛାତ୍ରଛାତ୍ରୀଙ୍କ ଉପରୁ ପରୀକ୍ଷା ଚାପ କମାଇବା ସକାଶେ ବ୍ୟବସ୍ଥା ହୋଇଥିବାରୁ ସିବିଏସ୍‌ଇର ସଦ୍ୟ ନିଷ୍ପତ୍ତି ଏହାର ପ୍ରତିଫଳନ। ଏହି ପରିବର୍ତ୍ତନ ଆସନ୍ତା ଶିକ୍ଷା ବର୍ଷରୁ ଲାଗୁ ହେବ ବୋଲି ସିବିଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ସାନ୍ୟାମ୍ ଭରଦ୍ୱାଜ କହିଛନ୍ତି।

ସିବିଏସ୍‌ଇର ଏପରି ବ୍ୟବସ୍ଥା ଛାତ୍ରଛାତ୍ରୀମାନଙ୍କୁ ➪ପୃଷ୍ଠା-୬


SIKSHA 'O' ANUSANDHAN

SAAT-2025

Empowering students for a brighter future

COMPUTER APPLICATIONS PROGRAMMES
- Bachelor of Computer Applications (BCA)
- Master of Computer Applications (MCA)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in




### କାନ ଡେରିଆ

ପାପୀ ତପି ଜନେ ଦରଶନ ପାଇ
ମନରେ ଖୁସି ହୋଇବେ
ଅଣସର ଘରେ ରହିଲେ ଶ୍ରୀଜୀଉ
ଭକ୍ତ ଦର୍ଶନ ନ ଦେବେ
ଦଶମୂଳି ସେ ଖାଇବେ...
ଔଷଧରୁ ପରା ଚୋରି ହୋଇଅଛି
କେମିତି ସୁସ୍ଥ ହୋଇବେ।

■ ଦେବାଶିଷ

## ପାନେ ଦେବାକୁ ଚିନ୍ତା କରୁଛନ୍ତି ସେବାୟତ



- ନିଯୋଗରେ ନାହିଁ ତାଳମେଳ
- ପତିଆରା ପାଇଁ ଲଢେଇ
- ରଥଯାତ୍ରାରେ ଦେଖାଇପାରନ୍ତି ଖେଳ

**ଭୁବନେଶ୍ୱର, ୨୫।୬(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିରର ସେବାୟତମାନେ ଏବେ ପାନେ ଦେବା ପାଇଁ ସଜବାଜ ହେଉଛନ୍ତି। ଦୀର୍ଘଦିନ ଧରି ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହୋଇନଥିବାରୁ ଏହା ସେମାନଙ୍କ ପାଇଁ ସୁଯୋଗ ଆଣିଦେଇଥିବା ବେଳେ ମୋଦକ ଅଘଟଣ ପରେ ଆଗକୁ କ'ଣ ଘଟିବ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

ଶ୍ରୀମନ୍ଦିରର ପରିଚାଳନା କମିଟି ଦୀର୍ଘଦିନ ହେଲା ଗଠନ ହୋଇନାହିଁ। ସବୁକିଛି ନିଷ୍ପତ୍ତି ଶ୍ରୀମନ୍ଦିର ପ୍ରଶାସନ ଗ୍ରହଣ କରୁଛି। ମଝିରେ ମଝିରେ ନାଁକୁ ମାତ୍ର ବୈଠକ ବସୁଛି। ତେବେ ପରିଚାଳନା କମିଟି ଗଠନ ହୋଇନଥିବାରୁ କିଛି ସେବାୟତ ଆଉ କାହାକୁ ମାନିବା ଅବସ୍ଥାରେ ନାହାନ୍ତି। ଶ୍ରୀମନ୍ଦିର ପ୍ରଶାସନ ସହିତ ସେମାନଙ୍କ ବିଭିନ୍ନ ସମୟରେ ମନୋମାଳିନ୍ୟ ଘଟୁଥିବାରୁ ଏକପ୍ରକାର ଛକାପଞ୍ଝା ସ୍ଥିତି ଉପୁଜିଛି। ସେବାୟତ ଓ ପ୍ରଶାସନ କେହି କାହାରିକୁ ସହ୍ୟ କରିବା ଅବସ୍ଥାରେ ବି ନାହାନ୍ତି।

ସେହିଭଳି ଶ୍ରୀମନ୍ଦିର ଭିତରେ ବାହାଦୁରୀ ନେବାକୁ ନିଯୋଗ ଭିତରେ ଏକପ୍ରକାର ପ୍ରତିଯୋଗିତା ଚାଲିଛି। କିଏ କାହାକୁ କେତେ ବଦନାମ କରିବ, ସେଥିପାଇଁ ବୁଦ୍ଧି ଖଟାଉଛନ୍ତି। ଦୀଘା ବିବାଦ ପରେ ଏହା ପଦାକୁ ଆସିଥିଲା। ରଥଯାତ୍ରା ସମୟରେ ବିଭିନ୍ନ ନିଯୋଗର ଗୁରୁତ୍ୱପୂର୍ଣ୍ଣ ସେବା ଥିବାରୁ ଏବଂ ଏହା ଏକ ସୁଯୋଗ ହୋଇଥିବାରୁ ନିଯୋଗ ସଦସ୍ୟମାନେ ପରସ୍ପର ବିରୁଦ୍ଧରେ ଏବେ ଛାୟାଯୁଦ୍ଧ ଆରମ୍ଭ କରିଦେଇଛନ୍ତି ବୋଲି କହିଲେ ଚଳେ।

ପୁରୀକୁ ଏବେ ବିଭିନ୍ନ ଦଳର ନେତାଙ୍କ ସୁଅ ଛୁଟୁଥିବା ବେଳେ ସେବାୟତମାନେ ମଧ୍ୟ ନେତାଙ୍କ ନିକଟବର୍ତ୍ତୀ ହେବାରେ ଲାଗିପଡ଼ିଛନ୍ତି। ନେତା ବି ନିଜ ନିଜ ମତଲବରେ ଅଛନ୍ତି। ବିଶେଷକରି ତିନି ବର୍ଷ ହେଲା ଗଠନ ହୋଇନଥିବା ପରିଚାଳନା କମିଟି ବୈଠକରେ ସ୍ଥାନ ➪ପୃଷ୍ଠା-୬

# ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ

## ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଅଭିଯୋଗ



**ଡେରାବିଶ,୨୫।୬(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ୍ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ଅନୁଦାନପ୍ରାପ୍ତ ନୋଳସାହି ରାଧାକାନ୍ତଜୀଉ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି । ଫଳରେ ଉକ୍ତ ବିଦ୍ୟାଳୟରେ ଶିକ୍ଷାଦାନ ସମ୍ପୂର୍ଣ ଭାବେ ବାଧାପ୍ରାପ୍ତ ହେଉଛି । ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଉକ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟ ୩୫ ବର୍ଷରୁ ଉର୍ଦ୍ଧ ହେବ ସ୍ଥାପିତ ହୋଇଛି। ପ୍ରଥମେ ଏହି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ପ୍ରଶାନ୍ତ କୁମାର ମଲ୍ଲିକ ଦାୟିତ୍ୱ ନିର୍ବାହ କରିଥିବାବେଳେ ସେ ୫ବର୍ଷରୁ ଉର୍ଦ୍ଧ ହେବ ଅବସର ନେଇସାରିଛନ୍ତି । ଅନ୍ୟଜଣେ ଶିକ୍ଷକ ରମେଶ ସାମଲ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ତୁଲାଇଥିବାବେଳେ ସେ ଗତବର୍ଷ ଅଗଷ୍ଟ ମାସରେ ଅବସର ନେଇଛନ୍ତି । ଏହି ବିଦ୍ୟାଳୟରେ ଷଷ୍ଠରୁ ସପ୍ତମ ପର୍ଯ୍ୟନ୍ତ ପ୍ରାୟ ୨୫ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ଯେଉଁ ବିଦ୍ୟାଳୟରେ ପଢାଯାଉଛି, ସେହି ଗୃହ ନିକଟରେ ଥିବା ନୋଳସାଜି ପ୍ରାଥମିକ ବିଦ୍ୟାଳୟର ଜଣାପଡ଼ିଛି । ଏହି ରାଧାକାନ୍ତଜିଉ ର ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଅବସର ନେବା ପରେ ନିକଟରେ ଥିବା ନୋଳସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ହୃଷିକେଶ ମହାରଣାଙ୍କୁ ରାଧାକାନଜୀଉ ବିଦ୍ୟାଳୟ ଦାୟିତ୍ୱ ଦିଆଯାଇଥିଲା। ପ୍ରଧାନଶିକ୍ଷକ ଶ୍ରୀ ମହାରଣା ଦୁଇଟି ବିଦ୍ୟାଳୟର ଦାୟିତ୍ୱ ନେଇଥିବାବେଳେ ଅଫିସ କାମ କରିବା ସହ ପାଠପଢାରେ ସମୟ ହେଉ ନ ଥିବା ଅଭିଯୋଗ ହେଉଛି । ଏ ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ସେ କହିଛନ୍ତି, ରାଧାକାନ୍ତଜୀଉ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅବସର ନେଇଥିବାବେଳେ ମୋତେ ଆମ ଶିକ୍ଷା ବିଭାଗ ଅଧିକାରୀଙ୍କ ପକ୍ଷରୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ଦିଆଯାଇଛି। ମୁଁ ଏ ନେଇ ଶିକ୍ଷା ବିଭାଗ ଅଧିକାରୀଙ୍କୁ ବିଦ୍ୟାଳୟର ଶିକ୍ଷକ ସମସ୍ୟା ଅବଗତ କରିଛି । କିନ୍ତୁ ଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା କହିଛନ୍ତି। ଡେରାବିଶ ଶିକ୍ଷା ଅଧିକାରୀ ଦାୟିତ୍ୱରେ ଥିବା କେନ୍ଦ୍ରାପଡ଼ା ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଏ ବିଦ୍ୟାଳୟ ପାଇଁ ସରକାରଙ୍କ ପକ୍ଷରୁ ଶିକ୍ଷକ ଦେବା ନିୟମ ନାହିଁ। ନୋଳସାହି ବିଦ୍ୟାଳୟରେ ଥିବା ବିଦ୍ୟାଳୟ ଏବେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଅଛି ଓ ରାଧାକାନ୍ତ ଜୀଉ ବିଦ୍ୟାଳୟରୁ ଷଷ୍ଠ ଓ ସପ୍ତମ ପିଲାଙ୍କୁ ସାମିଲ କରାଯିବା ପରେ ଶୀଘ୍ର ଶିକ୍ଷକ ଦେବା ପାଇଁ ବ୍ୟବସ୍ଥା କରାଯିବ। ନୂଆ ସରକାରଙ୍କ ବର୍ଷେ ପୂରିଥିବାବେଳେ ସରକାରଙ୍କ ବିଦ୍ୟାଳୟ ପାଇଁ ଖାମଖିଆଲି ନୀତି କରୁଥିବା ଅଭିଯୋଗ ହେଉଛି ଶିକ୍ଷା ବିଭାଗର ଅବହେଳା ଯୋଗୁଁ ଏହି ବିଦ୍ୟାଳୟର ଅଭିଭାବକ ଚିନ୍ତାରେ ଅଛନ୍ତି। ସରକାର କେତେକ ବିଦ୍ୟାଳୟକୁ ଗେହ୍ଲା ପୁଅ ଭଳି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଏ ବିଦ୍ୟାଳୟକୁ ସାବତ ପୁଅ ଭଳି ଦେଖୁଥିବା ଅଭିଯୋଗ ହେଉଛି। ଏହାର ତଦନ୍ତ କରାଯାଇ ବିଦ୍ୟାଳୟ ଶ୍ରେଣୀ ଗୃହ ଓ ଶିକ୍ଷକ ଦେବା ସହ ଯଶାଶୀଘ୍ର ଏହି ବିଦ୍ୟାଳୟର ସମସ୍ୟା ପୂରଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଘରକାମ ବେଳେ ବିଦ୍ୟୁତ ଆଘାତରେ ଶ୍ରମିକଙ୍କ ମୃତ୍ୟୁ

**ରାଜନଗର,୨୫।୬(ସଂଚାର ବ୍ୟୁରୋ):** ଘରକାମ କରୁଥିବା ଜଣେ ଶ୍ରମିକଙ୍କର ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି । ସୂଚନାଯୋଗ୍ୟ ଯେ ରାଜନଗର ଥାନା ଅନ୍ତର୍ଗତ ଗୁପ୍ତି ପଞ୍ଚାୟତ ନରଣଗଡ ଗାଁର ରଞ୍ଜନ କୁମାର ବେହେରା ମୂଲ ଲାଗିଲେ ପରିବାର ଚଳେ । ଗାଁର ଆଜି ଜଣକ ଘର ନିର୍ମାଣ କାମରେ ଶ୍ରମିକ ଭାବେ କାମ କରୁଥିଲେ । ରାଜମିସ୍ତ୍ରୀଙ୍କ ସହିତ ମିଶି ଲୁହା ରଡକୁ ସିଧା କରୁଥିଲେ । ଲୁହା ରଡ ସିଧା କରୁଥିବା ବେଳେ ରଡ ଘର ନିକଟରେ ଥିବା ୧୧ କେବି ବିଦ୍ୟୁତ ତାରରେ ବାଜିଥିଲା ।ବିଦ୍ୟୁତ ଆଘାତରେ ଲୁହା ରଡ ଧରିଥିବା ରଞ୍ଜନ କିଛି ସମୟ ଲକ୍ଷ ରହିଥିଲା । ଏହା ପରେ ପଡିଯାଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ମୃତ ଦେହ ଜବତ କରି ବ୍ୟବଛେଦ ପାଇଁ ପଠାଇଛି । ରଞ୍ଜନ ମୂଲ ଲାଗିଲେ ପରିବାର ଚଳେ । ରଞ୍ଜନଙ୍କ ମୃତ୍ୟୁ ଖବର ଶୋକର ଛାୟା ଖେଳାଇ ଦେଇଛି ।

# ମହିଳା ନିର୍ଯ୍ୟାତନା ବିରୁଦ୍ଧରେ ଛାତ୍ର ବିଜେଡି ପକ୍ଷରୁ ଆନ୍ଦୋଳନ

**ରାଜନଗର,୨୫।୬(ସଂଚାର ବ୍ୟୁରୋ):** ରାଜ୍ୟରେ ବଢୁଥିବା ମହିଳା ନିର୍ଯ୍ୟାତନା ଓ ଅସଦାଚରଣ ଘଟଣାକୁ ନେଇ ଆଜି ଛାତ୍ର ବିଜେଡି ରାସ୍ତାକୁ ଓହ୍ଲାଇଛି । ରାଜନଗର ଛାତ୍ର ବିଜେଡି ପକ୍ଷରୁ ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପଦର୍ଶନ କରାଯିବା ସହ ଟାୟାର ଜାଳି ରାସ୍ତାରୋକ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କୁଶ ପୁତ୍ତଳିକା ପୋଡି ଦୃଢ ପ୍ରତିବାଦ କରିଛନ୍ତି ।ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ବୈବ୍ରତ ନାରାୟଣ ବିଶ୍ୱାଳ ରାଜନଗର,ଛାତ୍ର ବିଜେଡି ସଭାପତିମନୋଜ କୁମାର ମଲ୍ଲିକ, ବ୍ଲକ ଯୁବ ବିଜେଡି ସଭାପତିବ୍ଲକ.ଆର୍ତବନ୍ଧୁ ମହାନ୍ତି, ଯୁବ ଛାତ୍ର ନେତା ସୁନୀଲ ରାଉଳ ,ପ୍ରଭାତ କୁମାର ବେହେରା ,ରବି ସିଂ,ପରମେଶ୍ୱର ଦାସ,ସାଗର ବଳ, ଉମେଶ ନାୟକ,ସୁରଜ ପୁହାଣ,ସୁଶାନ୍ତ ବେହେରା,ରଂଜିତ ମଲ୍ଲିକ, ପୀତବାସ ବିଶ୍ୱାଳ,ପବିତ୍ର କରଣ,ସରୋଜ ରାଉତ,ଗୌରବ ନାୟକ,ପ୍ରମୋଦ ବେହେରା,ରାହାସ ବିହାରୀ ଜେନା,ଛାତ୍ର ରାହୁଲ ଦାସ,ସୁଶାନ୍ତ ସେଠୀ,ମାନସୀ ରାଉତ, ବିକ୍ରମ ବଳ, ରାକେଶ ନାୟକ,ସରୋଜ ରାଉତ,ସଞ୍ଜୟ ସ୍ୱାଇଁ ,ବିକ୍ରମ ପଢ଼ିୟାରୀ, ରଶ୍ମି ରଞ୍ଜନ ସାହାଣୀ ପ୍ରମୁଖ ଯୋଗଦେଇ ମହିଳା ନିର୍ଯ୍ୟାତନାର ଦୃଢ ପ୍ରତିବାଦ କରିଛନ୍ତି ।

# ମାଟ୍ରିକ ସାଟିଫିକେଟ ପାଇଁ ଅର୍ଥ ଆଦାୟ ଅଭିଯୋଗ

**ରାଜନଗର,୨୫।୬(ସଂଚାର ବ୍ୟୁରୋ):** ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରେ ସାଟିଫିକେଟ ପ୍ରଦାନ କରାଯାଉଛି। ମାଟ୍ରିକ ସାର୍ଟିଫିକେଟ ଓ ମାର୍କସିଟ ପାଇଁ ବିଦ୍ୟାଳୟ ପକ୍ଷରୁ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି । ରାଜନଗର ବ୍ଲକ ଦିଘୀସ୍ଥିତ ବୀଣାପାଣି ନୋଡାଲ ଉଛ ବିଦ୍ୟାଳୟରେ ଛାତ୍ର ଛାତ୍ରୀଙ୍କ ଠାରୁ ଟଙ୍କା ଆଦାୟର ଅଭିଯୋଗ ଆସିଛି । ଛାତ୍ରୀ ଲିଜା ବର , ମାମୁନି ମଣ୍ଡଳ , ସରିତା ମାଇତିଙ୍କ ଅଭିଯୋଗ ମୁତାବକ ସେମାନେ ଆଜି ବିଦ୍ୟାଳୟକୁ ମାଟ୍ରିକ ସାଟିଫିକେଟ ଆଣିବାକୁ ଯାଇଥିଲେ । ସାଟିଫିକେଟ ଦେବା ପୂର୍ବରୁ ପ୍ରଧାନଶିକ୍ଷକ ଓ ଜଣେ ଶିକ୍ଷୟତ୍ରୀ ୨୦୦ ଟଙ୍କା ଲେଖାଏଁ ଦେଲେ ସାଟିଫିକେଟ ଦିଆଯିବ ବୋଲି କହିଥିଲେ । ଆମକୁ ପୂର୍ବରୁ ସୂଚନା ଦେଲେନି ଆମେ ଟଙ୍କା ଆଣିନୁ ବୋଲି କହିଥିଲେ ମଧ୍ୟ ସେମାନଙ୍କୁ ସାଟିଫିକେଟ ଦିଆଯାଇଥିଲା। ସେମାନେ ୬ କିମି ଦୂରରୁ ବିଦ୍ୟାଳୟକୁ ସାଟିଫିକେଟ ପାଇଁ ଆସିଥିବାରୁ କେବଳ ଖାଇବାକୁ କିଛି ଟଙ୍କା ଆଣିଛନ୍ତି କହିବା ପରେ ସେମାନଙ୍କ ଠାରୁ ୧୦୦ ଟଙ୍କା ଲେଖାଏଁ ରଖି ମାଟ୍ରିକ ସାଟିଫିକେଟ ଦିଆଯାଇଥିବା ଛାତ୍ରୀ ଲିଜା ବର ଅଭିଯୋଗ କରିଛନ୍ତି ।

ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କ୍ଷିତିଶ କୁମାର ପାତ୍ରଙ୍କୁ ପଚାରିବାରୁ ପିଲାଙ୍କୁ ମୋ ସାମନ୍ନାକୁ ନେଇକି ଆସନ୍ତୁ, ଆମେ ବୀନା ପଇସାରେ ସାଟିଫିକେଟ ଦେଇଛୁ ବୋଲି କହିଛନ୍ତି ।

# ଡ୍ରାଇଭରଙ୍କ ପାଇଁ ନିଶା ନିବାରଣ ସଚେତନତା କର୍ମଶାଳା

**ମାର୍ଶାଘାଇ,୨୫।୬(ସଂଚାର ବ୍ୟୁରୋ):** ମାର୍ଶାଘାଇ ବସଷ୍ଟାଣ୍ଡ ପରିସରରେ ଡ୍ରାଇଭର ମାନଙ୍କୁ ସଚେତନ କରିବା ପାଇଁ ନିଶା ନିବାରଣ ସଚେତନତା ସଂକଳ୍ପ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଏବଂ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ର ମିଳିତ ସହଯୋଗରେ ଏହି ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା କ୍ଷକେନ୍ଦ୍ରାପଡ଼ା ଅବକାରୀ ଇନିସ୍ପେକ୍ଟର ହିତାଂଶୁ ଶେଖର ମଲିକଙ୍କ ସଭାପତିତ୍ୱ କରିଥିବା ବେଳେ କେନ୍ଦ୍ରାପଡ଼ା ଆରଟିଓ ଧୀରେନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗାଡି ଡ୍ରାଇଭର ମାନଙ୍କୁ ସଚେତନ କରାଇଥିଲେ । ନିଶା ଠାରୁ ଦୁରେଇ ରହି ସତର୍କତା ଏବଂ ଯତ୍ନର ସହିତ ଗାଡି ଚଳାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ନିଶା ସେବନ ବିପଥଗାମୀ କରାଇବା ସହିତ ଯାତ୍ରୀମାନଙ୍କ ପ୍ରତି



ବିପଦ ସୃଷ୍ଟି କରିଥାଏ କ୍ଷ ନିଶାସେବନ ଜୀବନ ବଞ୍ଚାଇବା ବଦଳରେ ଜୀବନକୁ ବିପଦ ମୁହଁକୁ ଟାଣି ନେଇଥାଏ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ତେଣୁ 'ନିଶା ନୁହେଁ ଜୀବନ' ବୋଲି ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମର ଥିମ ରଖାଯାଇଛି । ଏହି କାର୍ଯ୍ୟକ୍ରମରେ ଓଏସଆରଟିସି ର କେନ୍ଦ୍ରାପଡ଼ା ଜିଲ୍ଲା ମ୍ୟାନେଜର ବିଶ୍ୱଜିତ ଦାସ, ମାର୍ଶାଘାଇର ଭାରପ୍ରାପ୍ତ ଅବକାରୀ ଅଧିକାରୀ କଳ୍ପନା ରାଉତ, ଏସ ଆଇ ଋତୁପ୍ରଭା ସ୍ୱାଇଁ, ଏସଆଇ ମାନସ ମିଶ୍ର ପ୍ରମୁଖ ମଂଚାସୀନ ଥିଲେ କ୍ଷ ଓଏସଆରଟିସି ଜିଲ୍ଲା ଆସିଷ୍ଟାଣ୍ଟ ମ୍ୟାନେଜର ଶଶିକାନ୍ତ ସାହୁ,ଜିଲ୍ଲା ଆକାଉଟାଣ୍ଟ ଜ୍ୟୋତିପ୍ରକାଶ ମହାପାତ୍ର, ମାର୍ଶାଘାଇ ବ୍ଲକ ବସଷ୍ଟାଣ୍ଡ ସୁପରଭାଇଜର ଲୁସିପ୍ରଭା ଦାସ,ଓ୍ୱିଶାଲ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ମାର୍ଶାଘାଇ ବସଷ୍ଟାଣ୍ଡର ସମସ୍ତ ଡ୍ରାଇଭର, କର୍ମଚାରୀଙ୍କ ସମେତ ମାର୍ଶାଘାଇ ଅଞ୍ଚଳର ଶତାଧିକ ଜନସାଧାରଣ ଏହି କର୍ମଶାଳାରେ ଯୋଗଦେଇଥିଲେ ।

# ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଆସନ୍ତା ୨୩ରେ କେନ୍ଦ୍ରାପଡ଼ା ବନ୍ଦ

● ଡାକରା ଦେଲା ମିଳିତ କ୍ରୀୟାନୁଷ୍ଠାନ କମିଟି




**କେନ୍ଦ୍ରାପଡ଼ା,୨୫।୬(ସଂଚାର ବ୍ୟୁରୋ):** ଦିନପରେ ଦିନ, ମାସପରେ ମାସ,ବର୍ଷ ପରେ ବର୍ଷ ଗଡି ଗଡି ଚାଲିଛି । ପ୍ରତିଶୃତିର ଅଭାବ ନାହିଁ । ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ମନ୍ତ୍ରୀମାନଙ୍କ ଘନଘନ କେନ୍ଦ୍ରାପଡା ଜିଲ୍ଲା ଗସ୍ତ ଚାଲିଛି । କିନ୍ତୁ କେନ୍ଦ୍ରାପଡା ଜିଲ୍ଲା ଯେଉଁ ତିମିରେକୁ ସେହି ତିମିରେ । ବିକାଶର ନାଁ ଧରୁନି । ଦୀର୍ଘ ବର୍ଷ ହେବ କେନ୍ଦ୍ରାପଡାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଆନ୍ଦୋଳନ ଚାଲିଛି । ଡବଲ ଇଞ୍ଜିନ ସରକାରର ମନ୍ତ୍ରୀମାନେ କହୁଛନ୍ତି ଜିଲ୍ଲାରେ ମେଡିକାଲ କଲେଜ ନିଶ୍ଚୟ ହେବ । କିନ୍ତୁ କ୍ଷୋଭର ବିଷୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ରାଜ୍ୟରେ ନଅଟି ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ ବୋଲି ଗତକାଲି ଘୋଷଣା କରିଛନ୍ତି । ଏଥିସହିତ ଜିଲ୍ଲାର ନାମବି ଘୋଷଣା କରିଛନ୍ତି । ସେଥିରେ କେନ୍ଦ୍ରାପଡାର ନାଁ ନାହିଁ । ଡବଲ ଇଞ୍ଜିନ ସରକାର କେନ୍ଦ୍ରାପଡା ଜିଲ୍ଲାବାସୀଙ୍କ ସହ ପ୍ରତାରଣା କରିଛନ୍ତି । ଏହା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି କେନ୍ଦ୍ରାପଡା ଜିଲ୍ଲା ମେଡିକାଲ କଲେଜ ଓ ହାସପାତାଳ ପ୍ରତିଷ୍ଠା ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନୁଷ୍ଠିତ ବୈଠକରେ ମତପ୍ରକାଶ ପାଇଛି । ବୁଧବାର ସ୍ଥାନୀୟ ରିଡିଙ୍ଗ ରୁମରେ ଅଧ୍ୟାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପ୍ରତି ମୋହନ ସରକାରଙ୍କ ଏପରି ବୈମାତୃକ ମନୋଭାବ ବିରୋଧରେ ଓ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଦଳମତ ସମସ୍ତଙ୍କୁ ନେଇ ଆସନ୍ତା ଜୁଲାଇ ୨୩ତାରିଖରେ ୧୨ଘିଆ କେନ୍ଦ୍ରାପଡା ଜିଲ୍ଲା ବନ୍ଦ ପାଇଁ ଘୋଷଣା କରାଯାଇଛି ।ଏହାକୁ ସଫଳ କରିବା ପାଇଁ ସମସ୍ତ ବ୍ଲକରେ ପ୍ରସ୍ତୁତି ବୈଠକ କରାଯିବା ସହିତ ଆସନ୍ତା ଜୁଲାଇ ୧୧ ତାରିଖ ଦିନ କେନ୍ଦ୍ରାପଡା ସହରରେ ଏକ ଗଣ କନଭେନସନ ଅନୁଷ୍ଠିତ ହେବ ।ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ଆବାହକ ମଣ୍ଡଳୀ ସଦସ୍ୟ ଗୟାଧର ଧଳ, ମୁକ୍ତାର ଖାଁ, ଆଦିକନ୍ଦ ରାଉଳ, ଭାଗିରଥି ଜେନା, ବୈଷ୍ଣବ ସ୍ୱାଇଁ, ସୁରେଶ ଚନ୍ଦ୍ର ପଟ୍ଟନାୟକ,ଗୋଲକ ଚନ୍ଦ୍ର ମହାଭୋଇ,କୁଞ୍ଜବିହାରି ଦାସ,ଡ଼ଃ ଚୈତନ୍ୟ ଚରଣ ପରିଡା, ଧୀରେନ୍ଦ୍ର କୁମାର ବେହେରା, ପ୍ରମୋଦ କୁମାର ରାଉତ, ଶେଖ ହିପସାର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ ।

# ନାରୀ ନିର୍ଯାତନା ବିରୁଦ୍ଧରେ ଛାତ୍ର ବିଜେଡିର ଆନ୍ଦୋଳନ



**ଗରଦପୁର,୨୫।୬(ସଂଚାର ବ୍ୟୁରୋ):** ପାଟକୁରା ନିର୍ବାଚନ ମଣ୍ଡଳୀର ଛାତ୍ର ବିଜେଡି ଦଳ ପକ୍ଷରୁ ବୁଧବାର ଆନ୍ଦୋଳନ କରାଯାଇଛି । ଗରଦପୁର ବ୍ଲକ ଅନ୍ତର୍ଗତ କୋରୁଆ ସ୍ଥିତ ଲୋକନାଥ ମହାବିଦ୍ୟାଳୟ ଠାରେ ବିଜୁ ଜନତା ଦଳ ଗରଦପୁର ବ୍ଲକ ତରଫରୁ ଯୁବ ବିଜେଡ଼ି ଏବଂ ଛାତ୍ର ବିଜେଡି ଦ୍ୱାରା ମୁଖ୍ୟତଃ ନାରୀ ନିର୍ଯାତନା ବିରୁଦ୍ଧରେ ଆନ୍ଦୋଳନ କରାଯାଇଥିଲା। ଏହି ଆନ୍ଦୋଳନରେ ବ୍ଲକ ଯୁବ ବିଜେଡ଼ି ସଭାପତି ପୂର୍ଣଜିତ୍ ବରାଳ, ଯୁବ ନେତା ବିପ୍ଲବ ଜେନା, ଜିଲ୍ଲା ଯୁବ ବିଜେଡ଼ିର ଡିଜିଟାଲ ସମ୍ପାଦକ ଆଲୋକ ମାହାଳି, ଯୁବ ନେତା ଜିତେନ୍ଦ୍ର ଦାସ, ପ୍ରଶାନ୍ତ ସେଠୀ,ଜିଲ୍ଲା ଛାତ୍ର ବିଜେଡ଼ି ଉପ ସଭାପତି ତପନ ଜେନା, ଲୋକନାଥ ମହାବିଦ୍ୟାଳୟର କୋ କଂଭେନର କମଳ ଲୋଚନ ସାହୁ, ଛାତ୍ର ନେତା ନିଗମାନନ୍ଦ ଦାସ, ପରେଶ୍ ଦାସ, ପ୍ରଶାନ୍ତ ଜେନା,ଦିଲିପ୍ କୁମାର ଦାସଙ୍କ ସମେତ ଶତାଧିକ ଯୁବ ଛାତ୍ର କର୍ମୀ ମାନେ ଯୋଗଦାନ କରିଥିଲେ।

# ଯୁବ ଓ ଛାତ୍ର ବିଜେଡି ରାସ୍ତାରୋକ




**ପଟ୍ଟାମୁଣ୍ଡାଇ,୨୫।୬ (ସଂଚାର ବ୍ୟୁରୋ):** ଓଡିଶାର ଅନ୍ୟତମ ପର୍ଯ୍ୟଟନ ସ୍ଥଳ ଗଞ୍ଜାମ ଜିଲ୍ଲା ଗୋପାଳପୁର ଠାରେ ଜନୈକା କଲେଜ ଛାତ୍ରୀକୁ କିଛି ଦୁର୍ବୃତ୍ତ ଗଣଦୁଷ୍କର୍ମ କରିବା ଘଟଣା ସାରା ବିଶ୍ୱରେ ଓଡିଶା ପାଇଁ ଲଜ୍ୟା ଆଣି ଦେଇଛି ଓ ଏହା ଛଡା ଓଡିଶାରେ ମହିଳା ନିର୍ଯ୍ୟାତନା ଦିନକୁ ଦିନ ବଢ଼ି ବାରେ ଲାଗିଛି ଓ ରାଜ୍ୟ ବିଜେଡି ସୁପ୍ରିମୋ ନବୀନ ପଟନାୟକଙ୍କ ନିର୍ଦ୍ଦେଶରେ ସାରା ରାଜ୍ୟରେ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ବିଭିନ୍ନ କଲେଜ ଛାତ୍ର ଛାତ୍ରୀଙ୍କୁ ନେଇ ବିକ୍ଷୋଭ, ଶୋଭାଯାତ୍ରା ଓ ରାସ୍ତାରୋକ କରାଯାଇଛି ଓ ଏଇ ପରିପ୍ରେକ୍ଷୀରେ ପଟ୍ଟାମୁଣ୍ଡାଇ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ପଟ୍ଟାମୁଣ୍ଡାଇ କଲେଜ କ୍ୟାମ୍ପସ ସଭାପତି ଅନମୋଲ ରାଉତ ଓ ପ୍ରଦୀପ ବିଶ୍ୱାଳ ନେତୃତ୍ୱରେ ଯୁବ ଛାତ୍ର ମାନେ କଳା ବ୍ୟାଚ ପିନ୍ଧି ଶୋଭାଯାତ୍ରା କରିବା ସହିତ ପଟ୍ଟାମୁଣ୍ଡାଇ କଲେଜ ସମ୍ମୁଖ ପଟ୍ଟାମୁଣ୍ଡାଇ - ରାଜନଗର ରାସ୍ତା ସମ୍ମୁଖରେ ରାସ୍ତାରୋକ କରିଥିଲେ ଓ ଏଥିରେ ପଟ୍ଟାମୁଣ୍ଡାଇ ନଗର ଯୁବବିଜେଡି ସଭାପତି ଅଶୋକ ଧଳ ପଟ୍ଟାମୁଣ୍ଡାଇ ଛାତ୍ର ବିଜେଡି ସଭାପତି ଦେବାଶିଷ ନାୟକ ଯୁବନେତା ବାବନ ସାହୁ, ଚିତ୍ତ ରଂଜନ ସେଠୀ, ରାଜୀବ ରତନ ମିଶ୍ର, ଛାତ୍ରନେତା ସ୍ମୃତି ରଂଜନ ପାଢ଼ୀ, ଅସୀମ ମହାନ୍ତି, ସମରେଶ ମହାନ୍ତି, ଅଭିରାମ ସ୍ୱାଇଁ, ସୁବୋଧ ମଲିକ, କାହ୍ନୁ ସାମଲ, ସୌଭାଗ୍ୟ ଦାସ, ସୌରଭ ନାୟକ, ଚନ୍ଦ୍ରଶେଖର ରାଉତ, ଲିଟୁ ମଲିକ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାର ଗୋପାଳପୁର ଛାତ୍ରୀ ଗଣଦୁଷ୍କର୍ମ ଘଟଣାରେ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ, ଛାତ୍ରୀ ଓ ମହିଳାଙ୍କୁ ଉପଯୁକ୍ତ ସୁରକ୍ଷା ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ନଆଣିଲେ ଯୁବ ଛାତ୍ର ବିଜେଡି ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଚେତାବନୀ ଦେଇଥିଲେ ।

# ଲୋକନାଥ ମହାବିଦ୍ୟାଳୟରେ ସମ୍ବିଧାନ ହତ୍ୟା ଦିବସ ପାଳିତ

**ଗରଦପୁର,୨୫।୬(ସଂଚାର ବ୍ୟୁରୋ):** ଲୋକନାଥ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଆନୁକୂଲ୍ୟରେ ସମ୍ବିଧାନ ହତ୍ୟା ଦିବସ ପାଳିତ ହୋଇଅଛି। ଅଧ୍ୟକ୍ଷ ବିଜୟ କୁମାର ନାୟକ ସଭାର ସଭାପତିତ୍ୱ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡଃ ସୁଶାନ୍ତ କୁମାର ପରିଡ଼ା ଏହି ଦିବସ ପାଳନର ଲକ୍ଷ୍ୟ ଓ ଗୁରୁତ୍ୱ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ସତ୍ୟବ୍ରତ ବେହେରା, ସୁମନ ମଲ୍ଲିକ, ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ଡ଼ ଶଶିକାନ୍ତ ନାୟକ, ଏବଂ ଶିକ୍ଷା ବିଭାଗର ଅଧ୍ୟାପକ ଡ଼ ରମେଶ କୁମାର ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର ବହୁ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉକ୍ତ ଅବସରରେ ଉପସ୍ଥିତ ଥିଲେ । ପରିଶେଷରେ ଅଧ୍ୟାପକ ସୁମନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।



# ହସ୍ତଶିଳ୍ପ କାରିଗର ସଚେତନତା ଶିବିର



**କେନ୍ଦ୍ରାପଡା,୨୫।୬(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ହସ୍ତଶୀଳ୍ପ କାର୍ଯ୍ୟାଳୟ ଏବଂ ଓଡିଶା ହସ୍ତଶୀଳ୍ପ ନିର୍ଦ୍ଦେଶାଳୟ ସହଯୋଗରେ କେନ୍ଦ୍ରାପଡା ଜିଲ୍ଲା ଶିଳ୍ପକେନ୍ଦ୍ର ସମ୍ମିଳନୀ କକ୍ଷରେ ହସ୍ତଶୀଳ୍ପ କାରିଗର ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ହସ୍ତଶୀଳ୍ପ କାର୍ଯ୍ୟାଳୟର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ । କେନ୍ଦ୍ରାପଡ଼ା ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ । ଭୁବନେଶ୍ୱର ଡିସି ହ୍ୟାଣ୍ଡିକ୍ରାଫ୍ଟ କାର୍ଯ୍ୟାଳୟର ହସ୍ତଶୀଳ୍ପ ବିକାଶ ଅଧିକାରୀ ପ୍ରମେନ୍ଦର ସିହ୍ନା ଯୋଗଦେଇ କେନ୍ଦ୍ରସରକାରଙ୍କ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ହସ୍ତଶିଳ୍ପୀମାନଙ୍କୁ ଋଣ ସହାୟତା ସମ୍ପର୍କରେ ସଚେତନ ହେବା ସମ୍ପର୍କରେ ୟୁନିୟନ ବ୍ୟାଙ୍କ କେନ୍ଦ୍ରାପଡ଼ା ଶାଖା ପରିଚାଳକ ସ୍ୱାଧୀନ କୁମାର ସିହ୍ନା ମତ ରଖିଥିଲେ । ଜିଲ୍ଲା ଶିଳ୍ପ କେନ୍ଦ୍ରର ସହକାରୀ ଶିଳ୍ପ ଅଧିକାରୀ କୁଳମଣି ବେହେରା, ରାଜ୍ୟ ପୁରସ୍କାର ପ୍ରାପ୍ତ ପଟ୍ଟଚିତ୍ର ହସ୍ତଶିଳ୍ପୀ ପ୍ରିୟବ୍ରତ ଜେନା, କାଇଁଚ ହସ୍ତଶିଳ୍ପରେ ରାଜ୍ୟ ପୁରସ୍କାର ପ୍ରାପ୍ତ ହସ୍ତଶୀଳ୍ପୀ ବିଜୟଲକ୍ଷ୍ମୀ ସ୍ୱାଇଁ ପ୍ରମୁଖ ମଂଚାସୀନ ଥିଲେ । ବରିଷ୍ଠ ହସ୍ତୀଶୀଳ୍ପ ବିକାଶ ଅଧିକାରୀ ସତ୍ୟଜିତ ବେହେରା ମଞ୍ଚ ପରିଚାଳନା କରିଥିଲେ । ହସ୍ତଶୀଳ୍ପ ବିଭାଗ ପକ୍ଷରୁ ଥିବା ଯୋଜନା, ସହାୟତା,ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ହସ୍ତଶୀଳ୍ପ ବିକାଶ ଅଧିକାରୀ ପ୍ରିୟଜିତ ସାହୁ ଏବଂ ଦିନେଶ ରଞ୍ଜନ ସାହୁ ଆଲୋକପାତ କରିଥିଲେ । ହସ୍ତଶୀଳ୍ପ କାର୍ଯ୍ୟାଳୟ ମୁଖ୍ୟଲିପିକ ଭକ୍ତି ଭୂଷଣ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ । ଟେରାକୋଟା ନିପୁଣ ହସ୍ତଶିଳ୍ପୀ ମକରକେତନ ସାହୁ, ସୁବଳ ମୁଦୁଲି,କାଇଁଚ ହସ୍ତଶିଳ୍ପୀ ସ୍ୱର୍ଣ୍ଣଲତା ସ୍ୱାଇଁ, ଏଂବ୍ରୋଡୋରୀ ହସ୍ତଶିଳ୍ପୀ ରେଶମା ବେଗମ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ନିଜ ମତ ରଖିଥିଲେ । ଏହି ଶିବିରରେ ଶତାଧିକ ହସ୍ତଶିଳ୍ପୀ ଯୋଗଦାନ କରିଥିଲେ ।

# ଓଡ଼ିଶା ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ନିଷ୍ପତ୍ତି

## ଜୁଲାଇ ୧୪ଠାରୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ କାର୍ଯ୍ୟ ବନ୍ଦ



**କେନ୍ଦ୍ରାପଡ଼ା,୨୫।୬ (ସଂଚାର ବ୍ୟୁରୋ):** ଓଡ଼ିଶା ରାଜସ୍ୱ ଅମଲା ସଂଘର ଏକ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ଏବଂ ଓଡ଼ିଶା ରାଜସ୍ୱ ଅମଲା ସଂଘ ଜିଲ୍ଲା ଶାଖା ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ସୁକାନ୍ତ କୁମାର ଜେନାଙ୍କ ନେତୃତ୍ୱରେ ଦଶ ଦଫା ଦାବି ସମ୍ବଳିତ ଦାବି କେନ୍ଦ୍ରାପଡ଼ା ଜିଲ୍ଲାପାଳ ଶ୍ରୀ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି ଓ ପ୍ରକାଶଥାଉ କି, ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କର ଦୀର୍ଘଦିନର ଦାବି ପୂରଣ କରିବା ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପୋଷଣ କରୁଥିବା ଯୋଗୁଁ ଜିଲ୍ଲା ସ୍ତରରେ ଅମଲା ମାନଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଦାବି ଗୁଡିକ ମଧରେ ମୁଖ୍ୟତଃ, ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କ ମୂଳ ଦରମା ଓଆରଏସପି-୨୦୧୭ ନିୟମ ଅନୁଯାଇ ଲେବେଲ- ୯ କୁ ବୃଦ୍ଧି। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା ୮୮୯୮ ଯଥା ୧୫-୦୩-୨୦୨୪ ଅନୁଯାୟୀ ସମସ୍ତ ଜିଲ୍ଲାପାଳ ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ । ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ । ୨୦୨୦ ମସିହାରେ ଲାଗୁ କରାଯାଇଥିବା ପୁନଃ ଥଇଥାନ ଯୋଜନାର ନିୟମାବଳୀକୁ ସମ୍ପୂର୍ଣ ଉଚ୍ଛେଦ କରାଯାଇ ୧୯୯୦ ମସିହାରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାଇ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ। ଓଡ଼ିଶା ରାଜସ୍ୱ ସେବା ପଦ୍ଧତି ରେ ରାଜସ୍ୱ ଅମଲା ମାନଙ୍କୁ ଶତ ପ୍ରତିଶତ ପଦୋନ୍ନତି । ନୂତନ ପେନସନ ଯୋଜନା କୁ ରଦ୍ଦ କରି ସମସ୍ତ ସରକାରୀ କର୍ମଚାରୀ ଙ୍କୁ ପୁରାତନ ପେନସନ ଯୋଜନା ରେ ଅନ୍ତର୍ଭୁକ୍ତ ଆଦି ଦାବି ନେଇ ସଂଘ ଆଗକୁ ଆସିଛି ।

● ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ୍ସପାରୀ ଇଞ୍ଜେକ୍ସନ ମିଳିବା ଘଟଣା

# ଖବର ପ୍ରକାଶ ପରେ ଅଧିକାରୀଙ୍କ କାରଣ ଦର୍ଶାଅ ନୋଟିସ

ସଂଚାର ପ୍ରଭାବ

## ଭୁଲ୍ ବଶତଃ ବୋଲି ଦର୍ଶାଇଲେ ଫାର୍ମାସିଷ୍ଟ

**ମହାକାଳପଡ଼ା,୨୫।୬(ସଂଚାର ବ୍ୟୁରୋ):** ଗତକାଲି ଚଣ୍ଡିଆପଲ୍ଲୀ ଗ୍ରାମର ଚନ୍ଦନ ପରିଡ଼ା ତାଙ୍କ ଭଉଣୀଙ୍କୁ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଚିକିତ୍ସା ପାଇଁ ନେଥିଲେ। ଡ଼ାକ୍ତରଙ୍କ ପରାମର୍ଶ ପରେ ଚନ୍ଦନ ନିରାମୟ କେନ୍ଦ୍ରରୁ ମେଡ଼ିସିନ ଓ ଇଞ୍ଜେକ୍ସନ ଆଣିଥିଲେ। ନିରାମୟ କେନ୍ଦ୍ର ରେ ଥିବା ଫାର୍ମାସିଷ୍ଟ ଯେଉଁ ଇଞ୍ଜେକ୍ସନ ଦେଇଥିଲେ ସେଥିରେ ଏକ୍ସପାରୀ ତାରିଖ ଶେଷ ହୋଇଯାଇଥିବା ସେ ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ପଚାରିବାରୁ ନର୍ସ ଦିଦି ଏକ୍ସପାରୀ ଇଞ୍ଜେକ୍ସନ କୁ ବଦଳାଇ ଦେଇଥିଲେ। ଏହି ଘଟଣା ସଂଚାର ରେ ପ୍ରକାଶ ପାଇବା ପରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ମେଡିକାଲ୍ ର ଭାରା ପ୍ରାପ୍ତ ଅଧିକାରୀ ଡ଼ଃ ନିରଞ୍ଜନ କର ଘଟଣାକୁ ଗୁରୁତର ସହ ନେଇ ସମ୍ପୃକ୍ତ ଫାର୍ମାସିଷ୍ଟ ଙ୍କୁ କାରଣ ଦର୍ଶାଅ ମାଗିଥିଲେ। ଅଧିକାରୀ ଙ୍କ କାରଣ ଦର୍ଶାଅ ପରେ ମେଡିକାଲ୍ ର ଫାର୍ମାସିଷ୍ଟ ଭକ୍ତକାନ୍ତ ବିଶ୍ୱାଳ ଭୁଲ୍ ରେ ଥାକରେ ରହିଯାଇଥିବା ଏକ ଏକ୍ସପାରୀ ଇଞ୍ଜେକ୍ସନ ଦେଇଥିବା ସେ ସ୍ୱିକାର କରିବା ସହିତ ଏମିତି ଭୁଲ୍ ପାଇଁ ସେ କ୍ଷମା ପ୍ରାର୍ଥନା କରିଛନ୍ତି।

● ବିଭାଗୀୟ ନିର୍ଦ୍ଦେଶକୁ ବେଖାତିର

# ବଦଳି ନିର୍ଦ୍ଦେଶ ପରେ ମଧ୍ୟ କାର୍ଯ୍ୟଳୟ ଛାଡୁ ନାହାଁନ୍ତି

## ୨୦୦୯ରୁ ଗୋଟିଏ ଜିଲ୍ଲାରେ ରହିଛନ୍ତି

**କେନ୍ଦ୍ରାପଡ଼ା,୨୫।୬(ସଂଚାର ବ୍ୟୁରୋ):** ବିଭାଗୀୟ କାର୍ଯ୍ୟାଳୟ ତରଫରୁ ବଦଳି ପାଇଁ ଚିଠି ହୋଇଛି। ହେଲେ ଚିଠି ହେବାକୁ ୧୩ ଦିନ ବିତିଥିଲେ ମଧ୍ୟ ନିଜ କାର୍ଯ୍ୟାଳୟ ଛାଡୁ ନାହାଁନ୍ତି ଜଣେ ଅଧିକାରିଣୀ। କେନ୍ଦ୍ରାପଡ଼ା ଜିଲ୍ଲା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ରୁପାଲି ପ୍ରିୟଦର୍ଶିନୀ ଙ୍କୁ ଯାଜପୁର ଉପଖଣ୍ଡକୁ ବଦଳି କରାଯାଇ ତାଙ୍କ ସ୍ଥାନରେ ସଙ୍ଗ୍ରାମ କେଶରୀ ବେଉରା ଙ୍କୁ ବଦଳି ପାଇଁ ତା ୧୨ ଜୁନ୍ ରୁ ଓଡ଼ିଶା ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିଠି ହୋଇଥିଲା। ଯାହାର ଚିଠି ନମ୍ବର ରହିଛି ୬୪୧୧/ଏସଏସଇପିଡି। ଏହି ଚିଠିର ନକଲ ମଧ୍ୟ ବିଭାଗୀୟ ମନ୍ତ୍ରୀ ଓ ଜିଲ୍ଲାପାଳ ଙ୍କୁ ଦିଆଯାଇଥିଲା। ହେଲେ ବିଭାଗର ଚିଠିକୁ ୧୩ ଦିନ ପୁରି ଥିଲେ ମଧ୍ୟ କେନ୍ଦ୍ରାପଡ଼ା କେନ୍ଦ୍ରାପଡ଼ା ଜିଲ୍ଲା ର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରୁପାଲି ପ୍ରିୟଦର୍ଶିନୀ ଏଯାଏଁ କେନ୍ଦ୍ରାପଡ଼ା ଛାଡୁ ନାହାଁନ୍ତି। ଦୀର୍ଘ ୪ ବର୍ଷ ଧରି କେନ୍ଦ୍ରାପଡା ଜିଲ୍ଲା ରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ଭାବେ ସେ କାର୍ଯ୍ୟ କରିଆସୁଥିଲେ। ହେଲେ ତାଙ୍କୁ ବିଭାଗ ତରଫରୁ ବଦଳି ନିର୍ଦ୍ଦେଶ ପରେ ମଧ୍ୟ କାହିଁକି ଓ କାହା ଛତ୍ରଛାୟାରେ ବଦଳି ନିର୍ଦ୍ଦେଶକୁ ବେଖାତିର କରୁଛନ୍ତି ତାହାକୁ ନେଇ ପ୍ରଶ୍ନ ଉଠିଛି। ଏପଟେ ଜିଲ୍ଲା ରେ ବହୁ ଯୋଗ୍ୟ ହିତାଧିକାରୀଙ୍କ ଭତ୍ତା, ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆବେଦନ ଦୀର୍ଘଦିନ ଧରି ପଡ଼ି ରହିଛି ଯାହାର ସମାଧାନ ହେବାରେ ବିଳମ୍ବ ହେଉଛି ବୋଲି ଅଭିଯୋଗ ହେଉଛି। ଏମିତି ପରିସ୍ଥିତିରେ ନା ସେ ଦାୟିତ୍ୱ ଛାଡୁଛନ୍ତି ନା ବଦଳି ହେଉଛନ୍ତି।


ଲୋକସେବା ଭବନରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ 'ଓଡ଼ିଶା ଭିଜନ' ପୁସ୍ତକ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ପ୍ରଦାନ କରୁଛନ୍ତି

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ଓପିଓଏସ୍ଏ କାର୍ଯ୍ୟକର୍ତ୍ତା



**ଭୁବନେଶ୍ୱର,୨୫।୬(ସଂଚାର ବ୍ୟୁରୋ):** ଆଜି ଓଡ଼ିଶା ଫାର୍ମାସୀ ଅଧିକାରୀ ସେବା ସଂଘ (ଓପିଓଏସ୍ଏ)ର ନବନିର୍ବାଚିତ କାର୍ଯ୍ୟକର୍ତ୍ତାମାନେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ତାଙ୍କ ସରକାରୀ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ରାଜ୍ୟରେ ଫାର୍ମାସୀ ଅଧିକାରୀଙ୍କ ମୌଳିକ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଆରମ୍ଭ କରି ରାଜଧାନୀ ପର୍ଯ୍ୟନ୍ତ ଫାର୍ମାସୀ ଅଧିକାରୀଙ୍କ ସ୍ୱାସ୍ଥ୍ୟ ବିଭାଗରେ ବିଭିନ୍ନ ଦାୟିତ୍ୱ ସମ୍ପାଦନ ସହ ପରିଚାଳନାଗତ କାର୍ଯ୍ୟଦକ୍ଷତା, ସରକାରଙ୍କ ବିଭିନ୍ନ ଯୋଜନା ରୂପାୟନରେ ପ୍ରତ୍ୟକ୍ଷ ସହଯୋଗ ବିଷୟରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କାର୍ଯ୍ୟକର୍ତ୍ତାମାନେ ଅବଗତ କରାଇଥିଲେ। ଏଥିସହ ସେମାନେ ସଂଘର ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ ପାଇଁ ମଧ୍ୟ ନିବେଦନ କରିଥିଲେ। ଏଥି ମଧ୍ୟରେ ରାଜ୍ୟରେ କାର୍ଯ୍ୟରତ ଫାର୍ମାସୀ ଅଧିକାରୀଙ୍କ ମୂଳ ଦରମା କେନ୍ଦ୍ରୀୟ ହାର ୯୩୦୦-୪୨୦୦ ସହ ସମାନ କରିବା, ଦୀର୍ଘଦିନ ଧରି ଅଟକି ରହିଥିବା ପଦୋନ୍ନତି ଓ କ୍ୟାଡର ଲାଗୁ କାର୍ଯ୍ୟକୁ ଯଥାଶୀଘ୍ର ସମାପ୍ତ କରିବା, ପଦ ଅନୁଯାୟୀ ଚାକିରି ସର୍ତ୍ତାବଳୀ ଓ ବିଜ୍ଞପ୍ତି ଜାରି କରିବା, ସଂଘ ନିମନ୍ତେ ସ୍ଥାୟୀ ସରକାରୀ ବାସଗୃହ ବ୍ୟବସ୍ଥା ଓ ରାଜ୍ୟରେ ସ୍ୱତନ୍ତ୍ର ଫାର୍ମାସୀ ନିର୍ଦ୍ଦେଶାଳୟ ପ୍ରତିଷ୍ଠା ଆଦି ପ୍ରମୁଖ। ଏହି ଆଲୋଚନା କାର୍ଯ୍ୟକ୍ରମରେ ଓଡ଼ିଶା ଅଲମ୍ପିକ୍ ଆସୋସିଏସନ୍‌ର ସଭାପତି ସମୀର କୁମାର ମହାନ୍ତି ଓ ବିଜେପି ସଂକଳ୍ପପତ୍ର କମିଟି ସଦସ୍ୟ ଅଜିତ କୁମାର ଦାଶ ଉପସ୍ଥିତ ରହି ସଂଘର ଦାବିଗୁଡ଼ିକ ପ୍ରତି ସମର୍ଥନ ଜଣାଇଥିଲେ। ସଂଘ ପକ୍ଷରୁ ନବନିର୍ବାଚିତ ସଭାପତି ଶୁଭଲକ୍ଷ୍ମୀ ସ୍ୱାଇଁ, ସମ୍ପାଦକ କ୍ଷୀତିଶ ଚନ୍ଦ୍ର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ସ୍ୱର୍ଣ୍ଣଲତା ରାଉତ ଓ ସାଙ୍ଗଠନିକ ସମ୍ପାଦକ ଲୋକନାଥ ସୁନା ଉପସ୍ଥିତ ଥିଲେ।

### ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ-୨୦୨୫

# ଜିରୋ କାଜୁଆଲିଟିରେ ହେବନି ସାଲିସ୍: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୫।୬ (ସଂଚାର ବ୍ୟୁରୋ)** : ରାଜ୍ୟରେ ଜୁନରୁ ଅକ୍ଟୋବର ପର୍ଯ୍ୟନ୍ତ ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରବାହିତ ହୋଇଥାଏ। ଏହି ସମୟରେ ବନ୍ୟା ଓ ପ୍ରବଳ ବୃଷ୍ଟିପାତ ଯୋଗୁଁ ବହୁ ଧନ ଜୀବନ କ୍ଷୟ କ୍ଷତି ହୋଇଥାଏ, ତେଣୁ ଏହି ସମୟ ଆମ ସମସ୍ତଙ୍କ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ -୨୦୨୫ ରେ କହିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ରାଜ୍ୟ। ବାତ୍ୟା ଦାନା ହେଉ ବା ଅଦିନିଆ ବୃଷ୍ଟିପାତ, ଆମ ସରକାର ସବୁଥିପାଇଁ ପ୍ରସ୍ତୁତ। ସାରା ବିଶ୍ୱରେ ବଙ୍ଗୋପସାଗର ସର୍ବାଧିକ ବାତ୍ୟାପ୍ରବଣ ସମୁଦ୍ର। ଅଧିକାଂଶ




ବାତ୍ୟାର ଲ୍ୟାଣ୍ଡଫଲ୍ ଓଡ଼ିଶା କିମ୍ବା ଏହାର ଆଖପାଖ ଅଞ୍ଚଳରେ ହୋଇଥାଏ। ପ୍ରାକୃତିକ ବିପର୍ଯ୍ୟୟକୁ ପ୍ରତିହତ କରିହେବ ନାହିଁ, କିନ୍ତୁ ବିପର୍ଯ୍ୟୟ ଦ୍ୱାରା ହେଉଥିବା କ୍ଷୟକ୍ଷତିକୁ ନିଶ୍ଚିତ କମ୍ କରିହେବ। ଜଳସେଚନର ସୁପରିଚାଳନା ଦ୍ୱାରା ସମ୍ଭାବ୍ୟ ମରୁଡ଼ି ପରିସ୍ଥିତିକୁ ବି କମ୍ କରିହେବ। ସେଥିପାଇଁ ଆଗାମୀ ୫ ବର୍ଷ ମଧ୍ୟରେ ସରକାର ୧୫ ଲକ୍ଷ ହେକ୍ଟର ଚାଷଜମିକୁ ଜଳସେଚିତ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ବାତ୍ୟା 'ଦାନା' ରାଜ୍ୟର ୧୪ ଜିଲ୍ଲାକୁ ପ୍ରଭାବିତ କରିଥିଲା। ବାତ୍ୟାକୁ ଆମ ସରକାର ସଫଳତାର ସହ ପରିଚାଳନା କରି ଜିରୋ କାଜୁଆଲିଟି ଲକ୍ଷ୍ୟ ହାସଲ କରିଥିଲେ। ସେହିଭଳି ଅଦିନିଆ ବର୍ଷାକୁ ରାଜ୍ୟ ବିପର୍ଯ୍ୟୟ ଭାବେ ଘୋଷଣା କରି ଚାଷୀଙ୍କ କ୍ଷତି ଭରଣା ପାଇଁ ସହାୟତା ରାଶି ଦିଆଯାଇଥିଲା। ବିପର୍ଯ୍ୟୟର ଆଶୁ ମୁକାବିଲା କରିବା ପାଇଁ ବିଭାଗଗୁଡ଼ିକ ବିଭାଗୀୟ ବିପର୍ଯ୍ୟୟ ପରିଚାଳନା ଯୋଜନାଗୁଡ଼ିକ ସଠିକ୍ ଭାବରେ ଅନୁପାଳନ କରିବା ଉଚିତ। ବିଶେଷକରି ଜଳସମ୍ପଦ ବିଭାଗ ଜଳପ୍ରବାହର ସୁପରିଚାଳନା ଏବଂ ଦୁର୍ବଳ ନଦୀବନ୍ଧ ପ୍ରତି ତୀକ୍ଷଣ ନଜର ରଖିବା ପାଇଁ ସେ କହିଥିଲେ। ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ରାଜ୍ୟରେ ଜିଲ୍ଲା ସ୍ତରରେ ୨୪ ଘଣ୍ଟିଆ ଜରୁରୀକାଳୀନ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଏହା ମାଧ୍ୟମରେ ପାଣିପାଗ ସମ୍ବନ୍ଧୀୟ ସମସ୍ତ ସୂଚନା ତୁରନ୍ତ ଅବଗତ କରାଯାଉଛି। ବୈଠକରେ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, କୋରେଇ ବିଧାୟକ ଆକାଶ ଦାସ ନାୟକ, ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, କୋରାପୁଟ ସାଂସଦ ସପ୍ତଗିରି ଉଲାକା, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ ମତାମତ ଦେଇଥିଲେ।

### ରଥଯାତ୍ରା ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା

# ଅତିରିକ୍ତ ଶଯ୍ୟା ଓ ସ୍ୱାସ୍ଥ୍ୟ ବିଶେଷଜ୍ଞ ଉପଲବ୍ଧ

**ପୁରୀ,୨୫।୬(ସଂଚାର ବ୍ୟୁରୋ):** ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ସମବେତ ହେବାକୁ ଥିବା ଅଗଣିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ସକାଶେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଆଜି ବିଭାଗର ବରିଷ୍ଠ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ସମସ୍ତ ବ୍ୟବସ୍ଥାର ତଦାରଖ କରିଛନ୍ତି। ରଥଯାତ୍ରା ଅବସରରେ ସମନ୍ୱିତ ଓ ସୁବ୍ୟବସ୍ଥିତ ସ୍ୱାସ୍ଥ୍ୟସେବା ଯୋଗାଇବା ସକାଶେ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ବିଭାଗ ପକ୍ଷରୁ ବରିଷ୍ଠ ଅଧିକାରୀଙ୍କର ଏକ ଟିମ୍ ଆଜି ପୁରୀ ଗସ୍ତ କରି ସମସ୍ତ ପଦକ୍ଷେପର ସମୀକ୍ଷା କରିଛନ୍ତି। ଅତିରିକ୍ତ ଶଯ୍ୟା ସଂଖ୍ୟା ଗତ ବର୍ଷ ତୁଳନାରେ ବୃଦ୍ଧି ପାଇ ୨୬୫ରେ ପହଞ୍ଚିଛି। ଗତ ବର୍ଷ ଏହା ୧୪୦ ଥିଲା। ସ୍ୱାସ୍ଥ୍ୟସେବାକୁ ବ୍ୟାପକ ଓ ତ୍ୱରିତ କରିବା ଉଦ୍ଦେଶ୍ୟରେ ଅନ୍ୟ ଜିଲ୍ଲାରୁ ୩୭୮ ଜଣ ଅତିରିକ୍ତ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କୁ ମଧ୍ୟ ଏଠାରେ ନିୟୋଜିତ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରରେ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ରକ୍ତ ମହଜୁଦ ରହିଛି। ଅତିରିକ୍ତ ସହାୟତା ଉଦ୍ଦେଶ୍ୟରେ ପ୍ରଥମ ଥର ପାଇଁ ଭୁବନେଶ୍ୱର ଏଏମ୍ସ୍ ପକ୍ଷରୁ ଏଠାରେ ଚିକିତ୍ସା କେନ୍ଦ୍ରରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ନିୟୋଜିତ କରିବାକୁ ନିଷ୍ପତ୍ତି

- ● ଦୈନିକ ତଦାରଖ କରୁଛନ୍ତି ବରିଷ୍ଠ ଅଧିକାରୀ
- ● ଆଜିଠୁ ପୁରୀରେ କ୍ୟାମ୍ପ ଅଫିସ୍‌ର କାର୍ଯ୍ୟାରମ୍ଭ

ହୋଇଛି। ରଥଯାତ୍ରା ସମୟରେ ୬୯ଟି ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ବ୍ୟାପକ ନେଟୱାର୍କ କାର୍ଯ୍ୟ କରିବ। ଏଥିରେ ୩୨ଟି ସରକାରୀ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଆସନ୍ତା ୨୭ରୁ ଜୁଲାଇ ୮ ପର୍ଯ୍ୟନ୍ତ କାର୍ଯ୍ୟ କରିବ। ଏଥିସହ ୩୭ଟି ସ୍ୱେଚ୍ଛାସେବୀ ସଂଗଠନ-ସହାୟତାପ୍ରାପ୍ତ କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ



କାର୍ଯ୍ୟ କରିବ। ପ୍ରତ୍ୟେକ କେନ୍ଦ୍ରରେ ଯୋଗ୍ୟ ଏମ୍‌ବିବିଏସ୍/ଆୟୁଷ ଡାକ୍ତର, ଫାର୍ମାସିଷ୍ଟ ଓ ସହାୟକ କର୍ମଚାରୀ ରହିବେ ଏବଂ ରଥଯାତ୍ରା, ବାହୁଡ଼ା ଯାତ୍ରା ଓ ସୁନାବେଶ ଆଦି ଗୁରୁତ୍ୱପୂର୍ଣ୍ଣ ଦିନରେ ୨୪ ଘଣ୍ଟା କାମ କରିବେ। ସେହିପରି ବଡ଼ଦାଣ୍ଡରେ ସିଂହଦ୍ୱାର, ଗୁଣ୍ଡିଚା ମନ୍ଦିର ଓ ଜଗନ୍ନାଥ ବଲ୍ଲଭ ପାର୍କିଂ ସମେତ ୯ଟି କେନ୍ଦ୍ର, ପୁରୀ-ଭୁବନେଶ୍ୱର ରାସ୍ତାରେ ୮ଟି କେନ୍ଦ୍ର, ସ୍ୱର୍ଗଦ୍ୱାର ଏବଂ ଲାଇଟ ହାଉସ୍ ସମେତ ସମୁଦ୍ର ବେଳାଭୂମି ସ୍ଥାନରେ ୫ଟି କେନ୍ଦ୍ର, ପୁରୀ-କୋଣାର୍କ ରାସ୍ତାରେ ୪ଟି କେନ୍ଦ୍ର ଏବଂ ପୁରୀ ସହରରେ ୨ଟି କେନ୍ଦ୍ର (ରେଳ ଷ୍ଟେସନ୍) ଭଳି ପ୍ରମୁଖ ସ୍ଥାନମାନଙ୍କରେ ଏହି କେନ୍ଦ୍ରଗୁଡ଼ିକ କାର୍ଯ୍ୟ କରିବ। ଅଂଶୁଘାତଜନିତ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ତାଳବଣିଆରେ ଏକ ସ୍ୱତନ୍ତ୍ର ୧୦ ଶଯ୍ୟାବିଶିଷ୍ଟ ଶୀତତାପ ନିୟନ୍ତ୍ରିତ ହିଟ୍ ଷ୍ଟ୍ରୋକ୍ କେନ୍ଦ୍ର ସ୍ଥାପନ କରାଯାଇଛି।

ଜରୁରୀକାଳୀନ ଚିକିତ୍ସା ପରିବହନ ପାଇଁ ବ୍ୟାପକ ଆମ୍ବୁଲାନ୍ସ ନେଟୱାର୍କ ବ୍ୟବସ୍ଥା କରାଯାଇଛି। ୩୧ଟି ସରକାରୀ ଆମ୍ବୁଲାନ୍ସ ଓ ସ୍ୱେଚ୍ଛାସେବୀ ସହାୟତାରେ ୪୩ଟି ଆମ୍ବୁଲାନ୍ସକୁ ମିଶାଇ ମୋଟ ୭୪ଟି ଆମ୍ବୁଲାନ୍ସ ତୁରନ୍ତ ସେବା ଯୋଗାଇବା ସକାଶେ ଉପଲବ୍ଧ ରହିବ। ଏହି ଆମ୍ବୁଲାନ୍ସଗୁଡ଼ିକ ସ୍ୱେଚ୍ଛାସେବୀଙ୍କ ସହାୟତାରେ ନିର୍ଦ୍ଦିଷ୍ଟ ଆମ୍ବୁଲାନ୍ସ କରିଡର୍ ମଧ୍ୟରେ କାର୍ଯ୍ୟ କରିବ। ଏହାଛଡ଼ା ଜନସ୍ୱାସ୍ଥ୍ୟ ସଚେତନତାକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ଖାଦ୍ୟ ନିରାପତ୍ତା, ନିରାପଦ ପାନୀୟ ଜଳ, ହାତ ଧୋଇବା ଓ ସ୍ୱଚ୍ଛତା ପ୍ରୋଟୋକଲ, ଓଆର୍ଏସ୍ ବ୍ୟବହାର, ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, କୋଭିଡ୍-୧୯ ପ୍ରତିରୋଧ ବ୍ୟବସ୍ଥା ଓ ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ ବାବଦରେ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ଅଭିଯାନ ଜାରି ରହିଛି। ସେହିପରି ରଥଯାତ୍ରା ସମୟରେ ସମସ୍ତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟକଳାପର ସମନ୍ୱୟ ଓ ଜରୁରୀକାଳୀନ ପରିସ୍ଥିତି ପାଇଁ ଏକ ନିର୍ଦ୍ଦିଷ୍ଟ ରଥଯାତ୍ରା କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟା କାର୍ଯ୍ୟ କରିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବରିଷ୍ଠ ଅଧିକାରୀଙ୍କ ଏକ ଟିମ୍ ପୁରୀ ଗସ୍ତ କରି ସମସ୍ତ ବ୍ୟବସ୍ଥାର ତଦାରଖ କରିଛି।

### ▶ସରକାରଙ୍କୁ ବିଜେଡିର ପ୍ରଶ୍ନ

# ୩ ଘରୋଇ ବ୍ୟାଙ୍କ୍ ସଂକ୍ରାନ୍ତ ନିଷ୍ପତ୍ତି ୩ ଦିନରେ ବଦଳିଲା କେମିତି ?

**ଭୁବନେଶ୍ୱର,୨୫।୬(ସଂଚାର ବ୍ୟୁରୋ):** ୩ଟି ଘରୋଇ ବ୍ୟାଙ୍କର ପ୍ରଦର୍ଶନ ନିରୁତ୍ସାହଜନକ ହୋଇଥିବାରୁ ସେମାନଙ୍କ ସହ କୌଣସି ସରକାରୀ ଟ୍ରାଞ୍ଜାକ୍ସନ୍ ଉପରେ କଟକଣା ଲଗାଇଥିବା ରାଜ୍ୟ ସରକାର କିପରି ୩ ଦିନ ଭିତରେ ନିଜ ଛେପ ନିଜେ ଢୋକିଲେ ବୋଲି ପ୍ରଶ୍ନ କରିଛି ବିଜେଡି। ରାଜ୍ୟ ସରକାର କିପରି ଭାବେ ନିଜର ନିଷ୍ପତ୍ତି ବଦଳାଇଲେ ଓ ଏହା କାହା ସ୍ୱାର୍ଥରେ ବୋଲି ଦଳ ପକ୍ଷରୁ ପ୍ରଶ୍ନ କରାଯାଇଛି। ଆଜି ସ୍ଥାନୀୟ ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମିଡିଆ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ ଗତ ୨୧ ତାରିଖରେ ଅର୍ଥ ବିଭାଗର ବିଜ୍ଞପ୍ତି ଅନୁଯାୟୀ ରାଜ୍ୟ ସରକାରଙ୍କ ବିଭିନ୍ନ ଫ୍ଲାଗସିପ୍



ଯୋଜନାରେ ନିରୁତ୍ସାହଜନକ ପ୍ରଦର୍ଶନ ପାଇଁ ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ ଓ ଏକ୍ସିସ୍ ବ୍ୟାଙ୍କକୁ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁବନ୍ଧିତ ତାଲିକାରୁ ବାଦ ଦିଆଯାଇଥିଲା। ସରକାରୀ ଜମା ଓ ବ୍ୟାଙ୍କିଙ୍ଗ୍ କାରବାର ତୁରନ୍ତ ବନ୍ଦ କରିବାକୁ ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ମାତ୍ର ୭୨ ଘଣ୍ଟା ପରେ ଅର୍ଥାତ୍ ଗତ ୨୪ ତାରିଖରେ ଅନ୍ୟ ଏକ ବିଜ୍ଞପ୍ତି ଅନୁଯାୟୀ ସେହି ନିଷ୍ପତ୍ତିକୁ ବାତିଲ କରାଯାଇ ଉପରୋକ୍ତ ୩ ଘରୋଇ ବ୍ୟାଙ୍କକୁ ସରକାରୀ ଜମା ଓ ବ୍ୟାଙ୍କିଙ୍ଗ୍ କାରବାର ପାଇଁ ପୁନଃ ଅନୁବନ୍ଧିତ କରାଯାଇଛି। ରାଜ୍ୟ ସରକାରଙ୍କ ଏପରି ୟୁ ଟର୍ଣ୍ଣର କାରଣ କ'ଣ ଓ ଏହା କାହା ସ୍ୱାର୍ଥ ପାଇଁ କରାଯାଇଛି ବୋଲି ଡ. ମହାନ୍ତି ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ଅର୍ଥ କାରବାର ସମ୍ବନ୍ଧିତ ସରକାରୀ ନିଷ୍ପତ୍ତି ଏଭଳି ଖାମଖିଆଲି ଭାବେ ନିଆଯାଇପାରେନା। ଲୋକଙ୍କ ସରକାର ବୋଲି ପ୍ରଚାର କରୁଥିବା ବିଜେପି ସରକାର ଏ ବାବଦରେ ସର୍ବସାଧାରଣଙ୍କ ନିକଟରେ ସ୍ପଷ୍ଟୀକରଣ ରଖିବା ଦରକାର। ନଚେତ ଲୋକଙ୍କ ସରକାର ବିଜେପି ସ୍ୱାର୍ଥର ସରକାର ବୋଲି ଲୋକେ କହିବା ଆରମ୍ଭ କରିଦେବେ ବୋଲି ଡ. ମହାନ୍ତି କହିଛନ୍ତି।

# ଜଙ୍ଗଲି ଛତୁ ଖାଇ ଗୋଟିଏ ପରିବାରର ୪ ଅସୁସ୍ଥ

**ଆନନ୍ଦପୁର, ୨୫।୬ (ସଂଚାର ବ୍ୟୁରୋ) :** ମୟୂରଭଞ୍ଜ ଜିଲ୍ଲାର ମହୁଲଡିହା ଥାନା ଅନ୍ତର୍ଗତ ବାଲିଡାହି ଗାଁର ଗୋଟିଏ ପରିବାର ଜଙ୍ଗଲି ଛତୁ ଖାଇ ଗୁରୁତର ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଶନିବାର ଜଙ୍ଗଲରୁ ଆଣିଥିବା ଛତୁ ଖାଇବା ପରେ ପରିବାରର ୪ ସଦସ୍ୟ ଝାଡ଼ା ବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ତୁରନ୍ତ ସେମାନଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଆକ୍ରାନ୍ତଙ୍କ ମଧ୍ୟରେ ପରିବାରର ୩ ଜଣ ମହିଳା ଓ ଜଣେ ପୁରୁଷ ରହିଛନ୍ତି। ତେବେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିରଥିବା ସୂଚନା ମିଳିଛି।

### ସରକାରଙ୍କ କୃଷି ମାରଣ ନୀତିର ପ୍ରତିବାଦ

# ରାସ୍ତାକୁ ଓହ୍ଲାଇବ ପ୍ରଦେଶ କିଷାନ କଂଗ୍ରେସ



**ଭୁବନେଶ୍ୱର,୨୫।୬(ସଂଚାର ବ୍ୟୁରୋ):** ଆଜି କଂଗ୍ରେସ ଭବନଠାରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସର ରାଜ୍ୟସ୍ତରୀୟ କାର୍ଯ୍ୟକାରୀ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅଧ୍ୟକ୍ଷ ଅଭୟ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ବୈଠକ ପ୍ରାରମ୍ଭରେ ଦିବଂଗତ କିଷାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ବୈଠକରେ ପିସିସି ସଭାପତି ଭକ୍ତ ଚରଣ ଦାସ ଓ କିଷାନ କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ସାହୁଙ୍କୁ ସ୍ୱାଗତ କରାଯାଇଥିଲା। ବୈଠକକୁ ଶ୍ରୀ ଦାସ ଉଦ୍‌ଘାଟନ କରି କହିଛନ୍ତି ଯେ ବିଜେପି ସରକାରଙ୍କ କୃଷି ଓ କୃଷକ ମାରଣ ନୀତି ଓ କର୍ପୋରେଟ ସପକ୍ଷ ନୀତି ବିରୁଦ୍ଧରେ ପ୍ରଦେଶ କିଷାନ କଂଗ୍ରେସ ସାରା ଓଡ଼ିଶାରେ ଆନ୍ଦୋଳନକୁ ଓହ୍ଲାଇବ। ଏଥିସହ ଧାନ କିଣା ସମୟରେ କଟନୀ ଛଟନୀ ବନ୍ଦ ସହ ବିଭିନ୍ନ ନଗଦ ଓ ଦୀର୍ଘମିଆଦି ଦାବିର ସମାଧାନ ନହେଲେ ରାଜ୍ୟର କୃଷକମାନେ ଏହାକୁ ବିରୋଧ କରିବା ସକାଶେ ସେ ଆହ୍ୱାନ ଦେଇଛନ୍ତି।

ବୈଠକରେ କିଷାନ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ, ପୂର୍ବତନ ବିଧାୟକ ରବୀନ୍ଦ୍ର କୁମାର ମଲ୍ଲିକଙ୍କ ସମେତ ପ୍ରାୟ ୨୦ ଚାଷୀନେତା ଉଦ୍‌ବୋଧନ ଦେଇ ଚାଷୀମାନଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ସ୍ୱାମୀନାଥନ କମିଶନ୍‌ର ସୁପାରିସ ଲାଗୁ କରିବା, ୩୦୦ ୟୁନିଟ୍ ବିଜୁଳି ମାଗଣା ଦେବା, ଚାଷୀଙ୍କୁ ୫୫ ବର୍ଷରେ ୧୦ ହଜାର ଭତ୍ତା ପ୍ରଦାନ, ସମ୍ପୂର୍ଣ୍ଣ ଜଳସେଚନ ଓ ଜଳ ନିଷ୍କାସନ ସହ ବନ୍ୟା ଓ ମରୁଡ଼ିର ସ୍ଥାୟୀ ପ୍ରତିକାର ପାଇଁ ସରକାର ତୁରନ୍ତ ବର୍ଷାଦିନର ପୂର୍ବରୁ ବ୍ୟବସ୍ଥା ନକଲେ ପଞ୍ଚାୟତ, ବ୍ଲକ, ଜିଲ୍ଲା ଓ ରାଜଧାନୀ ପର୍ଯ୍ୟନ୍ତ ଲଢ଼େଇକୁ ଜୋରଦାର କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସକାଶେ ଏକ ଆଡହକ ଟିମ ଗଠନ କରାଯାଇଛି, ଯାହା ପ୍ରଥମ ପର୍ଯ୍ୟାୟରେ ଦକ୍ଷିଣ ଓଡ଼ିଶା ଗସ୍ତ କରି ସରକାରଙ୍କ ପ୍ରତ୍ୟେକ କୃଷି ଓ କୃଷକ ବିରୋଧୀ ପଦକ୍ଷେପ ବିରୁଦ୍ଧରେ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରିବା ସକାଶେ ସମ୍ପୃକ୍ତ ଜିଲ୍ଲା ସଂଗଠନକୁ ପ୍ରସ୍ତୁତ କରିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟର ଅବଶିଷ୍ଟ ଜିଲ୍ଲାକୁ ଗସ୍ତ କାର୍ଯ୍ୟକ୍ରମ ରହିଛି।କରାଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସେହିପରି ଆସନ୍ତା ଅକ୍ଟୋବର କିମ୍ବା ନଭେମ୍ବରରେ ଭୁବନେଶ୍ୱରରେ ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଏକ ବିଶାଳ କୃଷକ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ସମସ୍ତ ଜିଲ୍ଲାର କିଷାନ କଂଗ୍ରେସ କର୍ମକର୍ତ୍ତା ଓ ପଦାଧିକାରୀ ଯୋଗଦେଇଥିଲେ। ଶେଷରେ ବିପ୍ରବର ସାହୁ ଧନ୍ୟବାଦ ଦେଇଥିଲେ।

# ବୋଉ ଫାଉଣ୍ଡେସନର 'ଷାଠିଏ ଫଗୁଣ ପରେ' କାର୍ଯ୍ୟକ୍ରମ



**ଭୁବନେଶ୍ୱର,୨୫।୬(ସଂଚାର ବ୍ୟୁରୋ):** ଶାରୀରିକ ଓ ମାନସିକ ସ୍ତରରେ ଥିବା ନିଃସଙ୍ଗ ବୟସ୍କମାନଙ୍କ ପ୍ରତି ସମର୍ପିତ ବୋଉ ଫାଉଣ୍ଡେସନ, ଚଳିତ ବର୍ଷଠାରୁ ବୟସ୍କଙ୍କ ଅବସାଦମୁକ୍ତ ଜୀବନ ପାଇଁ ଏକ ହାସ୍ୟବ୍ୟଙ୍ଗ ଭରା ଅଭିନବ କାର୍ଯ୍ୟକ୍ରମ 'ଷାଠିଏ ଫଗୁଣ ପରେ' ନିୟମିତ ଆୟୋଜନ କରିବ। ଏହି କ୍ରମରେ ଆଜି ସ୍ଥାନୀୟ ଜୟଦେବ ଭବନରେ 'ଷାଠିଏ ଫଗୁଣ ପରେ' କାର୍ଯ୍ୟକ୍ରମର ପ୍ରଥମ ଅର୍ଘ୍ୟ ଭେଟିଦେଇଛି ବୋଉ ଫାଉଣ୍ଡେସନ। ଫାଉଣ୍ଡେସନର ଅଧ୍ୟକ୍ଷା ସସ୍ମିତା ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଖ୍ୟାତ ସିନେ ନିର୍ଦ୍ଦେଶକ ତଥା ଅଭିନେତା ପ୍ରଶାନ୍ତ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ହସ ଆଜିର ସମାଜରେ ଦୁର୍ଲ୍ଲଭ ହୋଇଯାଇଛି। କିନ୍ତୁ ହସ ଦାନଠାରୁ ମହତ ଦାନ ଏ ଦୁନିଆରେ କିଛି ବି ନାହିଁ ବୋଲି ସମସ୍ତେ ଭୁଲିଯାଇଛନ୍ତି। ସେହିପରି ସମ୍ମାନିତ ଅତିଥି ଭାବେ ଅଭିନେତା ପପୁ ପମପମ୍ ଓରଫ୍ ତତ୍ତ୍ୱପ୍ରକାଶ ଶତପଥୀ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାହିତ୍ୟିକା ଡଃ ସଂଘମିତ୍ରା ମିଶ୍ର ଯୋଗଦେଇ ହାସ୍ୟ-ବ୍ୟଙ୍ଗ ଉପରେ ଆଲୋକପାତ କରିଥିଲେ। ବରେଣ୍ୟ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଗବେଷକ ବୈଷ୍ଣବ ମହାନ୍ତି, ପିପିଏଲର କର୍ପୋରେଟ ମୁଖ୍ୟ ସୁଧୀରଞ୍ଜନ ମିଶ୍ର ଯୋଗଦେଇ ଯୋଗ ଦେଇ ହାସ୍ୟବ୍ୟଙ୍ଗକୁ ମହୌଷଧି ଭାବେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମର ପରିକଳ୍ପନା ଓ ରଚୟିତା ଜ୍ଞାନ ହୋତାଙ୍କୁ ଉପସ୍ଥିତ ଅତିଥିମାନେ ଜନ୍ମଦିନର ଶୁଭେଚ୍ଛା ଦେଇଥିବା ବେଳେ ବୋଉ ଫାଉଣ୍ଡେସନ ପ୍ରତିଷ୍ଠାତା ଅତିଶ ମହାନ୍ତି ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ନବଗଠିତ ରାଜ୍ୟ ବରିଷ୍ଠ ନାଗରିକ ମହିଳା ମହାସଂଘର କାର୍ଯକାରୀ ପରିଷଦ ସଦସ୍ୟାମାନଙ୍କୁ ଙ୍କୁ ବୋଉ ଫାଉଣ୍ଡେସନ ପକ୍ଷରୁ ବରିଷ୍ଠ ଜନନେତା ପ୍ରସାଦ ହରିଚନ୍ଦନ, ଗୋଲକ ମହାପାତ୍ର, ବରିଷ୍ଠ ଆଇନଜୀବୀ ମଧୁମାଧବ ଜେନା, ପୂର୍ବତନ ପୁଲିସ ଅଧିକାରୀ ସଂଘ ସଭାପତି ସୂର୍ଯ୍ୟମଣୀ ତ୍ରିପାଠୀ ସମ୍ବର୍ଦ୍ଧିତ କରିଥିଲେ।

## ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ, ଗଡୁଛି ତଦନ୍ତ

**ଭୁବନେଶ୍ୱର,୨୪।୬:** ରାଜ୍ୟ ସରକାରଙ୍କ ବିଭାଗୀୟ ତଦନ୍ତ ଆୟୋଗ ନିକଟରେ ମୋଟ୍ ୧୭୨ଟି ମାମଲା ଥିବାବେଳେ କେବଳ ଗତବର୍ଷ ଏଥିରେ ୪୫ ମାମଲା ସାମିଲ ହୋଇଛି । ତେବେ ଏହି ମାମଲା ମଧ୍ୟରୁ ଅଧା ବି ଫଏସଲା ହୋଇପାରିନାହିଁ। ରାଜ୍ୟ ସରକାରଙ୍କ ଦୋଷୀ ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ତଦନ୍ତ ନିମନ୍ତେ ୧୯୮୪ ମସିହାରୁ ବିଭାଗୀୟ ତଦନ୍ତ ଆୟୋଗ (ସିଡିଆଇ) କାର୍ଯ୍ୟ କରିଆସୁଛି । ଓଡ଼ିଶା ସରକାରଙ୍କ ଦୋଷୀ ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ ସମସ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗୁଡିକର ତଦନ୍ତ ଦାୟିତ୍ୱ ଆୟୋଗ ଉପରେ ନ୍ୟସ୍ତ ଥିବାବେଳେ ୨୦୨୩ ଡିସେମ୍ବର ପର୍ଯ୍ୟନ୍ତ ଆୟୋଗଙ୍କ ନିକଟରେ ୧୨୭ଟି ମାମଲା ବିଚାର ପାଇଁ ରହିଥିଲା। ଗତବର୍ଷ ମଧ୍ୟରେ ଆଉ ୪୫ଟି ମାମଲା ଯୋଡି ହେବାପରେ ମାମଲା ସଂଖ୍ୟା ୧୭୨ରେ ପହଞ୍ଚିଛି। ତେବେ ଏଥିରୁ ମାତ୍ର ୮୧ଟି ମାମଲାର ସମାଧାନ ହୋଇଥିବା ଜଣାଯାଇଛି। ବର୍ତ୍ତମାନ ୯୧ଟି ଶୃଙ୍ଖଳାଗତ ମାମଲା ଅନୁସନ୍ଧାନ ଚାଲିଥିବାବେଳେ ଏହା କେବେ ସରିବ ତାହାର କୌଣସି ନିଶ୍ଚିତତା ନାହିଁ । ତେବେ ମୁଖ୍ୟ ଶାସନ ସଚିବ ଜାରି କରିଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ସିଡିଆଇ ନିକଟରେ ଯେଉଁ ମାମଲା ପହଞ୍ଚିବ ତାହାର ସମାଧାନ ୯୦ ଦିନ ମଧ୍ୟରେ ସରିବା କଥା । ହେଲେ ଅଧିକାଂଶ କ୍ଷେତ୍ରରେ ତାହା ହୁଏ ନାହିଁ। ମାମଲାର ତଦନ୍ତକାରୀ ଅଧିକାରୀ ବିଭିନ୍ନ ଆଳ ଦେଖାଇ ସମୟ ଗଡାଉଥିବା ଲକ୍ଷ୍ୟ କରାଯାଏ । କେତେବେଳେ ମାମଲା ସହ ଜଡିତ କାଗଜପତ୍ର ମିଳନଥାଏ ତ ଆଉ କେତେବେଳେ ସାକ୍ଷୀ ଆସିନଥାନ୍ତି। ଫଳରେ ବର୍ଷ ବର୍ଷ ଧରି ଆୟୋଗଙ୍କ ନିକଟରେ ମାମଲା ଗଡି ଚାଲିଥାଏ। କେବେଳ ଆୟୋଗଙ୍କ ନିକଟରେ ଅନୁସନ୍ଧାନ ପାଇଁ ରହିଥିବା ମାମଲା ନୁହେଁ, ବିଭିନ୍ନ ବିଭାଗରେ ମଧ୍ୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଲମ୍ବା ସମୟ ଧରି ଗଡି ଚାଲିଥାଏ। ଏପରିକି ଚାକିରିରେ ଥିବା ସମୟରେ ଯେଉଁ ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ ଏହା ଆରମ୍ଭ ହୋଇଥାଏ କେତେକ କ୍ଷେତ୍ରରେ ସେମାନଙ୍କ ଅବସର ପରେ ମଧ୍ୟ ଏହା ସରିନଥାଏ। ଦୋଷୀ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ଆରମ୍ଭ ହେଉଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନକୁ ଧାର୍ଯ୍ୟ ସମୟ ଭିତରେ ସାରିବାପାଇଁ ନିୟମ ରହିଥିଲେ ମଧ୍ୟ ଏହାକୁ ଗୁରୁତ୍ୱ ଦିଆଯାଉନଥିବାରୁ ଏ କ୍ଷେତ୍ରରେ ଦଣ୍ଡ ହାର ଢେର କମ୍ ରହୁଛି । ଏପରିକି ବିଭିନ୍ନ ଦୁର୍ନୀତି ମାମଲାରେ ଥିବା କର୍ମଚାରୀ ଓ ଅଧିକାରୀମାନେ ଖସିଯିବାରେ ସକ୍ଷମ ହେଉଛନ୍ତି। ତେଣୁ ମୁଖ୍ୟ ଶାସନ ସଚିବଙ୍କ ମାର୍ଗଦର୍ଶିକା ଆଧାରରେ ଧାର୍ଯ୍ୟ ସମୟ ମଧ୍ୟରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ତଦନ୍ତ ସରିବ ସେ ଦିଗରେ ପଦକ୍ଷେପ ନେବାକୁ ମତ ପ୍ରକାଶ ପାଉଛି। (ତଥ୍ୟ)

# ଗଣତନ୍ତ୍ର ହତ୍ୟା ଦିବସରେ ଅବହେଳିତ ଜୟପ୍ରକାଶ

**ଭୁବନେଶ୍ୱର,୨୫।୬:** ସରକାର ଓ ଶାସକ ଦଳ ଦେଶରେ ଜାରି ହୋଇଥିବା ଜରୁରୀ ପରିସ୍ଥିତିର ୫୦ ବର୍ଷ ପୂର୍ତ୍ତିକୁ ଗଣତନ୍ତ୍ର ହତ୍ୟା ଦିବସ ଭାବେ ପାଳନ କରୁଥିବା ବେଳେ ଯେଉଁ ଜନନାୟକଙ୍କ ଦେଶ ବ୍ୟାପୀ ଗଣଆନ୍ଦୋଳନ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କୁ ସାରା ଦେଶରେ ଏମର୍ଜେନ୍ସି ଜାରି କରିବାକୁ ବାଧ୍ୟ କରିଥିଲା, ସେହି ମହାମାନବଙ୍କୁ କିନ୍ତୁ ନେତାମାନେ ଭୁଲିଯାଇଛନ୍ତି।

ଉଲ୍ଲେଖନୀୟ ଯେ ଇନ୍ଦିରା ଗାନ୍ଧିଙ୍କ ସରକାରର ଦୁର୍ନୀତି, ଭ୍ରଷ୍ଟାଚାର ଓ ଏକଛତ୍ରବାଦୀ କାର୍ଯ୍ୟକଳାପ ବିରୋଧରେ ଗାନ୍ଧୀବାଦୀ ନେତା ତଥା ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଲୋକନାୟକ ଜୟପ୍ରକାଶ ନାରାୟଣ ସାରା ଦେଶରେ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନ ଚଳାଇଥିଲେ। ଏଥିରେ ସର୍ବୋଦୟ ସଂଗଠନ ସମେତ ଲୋକଦଳ, ଜନସଂଘ, ସଂଗଠନ କଂଗ୍ରେସ, ସୋସିଆଲିଷ୍ଟ ପାର୍ଟି ଆଦି ସାମିଲ ହୋଇଥିଲେ। ଦେଶର କୃଷକ, ଶ୍ରମିକ, ଛାତ୍ର, ଯୁବକ, ମହିଳାଙ୍କ ସମେତ ବିଭିନ୍ନ ବର୍ଗ ଏହି ଆନ୍ଦୋଳନରେ ଖାସ ଦେଇଥିଲେ।

୧୯୭୫ ଜୁନ୍ ୧୨ରେ ଆହ୍ଲାବାଦ୍ ହାଇକୋର୍ଟ ଇନ୍ଦିରା ଗାନ୍ଧିଙ୍କ ଲୋକସଭା ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ପରେ ଜୁନ୍ ୨୪ରେ ସୁପ୍ରିମକୋର୍ଟ ତାଙ୍କ ଆବେଦନର ଶୁଣାଣି କରି ତାଙ୍କ ଇଚ୍ଛା ମୁତାବକ ଅନ୍ତରୀଣ ଆଦେଶ ଦେଇନଥିଲେ। ଏହି ପରିପ୍ରେକ୍ଷୀରେ ଇନ୍ଦିରା ଇସ୍ତଫା ଦେବା ପରିବର୍ତ୍ତେ ଜୁନ୍ ୨୫ରେ ସମ୍ବିଧାନର ୩୫୨ ଧାରା ଅନୁଯାୟୀ ଜାତୀୟ ଜରୁରୀ ପରିସ୍ଥିତି ଜାରି କରିବା ସଙ୍ଗେ ସଙ୍ଗେ ସମ୍ବାଦପତ୍ର ଉପରେ କଟକଣା ଜାରି କରିଥିଲେ। ଜରୁରୀ ପରିସ୍ଥିତି ସମୟରେ ଲୋକନାୟକ ଜୟପ୍ରକାଶଙ୍କ ସମେତ ଲକ୍ଷାଧିକ ନେତା ଓ ତାଙ୍କ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନର ସ୍ୱେଚ୍ଛାସେବକମାନଙ୍କୁ ଗିରଫ କରାଯାଇ ଜେଲ୍‌ରେ ଅଟକ ରଖାଯାଇଥିଲା। ୨୧ ମାସ ଧରି ଜରୁରୀ ପରିସ୍ଥିତି ଜାରି ରହିଥିଲା ଓ ପରିଣାମ ସ୍ୱରୂପ ୧୯୭୭ର ସାଧାରଣ ନିର୍ବାଚନରେ ଜୟପ୍ରକାଶଙ୍କ ଦିଗ୍‌ଦର୍ଶନରେ ଗଠିତ ଜନତା ପାର୍ଟି କେନ୍ଦ୍ରରେ କ୍ଷମତା ଦଖଲ କରିଥିଲା। ଜେଲ୍ ଭିତରେ ଠିକଣା ଚିକିତ୍ସା ନପାଇ ଜୟପ୍ରକାଶଙ୍କ ସମେତ



ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓ ଅନ୍ୟ ବହୁନେତା ଓ କର୍ମୀ ଗୁରୁତର ସ୍ୱାସ୍ଥ୍ୟ ସଂକଟରେ ପଡ଼ିଥିଲେ। ଏହା ସେମାନଙ୍କ ମୃତ୍ୟୁର କାରଣ ହୋଇଥିଲା। ଏମର୍ଜେନ୍ସିର ସ୍ମୃତି ରୋମନ୍ଥନ କରିବା ପାଇଁ ସରକାର ଓ ଶାସକ ଦଳ ଆଜି ଗଣତନ୍ତ୍ର ହତ୍ୟା ଦିବସ ପାଳନ କରୁଥିବା ବେଳେ ଜୟପ୍ରକାଶ ନାରାୟଣଙ୍କୁ କିନ୍ତୁ ଭୁଲିଯାଇଛନ୍ତି। ସଭା ସମିତିରେ ଜୟପ୍ରକାଶଙ୍କ ଜୟଗାନ କରାଯାଇଥିବା ବେଳେ ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନ୍ ଛକ ନିକଟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଫୁଲଟିଏ ବି ଦେବାକୁ କେହି ଉଚିତ ମଣିନାହାନ୍ତି। କେବଳ ଗାନ୍ଧୀବାଦୀ କର୍ମୀ ପ୍ରହ୍ଲାଦ ସିଂହ ଅପରାହ୍ନ ପ୍ରାୟ ୧ଟା ସମୟରେ ଏହି ପ୍ରତିମୂର୍ତ୍ତିର ପାଦ ତଳେ ସୂତାମାଳଟିଏ ଦେଇଥିବା ଦେଖାଯାଇଛି। ଜୟପ୍ରକାଶଙ୍କ ପ୍ରତିମୂର୍ତ୍ତି ନିକଟରେ ଅଳିଆ ଗଦା ଜମି ରହିଛି। ଏମିତିକି ମୂର୍ତ୍ତି ବସାଯାଇଥିବା ପିଣ୍ଡି ଉପରେ ବ୍ୟବହୃତ ଛିଣ୍ଡା କପଡ଼ାମାନ ପଡ଼ିଛି। ଏହା ତଳେ ବସି ନିଶାଡ଼ିମାନେ ବ୍ରାଉନସୁଗର, ଗଞ୍ଜେଇ ଭଳି ନିଶା ସେବନ କରୁଥିବା ଦେଖାଯାଇଛି। ଦେଶରୁ ଏକଛତ୍ରବାଦ, ଦୁର୍ନୀତି ଓ ଭ୍ରଷ୍ଟାଚାରର ବିଲୋପ ପାଇଁ ଯେଉଁ ଜୟପ୍ରକାଶ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନର ଲହର ସୃଷ୍ଟି କରିଥିଲେ, ତାଙ୍କ ପ୍ରତିମୂର୍ତ୍ତି ଥିବା ସ୍ଥାନକୁ ପ୍ରଶାସନ ପକ୍ଷରୁ ସଫା କରାଯାଉନାହିଁ କିମ୍ବା ଏହା ନିକଟରୁ ନିଶାଡ଼ିଙ୍କ ଆଡ୍ଡାକୁ ହଟାଇବା ଦିଗରେ ବି ଦୃଷ୍ଟି ଦିଆଯାଉନାହିଁ। ଅନ୍ୟପକ୍ଷରେ ତାଙ୍କ ପ୍ରତିମୂର୍ତ୍ତିଠାରୁ ପ୍ରାୟ ୧ କିମି ଦୂରରେ ଥିବା ଇନ୍ଦିରା ଗାନ୍ଧିଙ୍କ ପ୍ରତିମୂର୍ତ୍ତି ସ୍ଥଳକୁ ଦିନତମାମ ବାରମ୍ବାର ସଫା କରାଯାଉଛି। ତେବେ ସାମାଜିକ ଗଣମାଧ୍ୟମରେ ଏ ସଂକ୍ରାନ୍ତ ଖବର ପ୍ରଚାରିତ ହେବା ପରେ ରାଜଧାନୀରେ ପ୍ରବଳ ବର୍ଷା ସତ୍ତ୍ୱେ ଅପରାହ୍ନରେ ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଜୟପ୍ରକାଶଙ୍କ ପ୍ରତିମୂର୍ତ୍ତି ନିକଟରେ ସଫେଇ କାର୍ଯ୍ୟ କରାଯାଇଥିବା ଦେଖିବାକୁ ମିଳିଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର



# ମଣ୍ଡିରେ ଦଲାଲଙ୍କ ରାଜୁତି

ଚାଷୀଙ୍କଠାରୁ ଧାନ ସଂଗ୍ରହ ନିମନ୍ତେ ସରକାର ମଣ୍ଡି ପ୍ରତିଷ୍ଠା କରିଛନ୍ତି। କିନ୍ତୁ ସରକାରୀ ଅଫିସ ଭଳି ମଣ୍ଡି ଗୁଡ଼ିକ ଏବେ ଦୁର୍ନୀତିର ମଣ୍ଡି ସାଜିଛନ୍ତି। ମିଲର ଏବଂ ଦଲାଲଙ୍କ ମର୍ଜିରେ ମଣ୍ଡି ଚାଲିଛି। ବେପାରୀ ଚାଷୀଙ୍କଠାରୁ ଶସ୍ତାରେ ଧାନ କିଣି ମଣ୍ଡିରେ ବିକୁଛନ୍ତି। ବାହାର ରାଜ୍ୟର ବ୍ୟବସାୟୀ ଆସି ଓଡ଼ିଶା ଭିତରେ ପ୍ରତିଷ୍ଠିତ ମଣ୍ଡିରେ ଜାଲିଆତି କରି ଧାନ ବିକୁଛନ୍ତି। ପ୍ରଶାସନ ସବୁ ଜାଣି ମଧ ନିରବରେ ବସିଛି। ବେପାରୀମାନେ ହାତ ଗୁଞ୍ଜା ଦେଇ କାମ ଆଦାୟ କରୁଛନ୍ତି। ଚାଷୀ ବିଚରା ବଳି ପଡୁଛି। ପ୍ରକୃତ ଚାଷୀ ଧାନ ଗଦା କରି ଅପେକ୍ଷା କରୁଛି କେବେତେବେଳେ ଧାନ ବିକ୍ରୀ ହେବ। କିନ୍ତୁ ବର୍ଷାରେ ଧାନ ଓଦା ହୋଇ ନଷ୍ଟ ହେଉଛି ସିନା ବିକ୍ରୀ ହୋଇପାରୁନି। ଏହାକୁ କହନ୍ତି ଅନ୍ୟାୟ। ଏହା ଚାଷୀଙ୍କ ତଣ୍ଟି ଚିପିବା ସହ ସମାନ। ଭାରତ ଏକ କୃଷି ପ୍ରଧାନଦେଶ ଏବଂ ଦେଶର ଅର୍ଥନୀତି ଅନେକାଂଶରେ କୃଷି ଉପରେ ନିର୍ଭରଶୀଳ। ମୁଦ୍ରାସ୍ଫୀତି ଅନେକାଂଶରେ କୃଷି ଉତ୍ପାଦନ ଉପରେ ନିର୍ଭରଶୀଳ। ଯେତେବେଳେ ଉଭୟ ଖରିଫ ଏବଂ ରବି ଫସଲ ଉତ୍ପାଦନ ଅଧିକ ହୁଏ ସେତେବେଳେ ଅଭିବୃଦ୍ଧି ହାର ବୃଦ୍ଧି ପାଏ ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ମଧ୍ୟରେ ରହେ। କୃଷି ହେଉଛି ଭାରତର ଶକ୍ତି। ସ୍ୱାଧୀନତା ପରେ ଭାରତରେ ଖାଦ୍ୟ ଉତ୍ପାଦନ ଆଶାତୀତ ଭାବେ ବୃଦ୍ଧି ପାଇଛି। ଅନେକ ଖାଦ୍ୟରେ ଭାରତ ଆତ୍ମନିର୍ଭରଶୀଳ ହୋଇଛି। କିନ୍ତୁ ଜନସଂଖ୍ୟା ଏତେ ବଢ଼ିଯାଇଛି ଯେ, ତାହା ବି ଯଥେଷ୍ଟ ହେଉନି। ଡାଲି, ଖାଇବା ତେଲ ଭଳି ଅନେକ ଖାଦ୍ୟ ସାମଗ୍ରୀ ଆମଦାନୀ କରିବାକୁ ପଡୁଛି। କିନ୍ତୁ ଭାରତରେ ଯେତେ ଜମି ପଡ଼ିଆ ପଡୁଛି ତହାର ଯଦି ସଦୁପଯୋଗ ହୋଇପାରନ୍ତା ଏବଂ ଉପଯୁକ୍ତ ପରିମାଣର ସାର ଓ କୀଟନାଶକ ବ୍ୟବହାର ହୁଅନ୍ତା ତେବେ ଖାଦ୍ୟ ଉତ୍ପାଦନ ତିନିଗୁଣ ହୋଇପାରନ୍ତା। ବଳକା ଖାଦ୍ୟ ସାମଗ୍ରୀ ରପ୍ତାନୀ କରି ଭାରତ ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରନ୍ତା। ଏବେ ବି ଭାରତ ଅନେକ ପ୍ରକାର କୃଷିଜାତ ସାମଗ୍ରୀ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରୁଛି। ଏହାର ଶ୍ରେୟ ସମ୍ପୂର୍ଣ୍ଣ ଭାବେ ଦେଶର କୃଷକଙ୍କୁ ମିଳିବା ଉଚିତ। ଭାରତ ଆଜି ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି, ପ୍ରତିରକ୍ଷା, ମହାକାଶ ବିଜ୍ଞାନ, ଶିଳ୍ପ ସବୁ କ୍ଷେତ୍ରରେ ଅଗ୍ରଗତି ହାସଲକରିଛି। ଏହାର ପଛରେ କୃଷି ବିକାଶ ରହିଛି। ଯେତେବେଳେ ଆମ ପଡ଼ୋଶୀ ପାକିସ୍ତାନରେ ଖାଦ୍ୟାଭାବରୁ ହାହାକାର ପଡ଼ିଛି, ସେତେବେଳେ ଭାରତ ବିଦେଶକୁ ଖାଦ୍ୟ ରପ୍ତାନୀ କରୁଛି। ବିଶ୍ୱ ଅର୍ଥନୀତିରେ ସଙ୍କଟ ବେଳେ ଭାରତ ସଫଳତାର ସହ ଏହାର ମୁକାବିଲା କରିପାରିଛି। କୃଷି କ୍ଷେତ୍ରରେ ଭାରତର ସର୍ବାଧିକ ବ୍ୟକ୍ତି କର୍ମ ନିଯୁକ୍ତି ପାଇଛନ୍ତି। ଅନେକ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ମଧ ହୋଇଛି। ଏଥିରେ ମଧ ଅନେକ ନିଯୁକ୍ତି ପାଇଛନ୍ତି। ଏହାର କିନ୍ତୁ ଆହୁରି ପ୍ରସାର ସୁଯୋଗ ରହିଛି। ଚିନି ଶିଳ୍ପରେ ଲକ୍ଷ ଲକ୍ଷ ବ୍ୟକ୍ତି ନିଯୁକ୍ତି ପାଇଛନ୍ତି। ପରୋକ୍ଷରେ ମଧ କୃଷି ଉପରେ ଅନେକ ରୋଜଗାର ସୁବିଧା ପାଇଛନ୍ତି। କୃଷିଜାତ ସାମଗ୍ରୀର ପରିବହନ, ବ୍ୟବସାୟ ଉପରେ ଅନେକ ନିର୍ଭର କରି ଚଳୁଛନ୍ତି। ପଞ୍ଜାବ, ହରିୟାନା, ମହାରାଷ୍ଟ୍ର, କର୍ଣ୍ଣାଟକ, ଗୁଜରାଟ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଭଳି ରାଜ୍ୟ ଆଜି କେବଳ ଏହି କାରଣରୁ ସମୃଦ୍ଧି ହାସଲ କରିଛନ୍ତି। ସେମାନଙ୍କ ରାଜସ୍ୱ ବୃଦ୍ଧିର ଏହା ଏକ ପ୍ରମୁଖ କାରଣ। ଗୁଜରାଟ ଓ ମହାରାଷ୍ଟ୍ରରେ କପା, ଆଖୁ ଭଳି ଭଳି ଅର୍ଥକାରୀ ଫସଲ ଅନେକଙ୍କୁ ରୋଜଗାର ଦେଇଛି। ଆସାମରେ ଚା' ଶିଳ୍ପରେ ଅନେକ ନିଯୁକ୍ତି ସୁଯୋଗ ପାଇଛନ୍ତି। ଆଳୁ ଉତ୍ପାଦନରେ ପଶ୍ଚିମବଙ୍ଗ, ପିଆଜ ଉତ୍ପାଦନରେ ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ, ସେଓ ଉତ୍ପାଦନରେ ହିମାଚଳ ପ୍ରଦେଶ ଏବଂ ଜାମ୍ମୁ-କାଶ୍ମୀର ଅଗ୍ରଣୀ। ସେମାନଙ୍କ ରାଜ୍ୟର କୃଷକମାନେ ଏଥିଲାଗି ଅପେକ୍ଷାକୃତ ସ୍ୱଚ୍ଛଳ। ଓଡ଼ିଶାରେ ମଧ ବିଗତ ୫୦ ବର୍ଷ ଭିତରେ କୃଷି ଓ କୃଷକଙ୍କ କଲ୍ୟାଣ ସାଧନ ହୋଇଛି। ଓଡ଼ିଶା ଆଜି ଚାଉଳଉତ୍ପାଦନରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ। ରାଜ୍ୟର ଚାଷୀଙ୍କ ଆର୍ଥିକ ସ୍ଥିତି ଧିରେ ଧିରେ ଉନ୍ନତ ହେଉଛି। କିନ୍ତୁ ଏହା ପର୍ଯ୍ୟାପ୍ତ ନୁହେଁ। କୃଷି ଓ କୃଷକ କଲ୍ୟାଣ ନିମନ୍ତେ ଆହୁରି ଅନେକ କାମ କରିବାକୁ ଅଛି। ଓଡ଼ିଶାର ଅର୍ଥନୀତି ମଧ ଅନେକାଂଶରେ କୃଷି ଉପରେ ନିର୍ଭରଶୀଳ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା କୃଷକଙ୍କ ସ୍ୱାର୍ଥ ରକ୍ଷା ଲାଗି ସରକାର ବିଶେଷ ପ୍ରୟାସ କରୁନାହାଁନ୍ତି। କୃଷିଜାତ ସାମଗ୍ରୀର ଏମଏସପି ପ୍ରତିବର୍ଷ ବୃଦ୍ଧି ପାଉଛି। କିନ୍ତୁ କୃଷକଙ୍କ ପାଇଁ ବଜାର ବ୍ୟବସ୍ଥା ସୁଦୃଢ଼ ନୁହେଁ। ଫଳରେ ଅନେକ ଚାଷୀ ଅଭାବୀ ବିକ୍ରିର ଶୀକାର ହେଉଛନ୍ତି। ଅକ୍ଳାନ୍ତ ପରିଶ୍ରମ କରି ଚାଷୀ ଯେତିକି ରୋଜଗକାର କରିପାରୁନି, କୃଷିଜାତ ସାମଗ୍ରୀର ବ୍ୟବସାୟ କରି ଜଣେ ତାଠାରୁ ଅଧିକ ସ୍ୱଚ୍ଛଳ ଜୀବନ ଯାପନ କରିପାରୁଛି। ଏହାର ମୁଖ୍ୟ କାରଣ ହେଲା ଚାଷୀଙ୍କୁ ଶୋଷଣ। ପ୍ରତି କ୍ଷେତ୍ରରେ ଚାଷୀ ଶୋଷଣ ଏବଂ ଅନ୍ୟାୟର ଶିକାର ହେଉଛି। ଉଦାହରଣ ସ୍ୱରୂପ ସରକାର ଚାଷୀଙ୍କଠାରୁ ସର୍ବ ନିମ୍ନ ସହାୟକ ଭୂଲ୍ୟ(ଏମଏସପି)ରେ ଧାନ କିଣିବାକୁ ମଣ୍ଡି ଖୋଲିଛନ୍ତି। ଚାଷୀ ମଣ୍ଡିକୁ ଯାଇ ଧାନ ବିକିଲେ ଭଲ ମୂଲ୍ୟ ପାଇବ ବୋଲି ଧାନ ବସ୍ତା ନେଇ ମଣ୍ଡିକୁ ଯାଉଛି। ଏଥିପାଇଁ ଚାଷୀଙ୍କୁ ପୂର୍ବରୁ ପଞ୍ଜିକୃତ ହେବାକୁ ପଡ଼ିବ। ଧାନ ନେବା ପରେ ତାଙ୍କୁ ଟୋକନ ମିଳିବ। ଏହି ଟୋକନ ଦେଖାଇ ଧାନ ବିକ୍ରି କରିପାରିବେ। ଏକର ପିଛି ଜଣେ ଚାଷୀ କେତେ ଧାନ ବିକ୍ରୀ କରିପାରିବ ତାହା ମଧ ନିର୍ଦ୍ଧାରିତ ହୋଇଛି। ଧାନ ବିକ୍ରୀ କରିବା ପରେ ଡିବିଟି ମାଧମରେ ତାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଯିବ। ବ୍ୟବସ୍ଥା ଭଲ। କିନ୍ତୁ ଏହି ବ୍ୟବସ୍ଥା ଭିତରେ ଏତେ ଅବ୍ୟବସ୍ଥା ରହିଛି ଯେ ତାହା ଅନେକ ଚାଷୀଙ୍କୁ ମଣ୍ଡିକୁ ଧାନ ନେଇ ଯିବାରେ ନିରୁତ୍ସାହିତ କରୁଛି। ଏହାର ଫାଇଦା ଉଠାଇ ଅନେକ ବ୍ୟବସାୟୀ ଚାଷୀଙ୍କଠାରୁ ସ୍ୱଳ୍ପ ମୂଲ୍ୟରେ ଧାନ କିଣି ନିଜେ ମଣ୍ଡିକୁ ଯାଉଛନ୍ତି କିମ୍ବା ଏହାକୁ ଚାଉଳ କରି ଚଢ଼ା ଦରରେ ବିକ୍ରୀ କରୁଛନ୍ତି। ତେଣୁ ଚାଉଳ ଦର ବଢୁଛି। ଭାରତରେ ଅଧିକାଂଶ ଚାଷୀ ହେଉଛନ୍ତି ସରଳ ଏବଂ ଅଶିକ୍ଷିତ। ସେମାନେ ଏତେ ନିୟମ କାନୁନ ସହିତ ଅଭ୍ୟସ୍ତ ବା ପରିଚିତ ନୁହଁନ୍ତି। ତେଣୁ ମଣ୍ଡିରେ ଧାନ ବିକ୍ରୀ ବ୍ୟବସ୍ଥା ସରଳ ହେବା ଉଚିତ। ଅଭିଯୋଗ ହେଉଛି ଯେ, ମଣ୍ଡିରେ ଧାନ ବିକ୍ରୀ ବେଳେ ଏଫଏକ୍ୟୁ ନିୟମକୁ କଡ଼ାକଡ଼ି କରାଯାଉଛି। ଅଦିନିଆ ବର୍ଷାରେ ଫସଲ ହାନି ବା ଧାନର ମାନ ହ୍ରାସ ପାଇଲେ ଏହାର ବିକ୍ରୀ ସହଜ ହେଉନି। ଆଉ ପ୍ରତି କୁଇଣ୍ଟାଲ ଧାନରେ ୧୦/୧୨ କେଜି ଧାନ କାଟି ଦିଆଯାଉଛି। ଅର୍ଥାତ ଜଣେ ଚାଷୀ ୧୦ କୁଇଣ୍ଟାଲ ଧାନ ବିକିଲେ ତାକୁ ୯ କୁଇଣ୍ଟାଲ ଧାନର ମୂଲ୍ୟ ମିଳୁଛି। ମଣ୍ଡିରେ ଧାନର ଏହି କଟନି ଛଟନି ଏକପ୍ରକାର ଦୁର୍ନୀତିର ପରିଣତ ହୋଇଛି। କେବଳ ଚଳିତ ବର୍ଷ ନୁହେଁ, ପ୍ରତିବର୍ଷ ଏଭଳି କଟନି ଛଟନି ଚାଲୁଛି। ସବୁ ବେଳେ ବିଧାନସଭା ଭିତରେ ଓ ବାହାରେ ଏହା ଉପରେ ଆଲୋଚନା, ସମାଲୋଚନା, ତୁମ୍ବି ତୁଫାନ ହେଉଛି। ସରକାର ପ୍ରତିଶ୍ରୁତି ଦେଉଛନ୍ତି ଯେ, କଟନି ଛଟନି ବନ୍ଦ କରିବାକୁ କଡ଼ା ପଦେÿପ ନିଆଯିବ। କିନ୍ତୁ ସ୍ଥିତିରେ କିଛି ଉନ୍ନତି ବା ପରିବର୍ତ୍ତନ ଆସୁନି। ଚାଷୀ ସଙ୍ଗଠନ ଗୁଡ଼ିକ ଏହା ବିରୋଧରେ ରାସ୍ତାକୁ ଓହ୍ଲାଇଲେ ମଧ କିଛି ଫରକ ପଡୁନି। ଗୋଟିଏ ପଟେ କେନ୍ଦ୍ର ସରକାର ଧାନର ଏମଏସପି ବୃଦ୍ଧି କରିଛନ୍ତି। ରାଜ୍ୟ ସରକାର ଧାନ କୁଇଣ୍ଟାଲ ପିଛା ୮୦୦ ଟଙ୍କା ବୋନସ ଦେଉଛନ୍ତି। ରାଜ୍ୟର ଚାଷୀଙ୍କୁ ସାଧାରଣ ଧାନ କୁଇଣ୍ଟାଲ ପିଛା ୩୧ଶହ ଟଙ୍କା ଦେବାକୁ ଘୋଷଣା କରାଯାଇଛି। କିନ୍ତୁ ଏହି ଘୋଷଣାର କିଛି ମୂଲ୍ୟ ନାହିଁ। କଟନି ଛଟନିରେ ଚାଷୀ ବୋନସ ଅର୍ଥ ହରାଉଛନ୍ତି। ନିକଟରେ ବାଲେଶ୍ୱର ଜିଲ୍ଲାପାଳ ସାଧାରଣ ଚାଷୀ ବେଶରେ ମଣ୍ଡିକୁ ଯାଇ ଧାନ ବିକିବାକୁ କହିବା ବେଳେ ବାସ୍ତବ ସ୍ଥିତି ଜାଣିବାକୁ ପାଇଛନ୍ତି। ଏଥିନେଇ ସେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ମଧ ନେଇଛନ୍ତି। କିନ୍ତୁ ଏହା କେବଳ ଧର୍ମକୁ ଆଖିଠାର ସଦୃଶ। ସାରା ରାଜ୍ୟରେ ଏପରି କଟନି ଛଟନି ଚାଲୁଥିବା ବେଳେ କେତେ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ? ବିଧାନସଭାରେ ଏହାକୁ ନେଇ ବିରୋଧୀ ଗର୍ଜିଛନ୍ତି। କିନ୍ତୁ ଆଜି ଯେଉଁମାନେ ବିରୋଧୀ ଆସନରେ ବସିଛନ୍ତି ସେମାନେ କାଲି ଶାସନ କ୍ଷମତାରେ ଥିବା ବେଳେମଧ ଏହା ଚାଲୁଥିଲା। ଏଥିପାଇଁ ପୁରା ବ୍ୟବସ୍ଥା ଦାୟୀ। ଏହାକୁ ରୋକିବାକୁ ହେଲେ ବ୍ୟବସ୍ଥାରେ ଆମୂଳଚୁଳ ପରିବର୍ତ୍ତନର ଆବଶ୍ୟକତା ରହିଛି। ସବୁ ବ୍ୟବସ୍ଥାରେ କିଛି ଅନିୟମିତତା ରହିବ। କିଛି ଦୁର୍ନୀତି ଓ ଶୋଷଣ ହେବ। କିନ୍ତୁ ଏଥିରେ ସାଧାରଣ ହିତାଧିକାରୀ ଯେପରି ଅସୁବିଧାର ସମ୍ମୁଖୀନ ନହୁଏ ଏବଂ ଅନ୍ୟାୟର ଶିକାର ନହୁଏ ତାହାକୁ ସୁନିଶ୍ଚିତ କରାଯିବା ଉଚିତ। ଚାଷୀମାନେ ଦିନ ଦିନ ଧରି ଖରା ବର୍ଷା ଶୀତ କାକରରେ ଯେପରି ମଣ୍ଡି ଆଗରେ ଧାନ ରଖି ଜଗି ରହୁଛନ୍ତି ତହା ଦୁର୍ଭାଗ୍ୟଜନକ ଏବଂ ଚିନ୍ତାର ବିଷୟ। ଏଥିପାଇଁ ଯିଏ ଦାୟୀ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଅଦିନିଆ ବର୍ଷାରେ ମଣ୍ଡିରେ ପଡ଼ିଥିବା ଧାନ ଖରାପ ହେଲେ ଏଥିନିମନ୍ତେ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବା ଉଚିତ।

# ଭଗବାନ ହିଁ ବେକାରୀ ହଟାଉଛନ୍ତି, ଅନ୍ନ ଦେଉଛନ୍ତି



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଭଗବାନ ପ୍ରକୃତିର ସ୍ରଷ୍ଟା ସଞ୍ଚାଳକ ଓ ଆବଶ୍ୟକ ମନେ କରିଲେ ଧ୍ୱଂସକାରୀ ସୃଷ୍ଟି ଆରମ୍ଭରୁ ଅନୁଧାନ କେହି କରିଲେ ବୁଝିପାରିବେ। ଅନେକ ଜୀବ ଜନ୍ତୁଙ୍କୁ ଆହାର ସେହି ହିଁ ବ୍ୟବସ୍ଥା କରୁଛନ୍ତି। ଥରେ ମୋର ମନରେ ଆସିଲା ବ୍ରହ୍ମପୁର ସନ୍ନିକଟ ମନ୍ଦିରିର ଭୈରବୀଙ୍କୁ ଦର୍ଶନ କରିବା। ସତରେ ଯେମିତି ଭୈରବୀଙ୍କର ଆକର୍ଷଣ ମୋ ଉପରେ ଜୋରଦାର ହେଲା, ପଇସା ନାହିଁ ଯେ ସୌକରେ ସରଳରେ ଯେ କୌଣସି ମୁହୂର୍ତ୍ତରେ ଚାଲିଯିବି। ହୁଏତ ଏଇ ଦେବୀ ମାଆ ସେ ଉପାୟ ହୁଏତ କରିଦେଲେ। ମୋର ବୃତ୍ତି ଜ୍ୟୋତିଷିକ ପରାମର୍ଶ ଦେବା, ଏଥିରେ ଜଣେ ସେବା ରହିତ ସରକାରୀ ବଡ଼ବାବୁ କମିଶନର ମୋ ପାଖକୁ ହଠାତ୍ କିଛି ପରାମର୍ଶ କରିବାକୁ ଆସିଥିଲେ। ମୋତେ ସାଥିରେ ଭୁବନେଶ୍ୱର ବାସଭବନକୁ ତାଙ୍କ ଗାଡ଼ିରେ ନେଇ ଗଲେ ମୁଁ ତାଙ୍କର ଘର ଓ ଜନ୍ମ କୁଣ୍ଡଳୀ ଅନୁଧାନ କରି କିଛି ସମସ୍ୟାରେ ଉପଦେଶ ଦେଲି। ସେ ତାକୁ ଶୁଣି ଆଶ୍ଚର୍ଯ୍ୟ ହେଲେ ସେଥିରୁ ସେ ଜଣେ ମହାବୀର ହନୁମାନଙ୍କ ଆନୁଗତ୍ୟ ମୋ କଥାକୁ ତାଙ୍କର ଜୀବନରେ ଘଟିଥିବା ମିଶାଇ ଆଶ୍ଚର୍ଯ୍ୟ ହେଲେ ଶେଷରେ ଅର୍ଥ ଦକ୍ଷିଣା କଥା ଉଠିଲା ମୁଁ ତାଙ୍କୁ କହିଲି ମହାଭାଗ ରାଜାରାଜୁଡ଼ାଙ୍କ ପାଖରୁ ଦକ୍ଷିଣା ପଇସାରେ ନିଆଯାଏ ନାହିଁ କରୁଣାରେ ନିଆଯାଏ। କୌଣସି ହୁକୁମ ଆଶା କରାଯାଏ। ସେ ଆହୁରି ଆଶ୍ଚର୍ଯ୍ୟ ହେଲେ ଏ ବିଷୟ ପୁନଃ ଆଲୋଚନା କଲେ ମୁଁ ତାଙ୍କୁ କହିଲି ମହାଭାଗ ସରକାର ସମସ୍ତଙ୍କର ଦରମା ମଜୁରୀ ମୂଳ ଧାର୍ଯ୍ୟ କରୁଛନ୍ତି ବେଳକୁ ବେଳ ବଢ଼ାଉଛନ୍ତି ହେଲେ ପ୍ରତ୍ୟେକ ହିନ୍ଦୁ ଗୃହରେ କିଛି ବ୍ରାହ୍ମଣଙ୍କର ସେବା ରହିଛି ଯଥା ଶ୍ରାଦ୍ଧ, ବିବାହ, ପିଲାର ଜନ୍ମଦିନ, ଏକୋଇଶା, ବାର୍ଷିକ ଜନ୍ମଦିନ, ବାତ୍ସରିକ ଶ୍ରାଦ୍ଧ, କାହାରି ବିବାହାଦି କ୍ରିୟା, ଗୃହାରମ୍ଭ, ଗୃହ ପ୍ରତିଷ୍ଠା ଏଥିରେ ସାମିଲ ଥିବା ପୁରୋହିତ ବ୍ରାହ୍ମଣ ମାନଙ୍କର ମଜୁରୀ ମୂଳ ଧାର୍ଯ୍ୟ କରିବା କେବେ ଭାବିଛନ୍ତି କି? ଏକ ଉପରେ ଠାଉରିଆ ଦକ୍ଷିଣ ବାହାନାରେ କିଛି ଦେଇ ପ୍ରଣାମ କରିଦେଲେ କ'ଣ ସେ ବ୍ୟକ୍ତିଙ୍କର ସମୟ ଦେବାର ମୂଲ୍ୟ ମିଳି ଯାଉଛି କି? ସେ କହିଲେ ଏମିତି ଆମ ପରମ୍ପରାରେ ସରକାରୀ ନୀତିରେ ଏ ପର୍ଯ୍ୟନ୍ତତ ହୋଇନାହିଁ ସରକାରୀ ସମସ୍ୟା ହେଉଛି ବ୍ୟାପକ ଶ୍ରମକାରୀ ବ୍ୟକ୍ତିଙ୍କର ସମସ୍ୟା ବୁଝି ଏକ ଦ୍ୱିପକ୍ଷୀୟ ବ୍ୟବସ୍ଥାରେ କଳି ନହେବା ସ୍ତରକୁ ନିଜେ ହସ୍ତକ୍ଷେପ କରି ଏକ କାନୁନ କରି ସମାଧାନ ସ୍ଥାୟୀ କରି ରଖିବା। ବେଳକୁ ଦରଦାମ ବଢୁଛି ଏହାକୁ ସମ୍ମୁଖରେ ରଖି ଏପରି ବ୍ୟବସ୍ଥା ବେଳକୁ ବେଳ କରାଯାଏ ମାତ୍ର ମନ୍ଦିର ପୂଜନ ଦେବ ସେବକ ପୁରୋହିତ ଧର୍ମୀୟ ବ୍ୟବସ୍ଥାରେ ଜଡ଼ିତ ପୁରୋହିତ, ପୁରାଣ ପଣ୍ଡାଙ୍କ ବ୍ୟବସ୍ଥା ତାଙ୍କ ଯେଜମାନଙ୍କ ଦ୍ୱାରା ହିଁ ସମ୍ପାଦିତ ହୋଇଆସୁଛି। ଏହା ଗରିବ ଯେଜମାନ ଧନୀ ଯେଜମାନଙ୍କ ଅର୍ଥବଳ ଉପରେ ଦକ୍ଷିଣା ଦେୟ ପୁରୋହିତ ତାଙ୍କର ଆଶୀର୍ବାଦରେ ଆଗକୁ ବଢ଼ାଇ ବଂଶାନୁକ୍ରମିକ ପୁରୋହିତ ଯେଜମାନ ବଞ୍ଚି ରହିବେ।

ମୁଁ କହିଲି ଏଠାରେ କିନ୍ତୁ ଲାଗୁଛି ଯେଉଁ ପୁରୋହିତ ପିଲାଟିଏ ଜନ୍ମରେ ତାର ନାମକରଣ କରିଥିଲେ ସେ ପିଲାର ୨୫ ବର୍ଷ ପରେ ବିଦ୍ୟାର୍ଜନ କରି ଚାକିରୀ କରି କୌଣସି ସହରରେ ଘରଟିଏ କଲା କି ଘରଟିଏ କିଣିଲା ଏହାର ପୂଜା ସେହି ନାମକରଣକାରୀ ପୁରୋହିତ ବା ବଂଶଜ ଲୋକଙ୍କୁ ସେ ସାମିଲ କରୁଛନ୍ତି କି? ଶାସନ କହିଲେ ରାଜ୍ୟ ଦେଶ ଜିଲ୍ଲା ପ୍ରଶାସନକୁ ବୁଝାଏ



ସତ୍ୟ ମାତ୍ର ଶାସନ ବ୍ରାହ୍ମଣଙ୍କ ଗୋଷ୍ଠୀଗତ ବାସସ୍ଥାନ ବ୍ରାହ୍ମଣ ପଲ୍ଲୀରେ ହିଁ ରହିଥିଲା। ଏଠାରେ ଧର୍ମଶାସ୍ତ୍ର, ସ୍ମୃତିଶାସ୍ତ୍ର, ଶାସ୍ତ୍ରୀୟ ନ୍ୟାୟ ବ୍ୟବସ୍ଥାର ଚର୍ଚ୍ଚା ହେଉଥିଲା। ଲୋକେ କର୍ମକାଣ୍ଡ ଶିକ୍ଷା କରୁଥିଲେ। ଏସବୁ ବ୍ୟବସ୍ଥା ସରକାର ଧାନ ନଦେବାରୁ ବ୍ରାହ୍ମଣମାନେ ସରକାରଙ୍କ ପ୍ରଗତିଶୀଳ ଯୋଜନାର କୌଣସି ଅଂଶୀଦାର ପୁରୋହିତ କର୍ମ ମାର୍ଫତରେ ନରହି ଚାକିରୀ ପାଇଁ ଭିନ୍ନ ଭିନ୍ନ ପନ୍ଥା ଖୋଜିଲେ ଫଳରେ ଏ ଶାସ୍ତ୍ରଗୁଡ଼ିକର ଆଉ ଚର୍ଚ୍ଚା କେବେ ବ୍ରାହ୍ମଣ ପଲ୍ଲୀ ହେଉନାହିଁ ଏଣୁ ବ୍ରାହ୍ମଣଶାସନ ତୁଚ୍ଛନଚ୍ଛ। ଏବେ ବୁଲ ଭଉଁରିଆ ନନାଙ୍କୁ ଡାକି ସମସ୍ତେ କର୍ମକାଣ୍ଡର କାର୍ଯ୍ୟ ଚଳାଉଛନ୍ତି। ଏପରି ଦିନ ଆସିବ ଏ ସବୁ ତମାଦୀ ହୋଇଯିବ। ଦିନେ ସଂଖ୍ୟାଲଘୁରେ କିଛି ସମ୍ପ୍ରଦାୟଙ୍କୁ ଜନଗଣନା ତଥ୍ୟ ଅନୁଯାୟୀ ରଖାଯାଇଥିଲା। କାଳକ୍ରମେ ପ୍ରତି ୧୦ବର୍ଷରେ ଜନଗଣନା କାର୍ଯ୍ୟରେ ରେକର୍ଡ଼ କରାଯାଇ ବିଭିନ୍ନ ପରିସଂଖ୍ୟାନରେ ଲୋକଙ୍କୁ ଥଇଥାନ ବ୍ୟବସ୍ଥା ସରକାର କରୁଛନ୍ତି। ରୋଜଗାର ବ୍ୟବସ୍ଥା କରୁଛନ୍ତି। ଏପରିକି କିଛି ସମ୍ପ୍ରଦାୟର ମଧ୍ୟରେ ଆର୍ଥିକ ଅନାଟନ ଭୋକ୍ତା ମାନଙ୍କୁ ସ୍ୱଳ୍ପମୂଲ୍ୟ ବନାମ ମାତ୍ର ମୂଲ୍ୟରେ ନେଇ ଗହମ, ଚାଉଳ ଆଦି ଦ୍ରବ୍ୟ ଯୋଗଉଛନ୍ତି କିନ୍ତୁ ବାଟ ମାରଣା ଓ ସ୍ୱାର୍ଥାନ୍ୱେଷୀ କେତେକ ସରକାରୀ ଗୁମାସ୍ତା ପ୍ରକୃତ ଯୋଗ୍ୟ ଉପଭୋକ୍ତାଙ୍କୁ ଏହା ପ୍ରାପ୍ତିରୁ ବଞ୍ଚିତ କରୁଛନ୍ତି? ଏଥିରେ ଏହି ଦରିଦ୍ର ବ୍ରାହ୍ମଣ ପରିବାର ଯେ ଅନେକ ରହି ଯାଉଛନ୍ତି କେହି ଅନୁଧାନ କରିଛନ୍ତି କି?

୨୦୨୧ରେ ଜନଗଣନା ୨୦୧୧ ପରେ ହେବା କଥା ଏ ମଧ୍ୟରେ ଅନେକ ସଂଖ୍ୟାଲଘୁ ସିଡୁଲକାଷ୍ଟ ଓବିସିରୁ ଭଲ ରୋଜଗାରୀ ହୋଇଗଲେଣି ଯେଉଁ ରିଜରଭେସନ ପ୍ରକ୍ରିୟା ସରକାର ଲଗାଇ ରଖିଥିଲେ ତାର ପୁର୍ନବିଚାର ଆବଶ୍ୟକ କି ନାହିଁ? ସେ ମହାଭାଗ ବୁଢ଼ା ରାଜା ତାଙ୍କର ନଖ ଅଛିନା ଦାନ୍ତ ଅଛି ସେ କହିଲେ ମୁଁ କିଛିଙ୍କୁ ଏପରି ବ୍ୟବସ୍ଥା ପରିବର୍ତ୍ତନକୁ କହିବି? ମୁଁ ପୁଣି ଗାଡ଼ିରେ ମୋ ବାସସ୍ଥାନକୁ ଫେରି ଆସିଲି। ପ୍ରକୃତରେ ଭଗବାନ ସମସ୍ତଙ୍କୁ ଅଦାର ବୃତ୍ତି ଦେଉଛନ୍ତି ଐରାବତରୁ ଉଇ ଯାଏ ସେ ଭରସା ଅନ୍ନ ଯୋଗାଣ ତାଙ୍କର ଭୂମିକା, ଦେଖ ଦିନେ ଟେଲିଗ୍ରାମ ଥିଲା ଟରେ ଟକା ସଙ୍କେର ଖବର ସେତେବେଳେ କାମିକା ଏବେ ମୋବାଇଲରେ ପେଜର ସହିତ ଫୋନ ଜଡ଼ିତ ଟିଭି ଦର୍ଶନ ରଦ୍ଧ ସିନେମା ହଲକୁ ଦର୍ଶକ ଅଭାବ, ରେଲଗାଡ଼ି ଯାତ୍ରୀଙ୍କ ଠାରୁ ଉଡାଯାହାଜ ଯାତ୍ରୀ ବଢ଼ିଲେଣି। ଧାନ କୁଟୁଣୀ, ଗରିବ ବିଧବାଙ୍କ ବୃତ୍ତି ଛେଦଲେଇ ହଲରରୁ ରେଲର ହାତ ଧାନକୁଟାରୁ ମେସିନ ଧାନକଟା ଅମଳଯନ୍ତ୍ର, ବଳଦ ହଳରୁ ଟ୍ରାକ୍ଟର ହଳ, ଶଗଡ଼ରୁ ଟ୍ରାକ୍ଟର, ଗଧ ଘୋଡ଼ାରୁ ଲୁନା, ସ୍କୁଟି, ମଟରସାଇକେଲ ଏପରି ସାଇକେଲ ରାସ୍ତାରେ କମ ଦେଖାଯାଉଛି। ତିନି ଚକିଆ ରିକ୍ସାରୁ ତିନିଚକିଆ ଅଟୋ। ଘରେ ରୋଷେଇଶାଳ ଥାଉ ଥାଉ ହୋଟେଲ ମାଳ ମାଳ। ମାଳ ମାଳ ରାସ୍ତାକଡ଼ ଜଳଖିଆ ଦୋକାନ ଚା ଦୋକାନ, ଶଗଡ଼ିଆ ବୃତ୍ତି ଏବେ ଡ୍ରାଇଭର ବୃତ୍ତି, କଟୁଆଳ ବୃତ୍ତି ପୋଲିସ ବୃତ୍ତି, ରକ୍ଷୀ ପ୍ରହରୀ ଏବେ ଅନେକ ପ୍ରକାରରେ ପ୍ରହରୀ ତିନି ଘଣ୍ଟିଆ ଡିଉଟି ବା ପ୍ରହରୁ ପ୍ରହର ଜଗି ରହିବା ବୃତ୍ତିଧର ବ୍ୟକ୍ତି। ପୂର୍ବେ ପ୍ରହରିକିଆ ବିଲୁଆ ଫେରଣ୍ଡା ବୋବାଉଥିଲେ ଏବେ ଏହା ଅଦୃଶ୍ୟ ସକାଳ କାକରବ ଅଦୃଶ୍ୟ ହେଲେ ଅଜାନ ଡାକ ମାଇକରେ ବସ୍ତୀମାନଙ୍କର ଶୁଭାଯାଉଛି। ମୋବାଇଲରେ ଆଲାର୍ମ ଦେଇ କେହି ନିଦ୍ରା ତ୍ୟାଗ କରୁଛନ୍ତି। ଘଣ୍ଟା ହାତରେ ବାନ୍ଧିବା ଏବେ କମ ମୋବାଇଲ ଏହାକୁ ସଂକୀର୍ଣ୍ଣ କରିଦେଲାଣି। ବହୁ ଜୁଲଏର ଘଣ୍ଟା ସୁନା ମହଙ୍ଗାକୁ ଚୋରୀ ଭୟ ନାରୀମାନେ ଇମିଟେସନ ଅଳଙ୍କାର ପିନ୍ଧିଲେଣି। ବସ୍ତ୍ର କେତେ ପ୍ରକାର କେତେ ଲୁଗା କପଡ଼ା ମିଲ କେତେ ଦରଜୀ ମେସିନ ଚାଲିଲାଣି। କେତେ ଖାଦ୍ୟ ପ୍ରକ୍ରିୟା କରଣ ଧନ୍ଦା ଖୋଲିଗଲାଣି। ବଢ଼େଇଙ୍କର କାଠକାମ କମାରଙ୍କ ଲୁହାକାମ ତନ୍ତୀଙ୍କ ଠକ ଠକ କି ତନ୍ତ ଲୁଗାବୁଣା, ତେଲିଙ୍କର ଘଣା ପେଡ଼ା ଗୋପାଳଙ୍କ ଦୁଗ୍ଧ ଦୁଗ୍ଧଜାତ ଦ୍ରବ୍ୟ ବିକ୍ରି ଏସବୁ ସଂସ୍କାରିତ ହୋଇ ଅନେକ ଅନେକ ବୃତ୍ତି ଧାରୀଙ୍କର ଧନ୍ଦା ହେଲାଣି। ଦିଲ୍ଲୀ ପଲ୍ଲୀଯାଏ ଦେଖ କେତେ ନେତା କୁଜିନେତା ପୁଣି ତାଙ୍କ ଆନୁଗତ୍ୟ ସେମାନେ ବି ପେଟ ପାଟଣା ଚଳାଉଛନ୍ତି। ଏସବୁ ଭଗବାନଙ୍କର କାମ, ତାଙ୍କର ଅଦୃଶ୍ୟ ପ୍ରେରଣାରେ ସମସ୍ତେ ଧାବିତ। ଏକ ଛବି ଦେଖନ୍ତୁ ଅନ୍ନପୂର୍ଣ୍ଣା ଓ ଶିବଙ୍କର ଝୋଳିପାତି ଶିବ ଅନ୍ନ ସଂଗ୍ରହ କରୁଛନ୍ତି। ଏ ଅନ୍ନପୂର୍ଣ୍ଣା ହେଉଛନ୍ତି ମାଆ ପ୍ରକୃତିରାଣୀ। ଆଉ ଔଢ଼ର ଦାନୀ ହେଉଛନ୍ତି ଶଙ୍କର ଭଗବାନ ଯେ ପ୍ରକୃତିର ଦାନକୁ ଲୋକଙ୍କୁ ଜୀବଙ୍କୁ, ବୃକ୍ଷଲତାଙ୍କୁ ଦାନ କରି ଚାଲିଛନ୍ତି।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ମୋବାଇଲ୍: ୯୪୩୭୦୩୧୨୫୩**

# ମହାଜ୍ୟୋତିମୟ ଚକ୍ରନାରାୟଣ ନୀଳଚକ୍ର



ସୌରଚନ୍ଦ୍ର ମହାପାତ୍ର

ନୀଳଚକ୍ର, ନୀଳଗିରି, ନୀଳଶୈଳ, ନୀଳକନ୍ଦର, ନୀଳସିନ୍ଧୁ ଆଦି ଦେବତା ନୀଳମାଧବ ସବୁ ନୀଳ ପୁଣ୍ୟ ନୀଳାଚଳ ଧାମରେ ଜଗତର ନାଥ ଜଗନ୍ନାଥଙ୍କ ପ୍ରତୀକ। ନୀଳଚକ୍ର ପ୍ରକାରାନ୍ତ ଦେବାୟୁଧ ସୁଦର୍ଶନ। ନୀଳଚକ୍ର ପତିତପାବନ ବାନାର ଧାରକ। ନୀଳଚକ୍ର ହିଁ ଚକ୍ର ନାରାୟଣ। ଭକ୍ତ ଓ ଭଗବାନଙ୍କ ମିଳନର ସୂତ୍ରଧର ଭାବେ ଶ୍ରୀଜଗନ୍ନାଥ ସଂସ୍କୃତିରେ ନୀଳଚକ୍ରର ଏକ ବିଶେଷ ସ୍ଥାନ ରହିଛି। ପୁରୁଷୋତ୍ତମ କ୍ଷେତ୍ରକୁ ଆସୁଥିବା ଅଗଣିତ ଭକ୍ତମାନେ ବହୁ ଦୂରରୁ ସର୍ବ ପ୍ରଥମେ ମନ୍ଦିର ଚୂଡ଼ାରୁ ନୀଳଚକ୍ରଙ୍କୁ ଦେଖି ଭକ୍ତିପୂର୍ଣ୍ଣ ନୈବେଦ୍ୟ ଅର୍ପଣ କରି ପ୍ରଭୁଙ୍କ ଦର୍ଶନ ସୁଖ ପାଇଥାନ୍ତି। ରତ୍ନ ସିଂହାସନ ଉପରେ ଆସୀନ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ ପୂର୍ବରୁ ଭକ୍ତଗଣ ପ୍ରଥମେ ଚକ୍ରରାଜଙ୍କୁ ନିଜ ନିଜର ଭକ୍ତି ଅର୍ଘ୍ୟ ଅର୍ପଣ କରିଥାନ୍ତି। ସନ୍ଥ କବି କବୀର ଦାସ ଶ୍ରୀମନ୍ଦିର ଶୀର୍ଷରେ ନୀଳଚକ୍ର ଓ ପତିତପାବନ ବାନାକୁ ଦେଖି ଆନନ୍ଦରେ ବିଭୋର ହୋଇ ଗାଇ ଉଠିଥିଲେ, ଚକ୍ର ଉପର ଧ୍ୱଜ ଫହରେ, ମାଥ ସୋହତ ହୀରା ହରି ଆଗେ ଦାସ ନାଚେ, କହତ ଦାସ କବୀର। ଶ୍ରୀଜଗନ୍ନାଥଙ୍କ ଶକ୍ତି ଓ ସାମର୍ଥ୍ୟର ପ୍ରତୀକ ଚକ୍ରରାଜ। ରୁକବେଦ ଚକ୍ରକୁ ଚିତ୍ରିତ କରେ ସୂର୍ଯ୍ୟ ଓ ସମୟ ଭାବରେ। ଚକ୍ରର ଆଦି ନାହିଁ, ଅନ୍ତ ନାହିଁ ଏବଂ ଏହାର ମୂଲ୍ୟ ଅପରିସୀମ। ଏହା ଅନ୍ତଃ କରଣର ଏକ ଉଚ୍ଛାସ, ପୂର୍ଣ୍ଣତାର ପ୍ରତିବିମ୍ବ, କ୍ରମନ୍ୱୟର ଧାରା ଓ ପ୍ରଗତିର ସଂକେତ।

ନୀଳଚକ୍ର ବିଷ୍ଣୁଙ୍କର, ବାସୁଦେବଙ୍କର ଓ ଜଗନ୍ନାଥଙ୍କର ଆୟୁଧ



ରୂପେ ଗ୍ରହଣ କରାଯାଏ। ଶ୍ରୀମନ୍ଦିରର ଚୂଡ଼ା ଉପରେ ନୀଳଚକ୍ର ଅଛି। ନୀଳାମ୍ବରଧର-ବିଷ୍ଣୁ ବା ନୀଳକାନ୍ତି ବିଗ୍ରହଙ୍କର ଚକ୍ର ମଧ ନୀଳ ଅଟେ। ଶାସନକାଳକୁ ଉତ୍ତମ ରୂପେ ଘୁରାଇ ପାରିଲେ ବା ପରିଚାଳନା କଲେ, ସ୍ୱୟଂ ବିଷ୍ଣୁ ସନ୍ତୁଷ୍ଟ ହୁଅନ୍ତି। ଏଣୁ ଶାସ୍ତ୍ର କହନ୍ତି - 'ଚକ୍ରସେବ୍ୟଂ ନୃପସେବ୍ୟଂ ନ ସେବ୍ୟଂ ନୃପକେବଳମ୍' ନୀଳଚକ୍ର ଉପରେ ପତାକା ବା ବାନା ବା ଧ୍ୱଜ ଉଡୁଛି। ପଶମ ବା ପାଟବସ୍ତ୍ରର କନାକୁ ଭିତର ପୋଖରିଆ ପାଦୁକ କୁଣ୍ଡରେ ବୁଡ଼ାଇ ଯାତ୍ରୀମାନେ ଶ୍ରୀଜଗନ୍ନାଥଙ୍କ ଠାରେ ଅର୍ପଣ କରନ୍ତି ଓ ଉକ୍ତ ଦାନା ମହୋଦଧି ଆଡ଼କୁ ଉଡାଇବାର ନିୟମ ଅଛି। ନୀଳଚକ୍ରକୁ ଦର୍ଶନ କଲାମାତ୍ରେ, ବିପଦରୁ ରକ୍ଷାମିଳେ ଓ ମୁକ୍ତିଲାଭ ହୁଏ। ନୀଳଚକ୍ରକୁ 'ଉହାଡ଼' ବା ରକ୍ଷାକବଚ ମଧ କୁହନ୍ତି। ନୀଳଚକ୍ରଙ୍କର ଏକ ବିଶେଷତ୍ୱ ହେଉଛି ଦିନର ବିଭିନ୍ନ ସମୟରେ ଏହାଙ୍କର ରଙ୍ଗର ପରିବର୍ତ୍ତନ। ପ୍ରାତଃ କାଳରେ ସୂର୍ଯ୍ୟୋଦୟ ସମୟରେ ଏହାଙ୍କର ବର୍ଣ୍ଣ ଶ୍ୱେତ ହେବାବେଳେ ଦିବସର ଅଗ୍ରଗତି ସହିତ ଏହା କ୍ରମଶଃ ଅଧିକରୁ ଅଧିକ ନୀଳବର୍ଣ୍ଣ ହୋଇ ସୂର୍ଯ୍ୟାସ୍ତ ସମୟକୁ ଆକାଶର ଲୋହିତ ରଙ୍ଗ ନୀଳଚକ୍ରର ଗାଢ଼ ନୀଳ ରଙ୍ଗ ସହ ମିଶି ଅନିର୍ବଚନୀୟ ଶୋଭା ଧାରଣ କରେ। ନୀଳଚକ୍ରରେ ସଂଯୁକ୍ତ ପତାକାକୁ ପତିତପାବନ ବାନା କୁହାଯାଇଥାଏ। ଏହାର ପ୍ରତୀକାତ୍ମକ ଅର୍ଥ ହେଉଛି ପତିତ ଜନଗଣଙ୍କୁ ଉଦ୍ଧାର କରିବା ପାଇଁ ଶ୍ରୀଜଗନ୍ନାଥ ଚେତନା ଏହା ବାହ୍ୟ ପରିପ୍ରକାଶ। ଏହି ବାନା ପ୍ରତିଦିନ ସନ୍ଧ୍ୟାରେ ପରିବର୍ତ୍ତିତ ହୋଇଥାଏ। ବର୍ତ୍ତମାନ ସମୟରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ପରାମର୍ଶ ଅନୁସାରେ ନୀଳଚକ୍ର ଓ ମନ୍ଦିର ଶୀର୍ଷଭାଗର ସୁରକ୍ଷା ଦୃଷ୍ଟିରୁ ବାନାର ଦୈର୍ଘ୍ୟ ୧୪ ଫୁଟରୁ ଅଧିକ ହେଉନାହିଁ।

ଶ୍ରୀଜଗନ୍ନାଥ ସଂସ୍କୃତିର ବହୁମୁଖୀ ବିଚାରଧାରାକୁ ଦର୍ଶାଉଥିବା ସାମ୍ୟ, ମୈତ୍ରୀ, ସଂହତିର ପ୍ରତୀକ ପତିତପାବନ ବାନା ଏବଂ ମହାଜ୍ୟୋତିମୟ ଚକ୍ରନାରାୟଣ ନୀଳଚକ୍ର ଆଜି ମଧ ପତିତ ଜନତା ଏବଂ ପରଂବ୍ରହ୍ମଙ୍କ ମଧ୍ୟରେ ସଂଯୋଗର ସେତୁ ରୂପରେ ଶ୍ରୀପୁରୁଷୋତ୍ତମ ଧାମରେ ଆକର୍ଷଣ କେନ୍ଦ୍ରବିନ୍ଦୁ ହୋଇ ରହିଛନ୍ତି। ସ୍ୱାଭିମାନ ଓ ଗୌରବର ପ୍ରତୀକ, ସାହାସ ଓ ବୀରତ୍ୱର ପ୍ରତୀକ, ଭକ୍ତି ଓ ସମର୍ପଣର ପ୍ରତୀକ, ଶୌର୍ଯ୍ୟ ଓ ବୀର୍ଯ୍ୟର ପ୍ରତୀକ, ପ୍ରୀତି ଓ ମୈତ୍ରୀର ପ୍ରତୀକ, ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣତାର ପ୍ରତୀକ, ଦୁଷ୍ଟ ବିନାଶନ ଓ ପାପ ସଂହାରଣର ପ୍ରତୀକ ଏବଂ ସର୍ବୋପରି ଜଗତର ନାଥ ଜଗନ୍ନାଥ ଦର୍ଶନର ପରିପୂର୍ଣ୍ଣତାର ପ୍ରତୀକ ଶ୍ରୀନୀଳଚକ୍ର। ଶ୍ରୀଜଗନ୍ନାଥଙ୍କ ପ୍ରିୟ ନୀଳଚକ୍ର ପତିତପାବନ ବାନା ଦର୍ଶନରେ ହିଁ ପରମ ତୃପ୍ତି ଓ ଶାନ୍ତି ମିଳେ।

**ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**
**ମୋବାଇଲ୍: ୯୪୩୭୦୦୪୪୬୬**

# ଆଦିବାସୀ ଜନନାୟକ ମନମୋହନ ଟୁଡୁ



ଦଶରଥ ହେମ୍ବ୍ରମ୍

ଜାତି, ସମାଜ କିମ୍ବା ରାଷ୍ଟ୍ରରେ ଯେତେବେଳେ ଦୁର୍ଦ୍ଦିନ ବେଳା ଆସିଥାଏ, ସେତେବେଳେ କେହି ଜଣେ ମହାପୁରୁଷ ସୃଷ୍ଟିରେ ଧରାବତରଣ କରିଥାନ୍ତି ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି। ତା'ପରେ ନିଜର ଆଦର୍ଶ, କର୍ମ ଓ ଜ୍ଞାନରେ ସମଗ୍ର ମାନବ ଜାତିର ପଥ ପ୍ରଦର୍ଶକ ରୂପେ କର୍ମ କରି ସେମାନେ ଅମରତ୍ୱ ଲାଭ କରିଥାନ୍ତି। ବ୍ୟକ୍ତି ବିଶେଷର ଏ ଗୁଣ ସେମାନଙ୍କ ବାଲ୍ୟକାଳରୁ ହିଁ ପ୍ରକାଶ ପାଇଥାଏ। ଯେମିତି ସକାଳର ସୂର୍ଯ୍ୟଠାରୁ ପାଣିପାଗର ସୂଚନା ମିଳିଥାଏ, ସେମିତି ହିଁ ବାଲ୍ୟକାଳର ବିଶିଷ୍ଟ ଗୁଣାବଳୀ ଦ୍ୱାରା ସେମାନଙ୍କ ଉତ୍ତମ ଜୀବନ ସମ୍ପର୍କରେ ସ୍ପଷ୍ଟ ଧାରଣା ମିଳିଥାଏ। ଯୁଗେଯୁଗେ ସେମାନଙ୍କର ଆବିର୍ଭାବ ଏ ଦେଶ ଓ ଜାତି ପାଇଁ ମଙ୍ଗଳମୟ ହୋଇଛି। ସେମାନଙ୍କ ତ୍ୟାଗପୂତ ଜୀବନର ମହନୀୟ କର୍ମଧାରା ପାଇଁ ମାନବ ହୃଦୟରେ ସ୍ୱତନ୍ତ୍ର ଆସନ ଅଳଙ୍କୃତ କରିପାରିଛନ୍ତି। ମାତ୍ର ନିଜର ଆଲୌକିକ ପ୍ରତିଭାରେ ଅନ୍ୟମାନଙ୍କୁ ସହଜରେ ପ୍ରଭାବିତ କରିଥାନ୍ତି। ସେଥିପାଇଁ କୁହାଯାଏ "ଗକ୍ଟକ୍ସଭସଭଶ ସ୍ୱଷକ୍ଟଙ୍ଗସ୍ୱ ସ୍ୱଷର ଯବଙ୍ଗ"। ଏହି ପ୍ରତିଭା ବାଲ୍ୟକାଳରୁ ହିଁ ସେହି ଅମର ପୁରୁଷମାନଙ୍କୁ କାର୍ଯ୍ୟକଳାପରୁ ପରିଲକ୍ଷିତ ହୋଇଥାଏ। ତେବେ ସେହି ଅମର ପୁରୁଷମାନଙ୍କ ମଧ୍ୟରୁ ସ୍ୱର୍ଗତ ମନମୋହନ ଟୁଡୁ ଅନ୍ୟତମ।

ମୟୂରଭଞ୍ଜ ଜିଲ୍ଲାର ଉଦଳା ବ୍ଲକ ଅନ୍ତର୍ଗତ ଅଦାପାଳ ଗ୍ରାମରେ ୧୯୧୮ ମସିହା, ଜାନୁଆରୀ ୧୪ ତାରିଖ ମକର ସଙ୍କ୍ରାନ୍ତିରେ ମନମୋହନ ଟୁଡୁଙ୍କ ଜନ୍ମ ହୋଇଥିଲା। ତାଙ୍କର ପିତାଙ୍କର ନାମ ଥିଲା ଫୁଦାନ ମାଝୀ। ବିଦ୍ୟାଳୟରୁ ମାଟ୍ରିକ ପାଠପଢ଼ି କୌଣସି କାରଣରୁ ଉଚ୍ଚଶିକ୍ଷାରୁ ସେ ବଞ୍ଚିତ ହେଲେ। କିନ୍ତୁ ସେ ଜଣେ ମେଧାବୀ ଛାତ୍ର ଥିଲେ। ମାତ୍ର ପାଠପଢ଼ା ଛାଡ଼ି ରାଜନୀତିରେ ପ୍ରବେଶ କରିଥିଲେ। ଜଣେ ରାଜନୀତିର ସକ୍ରିୟ କାର୍ଯ୍ୟକର୍ତ୍ତା ଭାବରେ ତାଙ୍କର ନାମ ଓଡ଼ିଶାରେ ବେଶ ସୁପରିଚିତ। କେବଳ ସେ ରାଜନେତା ନୁହନ୍ତି, ଜଣେ ସମାଜ ସଂସ୍କାରକ, ସଂଗଠକ, ରାଷ୍ଟ୍ରନୀତିଜ୍ଞ, ଗାନ୍ଧୀବାଦୀ ଏବଂ ଆଦିବାସୀ ସମାଜର ଜଣେ ଉତ୍ତମ ମାର୍ଗଦର୍ଶକ ମଧ। ସୀତା ଦେବୀଙ୍କୁ ସେ ବିବାହ କରିଥିଲେ।

ମନମୋହନ ଟୁଡୁଙ୍କ କର୍ମମୟ ଜୀବନ ଚଳଚଞ୍ଚଳ ଥିଲା ବୋଲି ସାଧାରଣରେ ଚର୍ଚ୍ଚା ହୁଏ। କିନ୍ତୁ ଲୋକମାନେ କୁହନ୍ତି, ସେ ଜାତୀୟ ଆହ୍ୱାନରେ ଉଦ୍‌ବୁଦ୍ଧ ହୋଇ ଅଧ୍ୟୟନରୁ ବିରତ ରହି ଜାତୀୟ ରାଜନୀତିରେ ଭାଗ ନେଇଥିଲେ। ଜଣେ ଟାଣୁଆ ଆଦିବାସୀ ନେତା ଭାବେ ସାରାଦେଶରେ ତାଙ୍କର ପରିଚୟ ରହିଛି। ତା'ର ଜ୍ୱଳନ୍ତ ଉଦାହରଣ ହେଲା, ଓଡ଼ିଶାରେ ହେଉଥିବା ସାଧାରଣ ନିର୍ବାଚନ ୧୯୫୭, ୧୯୬୧, ୧୯୬୭ ଏବଂ ୧୯୭୧ ମସିହାରେ ଉଦଳା ନିର୍ବାଚନୀ ମଣ୍ଡଳରୁ ବିଧାୟକ ଭାବେ ଲଢ଼ି ଲଗାତରେ ଚାରିଥର ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେହିପରି ଭାରତରେ ହେଉଥିବା ପଞ୍ଚମ ସାଧାରଣ ଲୋକସଭା ନିର୍ବାଚନ ୧୯୭୧ ଏବଂ ସପ୍ତମ ସାଧାରଣ ଲୋକସଭା ନିର୍ବାଚନ ୧୯୮୦ ମସିହାରେ ମୟୂରଭଞ୍ଜ ଲୋକସଭା ଆସନରୁ ଦୁଇଥର ସାଂସଦ ଭାବେ ନିର୍ବାଚିତ ହୋଇ ଦିଲ୍ଲୀ ସଂସଦରେ ସମାଜର ଅସହାୟ, ଅବହେଳିତ, ଗରିବ ଓ ନିଷ୍ପେସିତ ଲୋକମାନଙ୍କୁ ନ୍ୟାୟ ଦେବା ପାଇଁ ସ୍ୱର ଉତ୍ତୋଳନ କରୁଥିଲେ। ସମାଜବାଦରେ ବିଶ୍ୱାସ ରଖି ଜନସାଧାରଣଙ୍କ ନିମନ୍ତେ ରାଜନୀତି କ୍ଷେତ୍ରରେ ନିଜ ଜୀବନ ଯେଉଁ ଭଳି ଭାବେ ସେ ଉତ୍ସର୍ଗୀକୃତ କରିଦେଇଥିଲେ, ତାହା ଦେଖି ତତ୍କାଳୀନ ଭାରତର ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କର ପ୍ରିୟପାତ୍ର ହୋଇପାରିଥିଲେ।



ଉଦଳା ନିର୍ବାଚନ ମଣ୍ଡଳୀରୁ ୧୯୫୭ ରୁ ୧୯୬୧, ୧୯୬୧ ରୁ ୧୯୬୭, ୧୯୬୭ ରୁ ୧୯୭୧ ଏବଂ ୧୯୭୧ ରୁ ୧୯୭୪ ଲଗାତରେ ଚାରିଥର ବିଧାୟକ ରହିଥିବା ସହ ଡ. ରାଜେନ୍ଦ୍ର ନାରାୟଣ ସିଂଦେଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ସମୟରେ ରାଜ୍ୟ ସରକାରଙ୍କର ଆଦିବାସୀ ଓ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରୀ ଦାୟିତ୍ୱ ତାଙ୍କୁ ଦିଆଯାଇଥିଲା। ୧୯୬୭ ରୁ ୧୯୭୧ ମସିହା ଯାଏଁ ତାଙ୍କ ମନ୍ତ୍ରିତ୍ୱ ସମୟରେ ଆଦିବାସୀମାନଙ୍କ ମୌଳିକ ଓ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ସେତେବେଳେ ସେ ହୃଦୟଙ୍ଗମ କରିଥିଲେ ଯେ, କନ୍ୟାଶ୍ରମ ବିନା ଆଦିବାସୀ ଝିଅମାନେ କେବେ ପାଠପଢ଼ି ଶିକ୍ଷିତ ହେଇପାରିବେ ନାହିଁ କିମ୍ବା ସେମାନେ ସ୍ୱାବଲମ୍ବୀ ହେବେନାହିଁ। ତେଣୁ ଆଦିବାସୀ ଝିଅମାନଙ୍କ ପାଇଁ ସେ କନ୍ୟାଶ୍ରମ ନିର୍ମାଣର କାର୍ଯ୍ୟ ଶୁଭାରମ୍ଭ କରିଥିଲେ। ସେ ଜାଣିଥିଲେ, ଆଦିବାସୀ ଝିଅମାନେ ଶିକ୍ଷିତ ହେଲେ ସମାଜ ଶିକ୍ଷିତ ହେବ, ସାମାଜ ଶିକ୍ଷିତ ହେଲେ ରାଜ୍ୟ ତଥା ଦେଶ ଉନ୍ନତି ପଥରେ ଆଗେଇବ। ତାଙ୍କ ପ୍ରଚେଷ୍ଟାରେ ସମଗ୍ର ଓଡ଼ିଶାରେ ଯେଉଁ କନ୍ୟାଶ୍ରମ ପ୍ରତିଷ୍ଠା ହେଲା, ତାହା ଚିରସ୍ମରଣୀୟ ହୋଇ ରହିବ। ଆଦିବାସୀମାନେ ଅର୍ଥନୀତି ବିକାଶ ଦିଗରେ ମଧ ଅନଗ୍ରସର ଅଛନ୍ତି। ସେତେବେଳେ ଅର୍ଥନୀତିର 'ଅ' ଅକ୍ଷର ବୋଲି ସେମାନେ ଜାଣି ନଥିଲେ। ବାଣିଜ୍ୟ-କାରବାର ତ ଦୂରର କଥା, ଭଲଭାବେ ଓଡ଼ିଆ କହିବା ଓ ବୁଝିବା ସେମାନଙ୍କ ପକ୍ଷେ ସମ୍ଭବ ନଥିଲା। ସେହି ସମୟରେ ଗାଁକୁ କିଏ ଅଣ-ଆଦିବାସୀ ଆସିଲେ ସେହି ଗାଁରେ ଭୟର ବାତାବରଣ ସୃଷ୍ଟି ହେଉଥିଲା। ଏମିତି ହେଲେ ଆଦିବାସୀଙ୍କ ବିକାଶ ହେବ କେମିତି? ସେମାନେ କିପରି ଜାଣିବେ ବ୍ୟାଙ୍କ ଅନୁଷ୍ଠାନକୁ? ଆୟ ଦୃଷ୍ଟିରୁ ସେମାନେ କେମିତି ଜାଣିବେ ପ୍ରତ୍ୟେକଙ୍କ ମୁଣ୍ଡପିଛା ଆୟ କେତେ? ଏସବୁକୁ ଦୃଷ୍ଟିରେ ରଖି ମନମୋହନ ଟୁଡୁ ଓଡ଼ିଶାରେ ଟିଡ଼ିସିସି ଶୁଭାରମ୍ଭ କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିଲେ। ସମସ୍ତେ ଜାଣନ୍ତି, ଆଦିବାସୀମାନେ ଜଙ୍ଗଲରେ ବସବାସ କରନ୍ତି। ତେଣୁ ସେମାନେ ଜଙ୍ଗଲରୁ ଝୁଣା, ଲାଖ, ମହୁଲ, ତେନ୍ତୁଳି, ହଳଦୀ, କେନ୍ଦୁପତ୍ର ଭଳି ସାମଗ୍ରୀ ସଂଗ୍ରହ କରନ୍ତି। ମାତ୍ର ସେମାନେ ବଜାର ଭିତରକୁ ପ୍ରବେଶ କରି ପାରନ୍ତି ନାହିଁ। ସେମାନଙ୍କ ଦ୍ୱାରା ସଂଗୃହୀତ ବନ୍ୟଜାତ ସାମଗ୍ରୀ ଆବଶ୍ୟକରୁ ଅଧିକ ନଷ୍ଟ ହୁଏ। ତେଣୁ ସେସବୁ ସୁଲଭ ମୂଲ୍ୟରେ ଟିଡ଼ିସିସିରେ ବିକ୍ରି କରି ତାଙ୍କର ପ୍ରାପ୍ୟକୁ ବ୍ୟାଙ୍କ ଖାତାରେ ସଞ୍ଚୟ ରଖିପାରିବାର ବ୍ୟବସ୍ଥା ଥିଲା। ଭବିଷ୍ୟତରେ ସେହି ଅର୍ଥବଳରେ ସେମାନଙ୍କ ଆର୍ଥିକ ଅବସ୍ଥା କିଛି ପରିମାଣରେ ସ୍ୱଚ୍ଛଳ ହୋଇପାରିବ ଏବଂ ସେମାନଙ୍କର ଉନ୍ନତମାନର ଜୀବନ ଯାପନ ଉଦ୍ଦେଶ୍ୟ ନେଇ ଟିଡ଼ିସିସିର ଜନ୍ମ ହୋଇଥିଲା। ଏହିପରି ଭାବେ ମନମୋହନଙ୍କ ଜୀବନ ସମାଜସେବାରେ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ ଥିବାବେଳେ ୨୦୦୭ ମସିହା ଜାନୁଆରୀ ୯ ତାରିଖରେ ମୃତ୍ୟୁବରଣ କରିଥିଲେ। ଏପରିକି ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ସ୍ୱକୀୟତା, ସାହସ ଓ ନିର୍ଭୀକତାର ଯେଉଁ ପରିଚୟର ବୀଜ ବୁଣି ଯାଇଛନ୍ତି, ତାହା ଆଦିବାସୀ ସମ୍ପ୍ରଦାୟରେ ଅବିସ୍ମରଣୀୟ ହୋଇ ରହିବ।

**ଦୁର୍ନୀତି ନିବାରଣ ଅଧିକାରୀ, ଦୁର୍ନୀତି ନିବାରଣ ବିଭାଗ, ବାଲେଶ୍ୱର ଖଣ୍ଡ, ବାଲେଶ୍ୱର, ମୋବାଇଲ୍: ୯୩୩୭୪୦୪୨୫୪**

# ତୁର୍କୀକୁ ପାନେ ଦେବାକୁ ଗ୍ରୀସ୍ ଗଲେ ବାୟୁସେନା ମୁଖ୍ୟ



**ନୂଆଦିଲ୍ଲୀ,୨୫।୬:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାଇପ୍ରସ ଗସ୍ତ ପରେ, ଏବେ ବାୟୁସେନା ମୁଖ୍ୟ ଏୟାର ଚିଫ ମାର୍ଶାଲ ଏପି ସିଂହ ଗ୍ରୀସ ଗସ୍ତରେ ଅଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗ୍ରୀସ ଏବଂ ସାଇପ୍ରସ ଉଭୟ ଭୂମଧ୍ୟସାଗରୀୟ ଅଞ୍ଚଳର ଦେଶ। ଉଭୟଙ୍କ ତୁର୍କୀ ସହିତ ପୁରୁଣା ଶତ୍ରୁତା ରହିଛି। ଅପରେଶନ ସିନ୍ଦୂର ସମୟରେ ତୁର୍କୀ ପାକିସ୍ତାନକୁ ସାହାଯ୍ୟ କରିଥିଲା।

ଗତ କିଛି ବର୍ଷ ଧରି ଆଲେକଜାଣ୍ଡାରଙ୍କ ଦେଶ ଗ୍ରୀସ ସହିତ ଭାରତର ପ୍ରତିରକ୍ଷା ସହଭାଗୀତା ବୃଦ୍ଧି ପାଉଛି। ୨୦୨୪ରେ ଗ୍ରୀକ ବାୟୁସେନା ଭାରତ ପହଞ୍ଚିଥିଲା, ତେଣୁ ବର୍ତ୍ତମାନ ସମ୍ପର୍କକୁ ଆହୁରି ମଜବୁତ କରିବା ପାଇଁ, ଭାରତୀୟ ବାୟୁସେନା ମୁଖ୍ୟ ଏୟାର ଚିଫ ମାର୍ଶାଲ ଏପି ସିଂହ ସରକାରୀ ଗସ୍ତରେ ଗ୍ରୀସରେ ଅଛନ୍ତି।

ଭାରତୀୟ ବାୟୁସେନା ମୁଖ୍ୟଙ୍କୁ ଗ୍ରୀକ ବାୟୁସେନା ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା ଏବଂ ତାଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା। ସୋସିଆଲ ମିଡିଆ ପ୍ଲାଟଫର୍ମ 'X' ରେ ସୂଚନା ଦେଇ ଭାରତୀୟ ବାୟୁସେନା କହିଛି ଯେ ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅପରେଶନ ଏବଂ ତାଲିମ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଯୋଗକୁ ଆହୁରି ମଜବୁତ କରିବା। ବାୟୁସେନା ମୁଖ୍ୟ ମାର୍ଶାଲ ଏପି ସିଂହ ଗ୍ରୀସର ଫାଇଟର ୟୁନିଟ ପରିଦର୍ଶନ କରିଥିଲେ ଏବଂ କର୍ମଚାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉଭୟ ଦେଶର ବାୟୁସେନା ପୂର୍ବରୁ 'INEOS-23', 'INEOS-25' ଏବଂ 'ତରଙ୍ଗ ଶକ୍ତି-୨୪' ଭଳି ମିଳିତ ସାମରିକ ଅଭ୍ୟାସରେ ଅଂଶଗ୍ରହଣ କରିଛନ୍ତି।

ଗ୍ରୀସ ତୁର୍କୀ ସହିତ ବିବାଦରେ ଅଛି। ଗତ କିଛି ଦଶନ୍ଧି ଧରି ଭୂମଧ୍ୟସାଗର ଏବଂ ଏଜିଆନ ସାଗରରେ ଉଭୟ ଦେଶ ବିବାଦରେ ଅଛନ୍ତି। ସାଇପ୍ରସକୁ ନେଇ ଦୁଇ ଦେଶ ମଧ୍ୟରେ ଦୀର୍ଘକାଳୀନ ଉତ୍ତେଜନା ରହିଛି। ତୁର୍କୀ ବିରୁଦ୍ଧରେ ଗ୍ରୀସ ବିଶ୍ୱ ସମର୍ଥନ ଆବଶ୍ୟକ କରେ। ଏପରି ପରିସ୍ଥିତିରେ, କୌଣସି ଦେଶ 'ବିଶ୍ୱ ନେତା' ଭାରତଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପାରିବ ନାହିଁ। ଏହା ସେହି ତୁର୍କୀ ଯିଏ କଶ୍ମୀର ପ୍ରସଙ୍ଗରେ ବିଶ୍ୱ ମଞ୍ଚରେ ପାକିସ୍ତାନକୁ ସମର୍ଥନ କରିବାକୁ କେବେ ଭୁଲେ ନାହିଁ। ପହଲଗାମ ହତ୍ୟାକାଣ୍ଡ ପରେ, ତୁର୍କୀ ରାଷ୍ଟ୍ରପତି ପାକିସ୍ତାନୀ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ସହିତ ବହୁତ ହସୁଥିଲେ, ଯେତେବେଳେ ଏର୍ଦୋଗାନ ମଧ୍ୟ ସେହି ସମୟରେ ଭାରତ ବିରୁଦ୍ଧରେ ଅସ୍ତ୍ର ପଠାଇଥିଲେ। ଆଉ ଏକ କଥା ହେଉଛି ଯେ ତୁର୍କୀର ସମସ୍ତ ଡ୍ରୋନ ଭାରତ ସମ୍ମୁଖରେ ବିଫଳ ହୋଇଥିଲେ। ଅପରେଶନ ସିନ୍ଦୂର ସମୟରେ, ଭାରତୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଦ୍ୱାରା ତୁର୍କୀ ଡ୍ରୋନ ଗୁଡ଼ିକୁ ଆକାଶରେ ନଷ୍ଟ କରାଯାଇଥିଲା। ଏହା ବିଶ୍ୱାସ କରାଯାଏ ଯେ ବାୟୁସେନା ମୁଖ୍ୟ ତାଙ୍କ ଗ୍ରୀକ ପ୍ରତିପକ୍ଷଙ୍କ ସହିତ ଆଲୋଚନାରେ ଅପରେଶନ ସିନ୍ଦୂର ବିଷୟରେ ମଧ୍ୟ ଆଲୋଚନା କରିଥିଲେ ଏବଂ କହିଥିଲେ ଯେ ଭାରତୀୟ ବାୟୁସେନା ପାକିସ୍ତାନୀ ବାୟୁସେନା କିପରି ପାକିସ୍ତାନୀ ବାୟୁସେନାକୁ ଧ୍ୱଂସ କରିଥିଲା।

# ମୁହାଁମୁହିଁ ହେବେ ଭାରତ-ପାକ୍ ପ୍ରତିନିଧି



**ନୂଆଦିଲ୍ଲୀ,୨୫।୬:** ଅପରେଶନ ସିନ୍ଦୂର ପରେ ପ୍ରଥମ ଥର ପାଇଁ, ଭାରତ ଏବଂ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ମୁହାଁମୁହିଁ ହେବେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ଏନ୍ଏସ୍ଏ ଅଜିତ ଡୋଭାଲ ବୁଧବାର (ଜୁନ ୨୫, ୨୦୨୫) ସାଂଘାଇ ସହଯୋଗ ସଂଗଠନ (ଏସ୍ସିଓ) ସମ୍ମିଳନୀରେ ଯୋଗଦେବା ପାଇଁ ଚାଇନାର କ୍ୱିଂଡାଓରେ ପହଞ୍ଚିବେ। ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ଏବଂ ଏନ୍ଏସ୍ଏ ଅସୀମ ମଲିକ ମଧ୍ୟ ଏହି ବୈଠକରେ ଯୋଗ ଦେବାକୁ ଯାଉଛନ୍ତି। ଅଜିତ ଡୋଭାଲ ପୂର୍ବରୁ ଚାଇନାରେ ଅଛନ୍ତି ଏବଂ ସୋମବାର ସେ ଚାଇନା ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟିଙ୍କୁ ମଧ୍ୟ ଭେଟିଛନ୍ତି।

ଅପରେଶନ ସିନ୍ଦୂର ପରେ ଏହା ପ୍ରଥମ ଥର ହେବ ଯେ ଭାରତ ଏବଂ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଏବଂ ଏନ୍ଏସ୍ଏ ଗୋଟିଏ ଛାତ ତଳେ ମୁହାଁମୁହିଁ ହେବେ। ଭାରତ ମଧ୍ୟ ବୈଠକରେ ଆତଙ୍କବାଦ ପ୍ରସଙ୍ଗ ଉଠାଇପାରିବ ଏବଂ ପାକିସ୍ତାନ ସମ୍ମୁଖରେ ବସି ସେଠାରୁ କିପରି ଆତଙ୍କବାଦୀ ଷଡ଼ଯନ୍ତ୍ର ରଚନା କରାଯାଏ ତାହା ପ୍ରକାଶ କରିବ।

ଏସ୍ସିଓ ବୈଠକ ୨୫ ଏବଂ ୨୬ ଜୁନରେ ଅନୁଷ୍ଠିତ ହେବାକୁ ଯାଉଛି ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସୋସିଆଲ ମିଡିଆ ପ୍ଲାଟଫର୍ମ X ରେ ପୋଷ୍ଟ କରିଛନ୍ତି ଯେ ସେ ବୈଠକରେ ଯୋଗଦେବା ପାଇଁ ଆଜି ଚାଇନା ଯିବେ। ସେ ତାଙ୍କ ପୋଷ୍ଟରେ ଲେଖିଛନ୍ତି, 'ଏସ୍ସିଓ ବୈଠକ ମାଧ୍ୟମରେ, ବିଭିନ୍ନ ଦେଶର ପ୍ରତିରକ୍ଷା ମନ୍ତ୍ରୀଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବାର ସୁଯୋଗ ମିଳିବ। ମୁଁ ବିଶ୍ୱ ଶାନ୍ତି, ସୁରକ୍ଷା ଏବଂ ଆତଙ୍କବାଦକୁ ସମାପ୍ତ କରିବା ପାଇଁ ମିଳିତ ଏବଂ ନିରନ୍ତର ପ୍ରୟାସ ପାଇଁ ଆହ୍ୱାନ କରିବାକୁ ଅପେକ୍ଷା କରିଛି।'

ଏସ୍ସିଓ ବୈଠକ ବ୍ୟତୀତ, ଭାରତ ରୁଷିଆ ଏବଂ ଚାଇନା ସମେତ ଅନ୍ୟାନ୍ୟ ସଦସ୍ୟ ଦେଶର ପ୍ରତିରକ୍ଷା ମନ୍ତ୍ରୀ ଏବଂ ଏନ୍ଏସ୍ଏ ଙ୍କୁ ଭେଟିବ, କିନ୍ତୁ ପାକିସ୍ତାନ ସହିତ ଦ୍ୱିପାକ୍ଷିକ ବୈଠକର ଆଶା ବହୁତ କମ କାରଣ ଭାରତ ସ୍ପଷ୍ଟ କରିଦେଇଛି ଯେ ଯେପର୍ଯ୍ୟନ୍ତ ପାକିସ୍ତାନ ଆତଙ୍କବାଦ ଏବଂ ପାକ ଅଧିକୃତ କଶ୍ମୀର (ପିଓକେ) ବିଷୟରେ କଥା ନହୁଏ, ସେପର୍ଯ୍ୟନ୍ତ ଅନ୍ୟ କୌଣସି ପ୍ରସଙ୍ଗରେ ଏହା ସହିତ ଆଲୋଚନା କରାଯିବ ନାହିଁ।

ଭାରତ ସର୍ବଦା ଆତଙ୍କବାଦ ବିରୋଧରେ ରହିଛି। ପାକିସ୍ତାନର ମାଟିରେ ବଢ଼ୁଥିବା ଆତଙ୍କବାଦୀ ସଂଗଠନଗୁଡ଼ିକ ଭାରତ ବିରୁଦ୍ଧରେ ଷଡ଼ଯନ୍ତ୍ର ରଚନା କରନ୍ତି ଏବଂ ପହଲଗାମ ଆକ୍ରମଣ ଭଳି ଘଟଣା ଘଟାଉଛନ୍ତି, କିନ୍ତୁ ପାକିସ୍ତାନ ଆତଙ୍କବାଦ ପ୍ରସଙ୍ଗରେ ମିଛ କହୁଛି ଏବଂ ଏବେ ନିଜକୁ ଆତଙ୍କବାଦର ଶିକାର ବୋଲି କହିବା ଆରମ୍ଭ କରିଛି। ପାକିସ୍ତାନ ଲସ୍କର-ଏ-ତୋଇବା, ହିଜବୁଲ ମୁଜାହିଦ୍ଦିନ ଏବଂ ଜୈଶ-ଏ-ମହମ୍ମଦ ଭଳି ଭୟଙ୍କର ଆତଙ୍କବାଦୀ ସଂଗଠନର ମାଲିକମାନଙ୍କୁ ଆଶ୍ରୟ ଦେଇଛି। ସେଠାରେ ଆତଙ୍କବାଦୀ ଶିବିର ପରିଚାଳିତ ହେଉଛି, କିନ୍ତୁ ପାକିସ୍ତାନ ଏହାକୁ ଅସ୍ୱୀକାର କରିଆସୁଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କର ଏବଂ ଅନେକ ମନ୍ତ୍ରୀ କହିଛନ୍ତି ଯେ ବାଣିଜ୍ୟ ଏବଂ ଆତଙ୍କବାଦ ଏକାଠି ଚାଲିପାରିବ ନାହିଁ। ବର୍ତ୍ତମାନ ଦୁଇ ଦେଶ ମଧ୍ୟରେ କେବଳ ଗୋଟିଏ କଥା ଆଲୋଚନା କରିବା ଉଚିତ ଏବଂ ତାହା ହେଉଛି ପାକିସ୍ତାନ ଆତଙ୍କବାଦୀମାନଙ୍କୁ ଭାରତକୁ ହସ୍ତାନ୍ତର କରିବା ଉଚିତ ଏବଂ ଜମ୍ମୁ-କଶ୍ମୀରର ସେହି ଅଂଶକୁ ଖାଲି କରିବା ଉଚିତ ଯାହାକୁ ସେ ଅବୈଧ ଭାବରେ କବଜା କରିଛି। ଭାରତ କହିଛି ଯେ ଏହି ସମସ୍ୟାଗୁଡ଼ିକର ସମାଧାନ ନହେବା ପର୍ଯ୍ୟନ୍ତ ପାକିସ୍ତାନ ସହିତ କୌଣସି ଦ୍ୱିପାକ୍ଷିକ ଆଲୋଚନା ହେବ ନାହିଁ। ୨୦୦୧ ମସିହାରେ ଏସ୍ସିଓ ଗଠନ ହୋଇଥିଲା ଏବଂ ୨୦୧୭ ମସିହାରେ ଭାରତ ଏହାର ସଦସ୍ୟ ହୋଇଥିଲା। ୨୦୨୩ ମସିହାରେ, ନୂଆଦିଲ୍ଲୀରେ ଏସ୍ସିଓ ବୈଠକ ଅନୁଷ୍ଠିତ ହୋଇଥିଲା, ସେତେବେଳେ ପାକ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ବୈଠକରେ ଯୋଗଦେବାକୁ ଭାରତ ଆସି ନଥିଲେ, କିନ୍ତୁ ସେ ଭର୍ଚୁଆଲ ଭାବରେ ବୈଠକରେ ଯୋଗ ଦେଇଥିଲେ। ଏସ୍ସିଓର ସଦସ୍ୟ ଦେଶଗୁଡ଼ିକ ହେଉଛି ଭାରତ, ଚାଇନା, ରୁଷିଆ, ପାକିସ୍ତାନ, କିର୍ଗିଜସ୍ତାନ, ତାଜିକିସ୍ତାନ, ଉଜବେକିସ୍ତାନ, କାଜାଖସ୍ତାନ, ଇରାନ ଏବଂ ବେଲାରୁସ।

# ପ୍ରତିରକ୍ଷା କ୍ଷେତ୍ରରେ ଅନୀଲଙ୍କ କମ୍ପାନୀର ୬୦୦ କୋଟିର ଡିଲ୍



**ନୂଆଦିଲ୍ଲୀ,୨୫।୬:** ଅନିଲ ଅମ୍ବାନୀଙ୍କ କମ୍ପାନୀର ସେୟାର ରିଲାୟନ୍ସ ଇନଫ୍ରାଷ୍ଟ୍ରକଚର ଆଜି ବୁଧବାର କାରବାର ବେଳେ ଖୁବ୍ ଫୋକସ୍‌ରେ ରହିଥିଲା। କମ୍ପାନୀର ସେୟାରରେ ୫% ର ଅପର ସର୍କିଟ ଲାଗିଥିଲା। ଏହି ସେୟାର ୪୦୪.୦୬ ଟଙ୍କା ଇଣ୍ଟ୍ରା ଡେ ହାଇ ରେ ପହଁଞ୍ଚି ଯାଇଥିଲା। ସେୟାରରେ ଏହି ବୃଦ୍ଧି ପଛରେ ରହିଛି ଏକ ବଡ଼ ଡିଫେନ୍ସ ଡିଲ୍। ରିଲାୟନ୍ସ ଇନଫ୍ରାଷ୍ଟ୍ରକଚର ଘୋଷଣା କରିଛି ଯେ, ତା'ର ଡିଫେନ୍ସ ସବସିଡିଆରୀ, ରିଲାୟନ୍ସ ଡିଫେନ୍ସକୁ ଏକ ପ୍ରମୁଖ ଜର୍ମାନୀ ଡିଫେନ୍ସ ନିର୍ମାତା, ରାଇନମେଟଲଠାରୁ ୬୦୦ କୋଟି ଟଙ୍କାର ରପ୍ତାନୀ ଅର୍ଡର ମିଳିଛି।

ଅନିଲ ଅମ୍ବାନୀଙ୍କ ନେତୃତ୍ୱରେ ରିଲାୟନ୍ସ ଡିଫେନ୍ସକୁ ଜର୍ମାନୀର ପ୍ରମୁଖ ରକ୍ଷା ଓ ଗୋଳା-ବାରୁଦ ମାନୁଫାକଚରିଂ ରାଇନମେଟଲ ଭେଫେ ମ୍ୟୁନିଶନ୍ ଜିଏମ୍‌ବିଏଚ୍‌ରୁ ୬୦୦ କୋଟି ଟଙ୍କାର ଅର୍ଡର ମିଳିଥିଲା। କମ୍ପାନୀ ବୁଧବାର କହିଛି, ଅତ୍ୟାଧୁନିକ ଗୋଳା-ବାରୁଦ କ୍ଷେତ୍ରରେ ଏହା ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ଡିଲ୍। ଏହି ଅର୍ଡର ରିଲାୟନ୍ସ ଡିଫେନ୍ସର ବିଶ୍ୱ ପ୍ରତିରକ୍ଷା ଓ ଗୋଳାବାରୁଦ ଯୋଗାଣ ଶୃଙ୍ଖଳାରେ ଏକ ବିଶ୍ୱାସନୀୟ ଭାଗିଦାର ରୂପରେ ନିଜର ସ୍ଥିତିକୁ ମଜବୁତ କରିବାର ରଣନୀତିରେ ଏକ ମାଇଲଷ୍ଟୋନ୍, ଯେଉଁଥିରେ ୟୁରୋପ ଉପରେ ବିଶେଷ ଧ୍ୟାନ ଦିଆଯିବ। ଏହି ଅର୍ଡର ଭାରତର 'ଆତ୍ମନିର୍ଭର ଭାରତ' ଓ 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମକୁ ମଧ୍ୟ ସମର୍ଥନ କରେ। ଏହାର ଉଦେଶ୍ୟ ସ୍ୱଦେଶୀ ପ୍ରତିରକ୍ଷା ଉତ୍ପାଦନକୁ ବୃଦ୍ଧି କରିବା। ରିଲାୟନ୍ସ ଡିଫେନ୍ସର ଲକ୍ଷ୍ୟ ଦେଶର ଟପ୍ ତିନି ପ୍ରତିରକ୍ଷା ରପ୍ତାନୀରେ ସାମିଲ କରିବା।

# ୱିଙ୍ଗ କମାଣ୍ଡର ଅଭିନନ୍ଦନଙ୍କୁ ଧରିଥିବା ପାକ ଅଧିକାରୀ ନିହତ




**ଇସଲାମାବାଦ/ନୂଆଦିଲ୍ଲୀ,୨୫।୬:** ୨୦୧୯ ମସିହାରେ ଭାରତୀୟ ପାଇଲଟ ଅଭିନନ୍ଦନ ବର୍ତ୍ତମାନଙ୍କୁ ଧରିଥିବା ପାକିସ୍ତାନୀ ମେଜର ମୋଇଜ୍ ଆବାସ ଶାହ ନିହତ ହୋଇଛନ୍ତି । ତାଲିବାନ ସଂଘର୍ଷରେ ପାକ୍ ଅଧିକାରୀ ଜଣକ ନିହତ ହୋଇଥିବା ଖବର ମିଳିଛି । ଦକ୍ଷିଣ ୱାଜିରିସ୍ତାନରେ ଟିଟିପି ମେଜର ମୁଇଜକୁ ନିହତ କରିଥିବା ଦାବି କରିଛି । ମଙ୍ଗଳବାର ଦିନ ଏକ ବିବୃତ୍ତିରେ ସେନା କହିଛି ଯେ, ଦକ୍ଷିଣ ୱାଜିରିସ୍ତାନ ଜିଲ୍ଲାରେ ଏକ ଗୁପ୍ତଚର-ଭିତ୍ତିକ ଅପରେସନ ସମୟରେ ସୁରକ୍ଷା ବାହିନୀ ୧୧ ଜଣ ଆତଙ୍କବାଦୀଙ୍କୁ ହତ୍ୟା କରିଥିଲେ, ଯେତେବେଳେ କି ଦୁଇ ଜଣ ସୁରକ୍ଷା କର୍ମୀ ସହିଦ ହୋଇଥିଲେ । ଉଲ୍ଲେଖଯୋଗ୍ୟ, ପୁଲୱାମା ଆକ୍ରମଣର ସମୟରେ ୱିଙ୍ଗ କମାଣ୍ଡର ଅଭିନନ୍ଦନ ବର୍ତ୍ତମାନ ଶ୍ରୀନଗର-ସ୍ଥିତ ୫୧ ସ୍କ୍ୱାଡ୍ରନ ଭାରତୀୟ ପୁସବ୍ୟାକ୍ ଦଳରେ ରହିଥିଲେ । ସେ ସମୟରେ ହୋଇଥିବା ଯୁଦ୍ଧରେ ପାକିସ୍ତାନ ଭାରତର ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରିବାର ଯୋଜନା ସହିତ ଜବାବ ଦେଇଥିଲା । ୨୪ଟି ଲଢୁଆ ବିମାନର ଏକ ନୌବାହିନୀ ଭାରତ ଆଡକୁ ଯାତ୍ରା କରିଥିଲା, ଯାହାର ଭାରତ ପକ୍ଷରୁ ତୁରନ୍ତ ଜବାବ ଦିଆଯାଇଥିଲା । ସେ ସମୟରେ ଅଭିନନ୍ଦନ ନିୟନ୍ତ୍ରଣ ରେଖା (ଏଲ୍ଓସି) ର ଅନ୍ୟ ପାର୍ଶ୍ୱରେ ଅବତରଣ କରିବା ପରିବର୍ତ୍ତେ ପାକିସ୍ତାନରେ ପଶିଯାଇଥିଲେ, ତାଙ୍କ ବିମାନ କ୍ରାସ ହୋଇଯାଇଥିଲା । ଫଳରେ ତାଙ୍କୁ ପାକିସ୍ତାନ କାବୁ କରି ଦେଇଥିଲା । ଏହାପରେ ତାଙ୍କୁ ସକୁଶଳେ ପାକିସ୍ତାନ ଫେରାଇ ଦେଇଥିଲା।

# ସିମେଣ୍ଟ ଗୋଳାଇ ସୁଟକେସରେ ଭର୍ତ୍ତି କରିଦେଲେ ଦିବ୍ୟାଙ୍ଗଙ୍କ ମୃତଦେହ



**ରାୟପୁର,୨୫।୬:** ପ୍ରଥମେ ମାରିଦେଲେ, ପରେ ମୃତଦେହରେ ସିମେଣ୍ଟ ଗୋଳାଇ ସୁଟକେସରେ ଭର୍ତ୍ତି କରିଦେଲେ । ପରେ ମୃତଦେହ ଭର୍ତ୍ତି ସୁଟକେସକୁ ଲୁହା ଟ୍ରଙ୍କ ଭିତରେ ରଖିଦେଲେ। ଏଭଳି ଚାଞ୍ଚଲ୍ୟକର ଘଟଣା ଘଟିଛି ଛତିଶଗଡ଼ ରାୟପୁରରେ । ସବୁଠୁ ବଡ଼ କଥା ହେଉଛି ଯାହଙ୍କୁ ହତ୍ୟା କରାଯାଇଛି ସେ ଜଣେ ଦିବ୍ୟାଙ୍ଗ। ଜମିଜମା ବିବାଦରୁ ଏଭଳି ଘଟଣା ଘଟିଥିବା ଜଣାପଡ଼ିଛି। ରାୟପୁରର ଡିଡି ନଗରରେ ଘଟିଥିବା ଏହି ଘଟଣାର ପୋଲିସ ଖୋଳତାଡ଼ ଆରମ୍ଭ କରୁଛି। ଆଖପାଖରେ ଥିବା ସିସିଟିଭି ଆଧାରରେ ପୋଲିସ ଛାନଭିନ୍ ଚଳାଇଛି। ରାୟପୁର ଏସଏସପି ଲାଲ ଉମେଦ ସିଂହ କହିଛନ୍ତି, ପ୍ରାଥମିକ ତଦନ୍ତରୁ ଜଣାପଡୁଛି ଯେ, ଏହି ହତ୍ୟାକାଣ୍ଡ ପଛରେ ଏକ ଦମ୍ପତିଙ୍କ ହାତ ରହିଛି । ସିସିଟିଭି ଫୁଟେଜରେ ଦେଖିବାକୁ ମିଳିଛି ଯେ, ଉଭୟ ସ୍ୱାମୀ ସ୍ତ୍ରୀ ଏକ କାର୍ ମଧ୍ୟରୁ ବାହାରିଛନ୍ତି । ପରେ ପରେ ଗାଡ଼ି ଡିକିରୁ ସେହି ଟ୍ରଙ୍କ ବାହାର କରିଛନ୍ତି । ସେମାନେ ଓକିଲ ଅଙ୍କିତ ଏବଂ ତାଙ୍କ ପତ୍ନୀ । ଏହି ଗାଡ଼ି ପଛେ ପଛେ ଏକ ଦୁଇ ଚକିଆ ଯାନ ଏସ୍କଟ କରି ଆସୁଥିଲା। ଅନ୍ୟପଟେ କାରର ଯେଉଁ ନମ୍ବରପ୍ଲେଟ ଲାଗିଥିଲା ତାହା ଡୁପ୍ଲିକେଟ ଥିଲା । ପୋଲିସର କହିବା ଅନୁସାରେ, ଯେଉଁ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି ସେ, ପୂର୍ବରୁ ଏକ ପ୍ଲଟ ୫୦ ଲକ୍ଷ ଟଙ୍କାରେ ବିକ୍ରି କରିଥିଲେ । ହେଲେ ତାଙ୍କୁ ଧାର୍ଯ୍ୟ ମୂଲ୍ୟଠାରୁ ୨୦ ଲକ୍ଷ କମ ମିଳିଥିଲା । ବ୍ୟକ୍ତି ଜଣଙ୍କ ଯେତେବେଳେ ଅବଶିଷ୍ଟ ୨୦ ଲକ୍ଷ ଟଙ୍କା ମାଗିଥିଲେ ସେ ସମୟରେ ଅଙ୍କିତଙ୍କ ସହ ତାଙ୍କର ବଚସା ହୋଇଥିଲା । ତେବେ ଟଙ୍କା ନେଣ ଦେଣକୁ କେନ୍ଦ୍ର କରି ଅଙ୍କିତ ଓ ତାଙ୍କ ସ୍ତ୍ରୀ ମିଶି ସମ୍ପୃକ୍ତ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି ।

# ଇରାନ ବିରୋଧରେ ଐତିହାସିକ ବିଜୟ ଘୋଷଣା କଲେ ନେତାନ୍ୟାହୁ



**ଜେରୁଜେଲମ,୨୫।୬:** ଇରାନ ବିରୋଧରେ ଐତିହାସିକ ବିଜୟ ଘୋଷଣା କରିଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ। ଦେଶବାସୀଙ୍କୁ ସମ୍ବୋଧିତ କରି ସେ କହିଛନ୍ତି, ୧୨ ଦିନ ଧରି ଚାଲିଥିବା ଅପରେଶନ ଆମ ସେନା ଇତିହାସ ସୃଷ୍ଟି କରିଛି। ଏହି ଅଭିଯାନରେ ଇସ୍ରାଏଲ ଇରାନର ପରମାଣୁ ଘାଟି, ନାତାଞ୍ଜ ଇସ୍ଫାହାନ ଏବଂ ଆରାକ ଉପରେ ଆକ୍ରମଣ କରିଥିଲା। ଏହି ସମୟରେ ବାଲିଷ୍ଟିକ ମିଶାଇଲ୍ ନିର୍ମାଣ କେନ୍ଦ୍ର ଏବଂ ଡିପୋ ଉପରେ ଆକ୍ରମଣ କରାଯାଇଥିଲା। ନେତାନ୍ୟାହୁ ଏହାକୁ ଏକ ବିଜୟ ବୋଲି କହିଥିଲେ, ଯାହା ପିଢ଼ି ପରେ ପିଢ଼ି ମନେ ରହିବ। ନେତାନ୍ୟାହୁ କହିଥିଲେ, ଯଦି ଆମେ ଇରାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ନ ଥାଆନ୍ତୁ, ତେବେ ଇସ୍ରାଏଲ ଶୀଘ୍ର ବିପଦର ସମ୍ମୁଖୀନ ହୋଇଥାଆନ୍ତା। ତଥାପି, ଶେଷ ମୁହୂର୍ତ୍ତରେ ଆମେ ସିଂହ ପରି ଉଠିଲୁ। ଆମେ ସିଂହ ପରି ଛିଡ଼ା ହେଲୁ। ଆମର ଗର୍ଜନ ତେହେରାନକୁ ଥରାଇ ଦେଇଥିଲା ଏବଂ ସାରା ବିଶ୍ୱରେ ପ୍ରତିଧ୍ୱନିତ ହୋଇଥିଲା। ନେତାନ୍ୟାହୁ ପରମାଣୁ ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିବା ଦାବି କରି କହିଥିଲେ, ଆମେ ଇରାନର ପରମାଣୁ ବୈଜ୍ଞାନିକମାନଙ୍କୁ ନିପାତ କରିଛୁ, ପ୍ରୟୋଗଶାଳାକୁ ନଷ୍ଟ କରିଦେଇଛୁ। ମୋସାଦ ସହାୟତାରେ ଅଣାଯାଇଥିବା ଗୁପ୍ତ ଦସ୍ତାବିଜ ବର୍ଷ ବର୍ଷ ପୂର୍ବରୁ ବିଶ୍ୱକୁ ଇରାନର ଉଦ୍ଦେଶ୍ୟ ସୂଚାଇ ଦେଇଥିଲା। ବର୍ତ୍ତମାନ ସମସ୍ତ ପରମାଣୁ ବିକାଶ କ୍ଷମତା ମୂଳପୋଛ ହୋଇଯାଇଛି।

# ଗୁପ୍ତରେ ଆଇସିବିଏମ୍ ବିକାଶ କରୁଛି ପାକିସ୍ତାନ



**ନୂଆଦିଲ୍ଲୀ, ୨୫।୬ :** ପାକିସ୍ତାନ ଗୁପ୍ତରେ ଏକ ଆଣବିକ ଅସ୍ତ୍ର ସଂଯୁକ୍ତ ଆନ୍ତଃମହାଦେଶୀୟ ବାଲିଷ୍ଟିକ୍ ମିସାଇଲ୍ (ଆଇସିବିଏମ୍) ବିକଶିତ କରୁଥିବା ନେଇ ଆମେରିକାର ଗୁଇନ୍ଦା ସଂସ୍ଥାମାନେ ରିପୋର୍ଟ ଦେଇଛନ୍ତି। ଏହି ମିସାଇଲ୍ ଆମେରିକା ପର୍ଯ୍ୟନ୍ତ ମାରକ କ୍ଷମତା ରଖିଥିବା ନେଇ ଏହି ରିପୋର୍ଟରେ ଉଲ୍ଲେଖ ରହିଛି। 'ଫରେନ୍ ଆଫେୟାର୍ସ' ପତ୍ରିକାରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଭାରତର ଅପରେସନ୍ ସିନ୍ଦୁର ପରେ ଚୀନର ସହାୟତାରେ ପାକିସ୍ତାନ ନିଜର ଆଣବିକ ଅସ୍ତ୍ରାଗାରକୁ ଉନ୍ନତ କରିବାକୁ ଚେଷ୍ଟା ଜାରି ରଖିଛି।

ଆଇସିବିଏମ୍ ମିସାଇଲ୍ ୫,୫୦୦ କିଲୋମିଟରରୁ ଅଧିକ ଦୂରତା ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିବା ସହିତ ଏବଂ ଏହା ଆଣବିକ ଓ ପାରମ୍ପରିକ ଯୁଦ୍ଧାସ୍ତ୍ର ବହନ କରିବାରେ ସକ୍ଷମ। ବର୍ତ୍ତମାନ ପାକିସ୍ତାନ ପାଖରେ କୌଣସି ଆଇସିବିଏମ୍ ନାହିଁ। ୨୦୨୨ରେ ପାକିସ୍ତାନ ଶାହୀନ୍-୩ ମଧ୍ୟମ ଦୂରଗାମୀ ବାଲିଷ୍ଟିକ୍ ମିସାଇଲ୍‌ର ପରୀକ୍ଷଣ କରିଥିଲା, ଯାହା ୨,୭୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରି ଭାରତର ଅନେକ ସହରକୁ ନିଜ ଟାର୍ଗେଟ ଭିତରକୁ ଆଣିଥିଲା।

ରିପୋର୍ଟ ଅନୁସାରେ, ଏହି ଖବର ସାମ୍ନାକୁ ଆସିବା ପରେ ଆମେରିକା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଚେତାବନୀ ଦେଇଛନ୍ତି ଯେ, ଯଦି ପାକିସ୍ତାନ ଏହି ମିସାଇଲ ହାସଲ କରେ, ତେବେ ୱାଶିଂଟନ୍ ପାକିସ୍ତାନକୁ ଏକ ଆଣବିକ ପ୍ରତିଦ୍ୱନ୍ଦ୍ୱୀ ଭାବେ ଘୋଷଣା କରିବ। ବର୍ତ୍ତମାନ ରୁଷିଆ, ଚୀନ୍ ଓ ଉତ୍ତର କୋରିଆକୁ ଆମେରିକା ଆଣବିକ ପ୍ରତିଦ୍ୱନ୍ଦ୍ୱୀ ଭାବେ ଘୋଷଣା କରିଛି। ପାକିସ୍ତାନର ବୈଦେଶିକ ମନ୍ତ୍ରଣାଳୟ ଏହି ଅଭିଯୋଗକୁ ଖଣ୍ଡନ କରି କହିଛି ଯେ ତା'ର ଆଣବିକ ଓ ମିସାଇଲ୍ କାର୍ଯ୍ୟକ୍ରମ କେବଳ ଆଞ୍ଚଳିକ ସନ୍ତୁଳନ ରକ୍ଷା ପାଇଁ ଏବଂ ଭାରତରୁ ଉତ୍ପନ୍ନ ବିପଦକୁ ପ୍ରତିରୋଧ କରିବା ଉଦ୍ଦେଶ୍ୟରେ ବିକାଶ କରାଯାଉଛି। ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ମଧ୍ୟ ଏହି ନିଷେଧାଜ୍ଞାକୁ 'ଅନ୍ୟାୟ' ବୋଲି କହି ନିଜ ଦେଶର ପ୍ରତିରକ୍ଷା ନୀତିର ସମର୍ଥନ କରିଛନ୍ତି।

# ବେହୋସ ହେଲେ ଉପରାଷ୍ଟ୍ରପତି ଧନଖଡ଼



**ନୈନିତାଲ ୨୫।୬:** ଉପରାଷ୍ଟ୍ରପତି ଜଗଦୀପ ଧନଖଡ ବୁଧବାର କୁମାଉଁ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ଜୟନ୍ତୀ ସମହାରୋହରେ ଅଚେତ ହୋଇ ପଡିଛନ୍ତି। କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବା ପରେ ଧନଖଡ଼ ମଞ୍ଚରୁ ତଳକୁ ଓହ୍ଲାଇ ଦର୍ଶକଙ୍କ ମଧ୍ୟରେ ବସିଥିବା ତାଙ୍କର ପୂର୍ବତନ ସଂସଦୀୟ ସହଯୋଗୀ ମହେନ୍ଦ୍ର ସିଂହ ପାଲଙ୍କ ନିକଟକୁ ଆସିଥିଲେ। ଧନଖଡ ଓ ପାଲ ପରସ୍ପରକୁ ଦେଖି ଭାବୁକ ହୋଇପଡିଥିଲେ। କଥାବାର୍ତ୍ତା ପରେ ପରସ୍ପରକୁ କୋଳାଗ୍ରତ କରିଥିଲେ। ଏହି ସମୟରେ ପାଲଙ୍କ କାନ୍ଧରେ ମୁଣ୍ଡ ରଖି ଧନଖଡ ଅଚେତ ହୋଇପଡିଥିଲେ। ଉପରାଷ୍ଟ୍ରପତି ବେହୋସ ହେବା କେହି ଜାଣି ପାରିନଥିଲେ। ତେବେ ସେଠାକାର ପରିସ୍ଥିତିରୁ କିଛି ଅସୁବିଧା ହୋଇଥିବା ମନେ କରି ଉପରାଷ୍ଟ୍ରପତିଙ୍କ ଚିକିତ୍ସକୀୟ ଦଳ ତୁରନ୍ତ ସକ୍ରିୟ ହେବା ସହ ତାଙ୍କ ଚେତା ଫେରାଇ ଆଣିଛନ୍ତି। ଧନଖଡ ସୁସ୍ଥ ଅନୁଭବ କରିବା ସହିତ ରାଜଭବନ ଫେରି ଯାଇଛନ୍ତି। ଧନଖଡ ସେଠାରେ ରାତ୍ରି ବିଶ୍ରାମ କରିବେ। କୁମାଉଁ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମରେ ଭାଗ ନେବା ସହ ସେ ଏବେ ୩ ଦିବସୀୟ ଗସ୍ତରେ ଅଛନ୍ତି। ତେବେ ଏହି ଘଟଣା ପରେ ତାଙ୍କ ଗସ୍ତକାର୍ଯ୍ୟକ୍ରମ କାଣ୍ଟଛାଣ୍ଟ ହେବ କି ନା ସ୍ପଷ୍ଟ ହୋଇ ନାହିଁ। ଉତ୍ତରାଖଣ୍ଡ ଉଚ୍ଚ ନ୍ୟାୟାଳୟର ଅଧିବକ୍ତା ପାଲ ୧୯୮୯ ମସିହାରେ ଲୋକସଭା ସାଂସଦ ଥିଲେ। ଏହି ସମୟରେ ଜଗଦୀପ ଧନଖଡ ମଧ୍ୟ ଝୁନଝୁନରୁ ଲୋକସଭାରେ ସାଂସଦ ଥିଲେ। ସେହିଠାରେ ଦୁଇ ଜଣଙ୍କ ସମ୍ପର୍କ ଆରମ୍ଭ ହୋଇଥିଲା। ତେବେ ଦୀର୍ଘ ଦିନର ବ୍ୟବଧାନ ପରେ ଦୁଇ ବନ୍ଧୁ ପରସ୍ପରକୁ ଭେଟି ଭାବବିହ୍ୱଳ ହୋଇପଡିଥିଲେ। ଏହି ସମୟରେ ପଦେ ଦୁଇ ପଦର କଥାବାର୍ତ୍ତାରେ ସେମାନେ ପରସ୍ପରକୁ କୋଳାଗ୍ରତ କରୁଥିବା ବେଳ ଧନଖଡ ଅଚେତ ହୋଇଯାଇଥିଲେ। ତେବେ ପାଲଙ୍କ କାନ୍ଧରେ ଧନଖଡ ମଥା ରଖିଥିବାରୁ ସେ ତଳେ ପଡି ନାହାନ୍ତି।

# ଚିତାବାଘ ସହ ମଣିଷର ସଂଘର୍ଷ



**ନୂଆଦିଲ୍ଲୀ, ୨୫।୬ :** ଉତ୍ତର ପ୍ରଦେଶର ଲଖିମପୁର ଖେରି ଜିଲ୍ଲାରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି । ଧୌରାହରା ଥାନା ଅଞ୍ଚଳର ବାବୁରୀ ଗାଁରେ ଜଙ୍ଗଲରୁ ପଳାଇ ଆସିଥିବା ଏକ ଚିତାବାଘକୁ ସେଠାରେ କାମ କରୁଥିବା ଜଣେ ଯୁବକ ଧରି ପକାଇଥିଲେ । ଏହା ପରେ, ଘଟଣାସ୍ଥଳରେ ଉପସ୍ଥିତ ଥିବା ଭିଡ଼ ଚିତାବାଘ ଉପରେ ଇଟା ଏବଂ ପଥର ଫିଙ୍ଗା ଆରମ୍ଭ କରିଦେଇଥିଲା, ଯାହା ଫଳରେ ସେ ଆହତ ହୋଇ ଯୁବକଙ୍କ କବଳରୁ ଖସି ପଳାଇ ଯାଇଥିଲା । ସୂଚନା ଅନୁଯାୟୀ, ରବିବାର ଦିନ ଏକ ଚିତାବାଘ ଜଙ୍ଗଲରୁ ବାହାରି ବାବୁରି ଗାଁ ବାହାରେ ଥିବା ଏକ ଇଟା ଭାଟି ନିକଟକୁ ଆସିଥିଲା। ଏହାକୁ ଦେଖି ସେଠାରେ ଉପସ୍ଥିତ ମିହିଲାଲ ନାମକ ଜଣେ ଶ୍ରମିକ ସାହସିକତା ଦେଖାଇ ଚିତାବାଘକୁ ଧରି ଦୀର୍ଘ ସମୟ ପର୍ଯ୍ୟନ୍ତ ତଳେ ଚାପି ରଖିଲେ। ଏହି ସମୟରେ ଅନ୍ୟ ଶ୍ରମିକ ଏବଂ ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚି ଚିତାବାଘ ଉପରେ ଇଟା ଏବଂ ପଥର ଫିଙ୍ଗିବା ଆରମ୍ଭ କରିଦେଲେ। ଏହି କାରଣରୁ ଚିତାବାଘଟି ଆହତ ହୋଇଗଲା ଏବଂ ସୁଯୋଗ ପାଇବା ମାତ୍ରେ ମିହିଲାଲଙ୍କ କବଳରୁ ଖସି ଜଙ୍ଗଲ ଆଡ଼କୁ ଦୌଡ଼ିଗଲା । ଏହି ଘଟଣାରେ ମିହିଲାଲଙ୍କୁ ମଧ୍ୟ ସାମାନ୍ୟ ଆଘାତ ଲାଗିଥିଲା । ସମଗ୍ର ଘଟଣାଟି ସେଠାରେ ଉପସ୍ଥିତ ଅନ୍ୟ ଜଣେ କର୍ମଚାରୀ ମୋବାଇଲରେ ରେକର୍ଡ କରିଥିଲେ, ଯାହା ପରେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଭିଡିଓରେ ଚିତାବାଘଟିକୁ ତଳେ ପିଟି ପଥର ଫିଙ୍ଗାଯାଉଥିବାର ଦେଖିବାକୁ ମିଳୁଛି । ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ବନ ବିଭାଗ ଦଳ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ଚାରି ଘଣ୍ଟାର କଠିନ ପରିଶ୍ରମ ପରେ ଚିତାବାଘକୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଥିଲା । ଆହତ ମିହିଲାଲଙ୍କୁ ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

# ପ୍ରଶାନ୍ତ ମହାସାଗରରେ ବୁଡ଼ିଗଲା ୩୦୦୦ କାର୍ ଭର୍ତ୍ତି ଜାହାଜ




**ନୂଆଦିଲ୍ଲୀ, ୨୫।୬ :** ଉତ୍ତର ପ୍ରଶାନ୍ତ ମହାସାଗରରେ ଭୟାବହ ଅଗ୍ନିକାଣ୍ଡ ପରେ ବୁଡ଼ିଗଲା ପଣ୍ୟବାହୀ ଜାହାଜ । ଆଲସ୍କାରେ ଅନ୍ତର୍ଜାତୀୟ ଜଳରାଶିରେ ବୁଡ଼ିଗଲା କାର୍ଗୋ ସିପ ମର୍ଣ୍ଣିଂ ମିଡାସ । ଏହି କାର୍ଗୋ ସିପରେ ଥିଲା ୩ହଜାର ନୂଆ କାର । ସେଥିମଧ୍ୟରୁ ୮ଶହଟି ଇଭି କାର ଥିଲା ।

ମେକ୍ସିକୋର ପ୍ରମୁଖ ପୋର୍ଟ ଅଭିମୁଖେ ଜାହାଜଟି ଯାଉଥିଲା । ଜୁନ ୩ରେ ଜାହାଜରେ ହଠାତ ନିଆଁ ଲାଗିଯାଇଥିଲା । ଏହି ସମୟରେ ଜାହାଜଟି ଆଲାସ୍କା ଉପକୂଳରୁ ୩ଶହ ମାଇଲ ଦୂରରେ ଥଲା । ଜାହାଜରେ ୨୨ ଜଣ କ୍ରିଉ ମେମ୍ବର ଥିଲେ । ଏନେଇ ଆଲର୍ଟ ମିଳିବା ପରେ ଆମେରିକା କୋଷ୍ଟଗାର୍ଡ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା । ହୁ ହୁ ହୋଇ ଜଳୁଥିଲା ଜାହାଜ। ହେଲେ ଦୀର୍ଘଦିନ ପରେ ମଧ୍ୟ ଜାହାଜରେ ନିଆଁକୁ ଆୟତ୍ତ କରାଯାଇପାରିନଥିଲା। ଫଳରେ ଲଣ୍ଡନ ଭିତ୍ତିକ ଜୋଡିଆକ ମେରିଟାଇମ କଂପାନୀର କାର୍ଗୋ ସିପ ମର୍ଣ୍ଣିଂ ମିଡାସରେ ପାଣି ପଶିବା ସହ ସମୁଦ୍ରରେ ବୁଡ଼ି ଯାଇଥିଲା । ତେବେ ଏହାପୂର୍ବରୁ ସମସ୍ତ କ୍ରିଉ ମେମ୍ବରଙ୍କୁ ମର୍ଚ୍ଚାଣ୍ଟ ମେରାଇନ ଜାହାଜରେ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା । ଉପକୂଳରୁ ପ୍ରାୟ ୪୧୫ ମାଇଲ ଦୂରରେ ୧୬,୪୦୪ ହଜାର ୪୦୪ ଫୁଟ ଗଭୀରରେ ମର୍ଣ୍ଣିଂ ମିଡାସଟି ବୁଡ଼ିଯାଇଛି। ଜାହାଜରେ ଥିବା ୭୦ଟି ଇଲେକ୍ଟ୍ରିକ ଓ ୬୮୦ ଟି ହାଇବ୍ରିଡ ଯାନ ଥିବା ବେଳେ ଏହାକୁ ଉଦ୍ଧାର କରାଯାଇପାରିନାହିଁ । ଜାହାଜଟି ୬୦୦ ଫୁଟ ରହିଥିଲା । ୨୦୦୬ରେ ନିର୍ମିତ ଲାଇବେରିଆନ ଧ୍ୱଜ ଥିବା ଜାହାଜଟି ୨୬ ମଇରେ ଚୀନରୁ ମେକ୍ସିକୋ ପାଇଁ ବାହାରିଥିଲା ।

ସୂଚନାଯୋଗ୍ୟ, କେରଳ ଉପକୂଳରେ ସିଙ୍ଗାପୁରୁରୁ ୫୦ଟି କଣ୍ଟେନର ନେଇ ଯାଇଥିବା ଜାହାହଜରେ ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣରେ ୫ ଜଣ କର୍ମଚାରୀ ଆହତ ହୋଇଥିବା ବେଳେ ଅନ୍ୟମାନଙ୍କୁ ଉଦ୍ଧାର କରାଯାଇଥିଲା ।

# ଭାରତକୁ କାଳ ରୁଷୀୟ ତୈଳ: ଟ୍ରମ୍ପଙ୍କ ବଡ଼ ଷଡଯନ୍ତ୍ର



**ୱାଶିଂଟନ,୨୫।୬:** ଆମେରିକା ସିନେଟ୍‌ରେ ଏକ ନୂଆ ବିଲ୍ ଅଣାଯାଇଛି, ଯାହା ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ସାଙ୍କ୍ଶନିଂ ରୁଷିଆ ଆକ୍ଟ, ୨୦୨୫ ନାମକ ଏହି ବିଧେୟକ ଭାରତ ଏବଂ ଚାଇନା ଭଳି ଦେଶର ଆମେରିକା ସହ ବାଣିଜ୍ୟକୁ ବଦଳାଇଦେଇପାରେ। ସିନେଟର ଲିଣ୍ଡସେ ଗ୍ରାହାମ୍ ଆଣିଥିବା ଏହି ବିଲ୍‌କୁ 'ଅର୍ଥନୀତିର ବଙ୍କର ବଷ୍ଟର' ବୋଲି କହିଛନ୍ତି। ଏହା ରୁଷିଆ ସମେତ ଏହାଠାରୁ ଇନ୍ଧନ କିଣି ଏହାର ଅର୍ଥନୀତିକୁ ସହାୟତା କରୁଥିବା ଦେଶଗୁଡ଼ିକ ଉପରେ ଶକ୍ତ ପ୍ରହାର ହେବ। ୟୁକ୍ରେନ୍ ବିରୋଧରେ ଯୁଦ୍ଧ ଚଳାଇଥିବା ରୁଷିଆକୁ ଦଣ୍ଡିତ କରିବା ବିଲ୍‌ର ମୁଖ୍ୟ ଚିନ୍ତାଧାରା। କିନ୍ତୁ ଏହା ସେତିକିରେ ଅଟକି ନାହିଁ। ରୁଷିଆରୁ ତୈଳ ଓ ୟୁରାନିୟମ୍ କିଣୁଥିବା ଦେଶଗୁଡ଼ିକୁ ମଧ୍ୟ ଏଥିରେ ଟାର୍ଗେଟ କରାଯାଇଛି। ବିଲ୍ ଗୃହୀତ ହେଲେ ଆମେରିକା ରାଷ୍ଟ୍ରପତି ଏଭଳି ଦେଶଗୁଡ଼ିକରୁ ଆସୁଥିବା ସାମଗ୍ରୀ ଓ ସେବା ଉପରେ ୫୦୦ ପ୍ରତିଶତ ଟାରିଫ୍ ଲଗାଇବାକୁ କ୍ଷମତା ପାଇବେ। ବିଲ୍ ଅନୁଯାୟୀ, ଯେଉଁ ଦେଶଗୁଡ଼ିକ ଜାଣିଶୁଣି ରୁଷିଆ ସହ ୟୁରାନିୟମ ଓ ପେଟ୍ରୋଲିୟମ୍ ସାମଗ୍ରୀ କାରବାରରେ ସମ୍ପୃକ୍ତ ରହିଛନ୍ତି, ସେହି ଦେଶଗୁଡ଼ିକରୁ ଆମେରିକା ଆମଦାନୀ କରୁଥିବା ସମସ୍ତ ସାମଗ୍ରୀ ଓ ସେବା ଉପରେ ଶୁଳ୍କ ପରିମାଣକୁ ଏହାର ରାଷ୍ଟ୍ରପତି ୫୦୦ ପ୍ରତିଶତକୁ ବଢ଼ାଇବେ, ଯାହାକି ସ୍ୱାଭାବିକଠାରୁ ୫ ଗୁଣ ଅଧିକ। ଏହା ବ୍ୟତୀତ ରୁଷିଆର ନେତା, ବ୍ୟାଙ୍କ ଏବଂ ସାମରିକ ଠିକାଦାରମାନଙ୍କ ଉପରେ କଟକଣା ଲାଗୁ କରାଯିବାକୁ ବିଲ୍‌ରେ ବ୍ୟବସ୍ଥା ରହିଛି। ରୁଷିଆ ଯଦି ଯୁଦ୍ଧ ବଢ଼ାଇଚାଲେ ଏବଂ ଶାନ୍ତି ଉଦ୍ୟମରେ ପ୍ରତିବନ୍ଧକ ସୃଷ୍ଟି କରେ ତେବେ କଠୋର ଭାବେ ଦଣ୍ଡିତ କରାଯିବ। ସିନେଟର ଗ୍ରାହାମ କହିଛନ୍ତି, ରୁଷିଆ ସାଙ୍କ୍ଶନ ବିଲ୍ ପାଇଁ ଆମେ ୮୪ ଜଣ ସହପ୍ରାୟୋଜକ ପାଇଛୁ। ତେଣୁ ବିଲ୍ ଗୃହୀତ ହୋଇଯିବ ବୋଲି ସେ କହିଛନ୍ତି।

## ଜାତୀୟ ମାଷ୍ଟର୍ସ ମହିଳା ହକି

# ଦୁଇ ସରିତାଙ୍କ ୮ ଗୋଲ୍, ସେମିରେ ଓଡ଼ିଶା



**ଭୁବନେଶ୍ୱର, ୨୫।୬ (ସଂଚାର ବ୍ୟୁରୋ):** ଚେନ୍ନାଇରେ ଚାଲିଥିବା ଜାତୀୟ ମାଷ୍ଟର୍ସ କପ୍ ହକି ପ୍ରତିଯୋଗିତାର ସେମିଫାଇନାଲ୍‌ରେ ଓଡ଼ିଶା ମହିଳା ଦଳ ପ୍ରବେଶ କରିଛି। ମଙ୍ଗଳବାର କ୍ୱାର୍ଟରଫାଇନାଲ୍‌ରେ ଓଡ଼ିଶା ୧୦-୦ ଗୋଲ୍‌ରେ କେରଳକୁ ମାତ୍ ଦେଇଛି। ଓଡ଼ିଶା ଦଳର ଦୁଇ ସରିତା ମିଳିତ ଭାବେ ୮ ଗୋଲ୍ ଦେଇ ଏହି ସଫଳତା ଆଣିଛନ୍ତି। ସରିତା ଲାକ୍ରା ୫ ଓ ସରିତା ରୋଶନ ମିଞ୍ଜ୍ ୩ ଗୋଲ୍ ଦେଇଥିଲେ। ମ୍ୟାଚ୍‌ର ଅଷ୍ଟମ ମିନିଟ୍‌ରେ ଅଧିନାୟିକା ଲୁସେଲା ଏକ୍କାଙ୍କ ଫିଲ୍ଡ ଗୋଲ୍‌ରେ ଓଡ଼ିଶା ଅଭିଯାନ ଆରମ୍ଭ କରିଥିଲା। ଏହାପରେ ପ୍ରତିମା ଏକ୍କା (୧୧ ମିନିଟ୍) ଓ ସରିତା ଲାକ୍ରା (୧୪ ମିନିଟ୍)ଙ୍କ ଗୋଲ୍‌ରେ ଓଡ଼ିଶା ପ୍ରଥମ କ୍ୱାର୍ଟରରେ ୩-୦ରେ ଆଗରେ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ସରିତା ରୋଶନ ମିଞ୍ଜ (୨୩, ୨୬ ମିନିଟ୍) ଦୁଇଟି ଗୋଲ୍ ସ୍ଥିତି ୫-୦ କରିଥିଲେ। ତୃତୀୟ କ୍ୱାର୍ଟରରେ ସରିତା ଲାକ୍ରା (୩୨, ୩୬ ମିନିଟ୍) ଦୁଇଟି ଓ ସରିତା ରୋଶନ ମିଞ୍ଜ୍ (୪୩ ମିନିଟ୍) ଗୋଟିଏ ଗୋଲ୍ ଦେଇ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ଶେଷ କ୍ୱାର୍ଟରରେ ସରିତା ଲାକ୍ରା (୪୬, ୫୦ ମିନିଟ୍) ଦୁଇଟି ଗୋଲ୍ ଲଦି ୫ ଗୋଲ୍ ଦେବାର ସଫଳତା ପାଇବା ସହ ଦଳକୁ ବିଜୟ ଭେଟି ଦେଇଥିଲେ। ସରିତା ରୋଶନ ମିଞ୍ଜ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଓଡ଼ିଶା ଗୁରୁବାର ସେମିଫାଇନାଲ୍‌ରେ ତାମିଲନାଡୁକୁ ଭେଟିବ। ତାମିଲନାଡୁ ୩-୧ରେ କର୍ଣ୍ଣାଟକକୁ ହରାଇଥିଲା। ଅନ୍ୟଏକ ସେମିଫାଇନାଲ୍‌ରେ ପଞ୍ଜାବ-ହରିୟାଣା ମୁହାଁମୁହିଁ ହେବେ। ପଞ୍ଜାବ ୧୩-୦ରେ ମହାରାଷ୍ଟ୍ରକୁ ଏବଂ ହରିୟାଣା ୮-୦ରେ ହିମାଚଳପ୍ରଦେଶକୁ ପରାସ୍ତ କରିଥିଲେ।

## ଶକ୍ତିସ୍ୱରୂପ ଲେବଲ୍-୧ ପ୍ରଶିକ୍ଷକ



କଟକ,୨୫।୬ (ସଂଚାର ବ୍ୟୁରୋ): ପୂର୍ଣ୍ଣେନ୍ଦୁ ଜେନାଙ୍କ ପରେ ଦ୍ୱିତୀୟ ଓଡ଼ିଆ ଭାବେ ଶକ୍ତିସ୍ୱରୂପ ଦାଶ ବିସିସିଆଇ ଦ୍ୱାରା ପରିଚାଳିତ ଅଷ୍ଟ୍ରେଲିୟାନ୍ ଷ୍ଟ୍ରେଙ୍ଥ ଓ କଣ୍ଡିସନିଂ ଆସୋସିଏସନ୍ (ଏଏସ୍‌ସିଏ) ଲେବଲ୍-୧ ପ୍ରଶିକ୍ଷଣ ପାଠ୍ୟକ୍ରମ ସଫଳତାର ସହ ହାସଲ କରିଛନ୍ତି। ଶକ୍ତିସ୍ୱରୂପ ଓଡ଼ିଶାର ୧୬ବର୍ଷରୁ କମ୍ କ୍ରିକେଟ୍ ଦଳ ଷ୍ଟ୍ରେଙ୍ଥ ଓ କଣ୍ଡିସନିଂ ପ୍ରଶିକ୍ଷକ ଭାବେ ଗତବର୍ଷ କାର୍ଯ୍ୟ କରିଛନ୍ତି। ଏହି ସଫଳତା ସହ ଶକ୍ତିସ୍ୱରୂପ ଆସନ୍ତା ଜୁଲାଇରେ ବେଙ୍ଗାଲୁରର ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍‌ସର ଲେବଲ୍-୨ ପାଠ୍ୟକ୍ରମ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଓସିଏ ସଂପାଦକ ସଞ୍ଜୟ ବେହେରା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଏସିଆନ୍ ସ୍କ୍ୱାଶ୍ ଚାମ୍ପିଅନସିପ୍

## ସେମିରେ ଅନାହତ-ଜ୍ୟୋତ୍ସ୍ନା ଯୋଡ଼ି



**ନୂଆଦିଲ୍ଲୀ, ୨୫।୬:** ମାଲେସିଆରେ ଚାଲିଥିବା ଏସିଆନ୍ ସ୍କ୍ୱାଶ୍ ଡବଲ୍ସ ଚାମ୍ପିଅନସିପ୍‌ରେ ଭାରତର ଅନାହତ୍ ସିଂହ ଓ ଜ୍ୟୋତ୍ସ୍ନା ଚିନାପ୍ପା ଏବଂ ଅଭୟ ସିଂହ ଓ ଭେଲାବନ ସେନ୍ଥିଲକୁମାର ଯୋଡ଼ି ବିଜୟ ଜାରି ରଖି ସେମି ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ମହିଳା ଡବଲ୍ସ କ୍ୱାର୍ଟର ଫାଇନାଲ୍‌ରେ ଅନାହତ୍‌ଜ୍ୟୋତ୍ସ୍ନା ଯୋଡ଼ି ୨-୦ (୧୧-୬, ୧୧-୩)ରେ ଫିଲିପାଇନ୍ସର ଜେମିକା ଆଡିବଡୋ-ୱାଇ. ଆଲିସା ଡାଲିଡା ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବା ପାଇଁ ଉଭୟଙ୍କୁ ମାତ୍ର ୧୨ ମିନିଟ୍ ଲାଗିଥିଲା। ଅନ୍ୟ ଏକ କ୍ୱାର୍ଟର ମୁକାବିଲାରେ ପୂଜା ଆରତୀ ରଘୁ-ରଥିକା ସିଲାନ ଯୋଡ଼ି ୦-୨ (୭-୧୧, ୬-୧୧)ରେ ମାଲେସିଆ ଯୋଡ଼ିଙ୍କ ନିକଟରୁ ହାରିଯାଇଥିଲେ। ପୁରୁଷ ଡବଲ୍ସ କ୍ୱାର୍ଟରରେ ଡିଫେଣ୍ଡିଂ ଚାମ୍ପିଅନ୍ ତଥା ଟପ୍ ସିଡ୍ ଅଭୟ-ସେନ୍ଥିଲକୁମାର ଯୋଡ଼ି ୨-୧ (୧୦-୧୧, ୧୧-୩, ୧୧-୫)ରେ କୋରିଆର ମିନଉ ଲି-ଜୁୟଙ୍ଗ୍‌ନା ଯୋଡ଼ିଙ୍କୁ ପରାଜିତ କରିଥିଲେ। ମାତ୍ର ଅନ୍ୟ ଭାରତୀୟ ଯୋଡ଼ି ରବି ଦୀକ୍ଷିତ-ଗୁହାନ ସେନ୍ଥିଲକୁମାର ଯୋଡ଼ି ପ୍ରି-କ୍ୱାର୍ଟରରେ ହାରି ବିଦାୟ ନେଇଥିଲେ। ମିକ୍ସଡ୍ ଡବଲ୍ସରେ ଅନାହତ୍- ଅଭୟ ଏବଂ ଜ୍ୟୋତ୍ସ୍ନା-ସେନ୍ଥିଲକୁମାର ଯୋଡ଼ି ପ୍ରଥମ ରାଉଣ୍ଡ୍ ବାଇ ପାଇ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି।

# ପୋଲାର୍ଡଙ୍କ ବିରଳ ରେକର୍ଡ: ୭୦୦ ଟି-ଟ୍ୱେଣ୍ଟି ଖେଳିବାରେ ପ୍ରଥମ ଖେଳାଳି

ନୂଆଦିଲ୍ଲୀ, ୨୫।୬ : ଆମେରିକାରେ ଚାଲିଥିବା ମେଜର ଲିଗ୍ କ୍ରିକେଟ (ଏମ୍‌ଏଲ୍‌ସି) ଟୁର୍ଣ୍ଣାମେଣ୍ଟରେ ୱେଷ୍ଟଇଣ୍ଡିଜର ପ୍ରସିଦ୍ଧ ଅଲରାଉଣ୍ଡର କିରଣ ପୋଲାର୍ଡ ଏକ ବିରଳ ରେକର୍ଡ଼ କରିଛନ୍ତି। ସେ ବିଶ୍ୱର ପ୍ରଥମ ଖେଳାଳି ଭାବେ ୭୦୦ ଟି-ଟ୍ୱେଣ୍ଟି ଖେଳିଛନ୍ତି। ଏମ୍‌ଆଇ ନ୍ୟୁୟର୍କ ପକ୍ଷରୁ ଖେଳୁଥିବା ପୋଲାର୍ଡ ମଙ୍ଗଳବାର ସାନ୍ ଫ୍ରାନ୍ସିସ୍କୋ ୟୁନିକର୍ଣ୍ଣସ ବିପକ୍ଷ ମ୍ୟାଚ୍‌ରେ ଏହି ଉପଲବ୍ଧି ହାସଲ କରିଛନ୍ତି। ଉକ୍ତ ମ୍ୟାଚ୍‌ରେ ସେ ୨ଟି ୱିକେଟ୍ ନେବା ସହ ଅପରାଜିତ ୩୪ରନ୍ କରିଥିଲେ। ମାତ୍ର ଏମ୍‌ଆଇ ନ୍ୟୁୟର୍କ ୪୭ରନ୍‌ରେ ଏହି ମ୍ୟାଚ୍ ପରାଜିତ କରିଥିଲା। ପୋଲାର୍ଡ ଟି-ଟ୍ୱେଣ୍ଟି ଫର୍ମାଟ କ୍ରିକେଟରେ ୭୦୦ ମ୍ୟାଚ୍ ଖେଳି ୧୩୬୭୮ ରନ୍ ସଂଗ୍ରହ କରିସାରିଲେଣି। ସେ ଗୋଟିଏ ଶତକ ଏବଂ ୬୭ଟି ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି। ବୋଲିଂରେ ସେ ୩୨୮ଟି ୱିକେଟ୍ ଅକ୍ତିଆର କରିଛନ୍ତି। ଅନ୍ୟ ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର ଡ୍ୱେନ ବ୍ରାଭୋ ଦ୍ୱିତୀୟ ସର୍ବାଧିକ ୫୮୨ଟି ମ୍ୟାଚ୍ ଖେଳିଥିବାବେଳେ ପାକିସ୍ତାନର ସୋଏବ ମଲିକ ୫୫୭ଟି ମ୍ୟାଚ୍ ସହ ତୃତୀୟ, ୱେଷ୍ଟଇଣ୍ଡିଜର ଆନ୍ଦ୍ରେ ରସେଲ ୫୫୬ଟି ମ୍ୟାଚ୍ ସହ ଚତୁର୍ଥ, ସୁନୀଲ ନାରାଏନ ୫୫୧ଟି ମ୍ୟାଚ୍ ସହ ପଞ୍ଚମ, ଦକ୍ଷିଣ ଆଫ୍ରିକାର ଡେଭିଡ୍ ମିଲର ୫୩୦ଟି ମ୍ୟାଚ୍ ସହ ଷଷ୍ଠ, ଇଂଲଣ୍ଡର ଆଲେକ୍ସ ହେଲ୍ସ ୫୦୦ ମ୍ୟାଚ୍ ସହ ସପ୍ତମ ସ୍ଥାନରେ ରହିଛନ୍ତି। ଭାରତ ପକ୍ଷରୁ ରୋହିତ ଶର୍ମା ସର୍ବାଧିକ ୪୬୩ଟି ଟି-ଟ୍ୱେଣ୍ଟି ଖେଳିଛନ୍ତି।





## ନୀରଜଙ୍କୁ ଗୋଲ୍‌ଡେନ୍ ସ୍ପାଇକ୍ ମୁକୁଟ

ନୂଆଦିଲ୍ଲୀ,୨୫।୬: ଭାରତର ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନ ନୀରଜ ଚୋପ୍ରା ଚେକ ରିପବ୍ଲିକର ଅଷ୍ଟ୍ରାଭାରେ ଆୟୋଜିତ ପ୍ରତିଷ୍ଠିତ ୬୪ତମ ଅଷ୍ଟ୍ରାଭା ଗୋଲ୍ଡେନ୍ ସ୍ପାଇକ ୨୦୨୫ (ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର ଗୋଲ୍ଡ ଲେଭେଲ) ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ପୁଣି ଥରେ ଦେଶର ଗୌରବ ବୃଦ୍ଧି କରିଛନ୍ତି। ନୀରଜ ଚୋପ୍ରା ଏହି ଇଭେଣ୍ଟରେ ଦମଦାର ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ଅଧିକାର କରିଛନ୍ତି। ରିପୋର୍ଟ ଅନୁସାରେ, ତାଙ୍କର ପ୍ରଥମ ପ୍ରୟାସ ଫାଉଲ ହୋଇଥିଲା, କିନ୍ତୁ ଦ୍ୱିତୀୟ ପ୍ରୟାସରେ ସେ ୮୩.୪୫ ମିଟର ଦୂରତା ହାସଲ କରି ପ୍ରତିଯୋଗିତାରେ ଆଗୁଆ ରହିଥିଲେ। ତାଙ୍କର ଶେଷ ଥ୍ରୋରେ ୮୮.୬୫ ମିଟର ଦୂରତା ହାସଲ କରି ସେ ସ୍ୱର୍ଣ୍ଣ ପଦକ ନିଶ୍ଚିତ କରିଥିଲେ। ଏହି ପ୍ରଦର୍ଶନ ତାଙ୍କୁ ଜର୍ମାନୀର ଜୁଲିୟାନ ୱେବର ଓ ଗ୍ରେନାଡାର ଆଣ୍ଡରସନ ପିଟର୍ସଙ୍କୁ ପଛରେ ରଖିଥିଲେ।

## ଆଇଏସପିଏଲରେ ଏଣ୍ଟ୍ରି ମାରିଲେ ସଲମାନ



ନୂଆଦିଲ୍ଲୀ,୨୫।୬: ଦେଶର ପ୍ରଥମ ଏବଂ ସର୍ବବୃହତ ଟେନିସ-ବଲ ଟି୧୦ କ୍ରିକେଟ ଲିଗ – ଇଣ୍ଡିଆନ ଷ୍ଟ୍ରିଟ ପ୍ରିମିୟର ଲିଗ (ଆଇଏସପିଏଲ ସିଜିନ ୩) ଏହାର ତୃତୀୟ ସିଜିନ ପୂର୍ବରୁ ଏକ ବଡ଼ ଘୋଷଣା କରିଛି। ବଲିଉଡ ସୁପରଷ୍ଟାର ସଲମାନ ଖାନ ଏବେ ଆଇଏସପିଏଲର ନୂଆ ଦିଲ୍ଲୀ ଫ୍ରାଞ୍ଚାଇଜର ମାଲିକ ହେବେ। ଏହି ନୂତନ ଦଳକୁ ଆଇଏସପିଏଲରେ ଏପରି ସମୟରେ ସାମିଲ କରାଯାଇଛି ଯେତେବେଳେ ଲିଗ ଏହାର ଦ୍ୱିତୀୟ ସିଜିନରେ ରେକର୍ଡ ଭାଙ୍ଗି ଲୋକପ୍ରିୟତା ହାସଲ କରିଛି। ଆଇଏସପିଏଲର ସିଜିନ ୨ ଟିଭିରେ ୨.୮ କୋଟିରୁ ଅଧିକ ଦର୍ଶକଙ୍କ ପାଖରେ ପହଞ୍ଚିଛି ଏବଂ ପ୍ରଥମ ସିଜିନ ତୁଳନାରେ ୪୭ ପ୍ରତିଶତ ଅଭିବୃଦ୍ଧି ପଞ୍ଜିକୃତ କରିଛି। ଏହା ଆଇଏସପିଏଲକୁ ଦେଶର ସବୁଠାରୁ ବଡ଼ କ୍ରୀଡା ଏବଂ ମନୋରଞ୍ଜନ ମହୋତ୍ସବ ମଧ୍ୟରୁ ଗୋଟିଏ କରିଛି, ଯାହା ଦର୍ଶକଙ୍କୁ କ୍ରିକେଟ ସହିତ ସଙ୍ଗୀତ ଏବଂ ତାରକାଙ୍କ ସଙ୍ଗମର ଏକ ଅନନ୍ୟ ଅଭିଜ୍ଞତା ପ୍ରଦାନ କରେ। ସଲମାନ ଖାନଙ୍କ ସାମିଲ କେବଳ ନୂଆଦିଲ୍ଲୀ ଦଳକୁ ମଜବୁତ କରିବ ନାହିଁ, ବରଂ ସମଗ୍ର ଲିଗକୁ ଏକ ନୂତନ ଉତ୍ସାହ ଏବଂ ନୂତନ ପରିଚୟ ଦେବ। ଏବେ ସେ ଆଇଏସପିଏଲର ଅନ୍ୟ ଦଳଗୁଡ଼ିକର ମାଲିକ ଥିବା ସେଲିବ୍ରିଟିଙ୍କ ତାଲିକାରେ ସାମିଲ ହୋଇଛନ୍ତି। ଏଥିରେ ଅମିତାଭ ବଚ୍ଚନ (ମାଝି ମୁମ୍ବାଇ), ସୈଫ ଅଲ୍ଲୀ ଖାନ ଏବଂ କରୀନା କପୁର ଖାନ (ଟାଇଗର୍ସ ଅଫ କୋଲକାତା), ଅକ୍ଷୟ କୁମାର (ଶ୍ରୀନଗର କେ ବୀର), ସୂର୍ଯ୍ୟା (ଚେନ୍ନାଇ ସିଂଘମ୍ସ), ହ୍ରିତିକ ରୋଶନ (ବାଙ୍ଗାଲୋର ଷ୍ଟ୍ରାଇକର୍ସ) ଏବଂ ରାମ ଚରଣ (ଫାଲକନ ରାଇଜର୍ସ ହାଇଦ୍ରାବାଦ) ଭଳି ନାମ ଅନ୍ତର୍ଭୁକ୍ତ। ହିନ୍ଦୀ ସିନେମାର ତାରକା ସଲମାନ ଖାନ କହିଛନ୍ତି, କ୍ରିକେଟ ହେଉଛି ପ୍ରତ୍ୟେକ ଭାରତୀୟ ରାସ୍ତାର ହୃଦସ୍ପନ୍ଦନ, ଏବଂ ଯେତେବେଳେ ସେହି ଶକ୍ତି ଷ୍ଟାଡିୟମରେ ପହଞ୍ଚିଥାଏ, ଆଇଏସପିଏଲ ଭଳି ଏକ ଲିଗ ଜନ୍ମ ହୁଏ। ମୁଁ ସର୍ବଦା ଖେଳ ପ୍ରତି ଉତ୍ସାହୀ, ଏବଂ ଆଇଏସପିଏଲ ସହିତ ଜଡିତ ହୋଇ ମୁଁ ଅତ୍ୟନ୍ତ ଖୁସି। ଏହି ଲିଗ କେବଳ ତୃଣମୂଳ ସ୍ତରରେ କ୍ରିକେଟକୁ ପ୍ରୋତ୍ସାହିତ କରେ ନାହିଁ, ବରଂ ପ୍ରତିଭାଶାଳୀ ଖେଳାଳିମାନଙ୍କୁ ଏକ ଦୃଢ଼ ପ୍ଲାଟଫର୍ମ ମଧ୍ୟ ପ୍ରଦାନ କରେ। ଏହା କେବଳ ଆରମ୍ଭ – ସିଜିନ ୩ ସହିତ, ଦର୍ଶକମାନେ ଆମ ଦଳ ବିଷୟରେ ଅଧିକ ଜାଣିପାରିବେ ଏବଂ ସେମାନଙ୍କ ସହିତ ଗଭୀର ସମ୍ପର୍କ ସ୍ଥାପନ କରିବେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କୁମ୍ଭୀର...

କରିପାରିନଥିଲେ। କିନ୍ତୁ ଧୈର୍ଯ୍ୟହରା ନ ହୋଇ ସେ ବୁଦ୍ଧି ପାଞ୍ଚି କୁମ୍ଭୀର ଆଖିକୁ ନିୟମିତ ଭାବେ ଆଘାତ ଦେଇଚାଲିଥିଲେ। ଶେଷରେ ନିଜ ପ୍ରଚେଷ୍ଟାରେ ପ୍ରଭାତ ସଫଳ ହୋଇଥିଲେ ଓ କୁମ୍ଭୀର ପାଟିରୁ ହାତକୁ ମୁକୁଳାଇ ପହଁରି ପହଁରି ନଦୀ କୂଳକୁ ଆସିଯାଇଥିଲେ। ଖବର ପାଇ ତାଙ୍କ ପରିବାର ଲୋକେ ନଦୀକୂଳରେ ପହଞ୍ଚିବା ବେଳକୁ ପ୍ରଭାତ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପାଇଥିଲେ। ତାଙ୍କୁ ତୁରନ୍ତ ନିକଟସ୍ଥ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ତାଙ୍କ ଡାହାଣ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ ଜଙ୍ଘରେ ମଧ ଆଘାତ ଲାଗିଛି।

ତେବେ ବର୍ତ୍ତମାନ କୁମ୍ଭୀରଙ୍କ ପ୍ରଜନନ ଋତୁ ହୋଇଥିବା ବେଳେ ଏହି ସମୟରେ ସେମାନେ ଅଧିକ ହିଂସ୍ର ହୋଇଥାନ୍ତି ବୋଲି ଭିତରକନିକା ଏସିଏଫ୍ ମାନସ କୁମାର ଦାସ କହିଛନ୍ତି। ଏଥିସହ ଭିତରକନିକାକୁ ଯୋଡୁଥିବା ନଦୀମାନଙ୍କ ଉପରେ ନିର୍ଭର କରୁଥିବା ଲୋକମାନେ ବର୍ଷାଦିନେ ନଦୀରେ ସତର୍କତାର ସହ ଚଳପ୍ରଚଳ କରିବାକୁ ସେ ପରାମର୍ଶ ଦେଇଛନ୍ତି। କୁମ୍ଭୀର ଦାଉରୁ ଜନସାଧାରଣଙ୍କୁ ରକ୍ଷା କରିବା ସକାଶେ ଭିତରକନିକା ଜାତୀୟ ଉଦ୍ୟାନ ଅନ୍ତର୍ଗତ ୧୨୦ଟି ନଦୀଘାଟରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିବା ଶ୍ରୀ ଦାସ କହିଛନ୍ତି।

### ଆଜି ...

ପରେ ରଥଖଳାରୁ ସିଂହଦ୍ୱାରରେ ପହଞ୍ଚି ତିନି ରଥ। ରଥଯାତ୍ରା ପାଇଁ ସବୁ ବିଭାଗର ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଭକ୍ତଙ୍କ ସୁବିଧା ପାଇଁ ୩୬୫ଟି ଅତିରିକ୍ତ ଟ୍ରେନର ବ୍ୟବସ୍ଥା କରିଛି ରେଳ ବିଭାଗ । ଚଳିତ ଥର ରେଳ ସୁରକ୍ଷା ଓ ଯାତ୍ରୀଙ୍କ ସୁବିଧା ପାଇଁ ଏଆଇ ଟେକ୍ନୋଲୋଜିର ବ୍ୟବହାର କରାଯାଇଛି । ଫେସ୍ ରିଡିଂ ସିଷ୍ଟମ, ଆଣ୍ଟି କ୍ରାଇମ୍ ୟୁନିଟ୍ ସହ ୨୫୦ ସିସିଟିଭି ମାଧ୍ୟମରେ ସୁରକ୍ଷା ଯାଞ୍ଚ କରାଯିବ । ଦମକଳ ଓ ଆମ୍ବୁଲାନ୍ସ ସହ ପ୍ରସ୍ତୁତ ରହିବ ୨୪ ଘଣ୍ଟିଆ ଡାକ୍ତରୀ ସେବା। ଏହାଛଡ଼ା ରଥଟଣାକୁ ନେଇ ଚୂଡ଼ାନ୍ତ ମକ୍ ଡ୍ରିଲ କରିଛି ପୋଲିସ୍ । ୨୦୫ ପ୍ଲାଟୁନ ଫୋର୍ସ ସମେତ ୮ ପ୍ଲାଟୁନ କେନ୍ଦ୍ରୀୟ ଫୋର୍ସ ମୁତୟନ ହୋଇଛନ୍ତି। ପ୍ରଥମ ଥର ଲାଗି ରଥଯାତ୍ରାରେ ମୁତୟନ ରହିବେ ଏନଏସଜି ସ୍ନାଇପର। ଏଆଇ ନିୟନ୍ତ୍ରିତ ସିସିଟିଭି ସହ ଏଥର ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା ବି ହୋଇଛି। ୮ଟି ଭାଗରେ ସୁରକ୍ଷା ଓ ଶୃଙ୍ଖଳା ବ୍ୟବସ୍ଥାକୁ ବିଭକ୍ତ କରିଛି ପୁଲିସ। ଟ୍ରାଫିକ୍, ମନ୍ଦିର ଇନର, ଇନର କର୍ଡନ, କ୍ରାଉଡ୍ କଣ୍ଟ୍ରୋଲ ବ୍ୟବସ୍ଥା ହୋଇଛି। ଉତ୍ତରାରୁ ପୁରୀ, ପୁରୀରୁ କୋଣାର୍କ ସିସିଟିଭି ନଜରରେ ରହିବ । ଲାଇଭ୍ ଫିଡ୍ ଦେଖି ସବୁ କିଛି କଣ୍ଟ୍ରୋଲ ରୁମ୍‌ରୁ କଣ୍ଟ୍ରୋଲ ହେବ। ପ୍ରାୟ ୨ ଶହ ପ୍ଲାଟୁନ ଫୋର୍ସ ସୁରକ୍ଷା ଦାୟିତ୍ୱରେ ରହିବେ। ଆକାଶ ମାର୍ଗରୁ ଏରିୟଲ ସର୍ଭେ କରି ତୀକ୍ଷ୍ଣ ନଜର ରଖାଯିବ। ଉପକୂଳରେ ତଟରକ୍ଷୀ, ମେରାଇନ ପୁଲିସ ପାଟ୍ରୋଲିଂ କରିବେ। ପୁରୀ ଓ କୋଣାର୍କ ପଟୁ ଆସୁଥିବା ଗାଡିଗୁଡ଼ିକ ପାଇଁ ମଧ୍ୟ ସ୍ୱତନ୍ତ୍ର ରୁଟ ଚାଟ ପ୍ରସ୍ତୁତ କରାଯାଇଛି।

### କ୍ୟାମ୍ପସରେ...

ବିଗିଡ଼ିଥିବା ଆଇନ ଶୃଙ୍ଖଳାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ବିଜେଡି। ବିଧାୟକ ବ୍ୟୋମକେଶ ରାୟ ଓ ଦେବୀରଂଜନ ତ୍ରିପାଠୀ ଏହି ପ୍ରସଙ୍ଗରେ ବିଜେପି ସରକାରକୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ପ୍ରତିଦିନ ଦୁଷ୍କର୍ମ ହେଉଛି। ଆଇନ ଶୃଙ୍ଖଳା ବିଗିଡ଼ି ଯାଇଛି। ଶାସନ ବ୍ୟବସ୍ଥାକୁ ଅପରାଧୀଙ୍କ ଭୟ ନାହିଁ ବୋଲି କହିଛି ବିଜେଡି। ବିଜୁ ଯୁବ ଓ ଛାତ୍ର ବ୍ୟାନରରେ ଡକାଇଯାଇଥିବା ଏହି ଆନ୍ଦୋଳନରେ ଦଳର ସବୁ ସ୍ତରର ନେତା ସାମିଲ ହୋଇଥିଲେ। ସବୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ ଏଥିରେ ସାମିଲ ହୋଇଥିଲେ।

ରାଜ୍ୟ ସରକାରକୁ ବ୍ୟୋମକେଶ ରାୟ ଚେତାବନୀ ଦେଇଛନ୍ତି ଯେ ରାଜ୍ୟ ସରକାର ତୁରନ୍ତ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣନ୍ତୁ ନଚେତ୍ ଗାଦି ଛାଡ଼ନ୍ତୁ। ନାରୀ ଆଜି ସବୁଠି ଅସୁରକ୍ଷିତ। ଏପରିକି କ୍ୟାମ୍ପସରେ ମଧ୍ୟ ଛାତ୍ରୀମାନେ ସୁରକ୍ଷିତ ନୁହନ୍ତି। ଏହାର ପ୍ରତିବାଦରେ ଆଜି ବିଜେଡିର ଛାତ୍ର ଓ ଯୁବ ସଂଗଠନ ସାରା ରାଜ୍ୟରେ ବିକ୍ଷୋଭ କରିଛି। ଏହାକୁ ଅଭୂତପୂର୍ବ ସଫଳତା ମିଳିଥିବା କହିଛନ୍ତି ଦେବୀରଂଜନ ତ୍ରିପାଠୀ। ସମସ୍ତେ ଏଥିରେ ସାମିଲ ହୋଇଥିଲେ। ଆଗକୁ ଯଦି ସ୍ଥିତିରେ କୌଣସି ସୁଧାର ନ ଆସେ, ତା'ହେଲେ ଦଳ ଦୁର୍ବାର ଆନ୍ଦୋଳନ କରିବ ବୋଲି ଶ୍ରୀ ରାୟ ବିଜେପି ସରକାରକୁ ଚେତାଇ ଦେଇଛନ୍ତି।

### ବିକାଶର...

କ୍ଷେତ୍ରରେ ଆତ୍ମନିର୍ଭର କରିବାରେ ସହାୟତା କରିଛନ୍ତି। ସେ ଜନସାଧାରଣଙ୍କ ସହ ସିଧାସଳଖ ସମ୍ପର୍କ ରଖିଥାନ୍ତି ଏବଂ ଓଡ଼ିଶାରେ ଜନସେବା ଓ ବିକାଶମୂଳକ କାର୍ଯ୍ୟ ପାଇଁ ସେ ସବୁବେଳେ ପ୍ରଶଂସିତ ହୋଇଆସିଛନ୍ତି। ଶିକ୍ଷାର ବିକାଶ ପାଇଁ ଏବେ ସାରା ଦେଶରେ ଜାତୀୟ ଶିକ୍ଷା ନୀତି ଲାଗୁ କରି ସେ ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ଜଣେ ଟାଣୁଆ, ବିବାଦମୁକ୍ତ ରାଜନେତା ଓ ନିଷ୍ଠାପର ନେତୃତ୍ୱ ପାଇଁ ସେ ବେଶ ପରିଚିତ। ନିଜର କାର୍ଯ୍ୟ ଓ ନୀତି ମାଧ୍ୟମରେ ଜନସାଧାରଣଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ଅର୍ଜନ କରିଛନ୍ତି। ଏପରିକି ସୋସିଆଲ ମିଡିଆ 'ଏକ୍ସ' ତାଙ୍କୁ ଅଭିଯୋଗ-ପ୍ରତିଆରୋପରୁ ଦୂରେଇ ରହୁଥିବା, ନିଷ୍କଳଙ୍କ ଓ ବେଦାଗ ନେତା ଭାବେ ବର୍ଣ୍ଣନା କରିଛି। ଯଦିଓ ରାଜନୀତିରେ ବିବାଦ ସାଧାରଣ, ଧର୍ମେନ୍ଦ୍ର ପ୍ରଧାନ ବେଦାଗ ଓ ସଚ୍ଚୋଟ ଚିତ୍ର ବଜାୟ ରଖିଛନ୍ତି। ତାଙ୍କ ବିରୋଧରେ କୌଣସି ବିବାଦ କିମ୍ବା ଅଭିଯୋଗ ସାମ୍ନାକୁ ଆସିନାହିଁ, ଯାହା ତାଙ୍କୁ ଅନ୍ୟ ରାଜନେତାଙ୍କଠାରୁ ପୃଥକ କରେ। ସେ ବିଜେପିର ଜାତୀୟ ସ୍ତରରେ ଜଣେ ପ୍ରଭାବଶାଳୀ ନେତା। ୨୦୧୦ରୁ ସେ ବିଜେପିର ଅଖିଳ ଭାରତୀୟ ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି ଏବଂ ଝାଡ଼ଖଣ୍ଡ, ଛତିଶଗଡ଼, ବିହାର, ପଶ୍ଚିମବଙ୍ଗ, କର୍ଣ୍ଣାଟକ ପରି ରାଜ୍ୟରେ ଦଳୀୟ ସଂଗଠନ ମଜବୁତ କରିଛନ୍ତି। ସେ ଜାମ୍ମୁ-କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ପ୍ରକ୍ରିୟାରେ ମୋଦି ସରକାରର କୋର କମିଟିର ସଦସ୍ୟ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଓଡ଼ିଶାରେ ମଧ୍ୟ ବିଜେପିର ଉତ୍‌ଥାନରେ ଧର୍ମେନ୍ଦ୍ରଙ୍କ ମୁଖ୍ୟ ଭୂମିକା ରହିଛି। ୨୦୨୪ ନିର୍ବାଚନରେ ସେ ସମ୍ବଲପୁରରୁ ବିଜୟୀ ହେବା ସହ ରାଜ୍ୟରେ ବିଜେପିର 'ଡବଲ ଇଞ୍ଜିନ' ସରକାର ଗଠନରେ ସହାୟକ ହୋଇଥିଲେ। ତାଙ୍କ ନେତୃତ୍ୱରେ ଅନେକ ବିଜେଡି ଓ କଂଗ୍ରେସ କର୍ମୀ ବିଜେପିରେ ଯୋଗ ଦେଇଛନ୍ତି। ୨୦୨୪ରେ ଓଡ଼ିଶାରେ ବିଜେପି ସରକାର ଗଠନ କରିବାରେ ତାଙ୍କର ଏକ ବଳିଷ୍ଠ ଭୂମିକା ରହିଥିଲା, ଯାହାକୁ ରାଜ୍ୟ ଓ ଜାତୀୟ ସ୍ତରର ନେତାମାନେ ମଧ୍ୟ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସ୍ୱୀକାର କରିଛନ୍ତି। ଆଜି ଏହି ଜନନାୟକଙ୍କୁ ତାଙ୍କ ଜନ୍ମଦିନରେ 'ସଂଚାର' ପରିବାର ପକ୍ଷରୁ ଜନ୍ମଦିନର ଶୁଭେଚ୍ଛା।

### ଡିଜିଟାଲ ...

ମୃତକଙ୍କ ରେକର୍ଡକୁ ସେମାନଙ୍କ ଉତ୍ତରାଧିକାରୀଙ୍କ ନାମରେ କରାଯାଇଛି। ଏହାଦ୍ୱାରା ଚାଷୀମାନେ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ପାଇପାରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ଲୋକଙ୍କ ସରକାର ଲୋକଙ୍କ କାମ କରୁଛନ୍ତି। ଲୋକଙ୍କ ପାଇଁ ରାଜ୍ୟ ସରକାର ଯେପରି ସଫଳତାର ସହ ଯୋଜନା କାର୍ଯ୍ୟକାରୀ କରୁଛନ୍ତି, ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ। ସେହିପରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ବାତ୍ୟା 'ଦାନା' ସମୟରେ ମୁଖ୍ୟମନ୍ତ୍ରୀ ୭ ଦିନ ଧରି ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ କଣ୍ଟ୍ରୋଲ ରୁମ୍‌ରେ ଉପସ୍ଥିତ ରହି ବାତ୍ୟା ପରିଚାଳନାର ସିଧାସଳଖ ତଦାରଖ କରିଥିଲେ। ଏହା କାର୍ଯ୍ୟଧାରା, ନିଷ୍ଠା ଓ ପ୍ରତିବଦ୍ଧତାର ଏକ ନୂଆ ଉଦାହରଣ ସୃଷ୍ଟି କରିଛି। ଏହା ସତ୍ତ୍ୱେ ଓଡ଼ିଶାକୁ ରାଜସ୍ୱ ସେବା ପ୍ରଦାନ କ୍ଷେତ୍ରରେ ଭାରତର ଶ୍ରେଷ୍ଠ ରାଜ୍ୟ କରିବାକୁ ପଡ଼ିବ, ସେଥିପାଇଁ ଆମକୁ ଆହୁରି କଠୋର ପରିଶ୍ରମ କରିବାକୁ ପଡ଼ିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ଉପସ୍ଥିତ ଥିଲେ। ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ପ୍ରାରମ୍ଭିକ ସୂଚନା ଦେଉଥିବା ବେଳେ ଆଭାସୀ ମାଧ୍ୟମରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ରାଜସ୍ୱ ବିଭାଗ ଅଧିକାରୀମାନେ ଯୋଗଦେଇଥିଲେ।

### ବର୍ଷକୁ ...

ସେମାନଙ୍କର ପ୍ରଦର୍ଶନକୁ ଉନ୍ନତ କରିବା ପାଇଁ ଅତିରିକ୍ତ ସୁଯୋଗ ଦେବ। ନୂତନ ଅନୁମୋଦିତ ଡ୍ରାଫ୍ଟ ନିର୍ଦ୍ଦେଶାବଳୀ ଅନୁଯାୟୀ, ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ଫେବୃଆରୀ ଓ ମାର୍ଚ୍ଚ ମଧ୍ୟରେ ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମେ'ରେ ସ୍ଥିର କରାଯାଇଛି। ଉଭୟ ପରୀକ୍ଷା ସମ୍ପୂର୍ଣ୍ଣ ପାଠ୍ୟକ୍ରମକୁ କଭର କରିବ, ଯାହା ଛାତ୍ରଛାତ୍ରୀଙ୍କ ଜ୍ଞାନ ଏବଂ ଦକ୍ଷତାର ଏକ ବ୍ୟାପକ ମୂଲ୍ୟାଙ୍କନ ସୁନିଶ୍ଚିତ କରିବ। ସେହିପରି ଆସନ୍ତା ବର୍ଷଠାରୁ ନବମ ଶ୍ରେଣୀରୁ ୨ଟି ଲେବଲରେ ବିଜ୍ଞାନ ଓ ସମାଜ ବିଜ୍ଞାନ ପାଠ୍ୟକ୍ରମ ଉପଲବ୍ଧ କରାଯିବ। ସିବିଏସଇ ଗଭର୍ଣ୍ଣିଙ୍ଗ୍ ବଡି ଏହି ନୂଆ ପାଠ୍ୟକ୍ରମକୁ ଅନୁମୋଦନ ଦେଇଛି ବୋଲି ଆଜି ସିବିଏସଇ ଅଧ୍ୟକ୍ଷ ରାହୁଲ ସିଂ କହିଛନ୍ତି। ସେହିପରି ନୂଆ ଏନ୍‌ଇପି ଆଧାରରେ ପାଠ୍ୟ ଖସଡା ପ୍ରସ୍ତୁତ ହେବ। ବିଜ୍ଞାନ ଓ ସମାଜ ବିଜ୍ଞାନ ପାଇଁ ଦୁଇଟି ଲେବଲ ରହିବ। ଗୋଟିଏ ଷ୍ଟାଣ୍ଡାର୍ଡ ଓ ଅନ୍ୟଟି ଆଡଭାନ୍ସଡ ହୋଇଥିବା ବେଳେ ଏହି ଦୁଇଟି ବିକଳ୍ପରୁ କେଉଁଟିକୁ ବାଛିବେ, ତାହା ସମ୍ପୂର୍ଣ୍ଣ ଭାବେ ଛାତ୍ରଛାତ୍ରୀଙ୍କ ଉପରେ ନିର୍ଭର କରିବ। ସୂଚନାଯୋଗ୍ୟ ଯେ ଗତ ଫେବୃଆରୀ ୧୮ ତାରିଖରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଘୋଷଣା କରିଥିଲେ ଯେ ବର୍ଷକୁ ଦୁଇ ଥର ବୋର୍ଡ ପରୀକ୍ଷା ଆୟୋଜନ ନେଇ ସାଧାରଣ ଲୋକଙ୍କ ମତାମତ ନିଆଯାଇଥିଲା। ଛାତ୍ରଛାତ୍ରୀଙ୍କୁ ଟେନସନମୁକ୍ତ ବାତାବରଣରେ ଶିଖିବାର ମାହୋଲ ସୃଷ୍ଟି କରିବା ଉପରେ ସରକାର ଜୋର ଦେଇଛନ୍ତି ବୋଲି ଶ୍ରୀ ପ୍ରଧାନ କହିଥିଲେ।

### ଧର୍ମେନ୍ଦ୍ରଙ୍କ ...

ଏକ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ସମ୍ପର୍କିତ ବାଧାବିଘ୍ନ ଦୂର କରିବା, ଅସୁବିଧା ହଟାଇବା ଓ ଅମୀମାଂସିତ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଏକ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ଗଠନ କରିବା ପାଇଁ ମୋର ପରାମର୍ଶକୁ ଗ୍ରହଣ କରିଥିବାରୁ କେନ୍ଦ୍ର ଇସ୍ପାତ ମନ୍ତ୍ରୀଙ୍କୁ ଧନ୍ୟବାଦ।।

ଶ୍ରୀ ପ୍ରଧାନଙ୍କ ମତରେ, ଆର୍‌ଏସ୍‌ପିର ସମ୍ପ୍ରସାରଣ ଭାରତର ଇସ୍ପାତ କ୍ଷେତ୍ର ତଥା ଓଡ଼ିଶା ଓ ପୂର୍ବ ଭାରତର ଶିଳ୍ପ ଓ ସାମାଜିକ-ଆର୍ଥିକ ବିକାଶ ପାଇଁ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଏହି ସମ୍ପ୍ରସାରଣ ଭାରତର ଇସ୍ପାତ ଉତ୍ପାଦନ କ୍ଷମତାକୁ ବୃଦ୍ଧି କରିବ। ଏଥିସହ ବିଶ୍ୱ ଇସ୍ପାତ ବଜାରରେ ଭାରତର ସ୍ଥାନକୁ ସୁଦୃଢ଼ କରିବା ସହ ଆମଦାନୀ ହ୍ରାସ କରିବ। ତା'ଛଡ଼ା ଏପରି ନିଷ୍ପତ୍ତି ମୁଖ୍ୟ ଶିଳ୍ପ କ୍ଷେତ୍ରର ଆବଶ୍ୟକତା ପୂରଣ କରିବ, ଓଡ଼ିଶାର ଅର୍ଥନୀତିକୁ ଉତ୍ସାହିତ କରିବ, ବିକାଶକୁ ତ୍ୱରାନ୍ୱିତ କରିବ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ପୂର୍ବୋଦୟ' ଦୃଷ୍ଟିକୋଣ ଅନୁସାରେ ଇସ୍ପାତ ଓ ସମ୍ପୃକ୍ତ କ୍ଷେତ୍ରରେ ବୃହତ୍ ପରିମାଣରେ ନିଯୁକ୍ତି ସୃଷ୍ଟି କରିବ ବୋଲି ଶ୍ରୀ ପ୍ରଧାନ ଆଶା ପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ (ସେଲ୍) ଆର୍‌ଏସ୍‌ପିର ଉତ୍ପାଦନ କ୍ଷମତାକୁ ଏବେ ସାଢ଼େ ୪ ମିଲିୟନ ଟନ୍‌ରୁ ୯ ମିଲିୟନ ଟନ୍‌କୁ ବୃଦ୍ଧି କରିବା ପାଇଁ ଯୋଜନା କରିଛି। ଏହି ସମ୍ପ୍ରସାରଣ ପାଇଁ ପ୍ରାୟ ୩୦ ହଜାର କୋଟିର ପୁଞ୍ଜି ଆବଶ୍ୟକ। କିନ୍ତୁ ଜମି ଅଧିଗ୍ରହଣ ଓ ଅନଧିକୃତ ଦଖଲ ସମସ୍ୟା ଏଦିଗରେ ପ୍ରମୁଖ ବାଧା ଭାବେ ଉଭା ହୋଇଛି। ବୈଠକରେ ସ୍ଥାନୀୟ ସମୁଦାୟର କଲ୍ୟାଣ ସମ୍ପର୍କିତ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା। କେନ୍ଦ୍ର ମନ୍ତ୍ରୀ ଶ୍ରୀ କୁମାରସ୍ୱାମୀ କହିଛନ୍ତି ଯେ ଆମେ ଏକ ରଚନାତ୍ମକ ଓ ସମାଧାନମୁଖୀ ଆଲୋଚନା କରିଛୁ। ଉପସ୍ଥାପିତ ସମସ୍ତ ପ୍ରସଙ୍ଗକୁ ଅତ୍ୟନ୍ତ ଗମ୍ଭୀରତାର ସହ ପରୀକ୍ଷାନିରୀକ୍ଷା କରାଯିବ ଓ ସମସ୍ତ ହିତାଧିକାରୀଙ୍କ ସହ ସମନ୍ୱୟ ରକ୍ଷା ପୂର୍ବକ ଉପଯୁକ୍ତ ପଦକ୍ଷେପ ନିଆଯିବ। ବିକାଶ ଅବଶ୍ୟ ସମାବେଶୀ ହେବା ଆବଶ୍ୟକ ଓ ଆମେ ଇସ୍ପାତ କ୍ଷେତ୍ରର ବୃଦ୍ଧି ସ୍ଥାନୀୟ ଜନଗଣଙ୍କ ପାଇଁ ସମୃଦ୍ଧି ଆଣିବ ବୋଲି ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ କୁମାରସ୍ୱାମୀ କହିଛନ୍ତି।

### ପାନେ...

ପାଇବା ପାଇଁ ନେତାଙ୍କ ପାଖରେ ଲବି ଆରମ୍ଭ ହୋଇଛି। ତେଣୁ ନେତା-ସେବାୟତଙ୍କ ଏଭଳି ମନ୍ତ୍ରଣା ଆଗକୁ କି ରୂପ ନେବ, ତାହା ଉପରେ ସମସ୍ତଙ୍କ ନଜର ରହିଛି। ନିକଟରେ ମୋଦକ ଚୋରି ଘଟଣା ସରକାରଙ୍କ ତଣ୍ଟିରେ କଣ୍ଟା ହୋଇ ଲାଗିଥିବା ବେଳେ ଏହି ବିବାଦରୁ କର୍ତ୍ତୃପକ୍ଷ କିଭଳି ବାହାରିବେ, ସେଥିପାଇଁ ବାଟ ଖୋଜୁଛନ୍ତି। ଏହି ସମୟରେ ସେବାୟତମାନଙ୍କ ମଧ୍ୟରେ ନୀତିକାନ୍ତିକୁ ନେଇ ବିବାଦ ବିଶେଷକରି ସେବା ନଥିବା କିଛି ବ୍ୟକ୍ତି ନିଜକୁ ଅସଲ ସେବାୟତ କହି ଯେଭଳି ହାକିମାତି କରୁଛନ୍ତି, ତାହା ପ୍ରଶାସନ ପାଇଁ ଧୀରେ ଧୀରେ ଅଡୁଆ ପରିସ୍ଥିତି ସୃଷ୍ଟି କରିବାରେ ଲାଗିଛି। ତେବେ ରଥଯାତ୍ରା ସମୟରେ କିଛି ସେବାୟତ ପାନେ ଦେବାକୁ ଯୋଜନା କରୁଥିବାର ଯେଉଁ ସୂଚନା ମିଳୁଛି, ସେଥିରେ କିଏ ବଳିପଡ଼ିବ ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଗତବର୍ଷ ରଥ ଉପରୁ ବଡ଼ଠାକୁର ପଡ଼ିଯିବା ନେଇ ଉପୁଜିଥିବା ବିବାଦ ଏପର୍ଯ୍ୟନ୍ତ ଥମିନଥିବା ବେଳେ ଏହା ପଛକୁ ମୋଦକ ବିବାଦ ଘନେଇବାରେ ଲାଗିଛି। ଏଭଳି ସ୍ଥିତିରେ ଶ୍ରୀମନ୍ଦିରରେ ସେବାୟତ, ନିଯୋଗ ସଦସ୍ୟଙ୍କ ଛକାପଞ୍ଝା ଓ ପାନେ ଦେବାକୁ ଚଳାଇଥିବା ଯୋଜନା ଏବେ ପୁରୀରେ ଆଲୋଚନାର ବିଷୟବସ୍ତୁ ପାଲଟିଛି।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକଲା କଂଗ୍ରେସ

ଭୁବନେଶ୍ୱର,୨୫।୬(ସଂଚାର ବ୍ୟୁରୋ): ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ରାଜ୍ୟରେ ବ୍ୟାପିଥିବା ହଇଜା ଅନୁଧ୍ୟାନ ପାଇଁ ଏକ ତଥ୍ୟ ଅନୁସନ୍ଧାନ କମିଟି ଗଠନ କରିଥିଲେ। ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ତଥ୍ୟ ଅନୁସନ୍ଧାନ କମିଟି ଅଧ୍ୟକ୍ଷ ତଥା ବିଧାୟକ ଡାକ୍ତର ସିଏସ୍ ରାଜେନ୍ ଏକ୍କା ସାମ୍ବାଦିକ ସମ୍ମିଳନୀରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରି କହିଥିଲେ ଯେ ରାଜ୍ୟର ୧୧ରୁ ଉର୍ଦ୍ଧ୍ୱ ଜିଲ୍ଲାରେ ହଇଜା ବ୍ୟାପିଛି। ରାଜ୍ୟ ସରକାର ଯେଉଁ ତଥ୍ୟ ଦେଉଛନ୍ତି ତା ଠାରୁ ଢ଼େର ଅଧିକ ସଂଖ୍ୟାର ରୋଗୀ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ପାଖାପାଖି ୧୨ ହଜାର ଆକ୍ରାନ୍ତ ହୋଇଛନ୍ତି। ପିଇବା ପାଣିରୁ ଏହା ବ୍ୟାପିଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଲୋକେ ପୋଖରୀରୁ ପାଣି ପିଉଛନ୍ତି। ସରକାର ଜନତାଙ୍କୁ ପାନୀୟ ଜଳ ଯୋଗାଇବାରେ ବିଫଳ ହୋଇଛନ୍ତି। ଏଥିସହ ବହୁ ହସ୍ପିଟାଲରେ ପାରାମେଡିକାଲ ଷ୍ଟାଫ ନାହାନ୍ତି। ରାଜ୍ୟରେ ୫୩ ହଜାରରୁ ଅଧିକ ଗାଁ ରହିଥିବା ବେଳେ ଏଥିରୁ ୨୪ ହଜାର ଗାଁରେ ପିଇବା ପାଣି ନାହିଁ ବୋଲି ସରକାର ସ୍ୱୀକାର କରିଛନ୍ତି। ଆଗକୁ ରଥଯାତ୍ରା ଆସୁଛି, ସରକାର ଅଧିକ ଯତ୍ନବାନ ହେବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ଏକ୍କା କହିଛନ୍ତି। ସେହିପରି ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି ଯେ ବାଡ଼ି ମାଡ଼ି ଆସିଲାଣି, ବାଡ଼ିରେ ମଡକ ପଡ଼ିଛି। ସରକାର ଆକ୍ରାନ୍ତଙ୍କ ସଂଖ୍ୟା ବର୍ତ୍ତମାନ ସୁଦ୍ଧା କହିନାହାନ୍ତି। ଘରେ ଓ ଘରୋଇ ଡାକ୍ତରଖାନାରେ ଚିକିତ୍ସିତଙ୍କ ସଂଖ୍ୟା ହିସାବକୁ ନିଆଯାଉନାହିଁ। ମୋଟ୍ କେତେଜଣ ମଲେଣି, ସୂଚନା ନାହିଁ। ରାଜ୍ୟରେ ତିନି ଭାଗରୁ ଭାଗେ ଡାକ୍ତର ପଦବୀ ଖାଲି। ୫୪ ହଜାର ଗାଁରୁ ୨୦ ହଜାର ଗାଁରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଚିନ୍ତା ମଧ୍ୟ କରିନାହାନ୍ତି ସରକାର। ତୁରନ୍ତ ସରକାର ସଂକ୍ରମିତଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବା ସହ ଯେଉଁମାନେ କରଜ କରି ଚିକିତ୍ସିତ ହୋଇଛନ୍ତି, ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରିବା ଉଚିତ। ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବାକୁ ମଧ୍ୟ ସେ ଦାବି କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଶୁଭେନ୍ଦୁ ମହାନ୍ତି ଓ ଅଶୋକ ସ୍ୱାଇଁ ମଧ୍ୟ ଉପସ୍ଥିତ ଥିଲେ।



(ନବରଙ୍ଗପୁର)



(ବ୍ରହ୍ମପୁର)

**ମହିଳା ଅସୁରକ୍ଷିତ ଓ ଗଣଦୁଷ୍କର୍ମ ଘଟଣା**

# ଛାତ୍ର ବିଜେଡିର ପ୍ରତିବାଦ ଓ ବିକ୍ଷୋଭ

**ବ୍ରହ୍ମପୁର,୨୫।୬(ସଂଚାର ବ୍ୟୁରୋ):** ରାଜ୍ୟରେ ବଢୁଥିବା ଗଣ ଦୁଷ୍କର୍ମ, ଦୁଷ୍କର୍ମ ଓ ମହିଳା ନିର୍ଯ୍ୟାତନା ବିରୋଧରେ ଛାତ୍ର ବିଜେଡି ପକ୍ଷରୁ ପ୍ରତିବାଦ କରାଯାଇଛି। ବ୍ରହ୍ମପୁର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ରାଜ୍ୟରେ ନାରୀ ଅସୁରକ୍ଷିତ ଥିବା ବେଳେ ନିକଟରେ ଗୋପାଳପୁର ଗଣଦୁଷ୍କର୍ମ ଘଟଣା ସାରା ଦେଶରେ ଲଜ୍ୟାର ବିଷୟ ପାଲଟିଛି। ରାଜ୍ୟ ବିଜେପି ସରକାରରେ ଆଇନଶୃଙ୍ଖଳା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିବା ସହ ମହିଳା ଅସୁରକ୍ଷିତ ଥିବା କହି ବିଜେଡି ଟାର୍ଗେଟ୍ କରିଛି। ଏହା ସହ ଡବଲ ଇଞ୍ଜିନ ଡବଲ ଯାତନା,ବର୍ଷ ଏକ ଛାତ୍ରୀ-ମହିଳା ନିର୍ଯ୍ୟାତନା ଅନେକ, ଛାତ୍ରୀ ଏବଂ ନାରୀ ଆଖିରୁ ଲୁହ ଝରୁଛି ବିଜେପି ସରକାର ଉତ୍ସବରେ ମାତିଛି ଏଭଳି ବିଭିନ୍ନ ପ୍ରକାର ସ୍ଲୋଗାନ ଓ ପ୍ଲାକେଟ୍ ଧରି ଦଳର ଯୁବ ଓ ଛାତ୍ର ନେତୃତ୍ୱ ଆନ୍ଦୋଳନ କରିଥିଲେ। ଏହି ଅବସରରେ ଗଞ୍ଜାମ ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ,ମେୟର ସଂଘମିତ୍ରା ଦଳେଇ,ଡେପୁଟି ମେୟର ଇ. ବିବେକ୍ ରେଡ୍ଡୀ, ଆର. ମୁରଲୀ ମୋହନ,କାହ୍ନୁ ପାତ୍ରଙ୍କ ସମେତ ଜିଲ୍ଲା ବିଜେଡିର ବହୁ ଯୁବ ନେତୃତ୍ୱ ଓ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନବରଙ୍ଗପୁର ଜିଲ୍ଲା ଛାତ୍ର ବିଜୁ ଜନତା ଦଳ ପକ୍ଷରୁ ନବରଙ୍ଗପୁର ସ୍ଥିତ ବିନୋଦ ବିହାରୀ କଲେଜ ସମ୍ମୁଖରେ ଧାରଣା ଦିଆଯାଇଛି । ଶତାଧିକ ସଂଖ୍ୟାରେ ଛାତ୍ର ବିଜୁ ଜନତା ଦଳ କର୍ମୀ ସହ ବିଜେଡି ର ସମସ୍ତ ଛାମୁଆ ସଙ୍ଗଠନ ଏହି କାର୍ଯ୍ୟକ୍ରମ ରେ ସାମିଲ ହୋଇ ପ୍ରତିବାଦ ଜଣାଇବା ସହିତ ରାଜ୍ୟ ସରକାର ଙ୍କ ବିରୁଦ୍ଧରେ ବିଭିନ୍ନ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏଥି ସହ ରାଜ୍ୟ ରେ ବଢୁଥିବା ମହିଳା ନିର୍ଯ୍ୟାତନା ସହ ଗୋପାଳ ପୁର ଛାତ୍ରୀ ଗଣଦୁଷ୍କର୍ମ ଘଟଣା କୁ ନିନ୍ଦା କରିବା ସହିତ ଗୋଟିଏ ବର୍ଷ ରେ ୩୦୫୪ ଜଣ ନାରୀ ଙ୍କୁ ଦୁଷ୍କର୍ମ କରାଯାଇଛି , ଓଡିଶା ରେ ନାରୀ ନିର୍ଯ୍ୟାତନା ପାଇଁ ବର୍ତ୍ତମାନ ମହାରାଷ୍ଟ୍ର, ବିହାର, ପଶ୍ଚିମବଙ୍ଗ ସହିତ ତୁଳନା କରାଯାଉଥିବା କହିଛନ୍ତି । ଏହାସହ ନାରୀ ନିର୍ଯ୍ୟାତନା ପାଇଁ ବର୍ତ୍ତମାନ ଓଡିଶା ସାରା ବିଶ୍ୱରେ ନିନ୍ଦିତ ହେଉଥିବା ବେଳେ ଆମେରିକା ର ବୈଦେଶିକ ମନ୍ତ୍ରଣାଳୟ ଓଡିଶା ଗସ୍ତ ରେ ଆସୁଥିବା ଆମେରିକୀୟ ମହିଳାଙ୍କ ପାଇଁ ଆଡଭୋଇଜାରୀ ଜାରି କରି ମହିଳା ମାନେ ଯାତ୍ରା ସମୟରେ ସେମାନଙ୍କ ପ୍ରତି ଦୁଷ୍କର୍ମ ହେବାର ସମ୍ଭାବନା ରହିଥିବା ରୁ ସୁରକ୍ଷିତ ଓ ସତର୍କତା ଅବଲମ୍ବନ କରିବା ପାଇଁ ନିର୍ଦ୍ଦେଶ ଦେବା ଓଡିଶା ପାଇଁ ଅପମାନ ବୋଲି କହିଛନ୍ତି ।

## ଜୁନାଗଡ଼-ନବରଙ୍ଗପୁର ରେଳଲାଇନ୍ ଜମି ଅଧିଗ୍ରହଣ ବିଜ୍ଞପ୍ତି ପ୍ରକାଶ

● ୧୧୬ କିମି ରେଳପଥ ପାଇଁ ୪୦୮ ଏକର ଜମି ନିଆଯିବ



**ନବରଙ୍ଗପୁର,୨୫।୬(ସଂଚାର ବ୍ୟୁରୋ):** ନବରଙ୍ଗପୁର-ଜୁନାଗଡ଼ ରେଳପଥ ଜମି ଅଧିଗ୍ରହଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। କେନ୍ଦ୍ର ରେଳ ମନ୍ତ୍ରାଳୟ ପକ୍ଷରୁ ରାଜପତ୍ରରେ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲାର ଜୁନାଗଡ ପର୍ଯ୍ୟନ୍ତ ୧୧୬.୨୨କିମି ନୂତନ ବ୍ରଡଗେଜ୍ ଲାଇନ୍ ପାଇଁ ଜିଲ୍ଲାର ୩ଟି ତହସିଲ ନବରଙ୍ଗପୁର, ନନ୍ଦାହାଣ୍ଡି ଓ ପାପଡାହାଣ୍ଡିର ୨୧ଟି ଗାଁର ୪୦୮ ଏକର ଜମି ଅଧିଗ୍ରହଣ କରାଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ଏଥିରେ ନବରଙ୍ଗପୁର ତହସିଲର ୫ଟି ଗାଁ ଚିକିଲି, ଗୁମ୍ମାଗୁଡା, ହାତୀବେଡା, କେଶରୀଗୁଡା, ସାନକୁମୁଲି ଗାଁର ମୋଟ ୬୨. ୮୮୨ ଏକର ଜମି ରହିଛି। ସେହିପରି ନନ୍ଦାହାଣ୍ଡି ତହସିଲର ପଡାଲଗୁଡାରେ ୨୧.୮୮୯ ଏକର ଜମି ଅଧିଗ୍ରହଣ ହେବ। ପାପଡାହାଣ୍ଡି ତହସିଲର ୧୫ଟି ଗାଁ ଆଉଁଳି, ବାଙ୍କସର୍ଗି, ଚନ୍ଦନପାଲା, ଧନସୁଲି, ଡକରିବେଡା, ଗାଦବାକତରା, ହିଲି, ଝାଡକୁସୁମୀ, କାଳିଆଗୁଡା, ମହୁଲି, ନାକଟିଗୁଡା, ପାଇକକତରା, ପାପଡାହାଣ୍ଡି, ପାତ୍ରଗୁଡା, ତୁମ୍ବର୍ଲା ଗାଁର ସର୍ବାଧିକ ୩୨୨.୭୨ ଏକର ଏଭଳି ମୋଟ ୪୦୮ ଏକର ଜମି ନିଆଯିବ। ନବରଙ୍ଗପୁର ଠାରୁ ଜୁନାଗଡକୁ ରେଳ ସଂଯୋଗ ପାଇଁ ଏହି ଅଞ୍ଚଳର ସର୍ଭେ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ ଜମି ଅଧିଗ୍ରହଣ ନେଇ କୌଣସି ବ୍ୟକ୍ତିଙ୍କ ଆପରି ଅଭିଯୋଗ ଥିଲେ ବିଜ୍ଞପ୍ତି ପ୍ରକାଶନର ୩୦ ଦିନ ମଧ୍ୟରେ ସଂପୃକ୍ତ ତହସିଲଦାରଙ୍କ ନିକଟରେ ଅଭିଯୋଗ ଦାଖଲ କରିବାକୁ ସୂଚନା ଦିଆଯାଇଛି ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



**କାକଟପୁର/ଅସ୍ତରଙ୍ଗ,୨୫।୬(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ସ୍ଥିତ ଘଣ୍ଟିକଣ ନିବାସୀ ଜଣେ ଧର୍ମପ୍ରାଣା ଓ ପରୋପକାରୀ ମହିଳା ଭାବେ ପରିଚିତ ତଥା ସ୍ୱର୍ଗତଃ ସାଧୁ ଚରଣ ମହାନ୍ତି ଙ୍କ ସହ ଧର୍ମିଣୀ ପାର୍ବତୀ ମହାନ୍ତି (୯୩)ଙ୍କ ଗତ ୨୪ତାରିଖ ପୂର୍ବାହ୍ନ ୧୧ଘ ୧୨ମିନିଟ ସମୟରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ରମେଶ, ନଟ କିଶୋର, ପ୍ରଭାତ, ମିଟୁ, ଗିଟୁ, ପୁତୁରା ରବି, ବୁଲୁ ସମେତ ଝିଅ ବିଜୟ ଲକ୍ଷ୍ମୀ ଓ ଅନ୍ୟ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ସ୍ୱର୍ଗତଃ ପାର୍ବତୀ ମହାନ୍ତି ଅତ୍ୟନ୍ତ ସ୍ନେହଶୀଳ, ସଂସ୍କାରି, ଆଧାତ୍ମିକ ଚେତନାବାଦୀ ଏବଂ ପରୋପକାରୀ ମହିଳା ଭାବେ ସର୍ବଜନ ଆଦୃତ ହୋଇଥିଲେ। ତାଙ୍କ ପରଲୋକ ରେ ଅସ୍ତରଙ୍ଗ ଘଣ୍ଟିକଣ ସମେତ ଅସ୍ତରଙ୍ଗ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା। ବନ୍ଧୁ ପରିଜନ ଗଭୀର ଶୋକ ବ୍ୟକ୍ତ କରିବା ସହ ତାଙ୍କ ବାସଭବନ ରେ ପହଂଚି ଶେଷ ଦର୍ଶନ କରିବା ସଙ୍ଗେ ସଙ୍ଗେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗାଁ ସ୍ମଶାନ ରେ ତାଙ୍କର ଶେଷ କୃତ୍ୟ ସମ୍ପର୍ଣ୍ଣ ହୋଇଥିବା ବେଳେ ବଡ଼ପୁଅ ରମେଶ ମହାନ୍ତି ମୁଖାଗ୍ନି ଦେଇଥିଲେ।

## ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ସମ୍ବିଧାନ ହତ୍ୟା ଦିବସ ପାଳିତ



**ସାଲେପୁର,୨୫।୬ (ସଂଚାର ବ୍ୟୁରୋ):** ଆଜି ସାଲେପୁର ସ୍ୱୟଂଶାସିତ ମହା ବିଦ୍ୟାଳୟ ପକ୍ଷରୁ ସମ୍ବିଧାନ ହତ୍ୟା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡଃ ସଂଗୀତା ମିଶ୍ରଙ୍କ ତତ୍ତ୍ୱାବଧାନରେ ସକାଳ ୧୧ଘଟିକା ସମୟରେ ଏହି ଅବସରରେ ଏକ ସଚେତନତା ଭିତ୍ତିକ ର୍ୟାଲି ମହାବିଦ୍ୟାଳୟ ପରିସରରୁ ବାହାରି ସାଲେପୁର ବଜାର ପରିକ୍ରମା କରିଥିଲା। ଏହି ର୍ୟାଲିରେ ଅଧାପକ, ଅଧାପିକା ଓ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ମଧାହ୍ଣ ରେ ମଧୁବାବୁଙ୍କ ପ୍ରେକ୍ଷାଳୟରେ ଏକ ସଭାର ଆୟୋଜନ କରାଯାଇଥିଲା। ଅଧକ୍ଷା ଡଃ ସଂଗୀତା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଜନୀତି ବିଭାଗ ମୁଖ୍ୟ ନିତ୍ୟସୁନ୍ଦର ମିଶ୍ର ସମ୍ବିଧାନ ହତ୍ୟା ଦିବସର ଗୁରୁତ୍ୱ ସଂପର୍କରେ ଆଲୋଚନା କରିଥିଲେ। ବିଷୟ ବିଷାରଦ ଭାବେ ରାଜନୀତି ବିଭାଗର ପ୍ରାକ୍ତନ ବିଭାଗ ମୁଖ୍ୟ ତୁଷାର କୁମାର ମହାନ୍ତି, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ନିରଂଜନ ବିଶ୍ୱାଳ, ଉପ ବୈଷୟିକ ଅଧିକାରୀ ଡଃ ରୀନା ସ୍ୱାଇଁ, ଲେଫ୍ଟନାଣ୍ଟ ଜୀବନଜ୍ୟୋତି ପଟ୍ଟନାୟକ, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଆର୍ଯ୍ୟପୁତ୍ରୀ ସ୍ଥିତିପ୍ରଜ୍ଞା, ମାନସ ରଂଜନ ପତି, ପ୍ରଫୁଲ୍ଲ କୁମାର ସାହୁ, ଆକାଉଣ୍ଟାଣ୍ଟ ସଂଜୟ କୁମାର ନାୟକ ପ୍ରମୁଖ ଯୋଗଦେଇ ୫୦ବର୍ଷ ତଳେ ଠିକ୍ ଆଜିର ଦିବସରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ଦେଶରେ ଜରୁରୀକାଳିନ ସ୍ଥିତି ଲଗାଇ ଗଣତନ୍ତ୍ରକୁ ଅବମାନନା କରିଥିଲେ।

# ରାଜ୍ୟରେ ଭୁଶୁଡ଼ିଲାଣି ଆଇନ୍ ଶୃଙ୍ଖଳା

## ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ରାସ୍ତାରୋକ ଓ ବିକ୍ଷୋଭ



**ନୟାଗଡ଼,୨୫।୬(ସଂଚାର ବ୍ୟୁରୋ):** ରାଜ୍ୟରେ ଛାତ୍ରୀଙ୍କୁ ଅସଦାଚରଣ, ଦୁଷ୍କର୍ମ, ହତ୍ୟା ଭଳି ଘଟଣା ଅହେତୁକ ବୃଦ୍ଧି ପାଇଥିବା ବେଳେ ରାଜ୍ୟ ବିଜେପି ସରକାର ନୀରବଦ୍ରଷ୍ଟା ସାଜିଛନ୍ତି । ଯାହାକୁ ନେଇ ଆଜି ବିଜୁ ଜନତା ଦଳ ପକ୍ଷରୁ ବିଭିନ୍ନ ସ୍ଥାନରେ ଛାତ୍ର ଆନ୍ଦୋଳନ ତୀବ୍ରତର ହୋଇଛି । ନୟାଗଡ଼ ଜିଲ୍ଲା ବିଜେଡି ସଭାପତି ତଥା ବିଧାୟକ ରମେଶ ଚନ୍ଦ୍ର ବେହେରା, ନୟାଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡ. ଅରୁଣ କୁମାର ସାହୁଙ୍କ ପରାମର୍ଶ କ୍ରମେ ଆଜି ଜିଲ୍ଲାର ବିଭିନ୍ନ ସ୍ଥାନରେ ଛାତ୍ର ଆନ୍ଦୋଳନ ଅନୁଷ୍ଠିତ ହୋଇଛି । ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସାମ୍ନାରେ ରାସ୍ତାରୋକ ଓ ବିକ୍ଷୋଭ ଅନୁଷ୍ଠିତ ହୋଇଛି । ଶହ ଶହ ସଂଖ୍ୟାରେ ଛାତ୍ରଛାତ୍ରୀ ସାମିଲ ହୋଇ ପ୍ରତିବାଦ କରିଛନ୍ତି। ଛାତ୍ରଛାତ୍ରୀମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି । ନୟାଗଡ଼ ଜିଲ୍ଲା ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା, ଛାତ୍ର ବିଜେଡି ସଭାପତି ନୀଳମାଧବ ପଣ୍ଡା, ରାଜ୍ୟ ଯୁବ ସମ୍ପାଦକ ଅନୱାର ଅଲ୍ଲୀ, ରବୀନ୍ଦ୍ର ଜେନା, ପ୍ରମୋଦ ସାହୁ, ଅମୁଲ୍ୟ ସାହୁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ବିଜେପି ସରକାର କ୍ଷମତାକୁ ଆସିବା ପରଠାରୁ, ଆଇନ ଶୃଙ୍ଖଳା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡୁଛି । ଯୁବତୀଙ୍କୁ ଅସଦାଚରଣ, ଦୁଷ୍କର୍ମ, ଅପହରଣ ଓ ହତ୍ୟା ଘଟଣା ପ୍ରତିଦିନ ଖବରକାଗଜରେ ଶିରୋନାମା ହେଉଛି। ଗୋପାଳପୁର ଭଳି ଏକ ପର୍ଯ୍ୟଟନ ସ୍ଥଳୀରେ ଗଣଦୁଷ୍କର୍ମ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା କେନ୍ଦୁଝରରେ ମଧ୍ୟ ଏକ ଦୁଃଖଦ ଘଟଣା ଘଟିଥିଲା। ରାଜ୍ୟରେ ପ୍ରତିଦିନ ପ୍ରାୟ ୧୫ ଜଣ ଯୁବତୀ ଦୁଷ୍କର୍ମର ଶିକାର ହେଉଛନ୍ତି। ରାଜ୍ୟରେ ଦିନକୁ ଦିନ ଏଭଳି ଘଟଣା ବୃଦ୍ଧି ପାଉଥିବାରୁ, ଯୁବତୀମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଦୁଃଖ ଓ ପରିତାପର ବିଷୟ, ଏହିଭଳି ସମ୍ବେଦନଶୀଳ ପ୍ରସଙ୍ଗରେ, ରାଜ୍ୟ ସରକାର ନୀରବ ଦ୍ରଷ୍ଟା ସାଜିଛନ୍ତି ଓ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟ ସରକାରଙ୍କୁ ଚେତାଇ ଦେବା ଉଦ୍ଦେଶ୍ୟରେ ଏହି ଛାତ୍ର ଆନ୍ଦୋଳନ ଆଜି ଅନୁଷ୍ଠିତ ହୋଇଥିଲା ।

## ଭାରସାମ୍ୟ ହରାଇ କ୍ଷୀର ଟ୍ୟାଙ୍କର ତଳେ ପଶିଗଲା ମୋଟର ସାଇକେଲ, ଅଳ୍ପକେ ବର୍ତ୍ତିଗଲେ ଚାଳକ





**ସାଲେପୁର,୨୫।୬(ସଂଚାର ବ୍ୟୁରୋ):** ଆଜି ଏକ ମୋଟର ସାଇକେଲ୍ ଭାରସାମ୍ୟ ହରାଇ ଏକ କ୍ଷୀର ଟ୍ୟାଙ୍କର ତଳକୁ ପଶିଯିବାରୁ ମୋଟର ସାଇକେଲଟି ସଂପୂର୍ଣ୍ଣ ଭାଙ୍ଗିଯାଇଥିବାବେଳେ ଚାଳକ ଅଳ୍ପକେ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ଆଜି ସକାଳ ପ୍ରାୟ ୮ଟା ସମୟରେ ସାଲେପୁର କୁଆଁପାଳ ଛକ ନିକଟରେ ଖନ୍ଦୋଳ ଅଞ୍ଚଳର ବିଳାସ ଚନ୍ଦ୍ର ମହାନ୍ତି ଏକ ମୋଟର ସାଇକେଲ ଯୋଗେ ଆସୁଥିବାବେଳେ ହଠାତ୍ ଭାରସାମ୍ୟ ହରାଇ କେନ୍ଦ୍ରାପଡ଼ାରୁ ସାଲେପୁର ଅଭିମୁଖେ ଆଉଥିବା ଏକ କ୍ଷୀର ଟ୍ୟାଙ୍କର ତଳେ ପଶିଯାଇଥିଲା। ବହୁ କଷ୍ଟରେ ସ୍ଥାନୀୟ ଲୋକେ ବିଳାସକୁ ଟ୍ରକ୍ ତଳୁ ଟାଣି ପଦାକୁ ବାହାର କରିଥିବାବେଳେ ମୋଟର ସାଇକେଲଟି ଭାଙ୍ଗିରୁଜି ଯାଇଛି। ବିଳାସ ନିଶ୍ଚିତ ଏକ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତିଯାଇଥିବା ଜଣାଯାଇଛି।

## ମୁକୁଳା ଡ୍ରେନ୍ ନେଲା ଜୀବନ

**ବ୍ରହ୍ମପୁର,୨୫।୬(ସଂଚାର ବ୍ୟୁରୋ):** ସହରର ମୁକୁଳା ନାଳରେ ପଡି ଜଣେ ଶିକ୍ଷକ ପ୍ରାଣ ହରାଇଛନ୍ତି। ଏମ୍‌କେସିଜି ଖେଳ ପଡ଼ିଆ ନିକଟ ଡ୍ରେନ୍‌ରେ ପଡ଼ି ଉକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ସ୍ଥାନୀୟ ଖାରବେଳ ନଗରର ମହେନ୍ଦ୍ର ପାଣିଗ୍ରାହୀ ବୋଲି ଜଣାପଡିଛି। ସୂଚନା ଅନୁସାରେ ମୃତ ଶିକ୍ଷକ ଜଣକ ଅପରାହ୍ନରେ ଏମକେସିଜି ମେଡ଼ିକାଲ ଖେଳ ପଡ଼ିଆ ରାସ୍ତା ଦେଇ କୌଣସି କାମରେ ଯାଉଥିଲେ। ସ୍କୁଟି ଚକା ସ୍ଲିପ୍ ହେବାରୁ ଭାରସାମ୍ୟ ହରାଇ ଡ୍ରେନ୍ ରେ ପଡିଯାଇ ପ୍ରବଳ ବର୍ଷା ହୋଇଥିବା ଯୋଗୁଁ ନାଳରେ ପ୍ରବାହିତ ପ୍ରଖର ଜଳସ୍ରୋତରେ ଭାସି ଯାଇଥିଲେ। ଡ୍ରେନ୍ ପାଣିରେ ଭାସି ଯାଉଥିବା ମହେନ୍ଦ୍ରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ପ୍ରଶାସନର ଅବହେଳା ଯୋଗୁଁ ଏଭଳି ଅଭାବନୀୟ ଘଟଣା ଘଟିଥିବା ଚର୍ଚ୍ଚା ହେଉଛି।



## ଉଦ୍ୟୋଗୀକରଣକୁ ପ୍ରୋତ୍ସାହନ ଦେବା ସଂକ୍ରାନ୍ତ ଆଇବିସିଏସ୍‌ର ସ୍ୱତନ୍ତ୍ର କାର୍ଯ୍ୟକ୍ରମ



**ଭୁବନେଶ୍ୱର,୨୫।୬ (ସଂଚାର ବ୍ୟୁରୋ):** ଉଦ୍ୟୋଗୀକରଣକୁ ପ୍ରୋତ୍ସାହନ ଦେବାର ଲକ୍ଷ୍ୟ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ପକ୍ଷରୁ ଆୟୋଜିତ ଏକ ଦୁଇ ଦିନିଆ ଉଦ୍ୟୋଗୀକରଣ ବିକାଶ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଷ୍ଟାର୍ଟ ଅପ୍ ଉପଦେଷ୍ଟା ଡକ୍ଟର ମନୀଷା ଆଚାର୍ଯ୍ୟ ଉଦ୍‌ଘାଟନ କରି ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ ଉଦ୍ୟୋଗୀକରଣର ଭୂମିକା ଉପରେ ଆଲୋକପାତ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଆଇଆଇଟି କାନ୍‌ପୁରର ପୂର୍ବତନ ପ୍ରଫେସର ଅସୀମା ପ୍ରଧାନ, ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସକାନ୍ତ ମହାନ୍ତି, ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଏବଂ ଆଇବିସିଏସ୍‌ର ଆସୋସିଏଟ୍ ଡିନ୍ ପ୍ରଫେସର ମନୋରଞ୍ଜନ ଦାସ ବକ୍ତବ୍ୟ ରଖିଥିଲେ। ଆଇବିସିଏସ୍‌ର ଫ୍ୟାକଲ୍ଟି ଏବଂ କର୍ମକର୍ତ୍ତା, ବିଭିନ୍ନ ଷ୍ଟାର୍ଟ ଅପ୍‌ର ପ୍ରତିନିଧି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରଫେସର ଅସୀମା ପ୍ରଧାନ ଉଦ୍ୟୋଗୀକରଣ କ୍ଷେତ୍ରରେ ସରକାରଙ୍କର ବିଭିନ୍ନ ନୀତି ଓ ଯୋଜନା ସମ୍ପର୍କରେ ଆଲୋକପାତ କରିଥିବା ବେଳେ ପ୍ରଫେସର ନନ୍ଦ ଜ୍ଞାନ ଆହରଣର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ବର୍ତ୍ତମାନର ପ୍ରତିଯୋଗିତାମୂଳକ ଦୁନିଆରେ ନିଜର ଦକ୍ଷତାକୁ ପ୍ରତିପାଦିତ କରିବାର ଆବଶ୍ୟକତା ରହିଛି ବୋଲି ପ୍ରଫେସର ନନ୍ଦ କହିଥିଲେ।

## ବଜ୍ରପାତରେ ମହିଳା ଚାଷୀ ମୃତ



**ବାରିପଦା,୨୫।୬ (ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲା ତିରିଂ ଥାନା ଅଂଚଳରେ ବଜ୍ରପାତରେ ଜଣେ ମହିଳା ଚାଷୀ ଙ୍କ ମୃତ୍ୟୁ ଘଟିଅଛି। ମୟୂରଭଂଜ ଜିଲ୍ଲାର ତିରିଂ ଥାନା ଅନ୍ତର୍ଗତ ରେଙ୍ଗେଲବେଡା ଗ୍ରାମ ପଞ୍ଚାୟତର ଭଗାବନ୍ଧି ଗ୍ରାମର ଜଣେ ମହିଳା ଚାଷୀ ଆଜି ବୁଧବାର ଅପରାହ୍ନ ୩ ଟା ବେଳେ ବିଲରେ ଚାଷ କାମ କରୁଥିବାବେଳେ ବଜ୍ରପାତ ଘଟିବାରୁ ଘଟଣାସ୍ଥଳରେ ଟଳି ପଡ଼ିଥିଲେ। ତାଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ଅଣା ଯାଇଥିଲା । ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ ମହିଳା ହେଲେ ଭଗାବନ୍ଧି ଗ୍ରାମର ରାମରାୟ ଟୁଡୁଙ୍କ ପତ୍ନୀ ଦୁଲାରୀ ଟୁଡୁ (୪୫) । ସେହିଭଳି ତିରିଂ ବ୍ଲକ ସମ୍ମୁଖରେ ଚଡ଼କ ମାରିବାରୁ ଏକ ବଳଦର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଦୁଲାରୀ ଟୁଡୁଙ୍କ ମୃତ୍ୟୁରେ ସମାଜସେବୀ ପାର୍ଥ ସାରଥୀ ଷଡ଼ଙ୍ଗୀ ଶୋକ ପ୍ରକାଶ କରିବା ସହ ତୁରନ୍ତ ତାଙ୍କୁ ସରକାରୀ ସହାୟତା ମିଳିବା ଏବଂ ମୃତ ବଳଦର ମାଲିକକୁ ସହାୟତା ପାଇଁ ଦାବି କରିଛନ୍ତି ।

## କୁନି ଶିଳ୍ପୀଙ୍କ କୁନି ରଥ



**କାକଟପୁର/ଅସ୍ତରଙ୍ଗ,୨୫।୬(ସଂଚାର ବ୍ୟୁରୋ):** ଭକ୍ତିପୂତ ମନର ଅଦ୍ୟମ ଇଚ୍ଛାଶକ୍ତି ଉତ୍ତମ ଲକ୍ଷ୍ୟ ସାଧନ ପାଇଁ ବାଟ କଢାଇ ନେଇଥାଏ। ମହାପ୍ରଭୁ ଙ୍କ ପ୍ରତି ଭକ୍ତି ଭାବ ନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ନଈଗୁଆଁ ଗ୍ରାମର ଏଗାର ବର୍ଷର ବାଳକ ପ୍ରତିବର୍ଷ ଗଢୁଛନ୍ତି ଆକର୍ଷଣୀୟ ୩ ରଥ। ନିଖୁଣ ଭାବରେ କୁନି ରଥ ଗଢିବାରେ ନିମଗ୍ନ ହୋଇଛନ୍ତି। ଏହାକୁ ଦେଖିଥିବା ସ୍ଥାନୀୟ ଲୋକ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। କୁନି ହାତରେ ବଡ଼ କାରିଗରୀ। ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥ ପରି ଅବକିଳ। ବଡ଼ ଦାଣ୍ଡର ବଡ଼ ରଥ ନୁହେଁ, କୁନି ରଥରେ ବିରାଜିତ ଚତୁର୍ଦ୍ଧାମୂରତି। ଏମିତି ଛୋଟ ରଥ ପ୍ରସ୍ତୁତ କରିଛନ୍ତି ନଈଗୁଆଁ ଗ୍ରାମର ସାଇ ପ୍ରତୀକ। ରଥରେ ସାରଥୀ, ପାରା,ଚକ ଓ ଘୋଡା ବି ରହିଛି। ରଥଯାତ୍ରା ଦେଖିବାକୁ ପୁରୀ ନଯାଇ ପାରିବାରୁ ପଞ୍ଚମ ଶ୍ରେଣୀ ଛାତ୍ର ନିଜେ ତିଆରି କରୁଛନ୍ତି ୩ ରଥ। ଏପରିକି ଦୀର୍ଘ ୪ ବର୍ଷ ହେବ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଈଗୁଆଁ ପଞ୍ଚାୟତ ନଈଗୁଆଁ ଗ୍ରାମର ସୁଶାନ୍ତ ତ୍ରିପାଠୀ ଙ୍କ ଏଗାର ବର୍ଷର ପୁଅ ସାଇ ପ୍ରତୀକ ତ୍ରିପାଠୀ। ଭାବ ବିନୋଦିଆ ବଡ଼ ଠାକୁରଙ୍କ ଭାବ ବିହ୍ୱଳ ଭକ୍ତ। ୩ ରଥର ଉଚତା ୨ଫୁଟ ରହିଛି। ପାଠ ପଢା ସାଙ୍ଗକୁ ଏଭଳି ସୁନ୍ଦର ରଥ ତିଆରି କରିବାରେ ଲାଗିପଡିଛନ୍ତି। କେବଳ ସେତିକି ନୁହେଁ ବିନା ପ୍ରଶିକ୍ଷଣରେ କିଭଳି ଉଚ୍ଚ କୋଟୀର ଆକର୍ଷଣୀୟ ସୁନ୍ଦର ରୂପରେ ରଥ ପ୍ରସ୍ତୁତ କରି ହେବ ସେଥିପାଇଁ ପ୍ରଚେଷ୍ଟା କରିଛନ୍ତି।

## କାର୍ଯ୍ୟ ସରିବାକୁ ବର୍ଷେ ପୂରିନି, ରାସ୍ତା ସାରା ଖାଲ



**ନାଉଗାଁ, ୨୫।୬(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ କୋକିଡିହ-ତେଲସରା ରାସ୍ତାର ଉନ୍ନତିକରଣ କାର୍ଯ୍ୟ ୧ବର୍ଷ ତଳେ ଶେଷ ହୋଇଛି। ରାସ୍ତା କାର୍ଯ୍ୟ ସରିବା ବର୍ଷେ ହୋଇଥିବା ବେଳେ ୧୦ କି.ମି ରାସ୍ତା ମଧ୍ୟରେ ପ୍ରାୟ ଶତାଧିକ ଛୋଟ ବଡ ଖାଲ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏପରିକି ରାସ୍ତାରେ ନିର୍ମାଣ କରାଯାଇଥିବା କଂକ୍ରିଟ ରାସ୍ତାରେ ଖାଲ ସୃଷ୍ଟି ହୋଇଥିବା ବେଳେ ପିଚୁ ରାସ୍ତାରେ ପିଚୁ ଉଠିବା ସହିତ ରାସ୍ତାର ଉଭୟ ପାଶ୍ୱର୍ ଦବି ଥିବାର ଦେଖିବାକୁ ମିଳିଛି। ଏହି ରାସ୍ତାଟି ପୂର୍ତ୍ତ ବିଭାଗର ଜଗତସିଂହପୁର ବିଭାଜନ ଅଧିନରେ ରହିଛି। ରାସ୍ତାଟିକୁ ବିଭାଗ ପକ୍ଷରୁ ପ୍ରତିବର୍ଷ ମରାମତି କରାଯାଉଥିଲେ ମଧ୍ୟ ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତାରୁ ପିଚୁ ସହିତ କଂକ୍ରିଟ ଉଠିଯାଇଥିଲା। ଯାହାଫଳରେ ଜନସାଧାରଣଙ୍କୁ ଯିବା ଆସିବାରେ ବହୁ ସମସ୍ୟା ସୃଷ୍ଟି ହେଉଥିଲା। ଏହାକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ରାସ୍ତାର ଉନ୍ନତିକରଣ କରାଯିବା ପାଇଁ ଟେଣ୍ଡର କରାଯାଇ ରାସ୍ତା କାର୍ଯ୍ୟ କରାଯାଇଥିଲା। ମିଳିଥିବା ସୂଚନାନୁଯାୟୀ ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ରାସ୍ତାର ଉନ୍ନତିକରଣ କରାଯିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ସହିତ ଠିକାଦାରକୁ ନିଯୁକ୍ତ କରାଯାଇଥିଲା। ଏହି ୧୦.୩୫୦ କି.ମି ରାସ୍ତାର ଉନ୍ନତିକରଣ କରାଯିବା ପାଇଁ ରାଜ୍ୟ ଯୋଜନାରୁ ୯କୋଟି ୭୬ଲକ୍ଷ ବ୍ୟୟ ବରାଦ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଏହି ରାସ୍ତାଟି ବ୍ଲକର ଏକ ମୁଖ୍ୟରାସ୍ତା ହୋଇଥିବା ବେଳେ ଏହି ରାସ୍ତା ଦେଇ ପ୍ରତ୍ୟେହ ବିଭିନ୍ନ ମାଲବାହୀ, ଯାତ୍ରୀବାହୀ ଯାତାୟତ କରିଥାଏ। ରାସ୍ତାରେ ଛୋଟ ବଡ ଖାଲ ସୃଷ୍ଟି ହେବା ଦ୍ୱାରା ଉକ୍ତ ଖାଲରେ ବର୍ଷା ପାଣି ଜମି ରହୁଛି। ବିଶେଷକରି ଉକ୍ତ ରାସ୍ତାର ବାଂଶ ଗ୍ରାମ ନିକଟରେ ଅଧିକା ଦେଖିବାକୁ ମିଳିଛି। ଯାହାଫଳରେ ରାସ୍ତାରେ ଯାନବାହନ ଯିବା ସମୟରେ ଉକ୍ତ ଖାଲ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତା ଦବିବା ଓ ଖାଲ ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକ ମତବ୍ୟକ୍ତ କରିଛନ୍ତି।

■ ସମ୍ବିଧାନ ହତ୍ୟା ଦିବସରେ ୧୦୮ ଲୋକତନ୍ତ୍ର ସେନାନୀଙ୍କୁ ସମ୍ମାନିତ କଲେ ମୁଖ୍ୟମନ୍ତ୍ରୀ

# ଏମର୍ଜେନ୍ସି ସ୍ୱାଧୀନ ଭାରତର କଳଙ୍କିତ ଅଧ୍ୟାୟ



**ଭୁବନେଶ୍ୱର,୨୫।୬(ସଂଚାର ବ୍ୟୁରୋ):** ଭାରତରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା ହେବାର ୫୦ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସମ୍ବିଧାନ ହତ୍ୟା ଦିବସ-୨୦୨୫

- ନୂଆ ପିଢ଼ି ପାଖରେ ସ୍ମୃତି ପହଞ୍ଚାଇବା ପାଇଁ ଉଦ୍ୟମ
- ସ୍ୱାଧୀନତା ସଂଗ୍ରାମୀଙ୍କ ପରି ଲୋକତନ୍ତ୍ର ସେନାନୀଙ୍କୁ ମିଳିବ ଉପଯୁକ୍ତ ସମ୍ମାନ

ସ୍ଥାନୀୟ ରେଳ ଅଡିଟୋରିଅମଠାରେ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହି 'ଜରୁରୀକାଳୀନ ପରିସ୍ଥିତି' ସମୟକୁ ସ୍ୱାଧୀନ ଭାରତ ଇତିହାସର ଏକ କଳଙ୍କିତ ଅଧ୍ୟାୟ ବୋଲି କହିଛନ୍ତି।

ଜରୁରୀକାଳୀନ ପରିସ୍ଥିତିରେ ଯେଉଁପ୍ରକାର ଦମନଲୀଳା, ଅକଥନୀୟ ଅତ୍ୟାଚାର ହୋଇଥିଲା, ସେସବୁକୁ କେହି ଭୁଲିପାରିବେ ନାହିଁ। କିନ୍ତୁ ଏକଛତ୍ରବାଦୀ ଶାସନ ବିରୋଧରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ନୂଆ ପିଢ଼ିଙ୍କ ପାଖରେ ଏହି କାଳିମାମୟ ଅଧ୍ୟାୟର ସ୍ମୃତିକୁ ପହଞ୍ଚାଇବା ପାଇଁ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ନିମନ୍ତେ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ବର୍ଷ ବ୍ୟାପି କାର୍ଯ୍ୟକ୍ରମ ଆସନ୍ତା ବର୍ଷ ଜୁନ୍ ୨୫ ତାରିଖରେ ଶେଷ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଜରୁରୀକାଳୀନ ସମୟ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସେ ସମୟରେ ସମ୍ବିଧାନର ସୁରକ୍ଷା ପାଇଁ, ଲୋକଙ୍କ ମୌଳିକ ଅଧିକାରର ସୁରକ୍ଷା ପାଇଁ ବିଜେପି ସାରା ଦେଶରେ ଲଢ଼େଇ କରିଥିଲା। ଦେଶର ସମସ୍ତ ବଡ଼ ବଡ଼ ନେତାଙ୍କ ସହିତ ଅଟଳ ବିହାରୀ ବାଜପେୟୀ ଓ ଲାଲକୃଷ୍ଣ ଆଡଭାନୀଙ୍କ ପରି ନେତା ମଧ୍ୟ ଜେଲ ଯାଇଥିଲେ। ଯେଉଁମାନେ ସରକାରଙ୍କୁ ବିରୋଧ କଲେ ସେମାନଙ୍କୁ ଜେଲ୍ ଯିବାକୁ ପଡ଼ିଲା। ଏହି କ୍ରମରେ ପାଖାପାଖି ୧୦ ହଜାର ସାମ୍ବାଦିକ ଜେଲଦଣ୍ଡ ଭୋଗିଥିଲେ। ଓଡ଼ିଶାରେ ମଧ୍ୟ ଡକ୍ଟର ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ବିଶ୍ୱଭୂଷଣ ହରିଚନ୍ଦନଙ୍କ ପରି ଅନେକ ପ୍ରମୁଖ ନେତା ଗିରଫ ହୋଇଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ ୫୦ ବର୍ଷ ତଳେ ଯେଉଁ ଭୁଲ ହୋଇଥିଲା, ତାହା ଆଜିର ପିଢ଼ି ଜାଣିବା ଦରକାର ଆଉ ଅନ୍ୟର ଭୁଲରୁ ମଣିଷ ଶିଖିବା ଭଳି ଆଜିର ପିଢ଼ି ଏହି ଦିବସରେ ଶିକ୍ଷା ଦରକାର। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓ ସମ୍ମାନିତ ଅତିଥିମାନେ ଜରୁରୀକାଳୀନ ସମୟର ଲୋକତନ୍ତ୍ର ସେନାନୀମାନଙ୍କୁ ସମ୍ମାନିତ

## ଉତ୍ତର-ପଶ୍ଚିମ ବଙ୍ଗୋପସାଗରେ ଘୂର୍ଣ୍ଣିବଳୟ, ୪ ଦିନ ପ୍ରବଳ ବର୍ଷା



**ଭୁବନେଶ୍ୱର, ୨୫।୬ (ସଂଚାର ବ୍ୟୁରୋ) :** ରାଜ୍ୟରେ ଆହୁରି ୪ ଦିନ ନିର୍ଘଣ୍ଟ ବର୍ଷା । ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳରେ ଏକ ଘୂର୍ଣ୍ଣବଳୟ ସକ୍ରିୟ ରହିଛି । ଯାହାର ପ୍ରଭାବରେ ଆଗାମୀ ୨୪ଘଣ୍ଟା ମଧ୍ୟରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ।ଏହାର ପ୍ରଭାବରେ ପୁରା ରାଜ୍ୟରେ ଆଗାମୀ ୩ ରୁ ୪ ଦିନ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି । ଲଗାଣ ବର୍ଷା ମଧ୍ୟ ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ସେହିପରି ଦୁଇଟି ଜିଲ୍ଲା ପାଇଁ ରେଡ୍ ଆଲର୍ଟ ମଧ୍ୟ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣବଳୟ ସକ୍ରିୟ ରହିଛି । ଯାହାର ପ୍ରଭାବରେ ଆଗାମୀ ୨୪ଘଣ୍ଟା ମଧ୍ୟରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଥିବା ବେଳେ ଆଗାମୀ ୨୪ଘଣ୍ଟା ପାଇଁ ଦୁଇଟି ଜିଲ୍ଲାକୁ ରେଡ ଆଲର୍ଟ ଜାରି କରିଛି । ଯାହାକି କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ଠାରୁ ଭାରି ମାତ୍ରାରେ ବର୍ଷା ହେବାର ସମ୍ଭାବନା ରହିଛି। ବିଜୁଳି, ଘଡଘଡି ସହ ବଜ୍ରପାତର ମଧ୍ୟ ଆଲର୍ଟ ଜାରି କରାଯାଇଛି। ସେହିପରି ବାଲେଶ୍ୱର,ଭଦ୍ରକ, ଯାଜପୁର, ଅନୁଗୋଳ, କେନ୍ଦ୍ରାପଡା, ଢେଙ୍କାନାଳ, ଝାରସୁଗୁଡ଼ା, ସମ୍ବଲପୁର, ଦେଓଗଡ, ସୁନ୍ଦରଗଡ ଆଦି ଜିଲ୍ଲା ପାଇଁ ମଧ୍ୟ ଅରେଞ୍ଜ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ। ଏହି ଜିଲ୍ଲା ଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ସହ ବିଜୁଳି, ଘଡଘଡି, ବଜ୍ରପାତ ଏବଂ ଝଡ଼ଝଞ୍ଜା ପବନ ୩୦ରୁ ୪୦କିମି ବେଗରେ ବହିବା ସମ୍ଭାବନା ରହିଛି। ଆସନ୍ତାକାଲି ପାଇଁ କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ, ସମ୍ବଲପୁର ପାଇଁ ଅରେଞ୍ଜ ଆଲର୍ଟ ସହ ବିଜୁଳି, ଘଡଘଡି ସହ ପବନ ହେବା ନେଇ ପୂର୍ବାନୁମାନ କରିଛି ବିଭାଗ । ଘଣ୍ଟା ପ୍ରତି ୩୦ ରୁ ୪୦କିମି ବେଗରେ ପବନ ବହିବା ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ମଧ୍ୟ ଜାରି ରହିବ । ସେହିପରି ଅନ୍ୟ ସବୁ ଜିଲ୍ଲା ପାଇଁ ମଧ୍ୟ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ ।

## ପ୍ରେମିକାଙ୍କ ମୃତ୍ୟୁର ଦେଢ଼ ମାସ ପରେ ସାମ୍ନାକୁ ଆସିଲେ ଲବ



**ଉଦଳା,୨୫।୬(ସଂଚାର ବ୍ୟୁରୋ):** ପ୍ରେମିକା ସୋଲମିଙ୍କ ମୃତ୍ୟୁ ପରେ ବିବାଦୟ ହୋଇପଡ଼ିଥିବା ଜଣାଶୁଣା ୟୁଟ୍ୟୁବଟର୍ ଲବ୍ ହାଁସଦା ଏବେ ସାମ୍ନାକୁ ଆସିଛନ୍ତି। ପ୍ରେମିକାଙ୍କ ମୃତ୍ୟୁର ପ୍ରାୟ ଦେଢ଼ ମାସ ପରେ ସେ ମୁହଁ ଖୋଲିଛନ୍ତି। ନିକଟରେ ୟୁଟ୍ୟୁବରେ ଏକ ଭିଡିଓ ପୋଷ୍ଟ କରି ଲବ କହିଛନ୍ତି ଯେ ମୁଁ କାହାକୁ କଦାପି କୌଣସି ପ୍ରକାର ନିର୍ଯାତନା ଦେଇନାହିଁ। ମୋ ବିଷୟରେ ସୋଲମି ସବୁକିଛି ଜାଣିଥିଲେ। ମୁଁ ଏମିତି କିଛି ଭୁଲ କରିନି ଯାହା କାହା ଜୀବନ ଯିବା ଭଳି ପରିସ୍ଥିତି ସୃଷ୍ଟି କରିବ ବୋଲି ଲବ କହିଛନ୍ତି। ଏହି ୭ ମିନିଟ ୩୧ ସେକେଣ୍ଡ ଅବଧିବିଶିଷ୍ଟ ଭିଡିଓରେ ସଲୋମିଙ୍କ ମୃତ୍ୟୁ ପରେ ତାଙ୍କର ପରିସ୍ଥିତି କିପରି ଥିଲା, ସେନେଇ ଲବ ସ୍ପଷ୍ଟ ଭାବେ ସୂଚନା ଦେଇଛନ୍ତି। ଏଥିସହ ସେ ନିଜ ପକ୍ଷ ରଖିବାକୁ ଯାଇ କହିଛନ୍ତି ଯେ ସୋଲମିଙ୍କ ମୃତ୍ୟୁ ସମୟରେ ସେ ଭିଏତନାମରେ ଥିଲେ। ପୂରା ଘଟଣା ପରେ ପୁଲିସକୁ ସେ ତଦନ୍ତରେ ସମସ୍ତ ପ୍ରକାର ସହଯୋଗ କରିଥିଲେ। ସେହିପରି ମୃତ୍ୟୁ ପୂର୍ବରୁ ସୋଲମି କରିଥିବା ଭିଡିଓରେ ଲବ ତାଙ୍କୁ ନିର୍ଯାତନା ଦେଇଥିବା କଥା ଉଲ୍ଲେଖ କରିଥିଲେ ହେଁ ଏବେ ଲବ ଏହାକୁ ଅସ୍ୱୀକାର କରିଛନ୍ତି। ସତ କ'ଣ, ତାହା ଦିନେ ନା ଦିନେ ସାମ୍ନାକୁ ଆସିବ ବୋଲି ଉକ୍ତ ଭିଡିଓରେ ଲବ କହିଛନ୍ତି।

■ ଜବରଦଖଲ ଉଚ୍ଛେଦ ବେଳେ ବିରୋଧ

## ପୁଲିସ ଉପସ୍ଥିତିରେ ତହସିଲଦାରଙ୍କୁ ମାଡ଼



**ବାଙ୍ଗିରିପୋଷି,୨୫।୬ (ସଂଚାର ବ୍ୟୁରୋ):** ପୁଲିସ ଉପସ୍ଥିତିରେ ତହସିଲଦାରଙ୍କୁ ମାଡ଼। ଅଧିକନ୍ତୁ ମାଡ ମାରିବା ପରେ ଘୋଷାଡ଼ି ଘୋଷାଡ଼ି ନେଲେ ଉତ୍ତ୍ୟକ୍ତ ଲୋକେ। ମୟୂରଭଞ୍ଜ ଜିଲ୍ଲା କୁଳିଅଣା ବ୍ଲକ ତିତିରି ଅଞ୍ଚଳରେ ଜବରଦଖଲ ଉଚ୍ଛେଦକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିବା ବେଳେ ସେଠାକାର ତହସିଲଦାରଙ୍କୁ ଏପରି ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଛି। ତିତିରି ଅଞ୍ଚଳର ସରକାରୀ ଜାଗାରେ କେତେକ ପରିବାର ଦୀର୍ଘ ବର୍ଷ ଧରି ଘର କରି ରହୁଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ସେମାନଙ୍କ ମଧ୍ୟରୁ ୩୫ ଜଣଙ୍କ ଘର ଭାଙ୍ଗିବା ସକାଶେ କୁହାଯାଇଥିଲା। ଏହି ଅନୁସାରେ ଆଜି ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନିକ ଟିମ୍ ପହଞ୍ଚିଥିଲେ ହେଁ ଏହାକୁ ଗ୍ରାମବାସୀ ବିରୋଧ କରିଥିଲେ। ଏପରିକି ସେମାନେ ନିଆଁ ଜାଳି ୧୮ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ପରେ ସେମାନେ କୁଳିଅଣା ତହସିଲଦାରଙ୍କୁ ମାଡ଼ ମାରିବାକୁ ବି ପଛାଇନଥିଲେ। ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଛି ପୁଲିସ। ଏବେ କୁଳିଅଣା ଥାନା ପରିସରରେ ଉତ୍ତେଜନା ଲାଗିରହିଛି।

## ଭୁଶୁଡ଼ିଲା ଶିଶୁ ଭବନ କାନ୍ଥ, ୧୦ ଗାଡ଼ି କ୍ଷତିଗ୍ରସ୍ତ



**କଟକ,୨୫।୬(ସଂଚାର ବ୍ୟୁରୋ):** ସ୍ଥାନୀୟ ଶିଶୁ ଭବନ ହସ୍ପିଟାଲର ନବନିର୍ମିତ କୋଠାର କାନ୍ଥ ଭୁଶୁଡ଼ି ପଡ଼ିଛି। ଆଜି ସକାଳେ ସାତ ମହଲାବିଶିଷ୍ଟ ଏହି ନୂଆ ଅଟ୍ଟାଳିକାର ୩ ମହଲାରୁ ହଠାତ କାନ୍ଥ ଭାଙ୍ଗିପଡ଼ିଥିଲା। କାନ୍ଥ ଭୁଶୁଡିବା ଦେଖି ବାହାରେ ଶିଶୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଦୂରକୁ ଦୌଡ଼ି ପଳାଇବା ଫଳରେ ବର୍ତ୍ତିଯାଇଥିଲେ। କିନ୍ତୁ ତଳେ ଥୁଆ ହୋଇଥିବା ୧୦ଟି ଗାଡ଼ି ଭାଙ୍ଗି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଶିଶୁ ଭବନର ନୂଆ କୋଠାର କାନ୍ଥ ଭୁଶୁଡିବା ନେଇ ଶିଶୁ ରୋଗୀ ଓ ତାଙ୍କ ଅଭିଭାବକମାନେ ଆତଙ୍କିତ ହୋଇପଡ଼ିଛନ୍ତି। ଭୟରେ କେତେକ ଅଭିଭାବକ ସେମାନଙ୍କ ପିଲାଙ୍କୁ ୱାର୍ଡରୁ ଆଣି ବାହାରେ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା। କାନ୍ଥ ଭୁଶୁଡ଼ିବା ପରେ ଏହି ବୃହତ ପ୍ରକଳ୍ପର ସ୍ଥାୟିତ୍ୱକୁ ନେଇ ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି।

■ ସୁଭଦ୍ରା ସୋସାଇଟିର ଚତୁର୍ଥ ପରିଚାଳନା ପରିଷଦ ବୈଠକ

## ରାକ୍ଷୀ ପୂର୍ଣ୍ଣିମାରେ ତୃତୀୟ କିସ୍ତି ପ୍ରଦାନ ପ୍ରସ୍ତାବ ଗୃହୀତ



**ଭୁବନେଶ୍ୱର,୨୫।୬(ସଂଚାର ବ୍ୟୁରୋ):** ଆଜି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ସୁଭଦ୍ରା ସୋସାଇଟିର ଚତୁର୍ଥ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ଅଗଷ୍ଟ ୯ ତାରିଖ ରାକ୍ଷୀ ପୂର୍ଣ୍ଣିମାରେ ସୁଭଦ୍ରା ହିତାଧିକାରୀଙ୍କୁ ତୃତୀୟ କିସ୍ତି ପ୍ରଦାନ ନିମନ୍ତେ ଆଗତ ପ୍ରସ୍ତାବକୁ ବୈଠକରେ ଅନୁମୋଦନ ମିଳିଛି। ସୁଭଦ୍ରା ଯୋଜନାର ଅଦ୍ୟାବଧି ପ୍ରଶାସନିକ ଓ ଆନୁଷଙ୍ଗିକ ଖର୍ଚ୍ଚକୁ ମଧ୍ୟ ବୈଠକରେ ଅନୁମୋଦନ କରାଯାଇଛି। ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ପବ୍ଲିକ୍ ଆଡମିନଷ୍ଟ୍ରେସନ (ଆଇଆଇପିଏ), ନୂଆଦିଲ୍ଲୀ ପକ୍ଷରୁ 'ଓଡ଼ିଶାର ଜିଲ୍ଲାମାନଙ୍କରେ ସୁଭଦ୍ରାର ପ୍ରଭାବ' ବିଷୟ ଉପରେ ହେବାକୁ ଥିବା ଅଧ୍ୟୟନର ପ୍ରସ୍ତୁତି ଓ ପ୍ରକ୍ରିୟା ସମ୍ପର୍କରେ ବୈଠକରେ ଉପସ୍ଥାପନା ପ୍ରଦର୍ଶିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ସବୁବର୍ଗର ସୁଭଦ୍ରା ହିତାଧିକାରୀଙ୍କ ଉପରେ ସୁଭଦ୍ରା ସହାୟତାର ପ୍ରଭାବ, ଏହାର ଉପଯୋଗ ଓ ଡିଜିଟାଲ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ପୂର୍ବରୁ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ଆଇଆଇଏମ ସମ୍ବଲପୁର ସହଯୋଗରେ ଆସନ୍ତା ମାସ ପ୍ରଥମ ସପ୍ତାହରୁ କଲେଜ ଝିଅ (ସୁଭଦ୍ରା ସମୀକ୍ଷା)ଙ୍କ ଦ୍ୱାରା କ୍ଷେତ୍ର ସର୍ବେକ୍ଷଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ପରିପ୍ରେକ୍ଷୀରେ ଆଇଆଇଏମ, ସମ୍ବଲପୁର ତଥ୍ୟ ଅଧ୍ୟୟନ, ଉପକରଣ, ତାଲିମ ଓ ବିଶ୍ଳେଷଣ ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବ ବୋଲି ସୂଚନା ଦିଆଯାଇଛି। ସୁଭଦ୍ରା ସହାୟତାର ସଠିକ ଉପଯୋଗ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ହିତାଧିକାରୀମାନଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଯାଇ ଦକ୍ଷତା ବିକାଶ ବିଭାଗ ସହ ଆଲୋଚନା ମଧ୍ୟ କରାଯାଇଛି। ସୁଭଦ୍ରା ସହାୟତାର ଉପଯୋଗକୁ ନିରନ୍ତର ସମୀକ୍ଷା କରାଯିବ ବୋଲି ମଧ୍ୟ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## କରଞ୍ଜିଆରେ ଯୁବତୀଙ୍କୁ ଗଣବଳାତ୍କାର: ମୁଖ୍ୟ ଅଭିଯୁକ୍ତ ଅଟକ



**କରଞ୍ଜିଆ,୨୫।୬ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର କରଞ୍ଜିଆ ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଗଣବଳାତ୍କାର ଅଭିଯୋଗ ସାମ୍ନାକୁ ଆସିଛି। ଯୁବତୀ ଜଣକ ସମ୍ପର୍କୀୟଙ୍କ ଘରକୁ ବୁଲିବା ପାଇଁ ଯାଇଥିବା ସମୟରେ ଘଟଣାଟି ଘଟିଥିବା ଜଣାପଡ଼ିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଯୁବତୀ ଜଣଙ୍କ ଜଙ୍ଗଲିଆ ରାସ୍ତା ଦେଇ ଫେରୁଥିବା ବେଳେ ତିନି ଜଣ ଅଭିଯୁକ୍ତ ତାଙ୍କୁ ବାଇକ୍‌ରେ ଉଠାଇ ନେଇ ଗଣବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ କରଞ୍ଜିଆ ଥାନାରେ ତିନି ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି। ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଅଟକ କରିଥିବା ବେଳେ, ଅନ୍ୟ ଦୁଇ ସହଯୋଗୀ ଏବେ ମଧ୍ୟ ଫେରାର ଅଛନ୍ତି। ମୟୂରଭଞ୍ଜ ଏସପି କହିଛନ୍ତି ଯେ, ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ। ପୋଲିସ ଏହି ଘଟଣାର ତଦନ୍ତ ଜାରି ରଖିଛି ଏବଂ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛି। ଏହି ଘଟଣା ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି, ଏବଂ ସ୍ଥାନୀୟ ଲୋକେ ଦୋଷୀମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପୀଡ଼ିତାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ଏବଂ ତାଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯାଉଛି।

## ଅଧାବାଟରେ ଅଟକିଲା ଆମ୍ବୁଲାନ୍ସ

**ଢେଙ୍କାନାଳ, ୨୫।୬ (ସଂଚାର ବ୍ୟୁରୋ) :** ଆମ୍ବୁଲାନ୍ସ ସେବାର ଆଉ ଏକ ବିକଳ ଚିତ୍ର। ଗୁରୁତର ସାପ କାମୁଡ଼ା ରୋଗୀଙ୍କୁ ନେଇ କାମାକ୍ଷାନଗରରୁ ଢେଙ୍କାନାଳ ମେଡିକାଲ ଯାଉଥିବା ବେଳେ ଏକ ୧୦୮ଆମ୍ବୁଲାନ୍ସ ମହୁଲପାଳଠାରେ ଅଚଳ ହୋଇପଡ଼ିଥିଲା। ଫଳରେ ବହୁ ସମୟ ଯାଏଁ ରାସ୍ତାରେ ପଡ଼ିରହିଲେ ରୋଗୀ। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ମେଡିକାଲରେ ଭର୍ତ୍ତି ହୋଇଥିଲେ ସାପ କାମୁଡ଼ାରେ ବାରୁଆ ଗାଁର ବାହାଦୁର ବାସ୍କେ (୧୭)। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ଢେଙ୍କାନାଳ ନେବା ସକାଶେ ଡାକ୍ତର ରେଫର୍ କରିଥିଲେ। କିନ୍ତୁ ଯେଉଁ ଆମ୍ବୁଲାନ୍ସ ଉପରେ ଭରସା କରି ରୋଗୀ ଓ ପରିବାର ଲୋକେ ବାହାରିଥିଲେ, ଶେଷରେ ତାହା ରାସ୍ତା ମଝିରେ ସେମାନଙ୍କୁ ଧୋକା ଦେଇଥିଲା। କାମାକ୍ଷାନଗର ମେଡିକାଲରୁ ବାହାରି ଉକ୍ତ ଆମ୍ବୁଲାନ୍ସଟି ମାତ୍ର ୫ କିମି ଯିବା ପରେ ଅଚଳ ହୋଇଯାଇଥିଲା। ମହୁଲପାଳଠାରେ ଗାଡ଼ି ଅଚଳ ହେବା ଫଳରେ ସେଥିରେ ଥିବା ରୋଗୀ ଦୀର୍ଘ ସମୟ ଧରି ସେଠାରେ ପଡ଼ିରହିଥିଲେ। ତେବେ ଦୀର୍ଘ ସମୟ ଅପେକ୍ଷା କରିବା ପରେ ଆଉଏକ ଆମ୍ବୁଲାନ୍ସ ଆସିବାରୁ ଉକ୍ତ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ଢେଙ୍କାନାଳ ହସ୍ପିଟାଲ୍‌କୁ ଯାଇଥିଲେ

## ନବୀନଙ୍କୁ ଭେଟିଲେ ବିଜେଡିର ବରିଷ୍ଠ ନେତା

ଅପରେସନ ପରେ ଆଇସିୟୁରୁ ରୁମ୍‌କୁ ଫେରିଲେ



**ଭୁବନେଶ୍ୱର,୨୫।୬(ସଂଚାର ବ୍ୟୁରୋ):** ମୁମ୍ବାଇଠାରେ କୋକିଳାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ପୂର୍ବତନ ମୁଖ୍ୟମନ୍ତ୍ରୀ, ବିଜେଡିର ରାଜ୍ୟ ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିକିତ୍ସାଧୀନ ଥିଲା ବେଳେ ଆଜି ତାଙ୍କୁ ବିଜେଡିର ବରିଷ୍ଠ ନେତାମାନେ ଭେଟିଛନ୍ତି । ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ବିଜେଡିର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଜେଡିର ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ସାଂସଦ ମାନସ ମଙ୍ଗରାଜ, ବିଧାୟକ ସଞ୍ଜୀବ ମଲ୍ଲିକ, ସୁଶାନ୍ତ ରାଉତ, ବିଶ୍ୱରଞ୍ଜନ ମଲ୍ଲିକ, ଧ୍ରୁବଚରଣ ସାହୁ, ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ପ୍ରମୁଖ ଭେଟିଥିଲେ।

ନବୀନ ପଟ୍ଟନାୟକଙ୍କ ବଡ ଭାଇ ପ୍ରେମ ପଟ୍ଟନାୟକ ଓ ନବୀନଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଟିମ୍‌କୁ ଭେଟି ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଖୁବଶୀଘ୍ର ନବୀନ ପଟ୍ଟନାୟକ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଓଡ଼ିଶାକୁ ଆସନ୍ତା ମାସ ପ୍ରଥମ ସପ୍ତାହରେ ଫେରିବେ ବୋଲି ଦଳର ଉପସଭାପତି ତଥା ରାଜନୈତିକ ବ୍ୟାପାର କମିଟିର ସଦସ୍ୟ ଶ୍ରୀ ଦାସବର୍ମା ଗଣମାଧ୍ୟମକୁ କହିଛନ୍ତି।

## ତାରିଣୀ ବସ୍ତ୍ରାଳୟରେ ନିଆଁ

**ଭୁବନେଶ୍ୱର,୨୫।୬(ସଂଚାର ବ୍ୟୁରୋ):** ଭୁବନେଶ୍ୱର କଳ୍ପନା ଛକ ନିକଟରେ ଥିବା ତାରିଣୀ ବସ୍ତ୍ରାଳୟ ଗୋଦାମରେ ଆଜି ବିଳମ୍ବିତ ରାତିରେ ଲାଗିଛି ନିଆଁ। ବସ୍ତ୍ରାଳୟ ପଛ ପଟେ ଥିବା ଗୋଦାମରେ ନିଆଁ ଲାଗିଯାଇଛି। ନିଆଁ ଲିଭାଇବାକୁ ଚାରୋଟି ଦମକଳ ଗାଡି ନିୟୋଜିତ ହୋଇଛି। ତେବେ ଗୋଦାମ ଘରୁ ପ୍ରବଳ ଧୂଆଁ ବାହାରୁଥିବାରୁ ଗୋଦାମ ଭିତରକୁ ଖବର ପ୍ରକାଶ ପାଇବା ପର୍ଯ୍ୟନ୍ତ କେହି ପଶିପାରୁନଥିଲେ। ତେଣୁ ଗୋଦାମର ଗୋଟେପଟ କାନ୍ଥ ଭାଙ୍ଗି ଭିତରକୁ ପଶିବାକୁ ଉଦ୍ୟମ କରାଯାଉଥିଲା। ଏହି ନିଆଁ କିପରି ଲାଗିଲା ତାହା ସ୍ପଷ୍ଟ ହୋଇନାହିଁ। ସର୍ଟସର୍କିଟରୁ ନିଆଁ ଲାଗିଥିଲା ନା କାହାର ଅସାବଧାନତା ଯୋଗୁ ନିଆଁ ଲାଗିଥିଲା ତାହା ଜଣାପଡିନାହିଁ। ଘଟଣାସ୍ଥଳରେ ଗୋଦାମ କର୍ମଚାରୀଙ୍କ ସହ ସ୍ଥାନୀୟ ଲୋକ ମଧ୍ୟ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ।



ଓଡ଼ିଶା ଇଭି ନୀତି ୨.୦ ପ୍ରସ୍ତୁତି ବୈଠକ

## ୨୦୩୬ ସୁଦ୍ଧା ୫୦ ପ୍ରତିଶତ ବିଇଭି ପଞ୍ଜୀକରଣ ଲକ୍ଷ୍ୟ



**ଭୁବନେଶ୍ୱର,୨୫।୬(ସଂଚାର ବ୍ୟୁରୋ):** ସ୍ୱଚ୍ଛ ଓ ସ୍ଥାୟୀ ଗତିଶୀଳତା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଶକ୍ତି ବିଭାଗ ପକ୍ଷରୁ ମିଳିତ ଭାବେ ଓଡ଼ିଶା ବୈଦ୍ୟୁତିକ ଯାନ (ଇଭି) ନୀତି ୨.୦ ଉପରେ ବିଚାରବିମର୍ଶ ପାଇଁ ଆଜି ଏକ ଉଚ୍ଚସ୍ତରୀୟ ମନ୍ଥନ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଓ ଶକ୍ତି ବିଭାଗର ପ୍ରମୁଖ ସଚିବ ବିଶାଳ କୁମାର ଦେବଙ୍କ ସହ-ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଓଡ଼ିଶାର ବୈଦ୍ୟୁତିକ ଗତିଶୀଳତା ପରିବର୍ତ୍ତନକୁ ଆଗକୁ ବଢ଼ାଇବା ଓ ପ୍ରମୁଖ ଲକ୍ଷ୍ୟ ହାସଲ କରିବା ପାଇଁ ଉଭୟ ବିଭାଗର ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ବ୍ୟାପକ ଆଲୋଚନା ହୋଇଛି। ୨୦୩୬ ସୁଦ୍ଧା ସମସ୍ତ ନୂତନ ଯାନ ପଞ୍ଜୀକରଣରେ ଅତି କମରେ ୫୦ ପ୍ରତିଶତ ବ୍ୟାଟେରୀ ବୈଦ୍ୟୁତିକ ଯାନ (ବିଇଭି) ଲକ୍ଷ୍ୟ ରଖାଯାଇଛି। ଇଭି ଯାନ ପଞ୍ଜୀକରଣ କ୍ରମାଗତ ଭାବେ ବୃଦ୍ଧି ପାଉଛି। ଗତ ୨୦୨୧ରେ ୧.୧୬ ପ୍ରତିଶତ ଇଭି ପଞ୍ଜିକୃତ ହୋଇଥିବା ବେଳେ ଗତ ୨୦ ତାରିଖ ସୁଦ୍ଧା ଏହା ୮.୭୧ ପ୍ରତିଶତରେ ପହଞ୍ଚିଛି। ରାଜ୍ୟରେ ଏବେ ୫୫୦ରୁ ଅଧିକ ପବ୍ଲିକ୍ ଚାର୍ଜିଂ ଷ୍ଟେସନ୍ ରହିଛି, ଯେଉଁଥିରେ ଦୁଇଚକିଆ ଓଇଏମ୍, ଡିସ୍‌କମ୍ ଓ ତୈଳ ମାର୍କେଟିଂ କମ୍ପାନୀ ଦ୍ୱାରା ପରିଚାଳିତ କ୍ୟାପ୍ଟିଭ୍ ଭିତ୍ତିଭୂମି ସାମିଲ୍। ରାଜ୍ୟ ପରିବହନ ପ୍ରାଧିକରଣ ପୂର୍ବରୁ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଇଭି ଚାର୍ଜିଂ ଷ୍ଟେସନ୍ ବିକାଶ ପାଇଁ ପ୍ରସ୍ତାବ ଆହ୍ୱାନ କରିସାରିଛି।

ଓଡ଼ିଶା ଇଭି ନୀତି-୨୦୨୧ରେ କେତେକ ସଂଶୋଧନ ପାଇଁ ମଧ୍ୟ ପ୍ରସ୍ତାବ ରହିଛି। ବୈଧତା ବୃଦ୍ଧି ଓ ଇଭି କ୍ରେତା ଏବଂ ଚାର୍ଜ ପଏଣ୍ଟ ଅପରେଟର ପାଇଁ ପ୍ରୋତ୍ସାହନ ବୃଦ୍ଧି, ପ୍ରଥମେ ଆସ-ପ୍ରଥମେ ସେବା ଆଧାରରେ ରାଜ୍ୟ ବଜେଟ୍‌ରୁ ପ୍ୟାନେଲ ହୋଇଥିବା ଚାର୍ଜିଂ ପଏଣ୍ଟକୁ ପ୍ରୋତ୍ସାହନ, ଗ୍ରହଣ ଓ ଭିତ୍ତିଭୂମିକୁ ସମର୍ଥନ ପାଇଁ ଏକ ଉତ୍ସର୍ଗୀକୃତ ଇଭି ପାଣ୍ଠି ସୃଷ୍ଟି କରିବା ଦିଗରେ ଯାନଗୁଡ଼ିକର ଅନୁସନ୍ଧାନ ଆଦି ଏଥିରେ ଅନ୍ତର୍ଭୁକ୍ତ। ସହରାଞ୍ଚଳ ଓ ଅର୍ଦ୍ଧସହରୀ ଅଞ୍ଚଳରେ ଚାର୍ଜିଂ ପଏଣ୍ଟର ତ୍ୱରାନ୍ୱିତ ରୋଲଆଉଟ୍ ମାଧ୍ୟମରେ ପରିସର ଚିନ୍ତାକୁ ଦୂର କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ସନ୍ତୁଳିତ ଏବଂ ଅନ୍ତର୍ଭୁକ୍ତ ଇଭି ଅଭିବୃଦ୍ଧି ସୁନିଶ୍ଚିତ କରିବା ପାଇଁ ଯୋଗାଣ (ଉତ୍ପାଦନ ଇକୋସିଷ୍ଟମ) ଏବଂ ଚାହିଦା (ଗ୍ରାହକ ପ୍ରୋତ୍ସାହନ) ଉଭୟକୁ ବୃଦ୍ଧି କରିବା ପାଇଁ ଏକ ସାମଗ୍ରିକ ଆଭିମୁଖ୍ୟ ଗ୍ରହଣ କରାଯାଉଛି। ଇଭି ଗ୍ରହଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଓଡ଼ିଶା ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ଇ-ଡ୍ରାଇଭ୍ ଯୋଜନାକୁ ବ୍ୟବହାର କରିବ। ବ୍ୟାପକ ଓଡ଼ିଶା ଭିଜନ ୨୦୩୬ର ଅଂଶ ଭାବେ ରାଜ୍ୟ ୨୦୩୬ ସୁଦ୍ଧା ୫୦ ପ୍ରତିଶତ ବୈଦ୍ୟୁତିକ ଏବଂ ବିକଳ୍ପ ଇନ୍ଧନ ଯାନ ଗ୍ରହଣ ହାସଲ ଲକ୍ଷ୍ୟ ରଖିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ନୂଆ ଅବତାରରେ ଅସିଲା ଅଲ୍ଟୋ




**ନୂଆଦିଲ୍ଲୀ, ୨୫।୬:** ମାରୁତି ସୁଜୁକି ଅଲ୍ଟୋକୁ ଭାରତୀୟ ବଜାରରେ ସବୁଠାରୁ ଶସ୍ତା କାର ଭାବରେ ବିବେଚନା କରାଯାଏ। ଏବେ ସୁଜୁକି ଜାପାନୀ ବଜାରରେ ଏକ ନୂତନ ଅବତାରରେ ଏହାର ଲୋକପ୍ରିୟ କାର ଅଲ୍ଟୋକୁ ଲଞ୍ଚ କରିଛି। ନୂତନ ସୁଜୁକି ଅଲ୍ଟୋକୁ ମଧ ଭାରତୀୟ ବଜାରରେ ଖୁବ୍ ଶୀଘ୍ର ଲଞ୍ଚ କରାଯାଇପାରେ, ଯାହା ବଜେଟ୍ ସେଗମେଣ୍ଟରେ କାର ଖୋଜୁଥିବା ଲୋକଙ୍କୁ ଏକ ଉତ୍ତମ ଏବଂ ସୁଲଭ ବିକଳ୍ପ ପ୍ରଦାନ କରିବ। ଆସନ୍ତୁ ଜାଣିବା ନୂତନ ଅଲ୍ଟୋ ପୂର୍ବ ଅପେକ୍ଷା କେତେ ପରିବର୍ତ୍ତନ ହୋଇଛି। ସୁଜୁକି ଅଲ୍ଟୋ ଫେସଲିଫ୍ଟ ୨୦୨୫ରେ ଏକ ନୂତନ ଫ୍ରଣ୍ଟ ଗ୍ରିଲ୍, ରାଉଣ୍ଡ ବମ୍ପର ଏବଂ ଆକର୍ଷଣୀୟ ହେଡଲ୍ୟାମ୍ପ ରହିଛି, ଯାହା ଏହାକୁ ଏକ ଫ୍ରେସ ଲୁକ୍ ଦେଇଥାଏ। ଅଲ୍ଟୋକୁ ନୂତନ ରଙ୍ଗ ବିକଳ୍ପ ଏବଂ ଷ୍ଟାଇଲିସ୍ ଆଲୟ ଚକ ସହିତ ଲଞ୍ଚ କରାଯାଇଛି। ଏହାର ଡିଜାଇନ୍ କମ୍ପାକ୍ଟ ଏବଂ ଏରୋଡାଇନାମିକ୍, ଯାହା ମାଇଲେଜ୍କୁ ଆହୁରି ଉନ୍ନତ କରିପାରିବ। ସୁଜୁକି ଅଲ୍ଟୋ ଫେସଲିଫ୍ଟ ଦୁଇଟି ଇଞ୍ଜିନ୍ ବିକଳ୍ପ ସହିତ ପ୍ରଚଳନ କରାଯାଇଛି। ସୁଜୁକି ଅଲ୍ଟୋ ଫେସଲିଫ୍ଟରେ ସୁରକ୍ଷା ପାଇଁ ରାଡାର-ଆଧାରିତ ଆଡଭାନ୍ସଡ୍ ଡ୍ରାଇଭର୍ ଆସିଷ୍ଟାନ୍ସ ସିଷ୍ଟମ୍ (ଏଡିଏଏସ) ଅନ୍ତର୍ଭୁକ୍ତ। ଏଥିରେ ଡୁଆଲ୍ ସେନ୍ସର୍ ବ୍ରେକ୍ ସେନ୍ସର୍ ୨ ଭଳି ବୈଶିଷ୍ଟ୍ୟ ରହିଛି। ଏହି ସିଷ୍ଟମ୍ ଟଚ୍କ୍ରିନ୍ ଇନଫୋଟେନ୍ମେଣ୍ଟ ସିଷ୍ଟମ୍ ସହିତ ବ୍ଲୁଟୁଥ୍ ସଂଯୋଗ, କିଲେସ୍ ଏଣ୍ଟ୍ରି ଏବଂ ୪-ସ୍ପିକର ଅଡିଓ ସିଷ୍ଟମ୍ ରହିଛି। ସୁଜୁକି ଅଲ୍ଟୋ ଫେସଲିଫ୍ଟ ଏବେ ଜାପାନୀ ବଜାରରେ ଲଞ୍ଚ ହୋଇଛି। ଏହାର ପ୍ରାରମ୍ଭିକ ଏକ୍ସ-ସୋରୁମ୍ ମୂଲ୍ୟ ୧୫୧୯,୧୦୦ ୟେନ୍ ରହିଛି ଯାହାର ମୂଲ୍ୟ ପ୍ରାୟ ଭାରତୀୟ ମୁଦ୍ରାରେ ୪.୫ ଲକ୍ଷ ଟଙ୍କା (ଏକ୍ସ-ସୋରୁମ୍) ହେବ।

## ଫ୍ରାନ୍ସ ଯିବ ସୁନ୍ଦରଗଡ଼ ଆମ୍ରପାଲି ଆମ୍ବ

ସୁନ୍ଦରଗଡ଼, ୨୫।୬ (ସଂଚାର ବ୍ୟୁରୋ: ଫ୍ରାନ୍ସ ଚାଖିବ ସୁନ୍ଦରଗଡ଼ର ମହିଳା ଚାଷୀଙ୍କ ଆମ୍ବ ଆମ୍ରପାଲିର ସୁଆଦ। ଲେଫ୍ରିପଡ଼ା ବ୍ଲକ୍‌ରୁ ଆଲୋକପ୍ରଭା ମହିଳା ଚାଷୀ ଉତ୍ପାଦକ ଗୋଷ୍ଠୀ ୧୮ କ୍ୱିଣ୍ଟାଲ ଆମ୍ବ ରପ୍ତାନି କରିଛି। ଜିଲ୍ଲା ପ୍ରଶାସନ ଓ ସୁନ୍ଦରଗଡ଼ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସହାୟତାରେ ଏପିସି ପ୍ରକଳ୍ପ ଅଧୀନରେ ଗଠିତ ମହିଳା ଚାଷୀ ଉତ୍ପାଦକ ଗୋଷ୍ଠୀ ମାଧ୍ୟମରେ ଏହା ସମ୍ଭବ ହୋଇପାରିଛି। ଆମ୍ବ ଗାଡ଼ିକୁ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ମୁଖ୍ୟ ନିର୍ବାହୀ ଅଧିକାରୀ ସୁଷମା ବିଲୁଙ୍ଗ, ଉଦ୍ୟାନ କୃଷି ଉପ-ନିର୍ଦ୍ଦେଶକ ସୁକାନ୍ତ ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## କର୍ମଚାରୀ ଛଟେଇ କରିବ ମାଇକ୍ରୋସଫ୍ଟ

**ନୂଆଦିଲ୍ଲୀ, ୨୫।୬:** ପୁଣି କିଛି କର୍ମଚାରୀଙ୍କ ଛଟେଇ କରିବାକୁ ଯାଉଛି ମାଇକ୍ରୋସଫ୍ଟ। କମ୍ପାନି ଆଉ ଏକ ପର୍ଯ୍ୟାୟ ଚାକିରି କାଟଛାଣ୍ଟ ଯୋଜନା କରୁଛି। ଗତ ୧୮ ମାସ ମଧ୍ୟରେ ଏହା ହେଉଛି ମାଇକ୍ରୋସଫ୍ଟର ଚତୁର୍ଥ ପ୍ରମୁଖ ଛଟେଇ ଅଭିଯାନ। ଏହି ଛଟେଇ ଅନେକଙ୍କ ଆର୍ଥିକ ଅବସ୍ଥାକୁ ଗଭୀର ଭାବରେ ପ୍ରଭାବିତ କରିବ ବୋଲି ଅନୁମାନ କରାଯାଉଛି। ଯଦିଓ କେତେ ଜଣ ଚାକିରି ହରାଇବେ ତାହାର ସଠିକ୍ ସଂଖ୍ୟା ଅସ୍ପଷ୍ଟ ରହିଛି, ତଥାପି ଏହି ପଦକ୍ଷେପ ଯଥେଷ୍ଟ ଲୋକଙ୍କୁ ପ୍ରଭାବିତ କରିବ ବୋଲି ଆଶା କରାଯାଉଛି। ଜୁନ୍ ୩୦ ରେ ମାଇକ୍ରୋସଫ୍ଟର ଆର୍ଥିକ ବର୍ଷ ଶେଷ ହେବା ପୂର୍ବରୁ, ଆସନ୍ତା ସପ୍ତାହର ପ୍ରାରମ୍ଭରେ ଏହି ଛଟେଇ ଘୋଷଣା ହେବାର ସମ୍ଭାବନା ଅଛି। ଏହା ଏପରି ଏକ ସମୟ ଯେତେବେଳେ କମ୍ପାନୀ ସାଧାରଣତଃ ପ୍ରମୁଖ ଆଭ୍ୟନ୍ତରୀଣ ପରିବର୍ତ୍ତନ କରିଥାଏ ଏବଂ ବିଭାଗ ମଧ୍ୟରେ ଦଳଗୁଡ଼ିକୁ ପୁନଃସଂଗଠିତ କରିଥାଏ। ମାଇକ୍ରୋସଫ୍ଟର ଗେମିଂ କନସୋଲ, ଗେମ୍ ଡେଭଲପମେଣ୍ଟ ଷ୍ଟୁଡିଓ ଏବଂ ଗେମ୍ ପାସ୍ ଭଳି ଡିଜିଟାଲ୍ ସେବା ପରିଚାଳନା କରୁଥିବା ଏକ୍ସବକ୍ସ ବିଭାଗ ଗତ ବର୍ଷ ମଧ୍ୟରେ ଅନେକ ଥର ଛଟେଇ କରିସାରିଛି। କେବଳ ୨୦୨୩ ମସିହାରେ, ମାଇକ୍ରୋସଫ୍ଟ ଏହାର କିଛି ଗେମିଂ ସହାୟକ କମ୍ପାନୀକୁ ବନ୍ଦ କରିଦେଇଥିଲା ଏବଂ ଏକ୍ସବକ୍ସ ମଧ୍ୟରେ ପ୍ରମୁଖ କର୍ମଚାରୀ ପରିବର୍ତ୍ତନ କରିଥିଲା।



# ହାତ ମିଶାଇଲେ ଅମ୍ବାନୀ-ଆଦାନି



ମୁମ୍ବାଇ,୨୫।୬: ଭାରତରେ ଇନ୍ଧନ ଖୁଚୁରା ବ୍ୟବସାୟକୁ ନୂତନ ଉଚ୍ଚତାକୁ ଲାଗି ଆଦାନୀ ଟୋଟାଲ ଗ୍ୟାସ ଲିମିଟେଡ (ଏଟିଜିଏଲ) ଏବଂ ଜିଓ-ବିପି (ରିଲାଏନ୍ସ ବିପି ମୋବିଲିଟି ଲିମିଟେଡର ବ୍ରାଣ୍ଡ) ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସହଭାଗୀତା ଚୁକ୍ତି ସ୍ଥିର ହୋଇଛି। ଏହି ରଣନୈତିକ ସହଯୋଗ ମାଧ୍ୟମରେ ଉଭୟ କମ୍ପାନୀ ନିଜ ନିଜର ଇନ୍ଧନ ପ୍ରକାରକୁ ପରସ୍ପରର ଆଉଟଲେଟରେ ଉପଲବ୍ଧ କରାଇ ଗ୍ରାହକମାନଙ୍କ ପାଇଁ ଉନ୍ନତ ମାନର ଇନ୍ଧନ ସୁବିଧା ଯୋଗାଇବେ। ଏହା ଭାରତରେ ଇନ୍ଧନ ଉପଲବ୍ଧତା ଏବଂ ଗୁଣବତ୍ତାକୁ ବୃଦ୍ଧି କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। ଏହି ଚୁକ୍ତି ଅନୁଯାୟୀ, ଆଦାନୀ ଟୋଟାଲ ଗ୍ୟାସର

### ଭାରତରେ ଇନ୍ଧନ ଉପଲବ୍ଧତା ବିସ୍ତାର ପାଇଁ ଐତିହାସିକ ପଦକ୍ଷେପ

ନିର୍ଦ୍ଦିଷ୍ଟ ଇନ୍ଧନ ଷ୍ଟେସନଗୁଡ଼ିକରେ ଜିଓ-ବିପିର ଉଚ୍ଚ-କାର୍ଯ୍ୟଦକ୍ଷତା ସମ୍ପନ୍ନ ତରଳ ଇନ୍ଧନ ଯଥା ପେଟ୍ରୋଲ ଏବଂ ଡିଜେଲ ବିକ୍ରି କରାଯିବ। ଅନ୍ୟପକ୍ଷରେ, ଜିଓ-ବିପିର ନିର୍ଦ୍ଦିଷ୍ଟ ଆଉଟଲେଟଗୁଡ଼ିକରେ ଆଦାନୀ ଟୋଟାଲ ଗ୍ୟାସର କମ୍ପ୍ରେସଡ ନ୍ୟାଚୁରାଲ ଗ୍ୟାସ (ସିଏନଜି) ଡିସପେନ୍ସିଂ ଇଉନିଟ ସ୍ଥାପନ କରାଯିବ, ଯାହା ଆଦାନୀ ଟୋଟାଲ ଗ୍ୟାସର ଅନୁମୋଦିତ ଭୌଗୋଳିକ ଅଞ୍ଚଳ ମଧ୍ୟରେ ସୀମିତ ରହିବ। ଏହି ସହଯୋଗ ପରିବହନ ଗ୍ରାହକମାନଙ୍କ ପାଇଁ ଉନ୍ନତ ମାନର ଇନ୍ଧନ ଯୋଗାଣକୁ ସୁନିଶ୍ଚିତ କରିବ। ଏହି ଚୁକ୍ତି ଉଭୟ କମ୍ପାନୀର ବର୍ତ୍ତମାନର ଏବଂ ଭବିଷ୍ୟତ ଆଉଟଲେଟଗୁଡ଼ିକୁ ଅନ୍ତର୍ଭୁକ୍ତ କରୁଛି। ବର୍ତ୍ତମାନ ଆଦାନୀ ଟୋଟାଲ ଗ୍ୟାସ ପ୍ରାୟ ୬୫୦ଟି ସିଏନଜିଷ୍ଟେସନର ଏକ ନେଟୱାର୍କ ପରିଚାଳନା କରୁଛି, ଯେଉଁଥିରେ ଶିଳ୍ପ, ବାଣିଜ୍ୟିକ ଗ୍ରାହକ ଏବଂ ଗାଡ଼ି ଚାଳକମାନଙ୍କ ପାଇଁ ପ୍ରାକୃତିକ ଗ୍ୟାସ ଯୋଗାଣ କରାଯାଉଛି। ଏହା ସହିତ, କମ୍ପାନୀ କମ୍ପ୍ରେସଡ ବାୟୋଗ୍ୟାସ (ସିବିଜି), ଇଲେକ୍ଟ୍ରିକ ଭେଇକିଲ (ଇଭି) ଚାର୍ଜିଂ ଏବଂ ପରିବହନ କ୍ଷେତ୍ର ପାଇଁ ଲିକ୍ୱିଫାଇଡ ନ୍ୟାଚୁରାଲ ଗ୍ୟାସ (ଏଲଏନଜି) ମଧ୍ୟ ପ୍ରଦାନ କରୁଛି। ଅନ୍ୟପକ୍ଷେ, ଜିଓ-ବିପି, ଯିଏକି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ ଏବଂ ବିପିର ମିଳିତ ଉଦ୍ୟୋଗ, ପ୍ରାୟ ୨୦୦୦ଟି ଆଉଟଲେଟ ସହିତ ଭାରତରେ ଇନ୍ଧନ ଖୁଚୁରା, ନିମ୍ନ-କାର୍ବନ ବିକଳ୍ପ ଏବଂ ଆଧୁନିକ ସୁବିଧା ଷ୍ଟୋରରେ ଏକ ଅଗ୍ରଣୀ ମୋବିଲିଟି ସଲ୍ୟୁସନ ପ୍ରୋଭାଇଡର ଭାବେ ପରିଚିତ। ଏହି ସହଯୋଗର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାହକମାନଙ୍କୁ ଉଚ୍ଚମାନର ଏବଂ ବିବିଧ ଇନ୍ଧନ ବିକଳ୍ପ ପ୍ରଦାନ କରି ଭାରତରେ ଇନ୍ଧନ ଖୁଚୁରା ଅଭିଜ୍ଞତାକୁ ପୁନର୍ନିର୍ଦ୍ଧାରଣ କରିବା। ଜିଓ-ବିପିର ଅଧକ୍ଷ ସାର୍ଥକ ବେହୁରିଆ କହିଛନ୍ତି, "ଆମେ ଗ୍ରାହକମାନଙ୍କୁ ଉନ୍ନତ ମାନର ଇନ୍ଧନ ବିକଳ୍ପ ପ୍ରଦାନ କରିବା ପାଇଁ ଏକ ସାଧାରଣ ଦୃଷ୍ଟିକୋଣ ଦ୍ୱାରା ଐକ୍ୟବଦ୍ଧ। ଜିଓ-ବିପି ସର୍ବଦା ଉଚ୍ଚମାନର ଗ୍ରାହକ ଅଭିଜ୍ଞତା ପ୍ରଦାନ ପାଇଁ ପ୍ରତିଶ୍ରୁତିବଦ୍ଧ, ଏବଂ ଏହି ସହଭାଗୀତା ଆମକୁ ପରସ୍ପରର ଶକ୍ତିକୁ ବ୍ୟବହାର କରି ଭାରତକୁ ଅଧିକ ମୂଲ୍ୟ ପ୍ରଦାନ କରିବାରେ ସକ୍ଷମ କରିବ।"

## ଏକକ ପେନ୍‌ସନ୍ ସ୍କିମ୍ ଚୟନ ଅବଧି ସେପ୍ଟେମ୍ବରକୁ ବୃଦ୍ଧି

ନୂଆଦିଲ୍ଲୀ, ୨୫।୬: ଏକକ ପେନ୍‌ସନ୍ ସ୍କିମ୍ (ୟୁପିଏସ୍) ବିକଳ୍ପ କାର୍ଯ୍ୟକାରୀ କରିବା ଲାଗି କେନ୍ଦ୍ର କର୍ମଚାରୀମାନଙ୍କୁ ଅଧିକ ତିନି ମାସ ସମୟ ପ୍ରଦାନ କରାଯାଇଛି। ଏନେଇ ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତି ଜାରି କରିଛି। ଗତ ମାର୍ଚ୍ଚରେ ଏଥିପାଇଁ କର୍ମଚାରୀମାନଙ୍କୁ ଜୁନ୍ ୩୦ ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା। ସେହି ସମୟ ସୀମାକୁ ଆସନ୍ତା ସେପ୍ଟେମ୍ବର ୩୦କୁ ବୃଦ୍ଧି କରାଯାଇଛି। ଏହି ସମୟ ଭିତରେ ଯୋଗ୍ୟ ପୁରୁଣା କର୍ମଚାରୀ, ଅବସରପ୍ରାପ୍ତ କର୍ମଚାରୀ ଏବଂ ମୃତକ ଅବସରପ୍ରାପ୍ତ କର୍ମଚାରୀଙ୍କ ପତ୍ନୀ ବିକଳ୍ପ କାର୍ଯ୍ୟକାରୀ ପାଇଁ ଆବେଦନ କରିପାରିବେ।

## ଭୁବନେଶ୍ୱରରେ ଘରଟିଏ ପାଇଁ ୫୩ ବର୍ଷର ସଞ୍ଚୟ ଦରକାର

**ଭୁବନେଶ୍ୱର,୨୫।୬(ସଂଚାର ବ୍ୟୁରୋ):** ଦିନକୁ ଦିନ ଭୁବନେଶ୍ୱରରେ ଘରଟିଏ ପାଇବା ସ୍ୱପ୍ନରେ ପରିଣତ ହେବାରେ ଲାଗିଛି। ନ୍ୟାସନାଲ୍ ହାଉସିଂ ବୋର୍ଡ (ଏନ୍ଏଚ୍‌ବି), ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ (ଏନ୍ଏସ୍ଏସ୍‌ଓ), ରିଜର୍ଭ ବ୍ୟାଙ୍କ ଆଦିର ତଥ୍ୟ ଅନୁଶୀଳନରୁ ଜଣାପଡ଼ିଛି ଯେ ଭୁବନେଶ୍ୱରରେ ଘର ଖଣ୍ଡିଏ ପାଇବା ଲାଗି ଲୋକମାନଙ୍କ ୫୩ ବର୍ଷର ସଞ୍ଚୟ ରାଶି ଦରକାର। ସହରରେ ବାସ କରୁଥିବା

### ଧନୀଙ୍କ ପାଇଁ ଅପହଞ୍ଚ; ମଧ୍ୟବିତ୍ତ, ଗରିବଙ୍କ ପାଇଁ ସାତ ସପନ

୫ ପ୍ରତିଶତ ଧନୀ ପରିବାରଙ୍କ ଲାଗି ଏତିକି ଟଙ୍କା ଆବଶ୍ୟକ। ଏଭଳି ପରିସ୍ଥିତିରେ ମଧ୍ୟବିତ୍ତ ଓ ଗରିବ ଲୋକଙ୍କ କଥା ନ କହିବା ଭଲ। ଅନୁଶୀଳନରେ ଭୁବନେଶ୍ୱରରେ ୧୧୮୪ ବର୍ଗଫୁଟର ଘରକୁ ମଧ୍ୟମ ଧରଣର ଘର ଭାବେ ବିଚାର କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଭୁବନେଶ୍ୱର ବାସ କରୁଥିବା ଶୀର୍ଷ ୫ ପ୍ରତିଶତ ଧନୀ ପରିବାରର ବାର୍ଷିକ ହାରାହାରି ଆୟ ୭.୫ ଲକ୍ଷ ଟଙ୍କା ଆକଳନ କରାଯାଇଛି। ଜାତୀୟ ସଞ୍ଚୟ ହାର ଜିଡିପିର ୩୦.୨ ପ୍ରତିଶତ ଅନୁସାରେ, ଏହି ପରିବାରଗୁଡ଼ିକର ବାର୍ଷିକ ସଞ୍ଚୟ ହେଉଛି ୨.୩ ଲକ୍ଷ ଟଙ୍କା। କିନ୍ତୁ ୧୧୮୪ ବର୍ଗଫୁଟର ଘର ଦାମ୍ ୧ କୋଟି ୨୦ ଲକ୍ଷ ଟଙ୍କା ରହିଛି। ସେତିକି ଟଙ୍କା ସଞ୍ଚୟ ମାଧ୍ୟମରେ ଯୋଗାଡ଼ କରିବାକୁ ଲୋକମାନଙ୍କୁ ୫୩ ବର୍ଷ ଲାଗିଯିବ। ରିଅଲ ଇଷ୍ଟେଟ୍‌କୁ ନେଇ ଦେଶର ଯେଉଁ ୧୦ଟି ମହଙ୍ଗା ରାଜଧାନୀ ରହିଛି, ସେଥିରେ ଭୁବନେଶ୍ୱର ନାମ ରହିଛି। ସମ୍ପତ୍ତି ଦାମ୍ ହୁ ହୁ ହୋଇ ବଢ଼ିଚାଲିଥିବା ବେଳେ ସେହି ଅନୁସାରେ ଲୋକମାନଙ୍କ ଆୟ ବଢ଼ୁନାହିଁ। ତେଣୁ ବହୁ ଲୋକଙ୍କ ପାଇଁ ଘର ଏବେ ସ୍ୱପ୍ନ ପାଲଟିଛି।



# ତୁର୍କୀ ପର୍ଯ୍ୟଟନ ଶିଳ୍ପକୁ ଜୋରଦାର ଝଟକା

ନୂଆଦିଲ୍ଲୀ ୨୫।୬: ଭାରତ ବିରୋଧରେ ଯିବା ତୁର୍କୀ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଭାରତୀୟ ପର୍ଯ୍ୟଟକଙ୍କ ଅସନ୍ତୋଷ ଓ ସୋସିଆଲ ମିଡିଆରେ ତୁର୍କୀ ବହିଷ୍କାର ଟ୍ରେଣ୍ଡ କରିବା ଯୋଗୁ ତୁର୍କୀ ପର୍ଯ୍ୟଟନ ଉଦ୍ୟୋଗକୁ ଶକ୍ତ ଝଟକା ଲାଗିଛି। ରିପୋର୍ଟ ଅନୁସାରେ ମେ ୨୦୨୫ରେ ତୁର୍କୀ ଭ୍ରମଣରେ ଯାଉଥିବା ଭାରତୀୟ ପର୍ଯ୍ୟଟକଙ୍କ ସଂଖ୍ୟା ୨୪% ହ୍ରାସ ହୋଇଛି ଓଏହା ମାତ୍ର ମାସକରେ ହିଁ ହୋଇଛି। ଅପରେସନ ସିନ୍ଦୂର କାଳରେ ଭାରତ ବିରୋଧରେ ତୁର୍କୀର ବୟାନ ଓ ପାକିସ୍ତାନକୁ ସାମରିକ ଏବଂ କୂଟନୈତିକ ସହଯୋଗ ଭାରତୀୟଙ୍କୁ ବ୍ୟଥିତ କରିଛି। ଏହା ପରେ ଭାରତୀୟ ସୋସିଆଲ ମିଡିଆରେ 'ବୟକଟ୍ ତୁର୍କୀ' ଟ୍ରେଣ୍ଡିଂ କରାଇଥିଲେ, ଯାହାର ସିଧା ପ୍ରଭାବ ତୁର୍କୀ ଟୁରିଜିମ କ୍ଷେତ୍ର ଉପରେ ପଡିଛି। ଭାରତରୁ ପ୍ରତିବର୍ଷ ଲକ୍ଷଲକ୍ଷ ପର୍ଯ୍ୟଟକ ତୁର୍କୀ ଯାତ୍ରା କରିଥାନ୍ତି। ଇସ୍ତାନାବୁଲ, କପ୍ପାଡୋକିୟା ଓ ଏଣ୍ଟାଲ୍ୟା ଭଳି ଡେଷ୍ଟିନେସନରେ ଭାରତୀୟଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ।

ତେବେ ତୁର୍କୀ ଯେବେଠାରୁ ଭାରତ ବିରୋଧରେ କୂଟନୈତିକ ପକ୍ଷ ନେଇଛି ସେବେଠାରୁ ଭାରତୀୟ ଟ୍ରାଭେଲ ଏଜେନ୍ସୀ ଓ ଟୁର ଅପରେଟର୍ସ ତୁର୍କୀ ଟୁର ପ୍ୟାକେଜ ବିକ୍ରି କାଟ କରିଛନ୍ତି। ଫଳରେ ମେ ମାସରେ ଅଚାନକ ତୁର୍କୀ ପର୍ଯ୍ୟଟକଙ୍କ ସଂଖ୍ୟାରେ ୨୪% ହ୍ରାସ ହୋଇଛି। ଏହା ତୁର୍କୀ ପାଇଁ ଏକ ବଡ଼ ଚେତାବନୀ ସାବ୍ୟସ୍ତ ହୋଇଛି। ତେବେ ତୁର୍କୀକୁ ଆସୁଥିବା ଅନ୍ୟ ଦେଶର ପର୍ଯ୍ୟଟକଙ୍କ ସ୍ୱଭାବିକ ରହିଛି ଅଥବା ସାମାନ୍ୟ ବଢ଼ିଛି। ହେଲେ ଭାରତୀୟ ପର୍ଯ୍ୟଟକ ସଂଖ୍ୟାରେ ଦ୍ରୁତ ହ୍ରାସ ହୋଇଛି। ଭାରତୀୟ ପର୍ଯ୍ୟଟକଙ୍କ ସଂଖ୍ୟା ଏପରି ହ୍ରାସ ବୟକଟ ଅଭିଯାନର ପ୍ରଭାବ ବୋଲି ସ୍ପଷ୍ଟ ହୋଇଯାଇଛି। ତୁର୍କୀ ଲାଗି ଭାରତ ଏକ ନୂଆ ଟୁରିଜିମ ମାର୍କେଟରେ ପରିଣତ ହୋଇଥିଲା। କେବଳ ଭାରତୀୟ ବହୁ ସଂଖ୍ୟାରେ ତୁର୍କୀ ଯାଉନଥିଲେ ସେମାନେ ସେଠାକାର ବିଳାଶମୟ ହୋଟେଲ, ସପିଙ୍ଗ ଓ ଲୋକାଲ ଗାଇଡଙ୍କ ଉପରେ ମଧ ବିପୁଳ ବ୍ୟୟ କରୁଥିଲେ। ଫଳରେ ତୁର୍କୀର ସ୍ଥାନୀୟ ଅର୍ଥନୀତିକୁ ବେଶ ପୋଷଣ ମିଳୁଥିଲା। ଏବେ ଭାରତୀୟ ତୁର୍କୀରୁ ଦୂରେଇଯାଇଥିବା ବେଳେ ଏହି ଆର୍ଥିକ କ୍ଷତି ବିଲିୟନରେ ଆକଳନ କରାଯାଉଛି। ଟ୍ରାଭେଲ ଇଣ୍ଡଷ୍ଟ୍ରି ଏକ୍ସପର୍ଟଙ୍କ ଅନୁସାରେ ତୁର୍କୀ ଯଦି ତା ନୀତିରେ ପରିବର୍ତ୍ତନ ନ କରେ ଏହି ହ୍ରାସ ଆହୁରି ଅଧିକ ହୋଇପାରେ। ବିଶ୍ୱର ସବୁଠୁ ବଡ଼ଟ୍ରାଭେଲ ମାର୍କେଟ ମଧ୍ୟରେ ଭାରତ ଅନ୍ୟତମ। ଏଥିରେ ଭାରତରୁ ନେଗେଟିଭ୍ ସିଗ୍ନାଲ ମିଳିବା ଆରମ୍ଭ ହେବା ପରେ ଏହାର ପ୍ରଭାବ କେବଳ ପର୍ଯ୍ୟଟନ ମଧ୍ୟରେ ଏବେ ସୀମିତ ନାହିଁ ବିଜନେସ, ଡିପ୍ଲୋମାସୀ ଓ ଇନଭେଷ୍ଟମେଣ୍ଟକୁ ମଧ ପ୍ରଭାବିତ କରିବ। ଭାରତ ପ୍ରତି ବଇରି ଭାବ ରଖିବା ଏବେ ତୁର୍କୀ ଲାଗି ଆର୍ଥିକ କ୍ଷତିରେ ପରିଣତ ହୋଇଛି।



### ମେ ମାସରେ କମିଛି ୨୪% ଟୁରିଜିମ

## ଆଜିର ସୁନା, ରୂପା ଦର



ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୮,୯୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୦ ହଜାର ୭୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୮,୯୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୦ ହଜାର ୭୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୮, ୯୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୦ ହଜାର ୭୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୯,୧୦୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦,୮୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୮, ୯୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୦ ହଜାର ୭୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୮, ୯୫୦ ଓ ୯୦, ୭୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୮ , ୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ଆଜି ଦେଶର ପ୍ରମୁଖ ସହରରେ ପେଟ୍ରୋଲ-ଡିଜେଲ ଦାମ୍। ତେବେ ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୭୪ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ଗୋପାଳପୁର ଘଟଣା

# ବିଜୁ ଯୁବ ଛାତ୍ର ଜନତା ଦଳର ବିକ୍ଷୋଭ ପ୍ରଦର୍ଶନ



**ସୁନ୍ଦରଗଡ,୨୫।୬(ସଂଚାର ବ୍ୟୁରୋ):** ରାଜ୍ୟରେ ଛାତ୍ରୀ ମାନଙ୍କୁ ଅସଦାଚରଣ, ଦୁଷ୍କର୍ମ, ହତ୍ୟା ଭଳି ଘଟଣା ବୃଦ୍ଧି ଓ ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁଁ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରି ବୁଧବାର ଦିନ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟବ୍ୟାପି ବିକ୍ଷୋଭ ପ୍ରଦର୍ଶନ କରିଥିଲେ କ୍ଷ କିଛି ଦିନ ତଳେ ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ପରିଭ୍ରମଣ କରୁଥିବା ବେଳେ ଉକ୍ତ ଛାତ୍ରୀଙ୍କୁ କିଛି ଦୃର୍ବୃତ୍ତ ଯେଭଳି ଭାବେ ଅମାନୁଷିକ ଗଣ ଧର୍ଷଣ କଲେ, ଯାହା ଅତ୍ୟନ୍ତ ନିନ୍ଦନୀୟ ସହ ଲଜ୍ଜାଜନକ ଅଟେ କ୍ଷ ମହିଳା ଓ ଛାତ୍ରୀ ମାନେ ଏକୁଟିଆ ଯିବାକୁ ସୁରକ୍ଷିତ ମନେ କରୁ ନାହାନ୍ତି। ବିଦେଶରୁ ଆସୁଥିବା ମହିଳା ପର୍ଯ୍ୟଟକ ମଧ୍ୟ ସୁରକ୍ଷିତ ନୁହନ୍ତି ।ରାଜ୍ୟରେ ଥିବା ବିଜେପି ସରକାର ମହିଳା ମାନଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ତେଣୁ ରାଜ୍ୟ ବିଜୁ ଜନତା ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ରାଜ୍ୟ ବିଜୁ ଜନତା ଦଳ ସଭାପତି ଡଃ ବ୍ୟୋମକେଶ ରାୟ ଏବଂ ରାଜ୍ୟ ବିଜୁ ଛାତ୍ର ଜନତା ଦଳ ସଭାପତି ଦେବୀ ରଞ୍ଜନ ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ବ୍ୟାପି ଛାତ୍ର ଆନ୍ଦୋଳନ ଡାକରା ଦିଆଯାଇଥିଲା । ଏହି କ୍ରମରେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଏବଂ ସରକାରୀ ମହିଳା ବିଦ୍ୟାଳୟ ସମ୍ମୁଖରେ କଳା ବ୍ୟାଚ ପିନ୍ଧି ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଇସ୍ତଫା ଦାବି କରି ତାଙ୍କର କୁଶପୁତ୍ତଳିକା ଦାହ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜୁ ଯୁବ ଜନତା ଦଳ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ,ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀ,ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ସଭାପତି ଶୟଦ୍ ସେହେବାଜ ହୁସେନ, ପୌରପାଳିକା ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡ଼ା,ଜିଲ୍ଲା ପରିଷଦ ସଭ୍ୟ ଅମିୟ ପ୍ରଧାନଙ୍କ ସମେତ ଯୁବ ଛାତ୍ର ଜନତା ଦଳର ପ୍ରିୟଙ୍କା ପ୍ରିୟଦର୍ଶିନୀ ଜେନା, ମୁକେଶ ପୁରୋହିତ,ଅନିରୁଦ୍ଧ ସାହୁ, ସୁମନ୍ତ ସାହୁ,ସୁଶାନ୍ତ କୁମାର ଦେବ, ଶିବାଜି ନାଏକ,ଉମେଶ ଶର୍ମା, ଗୌରାଙ୍ଗ ଧଳ,ବିସ୍ମୟ ପଟ୍ଟନାୟକ, ସୁବ୍ରତ ନାଏକ ଋତୁରାଜ ପୁରୋହିତ, ରୋଶନ୍ ସାହୁ,ଜାଗ୍ରତ ଯୋଶୀ, ମଙ୍ଗଳ ପ୍ରଜାପତି,ଅରୁଣ ଦିକ୍ଷିତ, ନିରଜ୍ ସାହୁ ,ସୁଧାଂଶୁ ଦାସଙ୍କ ସମେତ ମହାବିଦ୍ୟାଳୟର ଶହ ଶହ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

● ରାସ୍ତା ନ ଥିବାରୁ ଯାଇପାରିଲାନି ଆମ୍ବୁଲାନ୍ସ

## ବାଟରେ ପ୍ରସବ କଲେ ମହିଳା

**ଫିରିଙ୍ଗିଆ,୨୫।୬(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ଥମିବାରେ ନା ଧରୁନି ଜନନୀ ଯନ୍ତ୍ରଣା । କେଉଁଠି ଗର୍ଭବତୀଙ୍କୁ ବୁହା ହେଉଛି ତ କେଉଁଠି ଖଟିଆରେ ବୋହି ଆମ୍ବୁଲାନ୍ସକୁ ନେଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି । ରାସ୍ତା ନ ଥିବାରୁ ଫିରିଙ୍ଗିଆ ବ୍ଲକର ଅଧିକାଂଶ ଉପାନ୍ତ ଅଞ୍ଚଳ ହେଉ କି ଗ୍ରାମାଞ୍ଚଳମାନଙ୍କରେ ଗର୍ଭବତୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଭଳି ଦୃଶ୍ୟ ବାରମ୍ବାର ଦେଖିବାକୁ ମିଳୁଥିବାବେଳେ ଏଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେଉନଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗର୍ଭବତୀ, ଅସହାୟ ସମେତ ଜନସାଧାରଣ । ଏଭଳି ପୁଣି ଏକ ଜନନୀ ଯନ୍ତ୍ରଣା ସହ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ପଞ୍ଚାୟତ ପାଣ୍ଡୁ ପଦର ଗାଁରେ ।



# ଅବକାରୀ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



**ଯାଜପୁର, ରୋଡ଼,୨୫।୬(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଂଚଳ ସହର ସ୍ଥିତ ଯାଜପୁର ରୋଡ଼ ଟ୍ରକ ମାଲିକ ସଂଘ ଅଫିସ'ରେ ଅବକାରୀ ବିଭାଗ ପକ୍ଷରୁ ଏକ ସଚେତନତା ଶିବିରର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ରାଜ୍ୟରେ ତମାଖୁ, ବିଷାକ୍ତ ଓ ଅପମିଶ୍ରିତ ମାଦକ ଦ୍ରବ୍ୟ ଏବଂ ଅନ୍ୟ ନିଶା ସାମଗ୍ରୀ ଉପରେ ରୋକ ଲଗାଇବା ପାଇଁ ଖୁବ ଶୀଘ୍ର ସରକାରଙ୍କ ତରଫରୁ ବିଭିନ୍ନ ପ୍ରକାର ନୂଆ ଅବକାରୀ ନୀତି ଅବଲମ୍ବନ କରାଯାଉଛି। ଏଥିନିମନ୍ତେ ସାରା ରାଜ୍ୟରେ ମେ ମାସ ୩୧ ତାରିଖ ଠାରୁ ଜୁନ ୨୬ ତାରିଖ ପର୍ଯ୍ୟନ୍ତ ନିଶା ନିବାରଣ ଉପରେ ସଚେତନତା କାର୍ଯ୍ୟକ୍ରମ କରାଯିବା ଲାଗି ମାନ୍ୟବର ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ଯାଜପୁର ଜିଲ୍ଲାପାଳ'ଙ୍କ ନିର୍ଦ୍ଦେଶ କ୍ରମେ ଡୋଲିପୁର ଅବକାରୀ ବିଭାଗ ପକ୍ଷରୁ ଯାଜପୁର ରୋଡ ଟ୍ରକ ମାଲିକ ସଂଘ ଅଫିସ ଠାରେ ନିଶା ନିବାରଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ଅବକାରୀ ଅଧିକାରିଣୀ ଅନିତା ଓଝା ଓ ଯାଜପୁର ଏମ.ଭି.ଆଇ ପ୍ରଦୀପ କୁମାର ସେଠି ପ୍ରମୁଖ ଯୋଗଦେଇ ନିଶାମୁକ୍ତ ଯାଜପୁର ଗଠନ କରିବା ଦିଗରେ ଅଗ୍ରସର ହେବା ସହିତ ଡ୍ରାଇଭର ମାନଙ୍କୁ ଗାଡି ଚଳାଇବା ସମୟରେ ନିଶା ଠାରୁ ଦୁରେଇ ରହି ଏକ ସୁସ୍ଥ ଓ ନିରାପଦ ଜୀବନକୁ ଆପଣେଇବା ସହିତ ସମସ୍ତେ ସଂକଳ୍ପ ନେବା ପାଇଁ ପରାମର୍ଶ ଦେଇଥିଲେ। ଏଥି ସହିତ ବାଇକ ଆରୋହୀ ମାନଙ୍କୁ ନିଜର ସୁରକ୍ଷା ପାଇଁ ଡିପାର୍ଟମେଂଟ ତରଫରୁ ହେଲମେଂଟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିବହନ ଓ ଅବକାରୀ ବିଭାଗର ଅଧିକାରୀଙ୍କ ସମେତ ଟ୍ରକ ମାଲିକ ଓ ଡ୍ରାଇଭର ମାନେ ଉପସ୍ଥିତ ରହିଥିଲେ।

## ତିନି ହଜାର ବରିଷ୍ଠ ନାଗରିକ ଭତ୍ତା ପାଇବେ କେବେ ?

**କଣାସ,ରୋଡ଼,୨୫।୬(ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟ ସରକାର ୬୦ ବର୍ଷରୁ ଉର୍ଦ୍ଧ୍ୱ ନାଗରିକଙ୍କଜନ୍ତୁକୁ ସହୟତା ପାଇବା ପାଇଁ ବାର୍ଦ୍ଧ୍ୟକ୍ୟ ଭର୍ତ୍ତା ପ୍ରଦାନ କରାଯାଉଥି ଡେଙ୍ଗୁରା ଗଣମାଧ୍ୟମରେ ଡଟେଙ୍ଗରୁରା ପିଟୁଥିବାବେଳେ ପୁରୀ ଜିଲ୍ଲା କଣାସ ବ୍ଲକରେ ୬୦ ରୁ ୬୭ବ ବର୍ହ ମଧ୍ୟମରେ ଥିବା ତିନି ହଜାରରୁ ଉର୍ଦ୍ଧ୍ୱ ବୃଦ୍ଧ ବୃଦ୍ଧା ବର୍ଚିତ ହୋଇଥିବାରୁ ସେମାନଙ୍କର ତିବ୍ର ଅସନ୍ତୋଷ ଦେଖାଦେଇଛି। ଖବର ନେବାରେ ଜଣାପଡିଛି ୬୦ ରୁ ୬୭ବର୍ଷ ପର୍ଯନ୍ତ ତିନି ହଜାରରୁ ବୃଦ୍ଧ ବୃଦ୍ଧା ଦର୍ଘ ହେଲା ଭତ୍ତା ପାଇବା ପାଇଁ ଅନ ଲାଇନରେ ଆବେଦନ କରିଛନ୍ତିନ୍ତିସେମାନେ ବାରମ୍ବାର କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟଳୟର ସମାଜ ଅଧିକାରୀ ନିକଟକୁ ବାରମ୍ବାର ଦୌଡି ଦୌଡି ଚପଲ ସରିବାକୁ ବସିଲାଣି। ଏ ସଂପର୍କରେ ସମାଜ ମଙ୍ଗଳ ଅଧିକାରୀ ମନୋଜ ପଟ୍ଟନାୟକ ପଚାରିବାରୁ ସେ କୁହନ୍ତି ଆମେମାନେ ବୃଦ୍ଧବୃଦ୍ଧାମାନଙ୍କ ଫର୍ମ ଜିଲ୍ଲା କାର୍ଯଳୟ ପଠା ଦେଉଛୁ ସେଠାରୁ ମଞ୍ଜୁର ହୋଇ ଆସି ନାହିଁ।

## ସଭାପତି ଓ ସଂପାଦକଙ୍କ ପ୍ରିୟାପ୍ରୀତି ନୀତି,ଚାଷୀ ଅସନ୍ତୋଷ



**କଣାସ,୨୫।୬(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଚାଷୀମାନଙ୍କ ଠାରୁ ଉଚିତ ଦରରେ ଧାନ କିଣିବା ପାଇଁ ମାର୍ଗ ଦର୍ଶିକ ଜାର କରିଥିବାବେଳେ ପୁରୀ ଜିଲ୍ଲା କଣାସ ବ୍ଲକରେ ବହୁ ବିଳମ୍ବରେ ଧାନ ମଣ୍ଡିମାନ ଖୋଲିଛନ୍ତି। ଗୋପୀନାଥପୁର ସେବା ସମବାୟ ସମିତିରେ ଖୋଲା ଯାଇଥିବା ଧାନ ମଣ୍ଡିରେ ସଭାପତି ଓ ସଂପାଦକଙ୍କ ପ୍ରିୟାପ୍ରିତି ନୀତି ଯୋଗୁଁ ସାହସପୁର,ସାନଓରା ଓ ଜାଗୁଲାଇପଦେର ଗ୍ରମାର ଅନେକ ଚାଷୀ ଧାନ ବିକ୍ରି କରି ନପାରି କଣାସ ବ୍ଲକ ଯୋଗାଣ ଅଧିକାରିଣୀ ଓ ଜିଲ୍ଲା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଉକ୍ତ ସମବାୟର ସଂପାଦକଙ୍କୁ ପଚାରିବାରୁ ସେ କୁହନ୍ତି ୧୨୧ ଜଣ ଚାଷୀ ୭୫୦୦ କୁଇଣ୍ଟାଲ ଧାନ ବିକ୍ରି କରିବା ପାଇଁ ଅନଲାଇନରେ ଆବେଦନ କରିଥିଲେ ମାତ୍ର ରାଜ୍ୟ ସାରକାର ୨୨କୁଇଣ୍ଟାଲ କିଣିବା ପାଇଁ ମଞ୍ଜୁର ଦେଇଥିବା ବେଳେ ଦୁଲୁଣ ରାଇସ ମିଲ ୩୦ ଜଣଙ୍କ ଚାଷୀଙ୍କ ଠାରୁ ୨୨୦୦ କୁଇଣ୍ଟାଲ ଧାନ କିଣି ନେଇଛନ୍ତି। ଆବେଦନ କରିଥିବା ୯୧ ଚାଷୀ ଧାନ ବିକ୍ରି କରିବା ପାଇଁ ସଂପାଦକ ଓ ସଭାପତି ନିକଟଙ୍କୁ ୧୫ ଦିନ ହେଲା ଦୌଡିଛନ୍ତି। ସଂପାଦକ ଓ ସଭାପତି ନିଜ ସଂର୍ପକୀୟ ଚାଷୀଙ୍କ ଠାରୁ ଧାନ କିଣି ନେଇଥିବା ଚାଷୀ ଅଭିଯୋଗ କରିଛନ୍ତି। ସୂଚନା ଥାଉକି ଆମ ପ୍ରତିନିଧି ଏ ସଂପର୍କରେ ଜାଣିବା ପାଇଁ କେତେ ଚାଷୀ ପଞ୍ଜିକୃତ କରିଛନ୍ତି ସରକା-ର କେତେ ଟାର୍ଗେଟ ଦେଇଛନ୍ତି କେତେ କୁଇଣ୍ଟାଲ କିଣିଛନ୍ତି ତାର ସବେଶେଷ ବିବରଣୀ ଦେବା ପାଇଁ କହିଥିଲେ ମଧ୍ୟ ଜିଲ୍ଲା ଯୋଗାଣି ଅଧିକାରୀ, ବ୍ଲକ ଯୋଗାଣ ଅଧିକାରୀ ସଂପାଦକ ଦେବେ କହି କଥାକୁ ଏଡାଇ ଦେଇ ଚାଲି ଯାଉଛନ୍ତି। ସଂପାଦଙ୍କୁ ଓ ସଭାପତିଙ୍କୁ ପଚାରିବାରୁ ସେ କୁହନ୍ତି ନଏବେ ଦେଇ ହେବ ନାହିଁ ପରବତ୍ତର୍ତି ସଦମୟରେ ଦେବୁ।

## ସାହାଣୀ କପ୍ ଫୁଟବଲ୍ ପାଇଁ ୩୦ରେ ଦଳ ଚୟନ

**ଯାଜପୁର ରୋଡ଼,୨୫।୬(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଆସନ୍ତା ମାସରେ ହେବାକୁ ଥିବା ଆନ୍ତଃଜିଲ୍ଲା ସାହାଣୀ କପ୍ ପାଇଁ ଖେଳାଳୀ ଚୟନ ଶିବିର ଚଳିତ ମାସ ୩୦ ତାରିଖରୁ ସ୍ଥାନୀୟ ବ୍ୟାସନଗର ଷ୍ଟାଡ଼ିୟମ୍ ଠାରେ ଦୁଇଦିନ ଧରି ଅନୁଷ୍ଠିତ ହେବ। ଉକ୍ତ ଚୟନ ଶିବିରରୁ ଖେଳାଳୀ ଚୟନ କରାଯାଇ ଆସନ୍ତା ମାସରେ ଫାଓ ଏବଂ ରାଜ୍ୟ ଯୁବ ଓ କ୍ରୀଡ଼ା ବିଭାଗ ଅନୁକୁଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତଃଜିଲ୍ଲା ସାହାଣୀ କପରେ ଅଂଶ ଗ୍ରହଣ କରିବେ । ପ୍ରକାଶ ଥାଉକି ଏହି ସାହାଣୀ କପରେ ଆନ୍ତଃରାଜ୍ୟ ସନ୍ତୋଷ ଟ୍ରଫି ପାଇଁ ରାଜ୍ୟ ଦଳ ଚୟନ କରାଯାଇଥାଏ । ଚଳିତ ବର୍ଷ ସାହାଣୀ କପ୍ ରାଜ୍ୟରେ ଚାରିଗୋଟି ସ୍ଥାନରେ ଜୋନ୍ ସ୍ତରୀୟ ଖେଳ କରାଯିବ ବୋଲି ଫାଓ ଏବଂ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି । ଏଣୁ ଯାଜପୁର ଜିଲ୍ଲା ଫୁଟବଲ ଦଳ ଚୟନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଖେଳାଳୀମାନେ ନିଜର ଖେଳ ଉପକରଣ ସହିତ ମ୍ୟାଟ୍ରିକ୍ ସାର୍ଟିଫିକେଟ୍ କିମ୍ବା ଜନ୍ମ ପ୍ରମାଣ ପତ୍ର ଓ ଆଧାର କାର୍ଡ଼ ସହିତ ଚଳିତ ମାସ ୩୦ ତାରିଖ ସକାଳ ୮ ଘଟିକା ସୁଦ୍ଧା ବ୍ୟାସନଗର ଷ୍ଟାଡ଼ିୟମ୍ ଠାରେ ପହଂଚି ଫୁଟବଲ ବିଭାଗୀୟ ସମ୍ପାଦକ ନରେନ୍ଦ୍ର ବଳଙ୍କ ନିକଟରେ ପଞ୍ଜୀକରଣ କରିବାକୁ ସାଧାରଣ ସମ୍ପାଦକ ସମ୍ବିତ୍ ମହାନ୍ତି ଅନୁରୋଧ କରିଛନ୍ତି।

● ବିଧାନସଭା ଗୃହ କମିଟିର ସୁବର୍ଣ୍ଣପୁର ଗସ୍ତ

## ଅସଂପୂର୍ଣ୍ଣ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ



**ସୁବର୍ଣ୍ଣପୁର,୨୫।୬ (ସଂଚାର ବ୍ୟୁରୋ):** ଓଡିଶା ବିଧାନ ସଭା ଗୃହ କମିଟି (ଉପସ୍ଥାପନା) ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଗତିସ୍ଥିତି ଅନୁଧ୍ୟାନ କରିବା ସହ ବିଭିନ୍ନ ଯୋଜନା କାର୍ଯ୍ୟାନ୍ୱୟନର ସମୀକ୍ଷା କରିଛନ୍ତି। ବିଧାନ ସଭା ଗୃହ କମିଟିର ଅଧ୍ୟକ୍ଷ ଲକ୍ଷ୍ମଣ ବାଗଙ୍କ ନେତୃତ୍ୱରେ ଆସିଥିବା ୭ଜଣିଆ କମିଟି ଜିଲ୍ଲାର ସୋନପୁର ବ୍ଲକ ଅନ୍ତର୍ଗତ କଳାପଥର ଗ୍ରାମପଂଚାୟତ ଠାରେ ଜାତୀୟ ଖାଦ୍ୟ ବଣ୍ଟନ ବ୍ୟବସ୍ଥା, ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ମୁଣ୍ଡୋଘାଟ ସ୍ଥିତ ଅଙ୍ଗନବାଡି କେନ୍ଦ୍ର, ପରମେଶ୍ୱରୀ ଉଚ୍ଚ ବିଦ୍ୟାଳୟ ବିଶିପଡା, ସେବା ସମବାୟ ସମିତି, ଧାନମଣ୍ଡି କ୍ରୟକେନ୍ଦ୍ର ବିଶିପଡା ସହ କୋଟସମଲାଇ ସ୍ଥିତ ପାତାଳି ଶ୍ରୀକ୍ଷେତ୍ର ପର୍ଯ୍ୟଟନ ସ୍ଥଳୀର କ୍ଷେତ୍ର ପରିଦର୍ଶନ ସହ ହିତାଧିକାରୀ ତଥା ସ୍ଥାନୀୟ ଜନସାଧାରଣଙ୍କ ସହିତ ଯୋଜନାର ବ୍ୟବସ୍ଥିତ ଉପଲବ୍ଧତା ଉପରେ ଆବଶ୍ୟକ ମତବିନିମୟ କରିଛନ୍ତି। ପରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନର ବିଭାଗୀୟ ଅଧିକାରୀଙ୍କ ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସୁବର୍ଣ୍ଣପୁର ଜିଲ୍ଲାରେ ଚାଲିଥିବା ଜନ କଲ୍ୟାଣକାରୀ ଯୋଜନାର ସ୍ଥିତି ଓ ଅଗ୍ରଗତି ଉପରେ ଗୃହ କମିଟିର ସଦସ୍ୟ ବିଧାୟକ ପାଟକୁରା ଅରବିନ୍ଦ ମହାପାତ୍ର, ବିଧାୟକ ରଘୁନାଥପାଲି ଦୁର୍ଗା ଚରଣ ତନ୍ତୀ, ବିଧାୟକ ଫୁଲବାଣୀ ଉମାଚରଣ ମଲ୍ଲିକ, ବିଧାୟକ କଟକ ସଦର ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟକ କଣ୍ଟାମାଳ କହ୍ନେଇ ଚରଣ ଡାଙ୍ଗ, ବିଧାୟକ ମାଲକାନଗିରି ନରସିଂହ ମାଡକାମୀ, ତଥା ବିଧାୟକ ବୀରମହାରାଜପୁର ରଘୁନାଥ ଜଗଦଲା ପ୍ରମୁଖ ଆଲୋଚନାରେ କୃଷି ଓ କୃଷକଙ୍କ ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ତଥା ବୈଷୟିକ କୃଷିକୁ ଲୋକାଭିମୁଖୀ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି, ତଦ ସହିତ ଅଧ ପନ୍ତରିଆ ପ୍ରକଳ୍ପଗୁଡିକର ତ୍ୱରିତ କାର୍ଯ୍ୟ ସମ୍ପାଦନ ପାଇଁ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ଗସ୍ତ ଅବସରରେ ଗୃହ କମିଟି ଜିଲ୍ଲାର ୬ଗୋଟି ଉପସ୍ଥାପିତ ପ୍ରକଳ୍ପ ଯଥା ସୋନପୁର ବିଧାନସଭା ମଣ୍ଡଳୀର ନାଇକେନପାଲି ସି ଏଚ ସି ପାଇଁ ନୂଆ ଭବନ ନିର୍ମାଣ ନିମିତ୍ତ ଆର୍ଥିକ ସହଯୋଗ ମଞ୍ଜୁର କରିବାର ଆବଶ୍ୟକତା, ସୋନପୁର ବିଧାନସଭା ମଣ୍ଡଳୀର ଡୁଙ୍ଗୁରିପାଲି ବ୍ଲକରେ ଏକ ଉଚ୍ଚ ବିଦ୍ୟାଳୟ ଖୋଲିବା, ସୁବର୍ଣ୍ଣପୁର ପୁଲିସ ପାଇଁ ୦୩ଟି ଆପାତକାଳୀନ ସେବା ଗାଡ଼ି ଅନୁଦାନ କରିବାର ଆବଶ୍ୟକତା, ବିରମହାରାଜପୁର ବିଧାନସଭା ମଣ୍ଡଳୀ ବିନିକା ସହରର ରିଙ୍ଗ ରୋଡ୍, ବିରମହାରାଜପୁର ବିଧାନସଭା ମଣ୍ଡଳୀର ପାତାଳି ଶ୍ରୀକ୍ଷେତ୍ରରୁ ଶ୍ରୀକ୍ଷେତ୍ର ପୁରୀକୁ ପର୍ଯ୍ୟଟନ ଉଦ୍ଦେଶ୍ୟରେ ବସ ସେବା ପୁନଃ ଆରମ୍ଭ କରିବାର ଆବଶ୍ୟକତା ସମ୍ବନ୍ଧରେ କମିଟି ଅଧ୍ୟକ୍ଷ ତଥା ସଦସ୍ୟ ପ୍ରମୁଖ ଆବଶ୍ୟକ ତର୍ଜମା କରିଥିଲେ।

# ଓଡ଼ିଶା ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ନିଷ୍ପତ୍ତି



**୧୪ ଜୁଲାଇରୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ କାର୍ଯ୍ୟ ବନ୍ଦ**

**ସୁବର୍ଣ୍ଣପୁ,୨୫।୬ (ସଂଚାର ବ୍ୟୁରୋ):** ଓଡ଼ିଶା ରାଜସ୍ୱ ଅମଲା ସଂଘର ଏକ ଗୁରୁତ୍ୱପୁର୍ଣ୍ଣ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ର ନିଷ୍ପତି ଅନୁସାରେ ଆଜି ଓଡ଼ିଶା ରାଜସ୍ୱ ଅମଲା ସଂଘ ଜିଲ୍ଲା ଶାଖା ସୁବର୍ଣ୍ଣପୁରର ଜିଲ୍ଲା ଅଧ୍ୟକ୍ଷ ନୀଳାମ୍ବର ଶତପଥୀଙ୍କ ନେତୃତ୍ୱରେ ଦଶଦଫା ଦାବି ସମ୍ବଳିତ ଦାବି ପତ୍ର ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନଙ୍କୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେଓ ପ୍ରକାଶଥାଉ କି, ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କର ଦୀର୍ଘଦିନର ଦାବି ପୂରଣ କରିବା ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପୋଷଣ କରୁଥିବା ଯୋଗୁଁ ଜିଲ୍ଲା ସ୍ତରରେ ଅମଲା ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଦାବି ଗୁଡିକ ମଧ୍ୟ ରେ ମୁଖ୍ୟତଃ, ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କ ମୂଳ ଦରମା ଓଆରସିପି -୨୦୧୭ ନିୟମ ଅନୁଯାଇ ଲେବେଲ- ୯ କୁ ବୃଦ୍ଧି କରାଯାଉ। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା :- ୮୮୯୮ ତାରିଖ - ୧୫-୦୩-୨୦୨୪ ଅନୁଯାୟୀ ସମସ୍ତ ଜିଲ୍ଲାପାଳ ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ କୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରାଯାଉ । ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରାଯାଉ । ୨୦୨୦ ମସିହାରେ ଲାଗୁ କରାଯାଇଥିବା ପୁନଃ ଥଇଥାନ ଯୋଜନାର ନିୟମାବଳୀକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇ ୧୯୯୦ ମଶିହାରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାଇ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ କରାଯାଉ । ଓଡ଼ିଶା ରାଜସ୍ୱ ସେବା ପଦ୍ଧତି ରେ ରାଜସ୍ୱ ଅମଲା ମାନଙ୍କୁ ସତ ପ୍ରତିଶତ ପଦୋନ୍ନତି ଦିଆଯାଉ । ନୂତନ ପେନସନ ଯୋଜନା କୁ ରଦ୍ଦ କରି ସମସ୍ତ ସରକାରୀ କର୍ମଚାରୀ ଙ୍କୁ ପୁରାତନ ପେନସନ ଯୋଜନା ରେ ଅନ୍ତର୍ଭୁକ୍ତ କରାଯାଉ ।

## ବିଜେଡିର ରେଲିରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**ଖପ୍ରାଖୋଲ,୨୫।୬ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ସଦର ଖପ୍ରାଖୋଲ ବ୍ଲକ ମହକୁମା ଠାରେ ଗୋପାଳପୁର ଗଣଦୁଷ୍କର୍ମ ଘଟଣାକୁ ନେଇ ଆଜି ଏକ ବିରାଟ ଶୋଭା ଯାତ୍ରାରେ ଛାତ୍ରଛାତ୍ରୀ ମାନଙ୍କ ସହିତ ପୂର୍ବତନ ବିଜେଡି ବିଧାୟକ ସରୋଜ କୁମାର ମେହେର ଶତାଧିକ ଲୋକଙ୍କ ଗହଣରେ ଖପ୍ରାଖୋଲ ସହର ପରିକ୍ରମା କରିଥିଲେ । ଏହି ଶୋଭା ଯାତ୍ରା ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ବାହାରି ଖପ୍ରାଖୋଲ ଗ୍ରାମ ପରିକ୍ରମା କରିଥିଲା। ଏହି ଅବସରରେ ମୋହନ ମାଝୀ ସରକାରଙ୍କ ବିଫଳତା, ଅସୁରକ୍ଷିତ ମହିଳା ତଥା ଗୋପାଳପୁର ଗଣଦୁଷ୍କର୍ମ ଘଟଣାକୁ ନେଇ ବିଜେପିର ଡବଲ ଇଞ୍ଜିନ ସରକାରଙ୍କୁ ବିଭିନ୍ନ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରି ଖପ୍ରାଖୋଲ ଥାନା ଛକ ଠାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ । ସରକାରଙ୍କ ବିଫଳତାକୁ ନେଇ ସରୋଜ ମେହେର ମୋହନ ମାଝୀ ସରକାରଙ୍କୁ ରାଜ୍ୟରେ ହେଉଥିବା ଅନ୍ୟାୟ ତଥା ରାଜ୍ୟରେ ମହିଳାମାନଙ୍କ ସୁରକ୍ଷାକୁ ନେଇ ଭର୍ତ୍ସନା କରିଥିଲେ।



## ମହିଳା ନିର୍ଯାତନା ବୃଦ୍ଧି ନେଇ ବିଜେଡିର ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନ

**ନୀଳଗିରି,୨୫।୬ (ସଂଚାର ବ୍ୟୁରୋ):** ସ୍ୱଚ୍ଛ ଓ ଲୋକଙ୍କ ସରକାର କହୁଥିବା ରାଜ୍ୟର ବିଜେପି ଶାସନରେ ବୃଦ୍ଧିପାଇଛି ନାରୀ ନିର୍ଯ୍ୟାତନା। ବିଜେପିର ଏକବର୍ଷର ଶାସନରେ ଦରଦାମ ବୃଦ୍ଧି ଠାରୁ ଆରମ୍ଭକରି ନାରୀନିର୍ଯ୍ୟାତନା ଚରମସୀମାରେ ପହଞ୍ଚିଛି। ସେଥିପାଇଁ ଯୁକ୍ତରାଷ୍ଟ୍ର ଆମେରିକାର ଟ୍ରମ୍ପ ପ୍ରଶାସନ ତାଙ୍କ ଦେଶର ନାଗରିକ ମାନଙ୍କୁ ଓଡ଼ିଶା ଆସିବାକୁ ବାରଣ କରିଛି। ତେଣୁ ସୁଶାସନର ଡିଣ୍ଡିମ ପିଟୁଥିବା ବିଜେପିର ମୋହନ ସରକାରରେ ଏବେ ଗୋପାଳପୁର କଲେଜର ଜୈନିକ ଛାତ୍ରୀ ଗଣଧର୍ଷଣର ଶିକାର ହୋଇଥିବା ରାଜ୍ୟରେ ହଟଚମଟ ସୃଷ୍ଟି କରିଛି। ମହିଳାଙ୍କୁ ସୁରକ୍ଷାଦେବାରେ ରାଜ୍ୟ ସରକାର ବିଫଳ ହୋଇଥିବାରୁ ବିଜୁଜନତାଦଳ ୨୫ଜୁନ ସମଗ୍ର ରାଜ୍ୟରେ ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନ ଡାକରା ଦେଇଥିଲା। ଏହି ପରିପ୍ରେକ୍ଷୀରେ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ଆବାହକତ୍ୱରେ ନୀଳଗିରି ଓ ଔପଦା ଠାରେ ବିଜୁ ଛାତ୍ରଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଛବି ଦହନ କରାଯିବା ସହ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଆନ୍ଦୋଳନ କରି ତୀବ୍ର ସମାଲୋଚନା କରିଥିଲେ। ନୀଳଗିରି ମହାବିଦ୍ୟାଳୟଠାରେ ଯୁବନେତା ଉଦୟଜ୍ୟୋତି ମହାନ୍ତି, ରାଜୀବ ଦାସବାବୁ ଏବଂ କୁମାର ରାୟଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ମାନେ ଆନ୍ଦୋଳନରେ ସାମିଲ ହୋଇ ଗୋପାଳପୁର ଛାତ୍ରୀ ଗଣଦୁଷ୍କର୍ମ ଏବଂ ବଢୁଥିବା ନାରୀନିର୍ଯ୍ୟାତନା ବିରୋଧରେ ଆନ୍ଦୋଳନରେ ସାମିଲ ହୋଇଥିଲେ।



## ବ୍ଲକସ୍ତରୀୟ ସ୍ୱତନ୍ତ୍ର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ



**ବେତନଟୀ,୨୫।୬ (ସଂଚାର ବ୍ୟୁରୋ):** ମାନ୍ୟବର ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ଅଧ୍ୟକ୍ଷତାରେ ବେତନଟୀ ବ୍ଲକ ବୈଠକ ଗୃହରେ ବେତନଟୀ ଓ ବଡ଼ସାହି ବ୍ଲକ ସ୍ତରୀୟ ସ୍ୱତନ୍ତ୍ର ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ବୈଠକରେ ମୟୁରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ଆଚାର୍ଯ୍ୟ, ବେତନଟୀ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ କୌଶଲ୍ୟା ମାଝୀ ଓ ବେତନଟୀ ଏସ ଡି ପି ଓ ଶ୍ରୀମତୀ ମିନତୀ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଜନଶୁଣାଣି କରିଥିଲେ । ପ୍ରବଳ ବର୍ଷା ସତ୍ତ୍ୱେ ବହୁ ଲୋକ ଜନଶୁଣାଣି ଶିବିରରେ ଯୋଗ ଦେଇ ନିଜ ନିଜର ଅଭିଯୋଗ ଦାଖଲ କରିଥିଲେ । ଅଭିଯୋଗ ମାନଙ୍କ ମଧ୍ୟରେ ମୁଖ୍ୟତଃ ସରକାରୀ ଅନୁଦାନ ପ୍ରାପ୍ତ ଗୃହ ନିର୍ମାଣ, ଗ୍ରାମ୍ୟ ବିଦ୍ୟୁତ ଯୋଗାଣ, ଜମି ପଟ୍ଟା, ବିଭିନ୍ନ ସ୍ଥାନରେ ଜଳ ଯୋଗାଣ ଓ ପରିମଳ, ଉଠା ଜଳସେଚନ, ଗ୍ରାମ୍ୟ ଉନ୍ନୟନ,ଜମି ସୀମାଙ୍କନ, ନିର୍ମାଣ ଶ୍ରମିକ ସହାୟତା, ଜଙ୍ଗଲ ଜମି ପଟ୍ଟା ଆବଣ୍ଟନ, ଶିକ୍ଷା, ଆଇନ ଶୃଙ୍ଖଳା ଏବଂ ଚିକିତ୍ସା ଜନିତ ଆବଶ୍ୟକ ସୁବିଧା , ଗମନାଗମନ, ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା ଭତ୍ତା, ରାସନ କାର୍ଡ, ମହିଳା ଓ ଶିଶୁ ବିକାଶ ବିଭାଗ ଅନ୍ତର୍ଗତ ବିଭିନ୍ନ ସହାୟତା,କୃଷକ ସହାୟତା, ପ୍ରଧାନମନ୍ତ୍ରୀ ଆବାସ, ଅନ୍ତ୍ୟୋଦୟ ଗୃହ ଯୋଜନା ବାସଗୃହ ଜନିତ ଇତ୍ୟାଦି ମୋଟ ୯୫୫ ଟି ଅଭିଯୋଗ ଶୁଣାଣି ହୋଇଥିଲା । ଅଭିଯୋଗ ଗୁଡିକର ତୁରନ୍ତ ସମାଧାନ ନିମନ୍ତେ ବଡ଼ସାହି ବିଧାୟକ ସନାତନ ବିଜୁଳି ଓ ଜିଲ୍ଲାପାଳ ହେମକାନ୍ତ ସୟ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ଲାଇନ ବିଭାଗୀୟ ଅଧିକାରୀ ଓ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ସମାଧାନ କରିବା ପାଇଁ ଅଭିଯୋଗ ପତ୍ର ଗୁଡ଼ିକ ଗ୍ରହଣ କରିଥିଲେ ।

## କଲେଜରେ ସମ୍ବିଧାନ ହତ୍ୟା ଦିବସ ପାଳିତ



**ଆଗଲପୁର,୨୫।୬ (ସଂଚାର ବ୍ୟୁରୋ):** ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ, ରୋତରେ ଆଜି ସମ୍ବିଧାନ ହତ୍ୟା ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଏହାପରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରଦୀପ କୁମାର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ଆଲୋଚନାଚକ୍ରରେ ପ୍ରାଧ୍ୟାପକ ଡକ୍ଟର ଅନ୍ତର୍ଯ୍ୟାମୀ ନାଏକ, ପମୋଦ ଦାଶ, ଆର୍ଯ୍ୟେନ୍ଦୁ ମେହେର, ବୁଦ୍ଧଦେବ ପଣ୍ଡା, ବାମଦେବ ମେହେର, ଡ. ହିମାଂଶୁ ମହନ୍ତ, ଡ. ଭୁରିଶ୍ରବା ମାଝି, ଗୋପାଳ ସାହୁ, ଡ. ରଶ୍ମୀଲତା ମହାନନ୍ଦ, ମାନସ କୁମାର, ଗୋପାଳ ସାହୁ, ଡ. ସୋମନାଥ ପଧାନ, ନୀଳାମ୍ବର ବାରିକ, ରୂପେଶ ଷାଣ୍ଢ ପ୍ରଭୃତି ଉପସ୍ଥିତ ରହି ଉଦବୋଧନ ଦେଇଥିଲେ। ସଭାକୁ ଅଧ୍ୟାପକ ଶିବାନନ୍ଦ ସାହୁ ସଂଯୋଜନା କରିଥିବା ବେଳେ ଛାତ୍ରୀ ଦେବକୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ବିତର୍କ ପ୍ରତିଯୋଗିତାରେ ଅମିଷା ନାଏକ ପ୍ରଥମ, ତିଲୋତ୍ତମା ସାହୁ ଦ୍ୱିତୀୟ ଓ ଶୁଭଶ୍ରୀ ହରିପାଲ ତୃତୀୟ ଏବଂ କୁଇଜରେ ନିକିତା ସାହୁ ଓ ସୁମିତ ସାହୁ ପ୍ରଥମ, ସଙ୍ଗୀତା ସାହୁ ଓ ଲଳିତ ସାହୁ ଦ୍ୱିତୀୟ, ରାମକୃଷ୍ଣ ଦୋରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ କର୍ମଚାରୀବୃନ୍ଦ ସହଯୋଗ କରିଥିଲେ।





### ଚୀନୀ ମହାକାଶଚାରୀଙ୍କ ଚମତ୍କାର

# ମହାକାଶରେ ପ୍ରସ୍ତୁତ ହେଲା ଅମ୍ଳଜାନ ଓ ରକେଟ୍ ଜାଳେଣି

ମହାଶୂନ୍ୟରେ ଘୁରି ବୁଲୁଥିବା ଚୀନ୍‌ର ଆନ୍ତର୍ଜାତିକ ମହାକାଶ କେନ୍ଦ୍ର 'ତିଆଙ୍ଗଙ୍ଗ୍'ରେ ଚୀନୀ ମହାକାଶଚାରୀମାନେ ଏକ ବିରଳ କୃତିତ୍ୱ ହାସଲ କରିଛନ୍ତି। ସେମାନେ କୃତ୍ରିମ ଆଲୋକ ସଂଶ୍ଲେଷଣ ପ୍ରକ୍ରିୟାରେ ଅମ୍ଳଜାନ ଓ ରକେଟ୍ ଜାଳେଣି ଉତ୍ପନ୍ନ କରି ଇତିହାସ ସୃଷ୍ଟି କରିଛନ୍ତି। ସେମାନଙ୍କର ଏହି ସଫଳତା ଚୀନ୍‌ର ଭବିଷ୍ୟତ ମହାକାଶ ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ଚର୍ଚ୍ଚା ହେଉଛି। ସେଥିପାଇଁ ଆଉ ପୃଥିବୀରୁ ମହାକାଶକୁ ବାରମ୍ବାର ସମ୍ବଳ ଯୋଗାଣର ଆବଶ୍ୟକତା ରହିବନି ବୋଲି ଆଶା କରାଯାଉଛି।

ସମ୍ପ୍ରତି ତିଆଙ୍ଗଙ୍ଗ୍ ଅଭିମୁଖେ ମହାକାଶ ଯାନ 'ସେଞ୍ଝାଉ-୧୯'ରେ ଯାଇଥିବା ମହାକାଶଚାରୀମାନେ ଉଦ୍ଭିଦର ଆଲୋକ ସଂଶ୍ଲେଷଣ ପରି ପ୍ରାକୃତିକ ପ୍ରକ୍ରିୟା ଅନୁରୂପ କୃତ୍ରିମ ପଦ୍ଧତିରେ ଜଳ ଓ ଅଙ୍ଗାରକାମ୍ଳ ବ୍ୟବହାର କରି ଅମ୍ଳଜାନ ସମେତ ରକେଟ୍ ଜାଳେଣି ପାଇଁ ଆବଶ୍ୟକ ହାଇଡ୍ରୋକାର୍ବନ୍ ପ୍ରସ୍ତୁତ କରିପାରିଛନ୍ତି। ସେମାନଙ୍କର ଏହି ରାସାୟନିକ ପ୍ରକ୍ରିୟାରେ ଖୁବ୍ କମ୍ ଶକ୍ତି ବିନିଯୋଗ ହେଉଥିବାରୁ ତାହା ଭବିଷ୍ୟତର ମହାକାଶ ଅଭିଯାନ ପାଇଁ ଏକ ସ୍ଥାୟୀ ସମାଧାନ ବୋଲି କୁହାଯାଉଛି। ମହାକାଶଚାରୀମାନେ ଏକ ସେମିକଣ୍ଡକ୍ଟର୍ ଉତ୍ପ୍ରେରକ ଓ ଡ୍ରୟାର୍ ସଦୃଶ ଏକ ସଂକ୍ଷିପ୍ତ ଯନ୍ତ୍ରାଂଶ ବ୍ୟବହାର କରି ଅଙ୍ଗାରକାମ୍ଳ ଓ ଜଳର ମିଶ୍ରଣରୁ ଅମ୍ଳଜାନ ଓ ହାଇଡ୍ରୋକାର୍ବନ୍-ଭିତ୍ତିକ ଜାଳେଣି ପ୍ରସ୍ତୁତ କରିପାରିଛନ୍ତି।

ସୂଚନାଯୋଗ୍ୟ, ୨୦୩୫ ମସିହା ସୁଦ୍ଧା ଚନ୍ଦ୍ରର ଦକ୍ଷିଣମେରୁରେ ଏକ ଘାଟି ନିର୍ମାଣ ପାଇଁ ଚୀନୀ ବୈଜ୍ଞାନିକମାନେ ଯୋଜନା କରିଛନ୍ତି।

**ଚୀନ୍‌ର ମହାକାଶ କେନ୍ଦ୍ର 'ତିଆଙ୍ଗଙ୍ଗ୍'ରେ ବୈଜ୍ଞାନିକମାନେ କୃତ୍ରିମ ପ୍ରକ୍ରିୟାରେ ଅମ୍ଳଜାନ ଓ ରକେଟ୍ ଜାଳେଣି ଉତ୍ପନ୍ନ କରିବା ପରେ ପୃଥିବୀରୁ ମହାକାଶକୁ ଆଉ ବାରମ୍ବାର ସମ୍ବଳ ଯୋଗାଣ କରିବାକୁ ପଡ଼ିବ ନାହିଁ ବୋଲି ଆଶା କରାଯାଉଛି**

ଚୀନ୍‌ର ଏହି ବହୁ ଆକାଂକ୍ଷିତ ଅଭିଯାନରେ ମହାକାଶଚାରୀଙ୍କ ପାଇଁ ଶ୍ୱାସକ୍ରିୟାଯୋଗ୍ୟ ଅମ୍ଳଜାନ ଓ ସେମାନଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ଆବଶ୍ୟକ ପରିମାଣର ରକେଟ ଜାଳେଣି ସୁବିଧାରେ ଉପଲବ୍ଧ ହୋଇପାରିବ ବୋଲି ଚୀନୀ ବୈଜ୍ଞାନିକମାନେ ଆଶାବାଦୀ ଅଛନ୍ତି। ଏଥି ସହିତ ଏହି ପଦ୍ଧତିରେ ବ୍ୟବହୃତ ଉତ୍ପ୍ରେରକ ବଦଳରେ ଅନ୍ୟ କୌଣସି ଧରଣର ଉତ୍ପ୍ରେରକ ସାମିଲ କରି ପ୍ରତିକ୍ରିୟାରୁ ମିଥେନ୍ ଓ ଫର୍ମିକ୍ ଅମ୍ଳ ସୃଷ୍ଟି କରାଯାଇପାରିବ ବୋଲି ବୈଜ୍ଞାନିକମାନେ ବିଶ୍ୱାସ କରୁଛନ୍ତି।



# ୪୦୦୦ ଟଙ୍କାରେ ସ୍ମାର୍ଟ ଚଷମା

ଚଷମା ଓ ଲେନ୍ସ ପରି ବିଭିନ୍ନ ପ୍ରକାର ଉନ୍ନତ ଚକ୍ଷୁ ସାମଗ୍ରୀ ପ୍ରସ୍ତୁତ କରୁଥିବା ଲେନ୍‌ସକାର୍ଟ ପକ୍ଷରୁ ଏକ ଅଭିନବ ସ୍ମାର୍ଟ ଚଷମା ନିର୍ମାଣ କରାଯାଇଛି। କମ୍ ମୂଲ୍ୟରେ ଉପଲବ୍ଧ 'ଫୋନିକ୍ ସ୍ମାର୍ଟ ଗ୍ଲାସେସ୍' ନାମକ ଏହି ଚଷମା ପାରମ୍ପରିକ ପ୍ରଚକ୍ଷୁର କାର୍ଯ୍ୟ କରିବା ସହିତ ଏଥିରେ ଫୋନ୍ କରିବା, ଗୀତ ଶୁଣିବା ଓ ଭଏସ୍ ଆସିଷ୍ଟାଣ୍ଟ୍ ଭାବେ କାର୍ଯ୍ୟ କରିବାର କ୍ଷମତା ରହିଛି। ଗୋଟିଏ ମାତ୍ର ବଟନ୍ ଚିପି ଉପରୋକ୍ତ ସୁବିଧା ସବୁ ଉପଭୋଗ କରିହେବ। ଏହାର କାନ ଉପରେ ରହୁଥିବା କାଣ୍ଡ ଦୁଇଟିର ବାଙ୍କ ସ୍ଥାନ (ଟେମ୍ପଲ୍)ରେ ଦୁଇଟି କ୍ଷୁଦ୍ର ସ୍ପିକର୍ ଖଞ୍ଜାଯାଇଛି ଯାହା ବ୍ଲୁଟୁଥ୍ ମାଧମରେ କାର୍ଯ୍ୟକାରୀ ହୋଇପାରିବ। ସେହିପରି ସ୍ମାର୍ଟଫୋନ୍ ସହିତ ସଂଯୋଗ କରି ଏହି ସ୍ପିକର୍ ଦ୍ୱାରା କଥାବାର୍ତ୍ତା କରିହେବ। ଏହାର ଭଏସ୍ ଆସିଷ୍ଟାଣ୍ଟ୍ ମାଧମରେ ବ୍ୟବହାରକାରୀ କଣ୍ଠସ୍ୱର ଦ୍ୱାରା ମେସେଜ୍ ପଠାଇବା, ରିମାଇଣ୍ଡର୍ ସେଟ୍ କରିବା ଓ ଗୀତ ବଦଳାଇବା ଭଳି କାର୍ଯ୍ୟ ସମ୍ପାଦନ କରିପାରିବେ। ଏତେଗୁଡ଼ିଏ ଜଟିଳ ବୈଶିଷ୍ଟ୍ୟ ଥାଇ ମଧ ଗାଡ଼ି ଚାଳନା ବେଳେ ଏହା ଅନ୍ୟମନସ୍କତା କମାଇବାକୁ ସକ୍ଷମ ବୋଲି କମ୍ପାନି ଦାବି କରିଛି। ମ୍ୟାଟ୍ ବ୍ଲାକ୍ ଓ ସାଇନି ବ୍ଲୁ ପରି ଦୁଇଟି ରଙ୍ଗ ଏବଂ ନେଭିଗେଟର୍ ଓ ହସ୍‌ଲର୍ ଭଳି ଦୁଇଟି ଡିଜାଇନ୍‌ରେ ଏହା ଉପଲବ୍ଧ। ଏହି ସ୍ମାର୍ଟ ଚଷମା ବିଯୁକ୍ତ ୮ ଡାୟାପ୍ଟ୍ରେର୍ (-୮ଡି)ରୁ ଆରମ୍ଭ କରି ଯୁକ୍ତ ୬ ଡାୟାପ୍ଟ୍ରେର୍ (+୬ଡି) ଯାଏ ଉଭୟ ଉତ୍ତଳ ଓ ଅବତଳ ଲେନ୍ସ ଧାରଣ କରିବା ପାଇଁ ସକ୍ଷମ। ଏଥିସହିତ ଜଣେ ନିଜ ପସନ୍ଦ ମୁତାବକ ଏଥିରେ ବାଇଫୋକାଲ୍ ବା ପ୍ରୋଗ୍ରେସିଭ୍ ବା ସନ୍‌ଗ୍ଲାସ୍ ଲେନ୍ସ ମଧ ଖଞ୍ଜିପାରିବେ। କମ୍ପାନି ତାହାର ନିଜସ୍ୱ ୱେବ୍‌ସାଇଟ୍‌ରେ ଏହି 'ଫୋନିକ୍ ସ୍ମାର୍ଟ ଗ୍ଲାସେସ୍'ର ଦର ୭,୦୦୦ ଟଙ୍କା ଉଲ୍ଲେଖ କରିଥିବା ବେଳେ ଭାରତରେ ଏହା ୪,୦୦୦ ଟଙ୍କାରେ ଉପଲବ୍ଧ ହେଉଛି।



## ଭାରତ ମୋବିଲିଟି ଏକ୍ସପୋରେ ଭିନ୍‌ଫାଷ୍ଟ ଭିଏଫ୍୭

ଭିଏତନାମ୍‌ର ଅଟୋମୋବାଇଲ୍ କମ୍ପାନି ଭିନ୍‌ଫାଷ୍ଟ ଭାରତ ଅଟୋ ଏକ୍ସପୋ ୨୦୨୫ ମାଧମରେ ଭିଏଫ୍୭ ଇଲେକ୍ଟ୍ରିକ୍ ଏସ୍‌ୟୁଭିକୁ ଭାରତୀୟ ବଜାରରେ ପ୍ରବେଶ କରାଇଛି। ଭିଏଫ୍୭ର ପ୍ରାରମ୍ଭିକ ମୂଲ୍ୟ (ଏକ୍ସ ସୋ'ରୁମ୍) ୫୦ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଉଛି।

ଭିଏଫ୍୭ ହେଉଛି ଏକ ୫-ସିଟର୍ ଅଲ୍-ଇଲେକ୍ଟ୍ରିକ୍ ଏସ୍‌ୟୁଭି। ଏହାର ଇକୋ ଓ ପ୍ଲସ୍ ପରି ଦୁଇଟି ଟ୍ରିମ୍ ରହିଛି। ଉଭୟ ୭୫.୩ କିଲୋୱାଟ୍ ବ୍ୟାଟେରି ପ୍ୟାକ୍ ଦ୍ୱାରା ଚାଳିତ।

ଇକୋ ଟ୍ରିମ୍‌ରେ ଏକ ସିଙ୍ଗଲ୍-ମୋଟର୍, ଫ୍ରଣ୍ଟ-ହ୍ୱିଲ୍-ଡ୍ରାଇଭ୍ ରହିଛି। ଥରେ ଚାର୍ଜକଲେ ଏହା ୪୫୦ କିଲୋମିଟର୍ ପର୍ଯ୍ୟନ୍ତ ଯିବ ବୋଲି କମ୍ପାନି କହିଛି। ସେହିପରି ପ୍ଲସ୍ ଟ୍ରିମ୍‌ରେ ଡୁଆଲ୍-ମୋଟର୍, ଅଲ୍-ହ୍ୱିଲ୍-ଡ୍ରାଇଭ୍ ସେଟ୍‌ଅପ୍ ରହିଛି। ଏହା ଥରକେ ଚାର୍ଜରେ ୪୩୧ କିଲୋମିଟର୍ ପର୍ଯ୍ୟନ୍ତ ଗଡ଼ିଥାଏ। ଭିଏଫ୍୭ରେ ଓଟିଏ ଅପଡେଟ୍ ସହିତ ଇକୋ ଟ୍ରିମ୍‌ରେ ୧୨.୯ ଇଞ୍ଚ ଓ ପ୍ଲସ୍ ଟ୍ରିମ୍‌ରେ ୧୫-ଇଞ୍ଚର ଟଚ୍‌ସ୍କ୍ରିନ୍ ଇନ୍‌ଫୋଟେନ୍‌ମେଣ୍ଟ ସିଷ୍ଟମ୍ ରହିଛି। ଉଭୟ ଟ୍ରିମ୍‌ରେ ଲେଭଲ୍ ୨ ADAS ସହିତ ଲେନ୍ ସେଣ୍ଟ୍ରିଂ ଆସିଷ୍ଟ, ଆଡାପ୍ଟିଭ୍ କ୍ରୁଜ୍ କଣ୍ଟ୍ରୋଲ୍ ଓ ଏମର୍‌ଜେନ୍‌ସି ଲେନ୍ କିପ୍ ଆସିଷ୍ଟ ରହିଛି ବୋଲି କମ୍ପାନି ପକ୍ଷରୁ କୁହାଯାଇଛି।



# ମହିଳାଙ୍କ ପାଇଁ ବିଶେଷ ସଞ୍ଚୟ ଲାଭର ଶେଷ ସୁଯୋଗ!

ଚଳିତ ୨୦୨୫-୨୬ ଆର୍ଥିକ ବର୍ଷ ବଜେଟ୍ ଅଭିଭାଷଣରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମହିଳା ସମ୍ମାନ ସଞ୍ଚୟ ପ୍ରମାଣପତ୍ର (ଏମ୍‌ଏସ୍‌ଏସ୍‌ସି) ଯୋଜନାର ସମୟସୀମା ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇ ନାହାନ୍ତି। ଏହାର ସରଳ ଅର୍ଥ ହେଉଛି ଏହି ଯୋଜନା ୩୧ ମାର୍ଚ୍ଚ, ୨୦୨୫ରେ ଶେଷ ହେବ ଏବଂ ୧ ଏପ୍ରିଲ, ୨୦୨୫ରୁ ଏହି ଯୋଜନାରେ କୌଣସି ନୂତନ ନିବେଶ ସମ୍ଭବ ହେବ ନାହିଁ। ଏପରି ପରିସ୍ଥିତିରେ, ମହିଳାଙ୍କ ପାଖରେ ଏହି ଯୋଜନାର ଲାଭ ଉଠାଇବା ପାଇଁ କେବଳ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ସମୟ ଅଛି।

**ମହିଳା ସମ୍ମାନ ସଞ୍ଚୟ ପ୍ରମାଣପତ୍ର କ'ଣ?**

୨୦୨୩ର କେନ୍ଦ୍ରୀୟ ବଜେଟ୍‌ରେ ଘୋଷଣା କରାଯାଇଥିବା ମହିଳା ସମ୍ମାନ ସଞ୍ଚୟ ପ୍ରମାଣପତ୍ର (ଏମ୍‌ଏସ୍‌ଏସ୍‌ସି) ଯୋଜନା ହେଉଛି ଭାରତର ମହିଳା ଓ ଝିଅମାନଙ୍କ ପାଇଁ ଏକ କ୍ଷୁଦ୍ର ସଞ୍ଚୟ ଯୋଜନା। ଏଥିରେ ସର୍ବାଧିକ ୨,୦୦,୦୦୦ ଟଙ୍କାର ଏକକାଳୀନ ନିବେଶ ସୀମା ରହିଛି। ଏହା ମାର୍ଚ୍ଚ ୩୧, ୨୦୨୫ ପର୍ଯ୍ୟନ୍ତ ଉପଲବ୍ଧ। ଏହି ଯୋଜନାରେ ବାର୍ଷିକ ୭.୫% ସୁଧ ହାର ଦିଆଯାଏ, ଯାହା ବର୍ତ୍ତମାନ ସ୍ଥାୟୀ ଜମା ଉପରେ ବ୍ୟାଙ୍କଗୁଡ଼ିକ ଦେଉଥିବା ସୁଧ ହାରଠାରୁ ଅଧିକ। ଦେଶର କୌଣସି ବି ମହିଳା ଏହି ଯୋଜନାରେ ଏକ ଆକାଉଣ୍ଟ୍ ଖୋଲିପାରିବେ। ଏଥିରେ ଆକାଉଣ୍ଟ୍ ଖୋଲିବା ପାଇଁ କୌଣସି ବୟସ ପ୍ରତିବନ୍ଧକ ନାହିଁ। ଜମା ଉପରେ ଦୁଇବର୍ଷର ଲକ୍ ଅବଧି ରହିବ। ଜମା ତାରିଖରୁ ୧ ବର୍ଷ ପୂରଣ ହେବାପରେ ବାଲାନ୍ସର ୪୦% ପର୍ଯ୍ୟନ୍ତ ଆଂଶିକ ଉଠାଣ ଅନୁମତି ରହିଛି।

**ଅବଧି ପୂର୍ବରୁ ଆକାଉଣ୍ଟ୍ ବନ୍ଦ କରିପାରିବେ?**

ନିମ୍ନଲିଖିତ କ୍ଷେତ୍ରରେ ଅବଧି ପୂରଣ ପୂର୍ବରୁ ଆକାଉଣ୍ଟ୍ ବନ୍ଦ କରିବା ସମ୍ଭବ:

- ଆକାଉଣ୍ଟ୍‌ଧାରୀଙ୍କ ଆକସ୍ମିକ ମୃତ୍ୟୁ
- ଚିକିତ୍ସା ପରି ଜରୁରୀକାଳୀନ ପରିସ୍ଥିତି
- ଆକାଉଣ୍ଟ୍ ଅବଧିର ୬ ମାସ ପୂରଣ କରିବା ପରେ, ଆକାଉଣ୍ଟ୍ ସ୍ୱେଚ୍ଛାକୃତ ଭାବରେ ବନ୍ଦ କରାଯାଇପାରିବ, କିନ୍ତୁ ସୁଧ ସେହି ଅନୁସାରେ ଆଡ୍‌ଜଷ୍ଟ୍ ହେବ।

ଏମ୍‌ଏସ୍‌ଏସ୍‌ସି ଅଧୀନରେ ଅର୍ଜିତ ସୁଧ ବ୍ୟକ୍ତିଙ୍କ ଆୟକର ସ୍ଲାବ୍ ଅନୁଯାୟୀ ଦିଆଯାଏ। ତଥାପି ନିବେଶ କରାଯାଇଥିବା ମୂଳଧନ ପାଇଁ କୌଣସି ଟିକସ ରିହାତି ଉପଲବ୍ଧ ନାହିଁ।

୨ ବର୍ଷ ଶେଷରେ ଆକାଉଣ୍ଟ୍‌ଧାରୀ ସଂଗୃହୀତ ସୁଧ ସହିତ ମୋଟ୍ ରାଶି ପାଇବେ। ସେ ରାଶିକୁ ନିଜ ବ୍ୟାଙ୍କ୍ ଆକାଉଣ୍ଟ୍‌ରେ ଜମା କରିପାରିବେ କିମ୍ବା ନଗଦ ଉଠାଇପାରିବେ। ଏମ୍‌ଏସ୍‌ଏସ୍‌ସି ଆକାଉଣ୍ଟ୍‌କୁ ଆପଣ ଚାହିଲେ ପୋଷ୍ଟ ଅଫିସ୍ କିମ୍ବା ନିଜ ପସନ୍ଦର ବ୍ୟାଙ୍କ୍‌କୁ ଟ୍ରାନ୍‌ସଫର୍ କରିପାରିବେ।




# ସ୍ମାର୍ଟଫୋନ୍ ବ୍ୟାଟେରି ଶୀଘ୍ର ସରିଯାଉଛି କି?

ଆଜିକାଲି ଅଧିକାଂଶ ଲୋକଙ୍କର ସ୍ମାର୍ଟଫୋନ୍ ଏକ ଅବିଚ୍ଛେଦ୍ୟ ସାଥୀ ପାଲଟିଛି। ନିରନ୍ତର ବ୍ୟବହାର ଲାଗି ଶକ୍ତିଶାଳୀ ବ୍ୟାଟେରିଯୁକ୍ତ ସ୍ମାର୍ଟଫୋନ୍ ମଧ ଦିନକୁ ଦିନ ବଜାରକୁ ଆସିବାରେ ଲାଗିଛି। ମାତ୍ର ଯେତେ ଉଚ୍ଚ କ୍ଷମତା ସଂପନ୍ନ ବ୍ୟାଟେରି ହେଲେ ମଧ ତାହାକୁ ଥରେ ଚାର୍ଜ କଲେ ବିଭିନ୍ନ ବ୍ୟବହାର ଉପରେ ନିର୍ଭର କରି ତାହା ସୀମିତ ସମୟ ପାଇଁ କାର୍ଯ୍ୟକ୍ଷମ ରହିଥାଏ। ଫୋନ୍‌ରେ ଏମିତି କିଛି ଆପ୍ ରହିଛି ଯାହା ବ୍ୟବହାରକାରୀର ଅଜାଣତରେ ବ୍ୟାଟେରିକୁ ଦ୍ରୁତ ବେଗରେ ସାରିଦେଇଥାଏ। ତେଣୁ ସେଭଳି ସ୍ଥିତିରେ ବ୍ୟାଟେରିକୁ ଦୋଷ ନଦେଇ ତାହାର କ୍ଷମତାକୁ ସଅଳ ଖାଇଦେଉଥିବା କିଛି ଆପ୍‌ସ ବାବଦରେ ଜାଣିବା। ବିଶେଷ କରି ସ୍ୱାସ୍ଥ୍ୟ ସଚେତନତା ନିରୀକ୍ଷଣ, ସାମାଜିକ ଗଣମାଧମ ଏବଂ ଡେଟିଂ ପାଇଁ ଉଦ୍ଦିଷ୍ଟ ସଂଖ୍ୟାଧିକ ଆପ୍ ହିଁ ଫୋନ୍ ବ୍ୟାଟେରିକୁ ଶୀଘ୍ର ଦୁର୍ବଳ କରିଦେଇଥାଏ।

ଅନ୍‌ଲାଇନ୍ ଖବରକାଗଜ 'ନାଇହେଡର୍୨୪'ର ଏକ ଅନୁଧାନ ସେଭଳି ୧୦ଟି ଆପ୍‌କୁ ତାଲିକାଭୁକ୍ତ କରିଛି। ଶୀର୍ଷରୁ କ୍ରମାନ୍ୱୟରେ ସେଗୁଡ଼ିକ ହେଲା, ଫିଟ୍‌ବିଟ୍, ଉବେର୍, ସ୍କାଇପ୍, ଫେସ୍‌ବୁକ୍, ଏୟାର୍‌ବିଏନ୍‌ବି, ଇନ୍‌ଷ୍ଟାଗ୍ରାମ୍, ଟିଣ୍ଡର୍, ବମ୍ବଲ୍, ସ୍ନାପ୍‌ଚାଟ ଓ ହ୍ୱାଟ୍‌ସଆପ୍। ତେଣୁ ସ୍ମାର୍ଟଫୋନ୍ ବ୍ୟାଟେରିର ସକ୍ରିୟତା ବଢ଼ାଇବା ପାଇଁ ଉପରୋକ୍ତ ଆପ୍‌ଗୁଡ଼ିକୁ ବନ୍ଦ କରିଦେବାକୁ ହେବ ଅଥବା ସେଗୁଡ଼ିକର ଶକ୍ତି ଉପଯୋଗିତାକୁ ବଢ଼ାଇବାକୁ ହେବ। ସେଥିପାଇଁ ଆଣ୍ଡ୍ରଏଡ୍ ଫୋନ୍‌ରେ ଏକ ସହଜ ପ୍ରକ୍ରିୟା ରହିଛି। ପ୍ରଥମେ ଫୋନ୍‌ର 'ସେଟିଂ' ଖୋଲନ୍ତୁ। ତାହାର 'ମେନ୍ୟୁ'ରୁ 'ବ୍ୟାଟେରି' ଚୟନ କରି 'ଆଡ୍‌ଭାନ୍ସଡ୍ ସେଟିଂ'କୁ ଯାଆନ୍ତୁ। ତା'ପରେ 'ଡୋଣ୍ଟ ଅପ୍ଟିମାଇଜ୍'ରେ 'ବ୍ୟାକ୍‌ଗ୍ରାଉଣ୍ଡ୍ ଆକ୍ଟିଭିଟି'କୁ ନିଷ୍କ୍ରିୟ କରିବାକୁ ଚାହୁଥିବା ଆପ୍‌କୁ ଚୟନ କରନ୍ତୁ। ଏହି ସେଟିଂ ବ୍ୟାଟେରି କାର୍ଯ୍ୟକାଳ ବଢ଼ାଇବ, ମାତ୍ର ବ୍ୟାକ୍‌ଗ୍ରାଉଣ୍ଡ୍ ଆକ୍ଟିଭିଟି ନିଷ୍କ୍ରିୟ କରିବା ଦ୍ୱାରା ସଂପୃକ୍ତ ଆପ୍‌ରୁ ରିଅଲ୍-ଟାଇମ୍ ନୋଟିଫିକେସନ୍‌ଗୁଡ଼ିକ ଆସିବ ନାହିଁ।




# ଜୀବନ୍ତ ସୌର ପ୍ୟାନେଲ୍

ସମ୍ପ୍ରତି ଉପଲବ୍ଧ ଥିବା ପ୍ରମୁଖ ଶକ୍ତିକେନ୍ଦ୍ରଗୁଡ଼ିକ ଦ୍ୱାରା ପ୍ରଭୂତ ଅଙ୍ଗାରକାମ୍ଳ ନିର୍ଗମନ ହେତୁ ତାପମାତ୍ରା ବୃଦ୍ଧି ଜନିତ ଜଳବାୟୁ ପରିବର୍ତ୍ତନ ଚିନ୍ତା ବଢ଼ାଇଦେଇଛି। ତେବେ ପ୍ରଯୁକ୍ତିବିଦ୍ୟାର ଉନ୍ନତ ଉପଯୋଗ ସ୍ୱରୂପ ବୈଜ୍ଞାନିକମାନେ କ୍ଷୁଦ୍ର ଆଲୋକ ସଂଶ୍ଳେଷକ ଅଣୁଜୀବମାନଙ୍କୁ ଉପଯୋଗ କରି ସୌର ପ୍ୟାନେଲ୍ ନିର୍ମାଣ କରିବାରେ ସକ୍ଷମ ହୋଇଛନ୍ତି। ଜର୍ମାନୀର ହେମ୍‌ହୋଜ୍ ସେଣ୍ଟର୍ ଫର୍ ଏନ୍‌ଭାରନ୍‌ମେଣ୍ଟାଲ୍ ରିସର୍ଚ୍ଚର ଗବେଷକମାନେ ସେମାନଙ୍କର ଏହି ଅଭିନବ ପ୍ରକଳ୍ପରେ 'ସିନେକୋସାଇଷ୍ଟିସ୍' ନାମକ ଏକ ପ୍ରକାର ଏକକୋଷୀ ବୀଜାଣୁର ଫଟୋ ସଂଶ୍ଳେଷଣ କ୍ଷମତାକୁ ଉପଯୋଗ କରିଛନ୍ତି, ଯିଏ କୋଟି କୋଟି ବର୍ଷ ଧରି ସୂର୍ଯ୍ୟାଲୋକରୁ ଶକ୍ତି ହାସଲ କରିବାର କଳାକୁ ନିଖୁଣ ରଖିପାରିଛି। ଏହି କ୍ଷୁଦ୍ର ଅଣୁଜୀବଗୁଡ଼ିକ ଉଦ୍ଭିଦ ପରି ଆଲୋକ ସଂଶ୍ଳେଷଣ ମାଧମରେ ସୂର୍ଯ୍ୟାଲୋକରୁ ଶକ୍ତି ଉତ୍ପନ୍ନ କରିବାରେ ପାରଙ୍ଗମ। ତେଣୁ ବୈଜ୍ଞାନିକମାନେ ଅଣୁଜୀବମାନଙ୍କ ଦ୍ୱାରା ବିଦ୍ୟୁତ୍ ଶକ୍ତି ସୃଷ୍ଟିର ଏହି ପ୍ରାକୃତିକ ପ୍ରକ୍ରିୟାକୁ ସିଧାସଳଖ ଆୟତ୍ତ କରିବାରେ ସକ୍ଷମ ହୋଇଛନ୍ତି। ସିଲିକନ୍ ଓ ଅନ୍ୟାନ୍ୟ ପଦାର୍ଥରେ ପାରମ୍ପରିକ ସୌର ପ୍ୟାନେଲ୍ ନିର୍ମାଣ କରିବା ପରିବର୍ତ୍ତେ ଗବେଷକମାନେ 'ବାୟୋଫଟୋଭୋଲ୍‌ଟାଇକ୍‌ସ୍' ନାମକ ଏହି ଜ୍ଞାନକୌଶଳରେ ଅଣୁଜୀବମାନଙ୍କ ଦ୍ୱାରା 'ଜୀବନ୍ତ ସୌର ପ୍ୟାନେଲ୍' ପ୍ରସ୍ତୁତ କରିଛନ୍ତି। ଏହି ଅଣୁଜୀବଗୁଡ଼ିକ ସ୍ୱୟଂ ଏକତ୍ରିତ ହୋଇପାରିବା ସହ ସ୍ୱୟଂ ମରାମତି କରି ଶକ୍ତି ଉତ୍ପାଦନ କ୍ରିୟା ବଜାୟ ରଖିବାକୁ ସମର୍ଥ, ଯାହା ସେମାନଙ୍କୁ ଏକ ଅବିଶ୍ୱସନୀୟ ନିରନ୍ତର ଶକ୍ତି ଉତ୍ସରେ ପରିଣତ କରିପାରିବ। ଜର୍ମାନୀ ବୈଜ୍ଞାନିକମାନଙ୍କ ନିରୀକ୍ଷଣ ଅନୁଯାୟୀ, ଏହି ଅଣୁଜୀବଗୁଡ଼ିକ ନିଜର ପ୍ରାକୃତିକ କାର୍ଯ୍ୟରେ ବାଧା ନ ପହଞ୍ଚାଇ ଇଲେକ୍ଟ୍ରନ୍‌ଗୁଡ଼ିକୁ ଏଭଳି ସଂଚାଳିତ କରିଥିଲେ ଯେ ବିଦ୍ୟୁତ୍‌ର ଏକ ସ୍ଥିର ପ୍ରବାହ ସୃଷ୍ଟି ହୋଇପାରିଥିଲା। ସବୁଠୁ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ହେଉଛି, ଏହି ପ୍ରକ୍ରିୟାରେ ଜଳର ଅଣୁ ବିଭାଜିତ ହୋଇ ଅମ୍ଳଜାନ, ପ୍ରୋଟନ ଓ ଇଲେକ୍ଟ୍ରନ ନିର୍ଗତ ହେଉଥିବା ବେଳେ ଉକ୍ତ ଅଣୁଜୀବମାନଙ୍କର ଅଙ୍ଗାରକାମ୍ଳ ଶୋଷିବାର ଗୁଣ ଜଳବାୟୁ ପରିବର୍ତ୍ତନ ଲଢ଼େଇରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବ। ଅନ୍ୟାନ୍ୟ ଜୈବବିଦ୍ୟୁତ୍ ରସାୟନ ପ୍ରକ୍ରିୟାରେ ପିଏଚ୍ ସ୍ତରକୁ ବଜାୟ ରଖିବା ପାଇଁ ବ୍ୟୟବହୁଳ ବାହ୍ୟ ନିୟନ୍ତ୍ରଣ ବ୍ୟବସ୍ଥା ଆବଶ୍ୟକ ହେଉଥିବା ବେଳେ ଏହି ଅଣୁଜୀବମାନେ ନିଜେ ତାହା କରିପାରନ୍ତି। ଶକ୍ତି ଉତ୍ପାଦନ ଓ ଅଙ୍ଗାରକାମ୍ଳ ଶୋଷଣ ପରି ଦ୍ୱୈତ କାର୍ଯ୍ୟ ସମ୍ପାଦନ ସହିତ ଅଣୁଜୀବମାନଙ୍କ ପ୍ରାକୃତିକ ସ୍ଥାୟିତ୍ୱ ନିରନ୍ତର ଶକ୍ତି ସମାଧାନ ଦୌଡ଼ରେ ଜୀବନ୍ତ ସୌର ପ୍ୟାନେଲ୍‌କୁ ଅଗ୍ରଣୀ କରିଛି।



# ନାହାଁନ୍ତି ଆବଶ୍ୟକ ସଂଖ୍ୟକ ଡାକ୍ତର

## ଏକ୍ସରେ ରୁମ୍‌ରେ ଝୁଲୁଛି ତାଲା




**ବାଲିପାଟଣା,୨୫।୬(ସଂଚାର ବ୍ୟୁରୋ):** ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ମାଳ ମାଳ ଯୋଜନା କରୁଛନ୍ତି ସତ ହେଲେ ସେ ଯୋଜନା ଲୋକଙ୍କ ପାଖରେ ପହଞ୍ଚିବା ପରିବର୍ତ୍ତେ ବାଟବଣା ହଉଛି। ଦିନକୁ ଦିନ ଆମର ଦେଶ ଉନ୍ନତି କରୁଛି ଯେପରି ସେହିପରି ଜନସଂଖ୍ୟା ମଧ୍ୟ ବଢିବାରେ ଲାଗିଛି। କଥାରେ ଅଛି ଦେହ ଅଛି ମାନେ ରୋଗ ଅଛି ସେହି ରୋଗର ଚିକିତ୍ସା ଉପଯୁକ୍ତ ସମୟରେ କଲେ ହିଁ ରୋଗରୁ ଉପଶମ ମିଳିଥାଏ। ଆମେ ସାଧାରଣତଃ ରୋଗର ନିରାକରଣ ପାଇଁ ଡାକ୍ତର ଖାନା କୁ ଯାଇଥାଉ। ଯଦି ଏପରି ପରିସ୍ଥିତି ରେ ଆପଣ ଙ୍କୁ ଡାକ୍ତର ଖାନା ବା ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଯୁକ୍ତ ଚିକିତ୍ସା ନ ମିଳେ ସେଠାକୁ ହେଲେ ଆପଣଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡେ। ସେତେବେଳେ ରୋଗୀ ମୃତ୍ୟ ସହ ସଂଗ୍ରାମ କରିଥାଏ। ଏହି ପରିପେକ୍ଷିରେ ଦୀପତଳ ଅନ୍ଧାର ଶ୍ରଦୃଷ ରାଜଧାନୀ ଉପକଣ୍ଠ ବାଲିପାଟଣା ବ୍ଲକ୍ ର ବାଲିପାଟଣା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ସରକାର ବଦଳିଛି ହେଲେ ସମସ୍ୟା ବଦଳିପାରିନି। ସରକାର ମାଗଣା ସ୍ୱାସ୍ଥ୍ୟସେବା ଓ ଉତ୍ତମ ସ୍ୱାସ୍ଥ୍ୟସେବା ର ଡେଙ୍ଗୁରା ପିଟୁଥିବା ବେଳେ ବାଲିପାଟଣା ବ୍ଲକ୍ ରେ ସରକାରଙ୍କର ଏହି ବାର୍ତ୍ତା ବା ପ୍ରତିଶ୍ରୁତି ଦାଣ୍ଡରେ ପଡ଼ି ଏବେ ହାଟରେ ଗଡୁଚି। ରାଜଧାନୀ ଉପକଣ୍ଠରେ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ଅଠର ବର୍ଷ ହେଲାଣି ଗାଦି ମାଡ଼ି ବସିଛନ୍ତି ସ୍ତ୍ରୀ ଓ ପ୍ରସୂତୀ ବିଭାଗ ବିଶେଷଜ୍ଞ ଦୀର୍ଘ ଦିନ ହେଲା ଖାଲି ପଡ଼ିଛି ସଲ୍ୟ ଓ ଶିଶୁରୋଗ ବିଶେଷଜ୍ଞ ପଦବୀ।ବର୍ଷ ବର୍ଷ ଧରି ବାଲିପାଟଣା ଅଞ୍ଚଳରେ ଏଭଳି ସ୍ୱାସ୍ଥ୍ୟସେବାରେ ବିକଳ ଚିତ୍ର ଥିଲେ ମଧ୍ୟ ସ୍ଥାନୀୟ ନେତା ମାନଙ୍କୁ ଏସବୁ କିଛି ଦେଖା ଯାଉନି। ପ୍ରାୟ ୨୦ଟି ଗ୍ରାମପଞ୍ଚାୟତର ରୋଗୀମାନେ ମୁଖ୍ୟତଃ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ପ୍ରତିଦିନ ଏଠାକୁ ୨୦୦ ରୁ ୩୦୦ ରୋଗୀ ଆସିଥାନ୍ତି। ବାର ଅନୁସାରେ ଅଧିକ ଭିଡ଼ ହୋଇଥାଏ। ବିଶେଷ କରି ସୋମବାର, ବୁଧବାର ଓ ଶୁକ୍ରବାର ଅଧିକ ମାତ୍ରାରେ ରୋଗୀ ଆସିଥାନ୍ତି। ଏଠାରେ ମୁଖ୍ୟତଃ ଜ୍ୱର, ଥଣ୍ଡା, ଝାଡ଼ା, କୁକୁର କାମୁଡ଼ା, ମ୍ୟାଲେରିଆ, ଗର୍ଭବତୀ ମହିଳା ଡାକ୍ତରଖାନା ଅଧିକ ସଂଖ୍ୟାରେ ଆସିଥାନ୍ତି। ମାତ୍ର ପରିତାପର ବିଷୟ ଆବଶ୍ୟକୀୟ ଭିତ୍ତିଭୂମି, ଯନ୍ତ୍ରପାତି ଓ ମାନବ ସମ୍ବଳ ଅଭାବରୁ ୮୦ ପ୍ରତିଶତ ରୋଗୀ ଏଠାରୁ ରାଜଧାନୀ ରେଫର ହେଉଛନ୍ତି। ବିଶେଷ କରି ଅଧିକ ରୋଗୀ ଘରୋଇ ହସ୍ପିଟାଲ୍ ଯାଇ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ସୂଚନା ଅନୁସାରେ, ଜୟଦେବ ନିର୍ବାଚନ ମଣ୍ଡଳୀର ୩୩ଟି ପଞ୍ଚାୟତରୁ ମୁଖ୍ୟତଃ ୨୦ଟି ପଞ୍ଚାୟତର ଲୋକ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେହିଁ ନିର୍ଭର କରନ୍ତି।ବାଲିପାଟଣା ବ୍ଲକ ଅଧିନରେ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଥିବା ବେଳେ ଏହା ଅଧୀନରେ ୩ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ରହିଛି। ଯାହାକି ବନମାଳିପୁର, ରାଜସ ଓ ଅଭୟମୁଖି ଠାରେ ଅବସ୍ଥିତ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୁଖ୍ୟତଃ ଏମବିବିଏସ୍ ଡାକ୍ତର, ସ୍ପେଶାଲିଷ୍ଟ, ଆଡମିଷ୍ଟ୍ରେଟିଭ୍ ବିଭାଗକୁ ମିଶାଇ ୨୫ଟି ପଦବୀ ରହିଛି। ସେଥିରୁ ବର୍ତ୍ତମାନ ୧୩ଟି ପଦବୀ ଫାଙ୍କା ପଡିଛି। ଜଣେ ଡେଣ୍ଟିଷ୍ଟଙ୍କୁ ମିଶାଇ ମୋଟ ୧୨ ଜଣ ଡାକ୍ତର ଥିବା ବେଳେ ତନ୍ମଧ୍ୟରୁ ପାଞ୍ଚଜଣ ଡାକ୍ତର ହାୟାର୍ ଷ୍ଟଡି ଲିଭ୍ ରେ ଅଛନ୍ତି। ୪ଟି ବିଶେଷଜ୍ଞ ପଦବୀରେ ମାତ୍ର ଦୁଇ ଜଣ ଅଛନ୍ତି, ସେଥିରୁ ପୁଣି ଜଣେ ଥାଇ ନଥିବା ପରି ଅବସ୍ଥା।ସର୍ଜରି (ସଲ୍ୟ) ବିଭାଗରେ ପଦବୀ ଓ ଶିଶୁ ରୋଗ ବିଭାଗରେ ସ୍ପେଶାଲିଷ୍ଟ ପଦବୀ ଦୀର୍ଘଦିନ ହେଲା ଫାଙ୍କା ପଡ଼ିଛି। ମେଡିକାଲ ଅଫିସର ଶ୍ରୀକାନ୍ତ ବେହେରା ନିଜେ ଭେଷଜ(ମେଡିସିନ) ବିଭାଗର ବିଶେଷଜ୍ଞ ଭାବରେ ରହିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଷ୍ଟାପ୍ ନର୍ସ ପଦବୀ ୮ଟି ରହିଥିବା ବେଳେ ୮ଜଣ ଏଠାରେ ପୁରା କାମ କରୁଛନ୍ତି । ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଫାର୍ମାସିଷ୍ଟ ୩ଟି ପଦବୀରୁ ତିନି ଜଣ ଅଛନ୍ତି ମାତ୍ର ଉପ ସ୍ୱାସ୍ଥ୍ୟ କେନ୍ଦ୍ର ତିନୋଟିରୁ ଦୁଇଟିରେ ଫାର୍ମାସିଷ୍ଟ ନାହାନ୍ତି। ଲାବରେଟୋରି ଟେକନିସିଆନ୍ ୪ଟି ପଦବୀରୁ ୨ଟି ପଦବି ଖାଲି ପଡ଼ିଛି।

## ବାବାଜୀ ଅଭାବରୁ ଛତା ମଠରେ ତାଲା, ଅପୂଜା ଭଗବତୀ ଠାକୁରାଣୀ



**ତିର୍ତ୍ତୋଲ,୨୫।୬(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଇବିରୀସିଂ ପଂଚାୟତ ଠାରେ ଥିବା ବହୁ ପୁରାତନ ଛତା ମଠ ରେ ଉତରାଧିକାରୀ ବାବାଜୀ ନମିଳିବାରୁ ମଠଟି ରେ ଦୀର୍ଘ ଦିନ ହେଲାଣି ତାଲା ଝୁଲୁଛି, ମଠ ଭିତରେ ଥିବା ବହୁ ସାଧୁ ଙ୍କ ସମାଧି ପୀଠ ଓ ମଠର ଆରାଧ୍ୟ ଦେୱୀ ମା ଭଗବତୀ ଙ୍କ ଅପୂଜା ରହୁଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ସାଗବରିଆ ଗ୍ରାମ ରେ ଥିବା ଏହି ମଠ ଟିର ବହୁ କିମ୍ବଦନ୍ତି କାହାଣୀ ରହିଛି, ଛତା ମଠର ଶେଷ ବାବାଜି ଭାବେ ଟୁକୁନା ବାବା ଏହାର ଭାର ସମ୍ଭାଳି ଥିଲେ, ମଠର ମୁଖ୍ୟ ପର୍ବ ଥିଲା ମଧୁ ଅମାବାସ୍ୟା, ଖୁବୁ ଧୂମ ଧାମରେ ଏହି ଉତ୍ସବ ଛତା ମଠରେ ପାଳିତ ହୁଏ ଆଖ ପାଖ ଅଞ୍ଚଳ ର ବହୁ ଭକ୍ତ ଙ୍କ ଏଠାରେ ଉକ୍ତ ଦିନ ସମାବେଶ ହୁଏ, ଟୁକୁନା ବାବାଜି ଙ୍କ ପରେ ଉତରା ଧିକାରୀ ନମିଳିବାରୁ ଏବେ ମଠରେ ଝୁଲୁଛି ତାଲା ଠାକୁର ବାବା ସମାଧି ସବୁ ଅପୂଜା,କେବେ ଆସିବେ ନୂଆ ଉତରା ଧିକାରୀ ବାବା ସ୍ଥାନୀୟ ଲୋକେ ଚାହିଁ ବସିଛନ୍ତି, ସବୁ ଈଶ୍ୱର ଙ୍କ ଲୀଳା ବୋଲି ସ୍ଥାନୀୟ ବାସୀ କହୁଛନ୍ତି ।

## ନାରୀ ନିର୍ଯାତନା ପ୍ରତିବାଦରେ ଯୁବ ଓ ଛାତ୍ର ବିଜେଡିର ବିକ୍ଷୋଭ



**ଫୁଲବାଣୀ,୨୫।୬ (ସଂଚାର ବ୍ୟୁରୋ):** ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା କହିଛି ବିଜୁ ଜନତା ଦଳ । ନାରୀ ନିର୍ଯାତନା, ଅସଦାଚରଣ, ଦୁଷ୍କର୍ମ, ଅପହରଣ ଓ ହତ୍ୟା ଘଟଣା ବଢିଛି । ଗୋପାଳପୁର ଗଣଦୁଷ୍କର୍ମ, ଟିକାବାଲିରେ ନାବାଳିକାଙ୍କୁ ଗଣଦୁଷ୍କର୍ମ ପରେ ହତ୍ୟା କରାଯାଇଛି । ଏହାର ପ୍ରତିବାଦରେ ଆଜି ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି । ଛାତ୍ର ବିଜେଡି ସଭାପତି ସୁନୀଲ ସେଠୀ, ଯୁବ ବିଜେଡି ସଭାପତି ବିଷ୍ଣୁ ଚରଣ ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଦଳୀୟ କର୍ମୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଜିଲ୍ଲାର ଅନ୍ୟ ସ୍ଥାନ ମାନଙ୍କରେ ମଧ୍ୟ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

## ହଇଜା ପାଇଁ ପଞ୍ଚାୟତ ସମିତି ବୈଠକରେ ହୋହାଲ୍ଲା

**ବିଞ୍ଝାରପୁର,୨୫।୬(ସଂଚାର ବ୍ୟୁରୋ):** ହଇଜା ପାଇଁ ଯାଜପୁର ହାଇ ଆଲର୍ଟରେ ଥିବା ବେଳେ ପ୍ରତି ପରିବାରକୁ ଓଆରଏସ ଏବଂ ହାଲୋଜିନ ବଟିକା ବଣ୍ଟନ କରାଯିବାର ନିର୍ଦ୍ଦେଶ ରହିଛି।କିନ୍ତୁ ଏହି ଆଦେଶ କୁ ଠିକ୍ ଭାବେ ତୃଣ ମୂଳ ସ୍ତରରେ କାର୍ଯ୍ୟକାରୀ କରାଯାଇନଥିବା ଅଭିଯୋଗ ଆସିଛି। ଯେଉଁଥିପାଇଁ ପଞ୍ଚାୟତ ସମିତି ବୈଠକରେ ହୋ ହାଲ୍ଲା ଦେଖିବାକୁ ମିଳିଛି। ଆଜି ବିଞ୍ଝାରପୁର ପଞ୍ଚାୟତ ସମିତିର ସମ୍ମିଳନୀ କକ୍ଷରେ ହଇଜା ଏବଂ ବିକଶିତ ଗାଁ ବିକଶିତ ଓଡ଼ିଶା ପାଇଁ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସଙ୍କ ସଭାପତିତ୍ୱରେ ଏହି ବୈଠକରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ସାଂସଦଙ୍କ ପ୍ରତିନିଧି ପୁରୁଷୋତ୍ତମ ବେହେରା, ବିଡ଼ିଓ ହିତାଂଶୁ ଶେଖର ସାମଲ, ଉପାଧ୍ୟକ୍ଷ ସେକ ଇର୍ଶାଦ, ତହସିଲଦାର ସୁଧାଂଶୁ ଶେଖର ସାଓ ପ୍ରମୁଖ ଉପସ୍ଥିତ ଥିଲେ। ହଇଜା ପାଇଁ ଯେତେବେଳେ ସରକାର ଓଆରଏସ ହାଲୋଜିନ୍ ବଟିକା ବଣ୍ଟନ କୁ ଗୁରୁତର ସହ ନେଇଛନ୍ତି ସେତେବେଳେ ତୃଣ ମୂଳ ସ୍ତରରେ ଏହା ଠିକ ଭାବେ କାର୍ଯ୍ୟକାରୀ ହେଉନଥିବା ପଞ୍ଚାୟତ ସମିତି ବୈଠକରେ ଅଭିଯୋଗ କରିଥିଲେ ବିଭିନ୍ନ ପଞ୍ଚାୟତର ସରପଞ୍ଚ। ଶାଶନ୍ଦା ପଞ୍ଚାୟତର ସରପଞ୍ଚ କାମଦେବ ଧଳ, ବାଙ୍ଗରା ପଞ୍ଚାୟତର ସରପଞ୍ଚ ଜ୍ଞାନ ଜେନା ତୃଣ ମୂଳ ସ୍ତରରେ ହଇଜା ସଚେତନତା କାର୍ଯ୍ୟକ୍ରମ ଠିକ ଭାବେ ଅନୁଷ୍ଠିତ ହେଉନଥିବା ଅଭିଯୋଗ ଆଣିଥିଲେ। ପ୍ରତି ପରିବାରକୁ ୪ଟି ଲେଖାଏଁ ଓଆରଏସ ବାଣ୍ଟିବାକୁ ନିୟମ ଥିବା ବେଳେ ଗୋଟାଏ କିମ୍ବା ଦୁଇଟି ଓଆରଏସ ବଣ୍ଟନ କରାଯାଉଥିବା ଅଭିଯୋଗ କରିଛନ୍ତି ଶାଶନ୍ଦା ପଞ୍ଚାୟତର ସରପଞ୍ଚ କାମଦେବ ଧଳ।ବିଂଝାରପୁର ବ୍ଲକରେ ହଇଜା ପାଇଁ ପାଖାପାଖି ୪୨ ହଜାର ଘରକୁ ୪ଟି ଲେଖାଏଁ ଦିଆଯାଇଥିବା ବିଡ଼ିଓଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ରିପୋର୍ଟ ଦେଇଥିବା ବେଳେ ବାସ୍ତବରେ ସ୍ଥିତି ଅଲଗା ହୋଇଥିବା ଅଭିଯୋଗ ଶୁଣି ଉଦବେଗ ପ୍ରକାଶ କରିଥିଲେ ବିଧାୟିକା ପ୍ରମିଳା ମଲ୍ଲିକ।



## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ଗଜପତି,୨୫।୬ (ସଂଚାର ବ୍ୟୁରୋ):** ଗଜପତି ଜିଲ୍ଲା ରାମଗିରି ଥାନା ନୁଆସାହି ଘାଇରୁ ଜଣେ ଯୁବକଙ୍କ ହାତଗୋଡ଼ ବନ୍ଧା ମୃତଦେହ ଉଦ୍ଧାର କରିଛି ପୋଲିସ । ମୃତ ଯୁବକ ହେଲେ କଡ଼ମାସିଂ ଗାଁର ରାମଚନ୍ଦ୍ର ନାୟକ(୩୫) । ଗତ ରବିବାର ଠାରୁ ସେ ନିଖୋଜ ଥିବାନେଇ ରାମଗିରି ଥାନାରେ ଅଭିଯୋଗ କରିଥିଲେ ପରିବାର ଲୋକେ । ପରିବାର ଲୋକେ ଓ ପୁଲିସ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିଥିଲେ। ତେବେ ଆଜି ତାଙ୍କର ହାତଗୋଡ଼ ବନ୍ଧା ମୃତଦେହ ଗାଁଠାରୁ ପ୍ରାୟ ଦୁଇ କିଲୋମିଟର ଦୂର ନୁଆସାହି ଘାଇରେ ପଡ଼ିଥିବା ପରିବାର ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଛି । ରାମଚନ୍ଦ୍ରଙ୍କ ମୁହଁରେ ଗାମୁଛା ବନ୍ଧା ଯାଇଥିବାବେଳେ ହାତ ଓ ଗୋଡରେ ଦୌଡ଼ି ବନ୍ଧା ଯାଇଛି । ଏଥିସହ ଏକ ଠେଙ୍ଗାରେ ମୃତଦେହ ବନ୍ଧା ଯାଇଥିବାବେଳେ ବଡ଼ ପଥର ବନ୍ଧା ଯାଇଥିବା ଦେଖିବାକୁ ମିଳିଛି । ମୁଣ୍ଡର ପଛ ପଟେ ଗୁଳିବିଧ ହୋଇଥିବା ଦେଖିବାକୁ ମିଳିଛି ।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

**ବାରିପଦା,୨୫।୬ (ସଂଚାର ବ୍ୟୁରୋ):** ଶୌଚ କରିବାକୁ ଯାଇଥିବା ବେଳେ ଭାଲୁ ଆକ୍ରମଣରେ ଜନୈକ ଯୁବକ ଗୁରୁତର ଆହତ ହୋଇଛନ୍ତି । ରାଜନଗର ଥାନା ହନୁମାତବେଡା ଗାଁରେ ଘଟିଛି ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ସୂଚନା ଅନୁଯାୟୀ, ପୋଡଶୀ ଝାରଖଣ୍ଡ ରାଜ୍ୟ ରାଜନଗର ଥାନା ହନୁମାତବେଡା ଗାଁର ଗମା ସର୍ଦ୍ଦାର(୪୦) ଗତ ରାତିରେ ଶୌଚ ପାଇଁ ଗ୍ରାମର ପୋଖରୀ ନିକଟକୁ ଯାଇଥିଲେ। ତେବେ ହଠାତ୍ ସେହି ସମୟରେ ଏକ ଭାଲୁ ହାବୁଡରେ ପଡି ଯାଇଥିଲେ। ଭାଲୁ ଆକ୍ରମଣରେ ଗମା ଗୁରୁତର ଭାବେ ଆହତ ହୋଇଥିଲେ। ଭାଲୁ ଟି ଜଙ୍ଘରେ କାମୁଡି ଓ ରାମ୍ପୁଡି ଦେବା ଫଳରେ ରକ୍ତାକ୍ତ ଅବସ୍ଥାରେ ହିଁ କୌଣସି ମତେ ସେ ଖସି ପଳାଇ ଆସି ନିଜ ଘରକୁ ପହଞ୍ଚିଥିଲେ । ତେବେ ପୋଡଶୀ ଝାରଖଣ୍ଡ ରାଜ୍ୟର ହସ୍ପିଟାଲ ଦୂରରେ ଥିବାରୁ ପରିବାର ଲୋକେ ତାଙ୍କୁ ତୁରନ୍ତ ତିରିଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଅଛି ।



## ୟୁପି ଓ ଗଞ୍ଜାମ ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା

● ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲା ମୂଳନିବାସୀ ବହୁଜନ ମିଳିତ ମହାସଂଘ



**କଳାହାଣ୍ଡି,୨୫।୬(ସଂଚାର ବ୍ୟୁରୋ):** ଉତ୍ତର ପ୍ରଦେଶର ଇଟାୱା ଠାରେ ଦୁଇଜଣ ଯାଦବ ସମ୍ପ୍ରଦାୟର କଥାବାଚକଙ୍କ ଉପରେ ଅମାନୁଷିକ ଅତ୍ୟାଚାର ଓ ନିର୍ଯ୍ୟାତନା ତଥା ଓଡ଼ିଶାର ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଖରିଗୁମାରେ ଦୁଇଜଣ ଦଳିତଙ୍କ ଉପରେ ଅମାନବିକ ନିର୍ଯ୍ୟାତନା ସହିତ ଅଧା ଲଣ୍ଡା କରି ରାସ୍ତାରେ ଗୁରୁଣ୍ଡି ଗୁରୁଣ୍ଡି ଚଲାଇବା ଘଟଣାକୁ ନେଇ ସାରା ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଘୃଣ୍ୟ ଜାତିପ୍ରଥା ଓ ହୀନ ମାନସିକତାର ଶିକାର ହୋଇଥିବା ଉଭୟ ସ୍ଥାନର ପୀଡିତଙ୍କୁ ନେଇ ସାରା ଦେଶରେ ବିରୋଧର ସ୍ୱର ଶୁଭୁଥିବାବେଳେ ଆଜି ଉଭୟ ଘଟଣାକୁ ନେଇ ବେଶ ତାତି ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲାରେ। ରାଜ୍ୟସ୍ତରୀୟ ସାମାଜିକ ଓ ବୁଦ୍ଧିଜୀବୀ ସଂଗଠନ ମୂଳନିବାସୀ ବହୁଜନ ମିଳିତ ମହାସଂଘ ତରଫରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ ସହିତ ଏଭଳି ଘୃଣ୍ୟ କାର୍ଯ୍ୟ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଉଭୟ ଘଟଣାରେ କେନ୍ଦ୍ର ସରକାର ତୁରନ୍ତ ହସ୍ତକ୍ଷେପ କରିବା, ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଓ ପୀଡିତଙ୍କୁ ୨୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ରାଶି ଦେବା ଦଳିତ, ଆଦିବାସୀ ଓ ଅନ୍ୟାନ୍ୟ ପଛୁଆବର୍ଗ ଉପରେ ଅତ୍ୟାଚାରକୁ ରୋକିବା, ଏଟ୍ରୋସିଟି ଆଇନକୁ କଡ଼ାକଡି କରିବା, ଘୃଣ୍ୟ ଜାତିପ୍ରଥା ଓ ହୀନମାନସିକତା ବିରୋଧରେ ଦେଶ ବ୍ୟାପି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନେବା, ଜାତି-ଜାତି ମଧ୍ୟରେ ସମନ୍ୱୟ ରକ୍ଷା କରି ଗୋଷ୍ଠୀହତ୍ୟା, ଧର୍ମାନ୍ଧତା ଓ ଧାର୍ମିକ ବର୍ବରତା ବିରୋଧରେ ଦୃଢ଼ ପଦକ୍ଷେପ ନେବା, ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରିବା, ଏକ ମାସ ମଧ୍ୟରେ ଚାର୍ଜସିଟ ଦାଖଲ କରି ଫାଷ୍ଟ ଟ୍ରାକ କୋର୍ଟରେ ଏସବୁ କେସର ଶୁଣାଣି କରିବାକୁ ଦାବି କରିଛି ମହାସଂଘ।

## ଧାନକିଣାରେ ଅବ୍ୟବସ୍ଥା ନେଇ ଚାଷୀଙ୍କ ଆନ୍ଦୋଳନ



**ସୁବର୍ଣ୍ଣପୁର,୨୫।୬ (ସଂଚାର ବ୍ୟୁରୋ):** ଧାନ ଟୋକନ ଟାର୍ଗେଟ ର ଅଭାବ ଓ ବୈଦ୍ୟନାଥ ସେବା ସମବାୟ ସମିତି ରେ ଧାନ ରଖିବା ଅବ୍ୟବସ୍ଥା ନେଇ ଆଜି ସୋନପୁର ବ୍ଲକ ବୈଦ୍ୟନାଥ ପ୍ୟାକ୍ସ ଚାଷୀ ସଂଗଠନ ସୁବର୍ଣ୍ଣପୁର ଜିଲ୍ଲା ଯୋଗାଣ ଅଧିକାରୀ ଙ୍କ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ ଓ ଧାରଣା ଦେଇଥିବା ବେଳେ ଟୋକନ୍ ଟାର୍ଗେଟ କମ୍ ଥିବାରୁ କଟନି ଛଟନି ହୋଇ ଧାନ କିଣା ଯିବ ବୋଲି ପେକ୍ସ କର୍ମଚାରୀ କହୁଥିବା ଓ ସିଧା ରାଇସ ମିଲ କୁ ଧାନ ଦିଅ ବୋଲି କହିବା ବିଷୟ ଜିଲ୍ଲାପାଳ ଓ ଯୋଗାଣ ଅଧିକାରୀ ଙ୍କୁ ଅଭିଯୋଗ କରିଛନ୍ତି । ସେହିପରି ସୋନପୁର ବ୍ଲକ୍ ର ଲିପୁର ପେକ୍ସର ବାଲପୁର ସେବା ସମବାୟ ସମିତି ର ଚାଷୀ ସଂଗଠନ ଧାନ ଉଠାଣ ଦାବୀ ନେଇ ଆଜି ସମାନ ଢଙ୍ଗ ରେ ଯୋଗାଣ ଅଧିକାରୀ ଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ ସମାଧାନ ନହେବା ପର୍ଯ୍ୟନ୍ତ ବସିବୁ ବୋଲି ଚାଷୀ ମାନେ ସଂଧ୍ୟା ପର୍ଯ୍ୟନ୍ତ ଧାରଣା ବସିଥିଲେ। ଗତ ୧୯ ତାରିଖ ରୁ ଏ ଅଞ୍ଚଳ ର ଧାନ ଉଠାଣ ଦାବୀ ନେଇ ବିଭାଗୀୟ ଅଧିକାରୀ ଙ୍କୁ ଭେଟି ଆଲୋଚନା କରିଥିବା ଓ ୩୦ ତାରିଖ ସୁଦ୍ଧା ଧାନ ଉଠାଇବାକୁ ପ୍ରତିଶ୍ରୁତି ଦେଇ ମଧ୍ୟ ପ୍ରତିଶ୍ରୁତି ଫେଲ ମାରିଥିବା ଓ ଆଜି ସୁଦ୍ଧା ୧୦୦ ବସ୍ତା ଧାନ ବି ଉଠି ନ ଥିବା ଅଭିଯୋଗ କରିଛନ୍ତି ଏ ଚାଷୀ ।

## ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଜିଲ୍ଲାପାଳ ଓ ଏସ୍‌ପି, ଦାବିପତ୍ର

**ଫିରିଙ୍ଗିଆ,୨୫।୬(ସଂଚାର ବ୍ୟୁରୋ):** ଫୁଲବାଣୀର ଫିରିଙ୍ଗିଆଠାରେ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଜିଲ୍ଲାପାଳ, ଏସ୍‌ପି, ଆଇଆଇସିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଡ୍ରାଇଭର ମହାସଂଘର ସଦସ୍ୟମାନେ ଡ୍ରାଇଭରମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ସରକାରଙ୍କୁ ବାରମ୍ବାର ଅବଗତ କରିଥିବା କହିଛନ୍ତି । କିନ୍ତୁ, ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କର ମାତ୍ର ଗୋଟିଏ ମାତ୍ର ସମସ୍ୟାର ସମାଧାନ ହୋଇଥିବା ବେଳେ ଆହୁରି ୬ ଗୋଟି ମୁଖ୍ୟ ସମସ୍ୟାର ସମାଧାନ ହୋଇପାରିନାହିଁ । ଏଥିପାଇଁ ବାରମ୍ବାର ସରକାରଙ୍କ ଦ୍ୱାରସ୍ଥ ହେବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ଶେଷରେ ବାଧ୍ୟ ହୋଇ ମାର୍ଚ୍ଚ ୨୯ ତାରିଖଠାରୁ ୬ ଦିନ ପର୍ଯ୍ୟନ୍ତ ଲୋୟର୍ ପିଏମ୍‌ଜିରେ ଡ୍ରାଇଭର ମହାସଂଘର ସଦସ୍ୟ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ ।



● ସମିତି ସଭ୍ୟଙ୍କ ମୃତ୍ୟୁ ଘଟଣା

## ନିରପେକ୍ଷ ତଦନ୍ତ ଓ ଅଭିଯୁକ୍ତକୁ ଗିରଫ ଦାବି, ନଚେତ ଥାନା ଘେରାଉ ଚେତାବନୀ



**ଭବାନୀପାଟଣା,୨୫।୬(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଖୁଣ୍ଟିଆ ପଞ୍ଚାୟତ ର ସମିତି ସଭ୍ୟ ଥିବା ପିପଳପଡା ଗ୍ରାମ ର ଦେବେନ୍ଦ୍ର ଧରୁଆ (୪୨) ଙ୍କ ଝୁଲନ୍ତା ଦେହ ଘର ମଧ୍ୟରୁ ଉଦ୍ଧାର କରି ପରିବାର ଲୋକେ ଧର୍ମଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ, ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦେବେନ୍ଦ୍ର ଙ୍କ ବଡଭାଇ ଦିଗାମ୍ବର ଧରୁଆ ଙ୍କ ଅଭିଯୋଗ ଓ ଦେବେନ୍ଦ୍ର ଙ୍କ ମୋବାଇଲ ରେ ଥିବା କଲ ରେକର୍ଡ ରୁ ମିଳିଥିବା ଭଏସ କଲ ରୁ ନିକଟସ୍ଥ ଗ୍ରାମ ବନ୍ଧପଡା ଗ୍ରାମ ର ଚିତ ଗହିର କୌଣସି ଆପୋଷ ଘଟଣା କୁ ନେଇ ଜିବନ ରେ ମାରିଦେବାକୁ ଧମକ ଚମକ ଦେଇ ଆସୁଥିଲା। ଏହି କାରଣ କୁ ନେଇ ମାନସିକ ସ୍ତରରେ ଚାପ ରେ ଥିଲେ ଦେବେନ୍ଦ୍ର,ଏନେଇ ଗତ ୧୬ ତାରିଖରେ ଦେବେନ୍ଦ୍ର କୋକସରା ପୁଲିସ ରେ ଅଭିଯୋଗରେ ପରେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିଲା, ଫଳ ରେ ଦେବେନ୍ଦ୍ର ମାନସିକ ଚାପ ଓ ଭୟ ରେ ମଙ୍ଗଳବାର ନିଜ ଘରେ ବେକ ରେ ଫାଶ ଲଗାଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣା ପରେ ବୁଧବାର କୋକସରା ବ୍ଲକ ଆଦିବାସୀ ସଂଘ ପକ୍ଷରୁ ବ୍ଲକ ସଭାପତି ହେମନ୍ତ କୁମାର ମାଝୀ, ସମ୍ପାଦକ ତ୍ରିନାଥ ଶବର ଓ ଶତାଧିକ କର୍ମକର୍ତ୍ତା କୋକସରା ପୋଲିସ ର ଅପାରଗତା କୁ ଦାୟୀ କରିବା ସହ ଦେବେନ୍ଦ୍ର ଙ୍କ ଆତ୍ମହତ୍ୟା ପଛରେ ପୋଲିସ ର ନିଷ୍କ୍ରିୟତା ପ୍ରତିବାଦ ଓ ଭଏସ କଲ ରେ ଧମକ ଦେଇଥିବା ଚିତ ଗହୀର କୁ ଗିରଫ କରିବା ଓ କୋକସରା ଆଇଆଇସି ଙ୍କୁ ନିଲମ୍ବନ କରିବା ପାଇଁ ଦାବି କରିଛନ୍ତି ଓ ଯଦି ଆସନ୍ତା ୩ ଦିନ ମଧ୍ୟରେ ଅଭିଯୁକ୍ତକୁ ଗିରଫ କରା ନଯାଇ ତାହେଲେ ଆଦିବାସୀ ସଙ୍ଘ ପକ୍ଷରୁ ୨୮ ତାରିଖରେ ଥାନା ଘେରାଉ କରିବା ନେଇ ଚେତାବନୀ ଦେଇଛନ୍ତି।

## ବିରଳ ଧଳା ନାଗ ଉଦ୍ଧାର



**ନୀଳଗିରି,୨୫।୬ (ସଂଚାର ବ୍ୟୁରୋ):** ନୀଳଗିରି ଏନ୍‌ଏସି ଅଧୀନ ୪ ନମ୍ବର ୱାର୍ଡ ମିରିଗିଣି ଗ୍ରାମରୁ ଏକ ବିରଳ ଧଳା ନାଗ 'ଆଲବିନୋ କୋବ୍ରା' ସାପ ବୁଧୁବାର ପୁର୍ବାହ୍ନରେ ଉଦ୍ଧାର କରାଯାଇଛି। ସାପଟି ଉକ୍ତ ଗ୍ରାମର ଉପେନ୍ଦ୍ରନାଥ ଦାସଙ୍କ କୁକୁଡ଼ା ଭାଡି ଭିତରେ ପଶି ୫ଟି ଅଣ୍ଡା ଖାଇବା ସହ ଗୋଟିଏ କୁକୁଡ଼ା କୁ ମାରିଦେଇଥିଲା । ଶ୍ରୀ ଦାସ କୁକୁଡ଼ା ଭାଡି ମଧ୍ୟରେ ଏମିତି ଧଳା ନାଗ ଦେଖି ଭୟରେ ସ୍ନେକ୍ ହେଲ୍ପଲାଇନ ସଦସ୍ୟ ହରେକୃଷ୍ଣ ରାଉତ ଙ୍କୁ ଖବର ଦେଇଥିଲେ । ଶ୍ରୀ ରାଉତ ଖବର ପାଇ ତୁରନ୍ତ ସେଠାରେ ପହଞ୍ଚି ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଦେଇଛନ୍ତି । ବିଗତ ଦିନ ମାନଙ୍କରେ ଏମିତି ଅନେକ ବିରଳ ପ୍ରଜାତିର ସାପ ନୀଳଗିରି ରୁ ଉଦ୍ଧାର ହୋଇଥିବା ବେଳେ ନୀଳଗିରି ବନବିଭାଗ ନିକଟରେ ସାପ ଧରିବା ପାଇଁ ସରକାରୀ କର୍ମଚାରୀ ନାହାନ୍ତି ଯାହାକି ଲୋକମାନଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି । ଏଣୁ ଆଗାମୀ ଦିନରେ ପ୍ରଶାସନ ଏ ଦିଗରେ ଧ୍ୟାନ ଦେଲେ ବହୁତ ଲୋକ ଉପକୃତ ହୁଅନ୍ତେ ବୋଲି ଜନସାଧାରଣ ଦାବି କରିଛନ୍ତି।

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ କାକା ପୁତୁରାଙ୍କ ମୃତ,

### ଦିନକ ପରେ ହୋଇଥାନ୍ତା କାକାର ବାହାଘର



**ନୀଳଗିରି,୨୫।୬ (ସଂଚାର ବ୍ୟୁରୋ):** ନିର୍ବନ୍ଧ ସରିଥିଲା, ଦିନକ ପରେ ହୋଇଥାନ୍ତା କାକାର ବାହାଘର। ସବୁ ପ୍ରସ୍ତୁତି ସରିଥିଲା। ହେଲେ ବନ୍ଧୁଙ୍କୁ ଆଣିବାକୁ ଗଲା ବେଳେ ଧକ୍କା ଦେଲା ଡମ୍ପର। ସଡ଼କ ଦୁର୍ଘଟଣାରେ ଚାଲିଗଲା କାକା ପୁତୁରାଙ୍କ ଜୀବନ। ଏଭଳି ଅଭାବନୀୟ ଘଟଣା ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ ଦେଖିବାକୁ ମିଳିଛି। ସୂଚନା ନୀଳଗିରି ଥାନା ଅଧିନ ନରସିଂହପୁର ପଞ୍ଚାୟତ ଗୋବରା ଗ୍ରାମର ହରେକୃଷ୍ଣ ମହାଳିକ (୩୨)ଙ୍କର ଆସନ୍ତା ଶୁକ୍ରବାର ବାହାଘର ହୋଇଥାନ୍ତା। ତେଣୁ ବୁଧବାର ଭୋର ଭୋର ପ୍ରାୟ ୪.୩୦ ମିନିଟ ସମୟରେ ତାଙ୍କ ପୁତୁରା ଜ୍ୟୋତିଶଙ୍କର ମହାଳିକ (୨୦)ଙ୍କ ସହିତ ଏମ୍ ଏଚ୍ ୦୨ସି ଆର ୬୭୭୩ କାର୍‌ରେ ଶେରଗଡ଼ ଅଞ୍ଚଳରୁ ତାଙ୍କ ବନ୍ଧୁଙ୍କୁ ଆଣିବାକୁ ଯାଉଥିଲେ। ଶେରଗଡ଼ ନୀଳଗିରି ଝରଣାଘାଟି ଦେଇ ମୟୁରଭଞ୍ଜ କୁ ସଂଯୋଗ କରୁଥିବା ୧୯ନଂ ରାଜ୍ୟ ରାଜପଥ ରାସ୍ତାର ନୀଳଗିରି ଏନ.ଏ.ସି. ବାଲିଗୋହିରୀ ଛକ ନିକଟରେ ଶେରଗଡ଼ରୁ ନୀଳଗିରି ଅଭିମୁଖେ ଆସୁଥିବା ଓଡି୦୧ ୪୪୭୭ ଡମ୍ପର କାର କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ହରେକୃଷ୍ଣ ଙ୍କ ର ମୃତ୍ୟୁ ହୋଇଥିବା ବେଳେ ଜ୍ୟୋତିଶଙ୍କର ମହାଳିକ ଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥିତ ଘରୋଇ ସମ ହସ୍ପିଟାଲକୁ ନେଇ ଚିକିତ୍ସା କରୁଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇ ଯାଇଛି। ସେପଟେ ଦୁର୍ଘଟଣା ଘଟିବା ସ୍ଥାନରେ ଉତ୍ତେଜନା ଦେଖା ଦେଇଥିଲା। ଉତ୍ୟକ୍ତ ମୃତକଙ୍କର ପରିବାର ଓ ଗ୍ରାମବାସୀ ମାନେ ଶେରଗଡ଼ - ନୀଳଗିରି - ଝରଣାଘାଟି ରାସ୍ତାକୁ ଅବରୋଧ କରିଥିଲେ। ଘଟଣା ସ୍ଥଳରେ ନୀଳଗିରି ତହସିଲଦାର ସୋନମ୍ ଦାସ, ନୀଳଗିରି ଏସଡିପିଓ ପ୍ରମୋଦ ମଲିକ, ଆଇଆଇସି ଗୋବର୍ଦ୍ଧନ ନାୟକ ପ୍ରମୁଖ ସେଠାରେ ପହଞ୍ଚିବା ପରେ କ୍ଷତିପୂରଣ ଓ କଠୋର କାର୍ଯ୍ୟାନୁଷ୍ଠାନ କରିବା ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ହଟିଥିଲା। ନୀଳଗିରି ଥାନା ପକ୍ଷରୁ ଡମ୍ପର ଓ କାର କୁ ଜବତ କରାଯାଇ ଥିବା ବେଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ କାକା କୁ ନୀଳଗିରି ମେଡିକାଲ ରେ ବ୍ୟବଚ୍ଛେଦ କରାଯାଉଛି।

## ପୁଣି ଘରେ ପଶି କଳାକନା ବୁଲାଇଲେ ଦୁର୍ବୃତ୍ତ

**ନୀଳଗିରି,୨୫।୬ (ସଂଚାର ବ୍ୟୁରୋ):** ନୀଳଗିରି ଏନଏସି ଘାଟଘର ସାହିରେ ଘରଭଡା ନେଇ ରହିଥିବା ଶିକ୍ଷକ ଅନୀଲ କୁମାର ମହାପାତ୍ରଙ୍କ ଘରେପଶି ଚୋର କଳାକନା ବୁଲାଇଛନ୍ତି।ଘରେ ଥିବା ଗଡରେଜ୍ ଭାଙ୍ଗି ପ୍ରାୟ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନାଗହଣା ସହିତ ୪ହଜାର ଟଙ୍କା ମଧ୍ୟ ଚୋରି କରିନେଇଛନ୍ତି। ମଙ୍ଗଳବାର ରାତିରେ ଅନୀଲ ଘରେ ଶୋଇଥିବା ସମୟରେ ଚୋରମାନେ ପଛପାଖ ଝରକାତାଡି ଘରେପଶିବା ସହ ସାମ୍ନାଗେଟ ବନ୍ଦକରି ଗଡରେଜ ଓ ବାକ୍ସ ଭାଙ୍ଗି ସେଥିରେ ଥିବା ସମସ୍ତ ସୁନା ଅଳଙ୍କାର ଲୁଟି ନେଇଥିଲେ। ଯାହାର ଆନୁମାନିକ ମୁଲ୍ୟ ୨୦ଲକ୍ଷ ଟଙ୍କା ହେବ।ସକାଳ ପ୍ରାୟ ୪.୩୦ ସମୟରେ ବାହାରକୁ ଉଠି ଗେଟବନ୍ଦ ଥିବା ଅନୀଲ ଜାଣିବାପରେ ସାମ୍ନାପଟ ଦେଇ ପଛଗେଟ ଦେଇ ଯିବାପରେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏନେଇ ନୀଳଗିରି ପୋଲିସକୁ ଅବଗତ କଲାପରେ ନୀଳଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି। ତେବେ ସମାନ୍ତରାଳ ଭାବେ ପୋଲିସକୁ ଚକମାଦେଇ ନୀଳଗିରି ଓ ଆଖପାଖ ଅଞ୍ଚଳରେ ବାରମ୍ବାର ଚୋରୀହେବାକୁ ନେଇ ଆତଙ୍କିତ ଅଛନ୍ତି ସ୍ଥାନୀୟ ବାସିନ୍ଦା। ତୁରନ୍ତ ଏହି ରାକେଟରେ ସଂପୃକ୍ତ ଚୋରଙ୍କୁ ଧରିବା ଏବଂ ଅଞ୍ଚଳବାସୀଙ୍କୁ ଚୋରୀ ଦାଉରୁ ମୁକ୍ତି ଦେବାକୁ ଦୃଢ଼ଦାବୀ ହୋଇଛି।

## ବିଜେପି ପାଳିଲା କଳାଦିବସ




**ହିଞ୍ଜିଳିକାଟୁ,୨୫।୬ (ସଂଚାର ବ୍ୟୁରୋ):** ହିଞ୍ଜିଳି ନିକଟସ୍ଥ ନୂଆ ବୁରୁପଡ଼ାସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ଠାରେ ଘୁମୁସର (ଆସିକା) ସାଙ୍ଗଠନିକ ଜିଲ୍ଲା ବିଜେପି ସଭାପତି ବିଜୟ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ 'ସମ୍ବିଧାନର ହତ୍ୟା 'ଓ ଜରୁରୀକାଳୀନ ପରିସ୍ଥିତିକୁ ମନେ ପକାଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସଭାପତି ଶ୍ରୀ ସ୍ୱାଇଁ କଂଗ୍ରେସ ସରକାର ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଭାରତର ସମ୍ବିଧାନକୁ ପଛରେ ପକାଇ ଏକ ଜରୁରୀକାଳୀନ ପରିସ୍ଥିତି କିଭଳି ଭାବେ ସୃଷ୍ଟି ହୋଇଥିଲା ବିସ୍ତୃତ ବିବରଣୀ ରଖିଥିଲେ ।ଜିଲ୍ଲା ଉପସଭାପତି ମାଧବ ଗୌଡ଼,ପୂର୍ବତନ ମଣ୍ଡଳ ସଭାପତି ସନ୍ତୋଷ ପାଣିଗ୍ରାହୀ, ମଣ୍ଡଳ ସଭାପତି ସୁଧାଂଶୁ ଶେଖର ସାବତ,ପ୍ରସନ୍ନ ପାଢ଼ୀ,ଶ୍ରୀକାନ୍ତ ମହାପାତ୍ର, ରବୀନ୍ଦ୍ର ପାଣିଗ୍ରାହୀ,ଜିତେନ୍ଦ୍ର ମହାରଣା ଓ ଜଗନ୍ନାଥ ପାତ୍ର ପ୍ରମୁଖ ମଂଚାସୀନ ଥିଲେ । ସରପଞ୍ଚ କୃଷ୍ଣଚନ୍ଦ୍ର ସୁଆଁସିଆ,ପିଣ୍ଟୁ ନାହାକ ଓ ଆଲୋକ ନାୟକଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।